# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧୫/୨୦୨୩ (୧୮ ପୃଷ୍ଠା) | Bhubaneswar, Wednesday, March 15/2023 | Page 18 | ₹ 7.00

୪୯ଶ ଭାଗ ୧୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 109 | ମୂଲ୍ୟ ₹୭/-




**ଦିନିକିଆ ସିରିଜ ପାଇଁ ସ୍ମିଥ୍ ଅଧିନାୟକ**

ଭାରତ ବିପକ୍ଷ ଦିନିକିଆ କ୍ରିକେଟ ସିରିଜରେ ଷ୍ଟିଭ୍ ସ୍ମିଥ୍ ଅଷ୍ଟ୍ରେଲିଆ କ୍ରିକେଟ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ।

୧୮

୧୨

**ଅଙ୍କିତାଙ୍କୁ ମିଳୁନି କାମ**

ନିକଟରେ ଏକ ସାକ୍ଷାତ୍କାରରେ ଟେଲି ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେଙ୍କୁ କାମ ମିଳୁ ନ ଥିବା କହିଛନ୍ତି।



# ଦାଦନ ଦୁର୍ଦ୍ଦଶା: ରୁଲିଂ ଦେଲେ ବାଚସ୍ପତି

## ଧରିତ୍ରୀରେ ପ୍ରକାଶିତ ଖବରକୁ ନେଇ ସରକାରଙ୍କୁ ଘେରିଲା କଂଗ୍ରେସ



ତେଲଙ୍ଗାନାରେ ଓଡ଼ିଆ ଦାଦନଙ୍କ ଦୁର୍ଦ୍ଦଶା | ଝିଅକୁ ବନ୍ଧକ ରଖି ସ୍ୱାମୀଙ୍କ ମୃତଦେହ ଆଣିଲେ ସ୍ତ୍ରୀ

ବେଲପଡ଼ା,୧୦।୩ (ଡି.ଏନ୍.ଏ.) ଦାଦନ ଦୁର୍ଦ୍ଦଶାର ଏକ କରୁଣ ଚିତ୍ର ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ବନମାଳ ଗ୍ରାମରେ। ଏହି ଗ୍ରାମର ଶୁକଦେବ ପରାଭୁଏ (୪୨) ଦାଦନ ଖଟିବାକୁ ତେଲଙ୍ଗାନା ଯାଇ ପ୍ରାଣ ହରାଇବା ପରେ ତାଙ୍କ ମୃତଦେହକୁ ଧରି ଗୁରୁବାର ଗାଁକୁ ଫେରିଛନ୍ତି ସ୍ତ୍ରୀ ଉଷା। ହେଲେ ଏଥିପାଇଁ ତାଙ୍କୁ ନିଜ ୧୨ ବର୍ଷର ନାବାଳିକା ଝିଅକୁ ଇଟାଭାଟି ମାଲିକଙ୍କ ପାଖରେ ବନ୍ଧକ ରଖିବାକୁ ପଡ଼ିଛି। ଏଭଳି ସମ୍ବେଦନଶୀଳ ଘଟଣା ଗଭୀର ଆଲୋଡ଼ନ ସୃଷ୍ଟି କରିଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକଦେବ ୪ ମାସ ତଳେ ସ୍ତ୍ରୀ ଉଷା ଏବଂ ଦୁଇ ପୁଅ ଝିଅକୁ ଧରି ଗ୍ରାମର ୨ ଜଣ ଦଲାଲଙ୍କ ଜରିଆରେ ତେଲଙ୍ଗାନାକୁ ଯାଇଥିଲେ। ଯିବା ପୂର୍ବରୁ ସେ ୭୦ ହଜାର ଟଙ୍କା ଅଗ୍ରିମ ନେଇଥିଲେ। ସେଠାକାର ଏକ ଇଟାଭାଟିରେ ତାଙ୍କୁ ନିୟୋଜିତ କରାଯାଇଥିଲା। ତେବେ ଅସ୍ୱାସ୍ଥ୍ୟକର ପରିବେଶ ଓ ଅଧିକ ପରିଶ୍ରମ ଯୋଗୁ ଶୁକଦେବଙ୍କ ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇଥିଲା। ଡାକ୍ତରଖାନା ନେଇ ଚିକିତ୍ସା କରାଇବାକୁ ସେ ଦଲାଲ ଓ ଇଟାଭାଟି ମାଲିକଙ୍କୁ ଅନୁରୋଧ କରିଥିଲେ। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ଉପଯୁକ୍ତ ଚିକିତ୍ସା ନ ପାଇ ଗତ ୮ ତାରିଖରେ ଶୁକଦେବଙ୍କ ☞ପୃଷ୍ଠା-୪

ଧରିତ୍ରୀରେ ଗତ ୧୧ ତାରିଖରେ ପ୍ରକାଶିତ ଦାଦନ ଦୁର୍ଦ୍ଦଶା ସମ୍ପର୍କିତ ଖବର।

**ଭୁବନେଶ୍ୱର,୧୪।୩(ବ୍ୟୁରୋ)**

ଧରିତ୍ରୀରେ ଗତ ୧୧ ତାରିଖରେ ପ୍ରକାଶିତ 'ତେଲଙ୍ଗାନାରେ ଓଡ଼ିଆ ଦାଦନଙ୍କ ଦୁର୍ଦ୍ଦଶା, ଝିଅକୁ ବନ୍ଧକ ରଖି ସ୍ୱାମୀଙ୍କ ମୃତଦେହ ଆଣିଲେ ସ୍ତ୍ରୀ' ଶୀର୍ଷକ ଖବରକୁ ନେଇ ମଙ୍ଗଳବାର ବିଧାନସଭାରେ କଂଗ୍ରେସ ସରକାରଙ୍କୁ କଡ଼ା ଭର୍ତ୍ସନା କରିଛି। ବାଚସ୍ପତିଙ୍କ ରୁଲିଂ ଦାବି କରି କଂଗ୍ରେସ ସଦସ୍ୟ ବିଧାନସଭାରେ ହଟ୍ଟଗୋଳ କରିଛନ୍ତି। ଏହି ଖବର ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମଙ୍ଗଳବାର ଶୂନ୍ୟକାଳରେ କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ଏହି ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ, 'ତେଲଙ୍ଗାନାରେ ଓଡ଼ିଆ ଦାଦନଙ୍କ ଦୁର୍ଦ୍ଦଶା, ଝିଅକୁ ବନ୍ଧକ ରଖି ସ୍ୱାମୀଙ୍କ ମୃତଦେହ ଆଣିଲେ ସ୍ତ୍ରୀ' ଖବର ଧରିତ୍ରୀରେ ପ୍ରକାଶ ପାଇଛି। କାମ ନ ପାଇ ଲୋକମାନେ ଆନ୍ଧ୍ର ପ୍ରଦେଶ ଓ ତେଲଙ୍ଗାନା ଯାଉଛନ୍ତି। ସେଠାରେ ଇଟାଭାଟିରେ କମ୍ ପାରିଶ୍ରମିକରେ ଖଟୁଛନ୍ତି। ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ବନମାଳ ଗ୍ରାମର ଶୁକଦେବ ପରାଭୁଏ(୪୨) ଦାଦନ ଖଟିବାକୁ ତେଲଙ୍ଗାନାର ପୈଦାପଲ୍ଲୀ ଯାଇଥିଲେ। ଇଟାଭାଟିରେ କାମ କରୁଥିବାବେଳେ ଗତ ୮ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଇଟାଭାଟି ମାଲିକ ତାଙ୍କ ଶବ ସେଠାରେ ସତ୍କାର କରିବାକୁ



ଦାଦନ ସମସ୍ୟା ସମ୍ପର୍କରେ ରୁଲିଂ ଦାବି କରୁଛନ୍ତି ସନ୍ତୋଷ ସିଂ ସାଲୁଜା

ବସିଥିଲେ। ମାତ୍ର ଶୁକଦେବଙ୍କ ସ୍ତ୍ରୀ ଉଷା ପରାଭୁଏ ସ୍ୱାମୀଙ୍କ ମୃତଦେହ ନେବାକୁ କହିଥିଲେ ମଧ୍ୟ ଇଟାଭାଟି ମାଲିକ ଛାଡ଼ି ନ ଥିଲେ। ଶେଷରେ ନିରୁପାୟ ହୋଇ ନିଜ ୧୨ ବର୍ଷ ଝିଅକୁ ସେଠାରେ ବନ୍ଧକ ରଖି ସ୍ୱାମୀଙ୍କ ମୃତଦେହ ଧରି ଗାଁକୁ ଆସିଥିଲେ। କାମଧନ୍ଦା ନ ପାଇ ଗତ ୪ ମାସ ତଳେ ୨ ପୁଅ ଓ ଝିଅକୁ ଧରି ଯାଇଥିବା ଶୁକଦେବଙ୍କର ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ମୃତ୍ୟୁ ଘଟିଲା। ସରକାର କହୁଛନ୍ତି ରାଜ୍ୟର ☞ପୃଷ୍ଠା-୪

## ୨ ଦାଦନ ସର୍ଦ୍ଦାର ଗିରଫ

**ବଲାଙ୍ଗୀର ଅଫିସ/ବେଲପଡା,୧୪।୩ (ଡି.ଏନ୍.ଏ)**

ତେଲଙ୍ଗାନାରେ ନାବାଳିକା ଝିଅକୁ ଇଟାଭାଟି ମାଲିକଙ୍କ ପାଖରେ ବନ୍ଧକ ରଖି ଜଣେ ମହିଳା ନିଜ ଦାଦନ ଶ୍ରମିକ ସ୍ୱାମୀଙ୍କ ମୃତଦେହ ବଲାଙ୍ଗୀର ଆଣି ସତ୍କାର କରିଥିଲେ। ଏହି ଘଟଣାରେ ମୃତ ଦାଦନ ଶ୍ରମିକ ଶୁକଦେବ ପରାଭୁଏ ଓ ତାଙ୍କ ପରିବାରକୁ ଅଗ୍ରିମ ଟଙ୍କା ଦେଇ ତେଲଙ୍ଗାନାର ପୈଦାପଲ୍ଲୀ ପଠାଇଥିବା ୨ଦାଦନ ସର୍ଦ୍ଦାରଙ୍କୁ ବଲାଙ୍ଗୀର ଜିଲା ବେଲପଡା ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ବେଲପଡା ଥାନା ବନମାଳ ଗାଁର ତେଲଗୁ ଓରଫ୍ ଘନ ସା (୨୯) ଓ ବିଦ୍ୟାଧର ସାହୁ (୩୬)। ବେଲପଡା ଥାନା ଅନ୍ତର୍ଗତ ବନମାଳ ଗାଁର ଶୁକଦେବ ପରାଭୁଏ ସ୍ତ୍ରୀ ଉଷା ପରାଭୁଏ ଏବଂ ଦୁଇ ପୁଅଝିଅଙ୍କୁ ଧରି ତେଲଙ୍ଗାନା ପ୍ରଦେଶ ପୈଦାପଲ୍ଲୀ ଜିଲାର ଏକ ଇଟାଭାଟିକୁ କାମ କରିବାକୁ ଯାଇଥିଲେ। ସେଠାରେ ଦୀର୍ଘ ୪ ମାସ ଧରି ଅସ୍ୱାସ୍ଥ୍ୟକର ପରିବେଶରେ କାମ କରି ଅସୁସ୍ଥ ☞ପୃଷ୍ଠା-୪






# ମାଟ୍ରିକ୍ ହିନ୍ଦୀ ପ୍ରଶ୍ନ, ସଂସ୍କୃତ ଉତ୍ତରପତ୍ର ଭାଇରାଲ

**ନବରଙ୍ଗପୁର,୧୪।୩(ବି.ପ୍ର.)**

ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଚାଲିଥିବା ବେଳେ ମଙ୍ଗଳବାର ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ପରୀକ୍ଷା ହୋଇଥିଲା। ତେବେ ନବରଙ୍ଗପୁର ଜିଲାରେ ପ୍ରଶ୍ନପତ୍ର ଭାଇରାଲ ହୋଇଛି। ପରୀକ୍ଷା ଆରମ୍ଭର କିଛି ସମୟ ପରେ ଜିଲାରେ ହିନ୍ଦୀ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା। ନବରଙ୍ଗପୁର ସଦର ବ୍ଲକ ବିକ୍ରମପୁର ହାଇସ୍କୁଲରୁ ଏହି ପ୍ରଶ୍ନପତ୍ର ଲିକ୍ ହୋଇଥିବା ଖବର ମିଳିବା ପରେ ଡିଇଓ ପ୍ରଦୀପ ନାଗ ସେଠାରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହ କାର୍ଯ୍ୟରେ ଅବହେଳା ପାଇଁ ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ତଥା ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ର ଓ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସଂଗ୍ରାମ କେଶରୀ ସାମଲଙ୍କୁ ମାଟ୍ରିକ୍ ପରୀକ୍ଷା ସରିବା ପର୍ଯ୍ୟନ୍ତ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ ବାରଣ କରାଯାଇଛି। ସେମାନଙ୍କ ସ୍ଥାନରେ ନବରଙ୍ଗପୁର ସରକାରୀ ପୌର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଦେବାଶିଷ ପଟ୍ଟନାୟକଙ୍କୁ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଓ ଶରଣପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅଜୟ କୁମାର ମହାନ୍ତିଙ୍କୁ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ଦିଆଯାଇଥିବା ଡିଇଓ କହିଛନ୍ତି।

ନବରଙ୍ଗପୁର ଜିଲା ସଦର ବ୍ଲକ ବିକ୍ରମପୁର ମହାଦେବ ହାଇସ୍କୁଲରେ ଚଟାହାଣ୍ଡି, ସାନମସିଗାଁ, ବଡ଼ମସିଗାଁ, ☞ପୃଷ୍ଠା-୪

## ଆଜିଠୁ ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ ୬ଦଫା ଦାବି ନେଇ ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଡାକରା ଦିଆଯାଇଛି। ହେଲେ ଆନ୍ଦୋଳନ ପୂର୍ବରୁ ବିବାଦ ଦେଖାଦେଇଛି। ରାଜ୍ୟ ଘରୋଇ ବସ୍ ମାଲିକ ସଂଘ, ଟ୍ରକ୍ ମାଲିକ ସଂଘ ଏବଂ ନିଖିଳ ଓଡ଼ିଶା ଅଟୋ ମହାସଂଘ ଏହି ଆନ୍ଦୋଳନରେ ସହଯୋଗ କରିବେ ନାହିଁ ବୋଲି ମଙ୍ଗଳବାର ସ୍ପଷ୍ଟ କରିଦେଇଛନ୍ତି। ଓଡ଼ିଶା ମୋଟର ଚାଳକ ସଂଘ, ପରିବହନ ସଂଘ, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବ୍ୟାଙ୍କ ବୁଡ଼ିଲେ

# ଗର୍ଭବତୀଙ୍କୁ ବଳାତ୍କାର, ଭିଡିଓ ଶୁଟିଂ କଲେ ଆଶାକର୍ମୀ

**ନବରଙ୍ଗପୁର/ତେନ୍ତୁଲିଖୁଣ୍ଟି, ୧୪।୩(ବି.ପ୍ର./ଡି.ଏନ୍.ଏ.)**

- ରେଗୁଲାର ଚେକ୍ଅପ୍ କରିବାକୁ କହି ପୀଡ଼ିତାଙ୍କୁ ଡାକି ନେଇଥିଲେ
- ଆଶାକର୍ମୀ ଓ ତାଙ୍କ ସ୍ୱାମୀ ଗିରଫ

ପାଞ୍ଚ ମାସର ଗର୍ଭବତୀଙ୍କୁ ସମ୍ପର୍କୀୟ ଦେଢ଼ଶୁର ବଳାତ୍କାର କରିଛନ୍ତି। ବଳାତ୍କାର ସମୟରେ ଅଭିଯୁକ୍ତଙ୍କ ସ୍ତ୍ରୀ ତଥା ଆଶାକର୍ମୀ ଏହାର ଭିଡିଓ ଉତ୍ତୋଳନ କରିଥିବା ଅଭିଯୋଗ ହୋଇଛି। ଉକ୍ତ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ପୀଡ଼ିତା ନ୍ୟାୟ ପାଇଁ ଥାନାରେ ଏତଲା ଦେଲା ପରେ ପୋଲିସ ଅଭିଯୁକ୍ତ ଯୁବକ ଓ ତାଙ୍କ ସ୍ତ୍ରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତମାନେ ହେଲେ ନବରଙ୍ଗପୁର ଜିଲା ଖାତିଗୁଡ଼ା ଥାନା ଅଞ୍ଚଳର ଲିଳିଆ ରୁଞ୍ଜିକାର ଓ ତାଙ୍କ ସ୍ତ୍ରୀ(ଆଶାକର୍ମୀ) ପଦ୍ମା ରୁଞ୍ଜିକାର।

ସୂଚନାନୁଯାୟୀ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଞ୍ଚଳର ପୀଡ଼ିତା ୫ମାସର ଗର୍ଭବତୀ ଅଛନ୍ତି। ଗତ ୨୮ ତାରିଖରେ ଗାଁର ଆଶାକର୍ମୀ ପଦ୍ମା ରେଗୁଲାର ଚେକ୍ଅପ୍ କରିବାକୁ କହି ପୀଡ଼ିତାଙ୍କୁ ନେଇ ନିଜ ପୁଅଙ୍କ ସହ ଏକ ବାଇକ୍‌ରେ ନବରଙ୍ଗପୁର ବାହାରିଥିଲେ। ଅଧା ରାସ୍ତାରେ ପଦ୍ମାଙ୍କ ସ୍ୱାମୀ ଲିଳିଆ ରୁଞ୍ଜିକାର ପୁଅକୁ ଘରକୁ ପଠାଇ ନିଜେ ବାଇକ୍‌ରେ ପୀଡ଼ିତା ଓ ତାଙ୍କ ସ୍ତ୍ରୀ ପଦ୍ମାଙ୍କୁ ବସିବାକୁ କହିଥିଲେ। ପୀଡ଼ିତା ଦେଢ଼ଶୁରଙ୍କ ସହ ଗୋଟିଏ ☞ପୃଷ୍ଠା-୪

# ବିଶ୍ୱର ଅଷ୍ଟମ ପ୍ରଦୂଷିତ ରାଷ୍ଟ୍ର ଭାରତ

**ନୂଆଦିଲ୍ଲୀ, ୧୪।୩**

- ୫୦ ପ୍ରଦୂଷିତ ସହର ମଧ୍ୟରେ ଭାରତର ୩୯
- ଦେଶର ୫୦ ବିଲିୟନ୍ ଡଲାର କ୍ଷତି



ବିଶ୍ୱର ସବୁଠାରୁ ପ୍ରଦୂଷିତ ଦେଶ ସୂଚୀରେ ଭାରତ ଅଷ୍ଟମ ସ୍ଥାନରେ ରହିଛି। ମଙ୍ଗଳବାର ସୁଇସ୍ ଫାର୍ମ ଆଇକ୍ୟୁଏୟାର ପକ୍ଷରୁ 'ୱାର୍ଲ୍ଡ ଏୟାର୍ କ୍ୱାଲିଟି ରିପୋର୍ଟ'ରେ ପ୍ରକାଶ ପାଇଛି। ୨୦୨୨ରେ ସବୁଠାରୁ ପ୍ରଦୂଷିତ ରାଷ୍ଟ୍ର ସୂଚୀର ଶୀର୍ଷ ସ୍ଥାନରେ ରହିଛି ସେଣ୍ଟ୍ରାଲ ଆଫ୍ରିକାର ଚାଦ। ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତ ବାୟୁମଣ୍ଡଳରେ ପିଏମ୍୨.୫ (ଫାଇନ୍ ପାର୍ଟିକଲ୍/ ପ୍ରଦୂଷକ)ର ପରିମାଣ ୫୩.୩ ମାଇକ୍ରୋଗ୍ରାମ୍/କ୍ୟୁବିକ୍ ମିଟର, ଯାହା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ)ର ସେଫ୍ ଲିମିଟ୍‌ଠାରୁ ୧୦ ଗୁଣା ଅଧିକ। ସୁଇସ୍ ଆଇକ୍ୟୁଏୟାର ପକ୍ଷରୁ ପ୍ରକାଶ ପାଇଥିବା ଏହି ରିପୋର୍ଟ ପିଏମ୍ ୨.୫କୁ ଆଧାର କରି ବୈଜ୍ଞାନିକ ଓ ହେଲ୍‌ଥ ଏକ୍ସପର୍ଟଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି। ସରକାରୀ ବା ବେସରକାରୀ ଭାବେ ତୃଣମୂଳ ସ୍ତରରେ କାର୍ଯ୍ୟରତ ୧୩୧ ଦେଶର ୩୦,୦୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟବେକ୍ଷକଙ୍କଠାରୁ ସଂଗୃହୀତ ତଥ୍ୟ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଦେଶରେ ୨୦-୩୦% ପ୍ରଦୂଷଣ ଟ୍ରାନ୍ସପୋର୍ଟେଶନ୍ ସେକ୍ଟର ଦ୍ୱାରା ହେଉଥିବାବେଳେ ଇଣ୍ଡଷ୍ଟ୍ରିଆଲ୍ ୟୁନିଟ୍, କୋଇଲାରୁ ଶକ୍ତି ଉତ୍ପାଦନକାରୀ ପ୍ଲାଣ୍ଟ ଏବଂ ଜଙ୍ଗଲ ନିଆଁ ଦ୍ୱାରା ବାୟୁମଣ୍ଡଳରେ ପିଏମ୍୨.୫ ପ୍ରଦୂଷକର ପରିମାଣ ବଢ଼ୁଥିବା ଉଲ୍ଲେଖ କରାଯାଇଛି। ବାୟୁ ପ୍ରଦୂଷଣ ଯୋଗୁ ଭାରତର ୧୫୦ ବିଲିୟନ ଡଲାର କ୍ଷତି ହୋଇଥିବା ଅନୁମାନ କରାଯାଇଛି। ☞ପୃଷ୍ଠା-୪



# ୧୦ ବର୍ଷରେ ୭୮୪ ହାତୀ ମୃତ

## ୯୨୫ ମଣିଷ ମାରିଛି ହାତୀ



ଭୁବନେଶ୍ୱର,୧୪।୩(ବ୍ୟୁରୋ)

ହାତୀବଂଶ ଧୀରେ ଧୀରେ ଲୋପ ହୋଇଯିବ। ଖାଦ୍ୟ, ପାନୀୟ ଓ ବାସସ୍ଥଳୀ ଅଭାବରୁ ଏହି ବିଶାଳକାୟ ଜୀବ ଜନବସତିମୁହାଁ ହେଉଛନ୍ତି। ଫଳରେ ହାତୀ ଓ ମଣିଷ ମଧ୍ୟରେ ସଂଘର୍ଷ କାରଣରୁ ହାତୀ ମୃତ୍ୟୁମୁଖରେ ପଡୁଛନ୍ତି। କେବଳ ହାତୀ ନୁହେଁ ଏହି ସଂଘର୍ଷରେ ଅନେକ ବ୍ୟକ୍ତିଙ୍କର ମଧ୍ୟ ପ୍ରାଣହାନି ଘଟୁଛି।

ଗତ ୧୦ ବର୍ଷ(୨୦୧୨ରୁ ୨୦୨୨ ମସିହା ପର୍ଯ୍ୟନ୍ତ)ରେ ଓଡ଼ିଶାର ବିଭିନ୍ନ ଜିଲାରେ ୭୮୪ ହାତୀ ମରିଥିବା ବେଳେ ୯୨୫ ମଣିଷ ହାତୀ ଆକ୍ରମଣର ଶିକାର ହୋଇଛନ୍ତି। ଭାଜପା ସଭ୍ୟ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମଙ୍ଗଳବାର ବିଧାନସଭାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ୨୦୧୨-୧୩ରେ ୮୨ ହାତୀଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୧୩-୧୪ରେ ୭୦, ୨୦୧୪-୧୫ରେ ୫୪, ୨୦୧୫-୧୬ରେ ୮୬, ୨୦୧୬-୧୭ରେ ୭୬, ୨୦୧୭-୧୮ରେ ୭୮, ୨୦୧୮-୧୯ରେ ୯୩, ୨୦୧୯-୨୦ରେ ୮୨, ୨୦୨୦-୨୧ରେ ୭୭ ଏବଂ ୨୦୨୧- ୨୨ରେ ୮୬ ହାତୀଙ୍କ ମୃତ୍ୟୁ ଘଟିଛି। ସେହିପରି ୨୦୧୨-୧୩ରେ ହାତୀ ଆକ୍ରମଣରେ ୮୦ ଜଣଙ୍କର ଜୀବନ ଯାଇଥିବା ବେଳେ ୨୦୧୩-୧୪ରେ ୬୭, ୨୦୧୪-୧୫ରେ ୬୫, ୨୦୧୫-୧୬ରେ ୮୯, ୨୦୧୬-୧୭ରେ ୬୬, ୨୦୧୭-୧୮ରେ ୧୦୫, ୨୦୧୮-୧୯ରେ ୮୫, ୨୦୧୯-୨୦ରେ ୧୧୭, ୨୦୨୦-୨୧ରେ ୧୩୯ ଓ ୨୦୨୧-୨୨ରେ ୧୧୨ ଜଣ ଲୋକଙ୍କର ମୃତ୍ୟୁ ଘଟିଛି।

ଏହି ସମୟରେ ମୋଟ ୨୧୨ ଜଣ ହାତୀ ଆକ୍ରମଣରେ ସମ୍ପୂର୍ଣ୍ଣ ଅକର୍ମଣ୍ୟ ହୋଇଛନ୍ତି। ୨୦୧୨-୧୩ରେ ୫, ୨୦୧୩-୧୪ରେ ୧୯, ୨୦୧୪-୧୫ରେ ୧୦, ୨୦୧୫-୧୬ରେ ୧୩, ୨୦୧୬-୧୭ରେ ୧୪, ୨୦୧୭-୧୮ରେ ୧୮, ୨୦୧୮-୧୯ରେ ୧୬, ୨୦୧୯-୨୦ରେ ୪୫, ୨୦୨୦-୨୧ରେ ୨୧ ଓ ୨୦୨୧-୨୨ରେ ସର୍ବାଧିକ ୫୧ ଜଣ ଅକର୍ମଣ୍ୟ ହୋଇଛନ୍ତି। ହାତୀ ମୃତ୍ୟୁ ମାମଲା ମଧ୍ୟରୁ ୩୯ ମାମଲାର ତଦନ୍ତ କରାଯାଇ ୫୦ ବ୍ୟକ୍ତିଙ୍କ ସମ୍ପୃକ୍ତି ନେଇ ଚାର୍ଜଶିଟ୍ ହୋଇଛି। ତେବେ କୌଣସି ଅଭିଯୁକ୍ତଙ୍କୁ ବର୍ତ୍ତମାନ ସୁଦ୍ଧା ଦଣ୍ଡ ଦିଆଯାଇନାହିଁ।୨୦୧୭ ଗଣନା ଅନୁସାରେ ରାଜ୍ୟରେ ୧୯୭୬ ହାତୀ ଅଛନ୍ତି। ହାତୀ ସୁରକ୍ଷା ନିମନ୍ତେ ଜଙ୍ଗଲରେ ବୃକ୍ଷରୋପଣଠାରୁ ଆରମ୍ଭ କରି ଚାରଣ ଭୂମି ସୃଷ୍ଟି, ଜଳାଶୟ ଖନନ, ଶିକାରୀ ନିରୋଧ ଶିବିର କରିବା, ବୈଜ୍ଞାନିକ ଜ୍ଞାନକୌଶଳ ଦ୍ୱାରା ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ କହିଛନ୍ତି। ସେହିପରି ଭାଜପା ସଭ୍ୟ କୁସୁମ ଟେଟେଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ୨୦୧୭-୧୮ରୁ ୨୦୨୧-୨୨ ମଧ୍ୟରେ ରାଜ୍ୟର ୩୯ଟି ବନଖଣ୍ଡରେ ବିଭିନ୍ନ କାରଣରୁ ୪୧୦ ହାତୀଙ୍କ ମୃତ୍ୟୁ ହୋଇଛି। ଏହି ୫ ବର୍ଷ ଭିତରେ ପ୍ରାକୃତିକ କାରଣରୁ ୪୪ଟି ହାତୀଙ୍କର ମୃତ୍ୟୁ ହୋଇଥିବା ବେଳେ ଶିକାରୀଙ୍କ ହାତରେ ୧୦ ହାତୀଙ୍କ ଜୀବନ ଯାଇଛି। ବିଷ ପ୍ରୟୋଗ ଦ୍ୱାରା ରାଉରକେଲା ଡିଭିଜନରେ ଗୋଟିଏ ହାତୀର ମୃତ୍ୟୁ ହୋଇଛି। ବିଦ୍ୟୁତ୍ ଆଘାତରେ ଆକସ୍ମିକ ଭାବେ ୨୬ ହାତୀଙ୍କ ଜୀବନ ଯାଇଥିବା ବେଳେ ସୁଚିନ୍ତିତ ଭାବେ ୩୫ ହାତୀ ମରାଯାଇଛି। ରେଳ ଦୁର୍ଘଟଣାରେ ୧୭ ଓ ସଡ଼କ ଦୁର୍ଘଟଣାରେ ୪ ହାତୀଙ୍କ ମୃତ୍ୟୁ ହୋଇଛି। ଅନ୍ୟାନ୍ୟ ଦୁର୍ଘଟଣା କାରଣରୁ ୮୫ ହାତୀଙ୍କ ମୃତ୍ୟୁ ହୋଇଛି। ଆନ୍ଥ୍ରାକ୍ସ ରୋଗରେ ୨୪ ଓ ହରପିସ୍ ରୋଗରେ ୧୦ ହାତୀଙ୍କ ମୃତ୍ୟୁ ହୋଇଛି। ଅନ୍ୟାନ୍ୟ ରୋଗରେ ୧୨୪ ହାତୀଙ୍କ ମୃତ୍ୟୁ ହୋଇଥିବା ବେଳେ ୩୬ ହାତୀଙ୍କର ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

# ଏସ୍ଏଚ୍ଜି ଟଙ୍କା ଝିଅ ବାହାଘରରେ ଲାଗୁଛି: ବିରୋଧୀ

**ମୁଲତବୀ ଆଲୋଚନା**

- ମିଶନ ଶକ୍ତି ଏକ ଆନ୍ଦୋଳନରେ ପରିଣତ ହୋଇଛି: ଶାସକ
- ୬ ଲକ୍ଷ ଏସ୍ଏଚ୍ଜିରେ ୭୦ ଲକ୍ଷ ମହିଳା ସଶକ୍ତ ହୋଇଛନ୍ତି: ମନ୍ତ୍ରୀ
- ବିରୋଧୀଙ୍କ କକ୍ଷ ତ୍ୟାଗ

ଭୁବନେଶ୍ୱର,୧୪।୩(ବ୍ୟୁରୋ)

ସରକାର ମିଶନ ଶକ୍ତି ନାଁରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏଚ୍ଏଚ୍ଜି)କୁ ଯେଉଁ ଟଙ୍କା ଦେଉଛନ୍ତି ତାହା ଝିଅ ବାହାଘର, ଭୋଜିଭାତରେ ଶେଷ ହୋଇଯାଉଛି। ମହିଳାମାନଙ୍କ ବିକାଶ ପରିବର୍ତ୍ତେ ବିନାଶ ହେଉଛି। ଏସ୍ଏଚ୍ଜିରୁ ଅଧିକ ସୁଧରେ ଋଣ ନେଇ ଶୁଝିପାରୁ ନାହାନ୍ତି। ବିନା ସୁଧରେ ୫ ଲକ୍ଷ ଟଙ୍କା ଦିଆଯାଉଛି। ଏଚ୍ଏଚ୍ଜିକୁ ଯେଉଁ ଟଙ୍କା ଦିଆଯାଉଛି ତାହା କୁଆଡ଼େ ଯାଉଛି ତାହାର ତଦନ୍ତ କରାଯାଉ। ମଙ୍ଗଳବାର ମୁଲତବୀ ଆଲୋଚନାବେଳେ ବିରୋଧୀ ଦଳ ମିଶନ ଶକ୍ତିରେ ଖର୍ଚ୍ଚ କରାଯାଉଥିବା ଟଙ୍କାକୁ ନେଇ ସରକାରଙ୍କୁ ଜୋରଦାର ଆକ୍ରମଣ କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର 'ଲକ୍ଷ୍ୟଠାରୁ ଦୂରେଇ...କୋଟି କୋଟି ଟଙ୍କା ହରିଲୁଟ' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଲୋଚନା ଆରମ୍ଭ କରି ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ, ସରକାରୀ ଦଳର ୮ ଜଣ ସଦସ୍ୟ ଓ ଜଣେ ପୂର୍ବତନ ମନ୍ତ୍ରୀ ଅଧ୍ୟକ୍ଷ ଥିବା ଷ୍ଟାଣ୍ଡିଂ କମିଟି ରିପୋର୍ଟରେ ମିଶନ ଶକ୍ତି ଗୋଷ୍ଠୀଗୁଡ଼ିକ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଛି। ଗତ ୩ ବର୍ଷ ଧରି ଏକାପ୍ରକାର ସୁପାରିସ କରାଯାଉଛି। ଅନ୍ୟପକ୍ଷରେ ମୁଲତବୀ ପ୍ରସ୍ତାବ ନିରାଧାର ବୋଲି କହୁଛନ୍ତି। ଯଦି ଷ୍ଟାଣ୍ଡିଂ କମିଟି କଥାକୁ ବିଶ୍ୱାସ କରାଯାଉ ନାହିଁ, ତେବେ ବାଚସ୍ପତି କିମ୍ବା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଗୃହ କମିଟି ଗଠନ କରି ଏସ୍ଏଚ୍ଜିକୁ ଦିଆଯାଉଥିବା ଟଙ୍କାର ବିନିଯୋଗ ଉପରେ ତଦନ୍ତ କରାଯାଉ। ଗାଁରେ ଏସ୍ଏଚ୍ଜିଗୁଡ଼ିକ ବହୁତ ସୁଧରେ ଋଣ ଦେଉଛନ୍ତି। ଋଣ ଯେଉଁମାନେ ନେଉଛନ୍ତି ଟଙ୍କା ଶୁଝିପାରୁ ନାହାନ୍ତି। ସେ ଟଙ୍କା ଝିଅ ବାହାଘର ଓ ଭୋଜିରେ ଖର୍ଚ୍ଚକରି ଦେଉଛନ୍ତି। ୫ ଲକ୍ଷ ଟଙ୍କା ବିନା ସୁଧରେ ଦିଆଯାଉଛି। ସେ ଟଙ୍କାର ଉଦ୍ଦେଶ୍ୟ ଯଦି ସାଧିତ ନ ହେଲା ତେବେ ଟଙ୍କା ଦେଇ ଲାଭ କ'ଣ ବୋଲି ନରସିଂହ କହିଛନ୍ତି। ଏହାର ତଦନ୍ତ କରାଯାଉ। ବାସ୍ତବରେ ହରିଲୁଟ ହେଉଛି କି ନାହିଁ ଜଣାପଡ଼ିବ। ସରକାରୀ ପଇସାରେ ମହିଳାଙ୍କ ସର୍ବନାଶ କରି ରାଜନୀତି କରା ନ ଯାଉ। କମିଟି ଦ୍ୱାରା ଯଥାଶୀଘ୍ର ତଦନ୍ତ କରାଯାଇ ଗୃହକୁ ଅବଗତ କରାଯାଉ ବୋଲି ନରସିଂହ କହିଛନ୍ତି।

କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଛନ୍ତି, ୧୯୯୧ରେ ଏସ୍ଏଚ୍ଜି ନାବାର୍ଡ ଦ୍ୱାରା ଗଠନ କରାଯାଇଥିଲା। ୧୦ ବର୍ଷ ପରେ ରାଜ୍ୟରେ ୨୦୦୧ରେ ଆରମ୍ଭ କରାଗଲା। ମହିଳାଙ୍କୁ ନେଇ ରାଜନୀତି କରା ନ ଯାଉ। ଏସ୍ଏଚ୍ଜିରୁ ଅଧିକ ସୁଧରେ ଋଣ ନେଇ ମହିଳାମାନେ ଶୁଝିପାରୁ ନାହାନ୍ତି। ହୁଳହୁଳି ପକାଇବାକୁ ମହିଳାମାନଙ୍କୁ ସଭା ସମିତିକୁ ବିଜେଡି ନେଉଛି। ମନ୍ତ୍ରୀ ଆସିବେ। ଫୋନ୍ କଲ୍ ଗଲେ ମହିଳାମାନଙ୍କୁ ଏକାଠି କରାଯାଉଛି। ଯେଉଁ ମହିଳାମାନେ ଋଣ ନେଇ ଶୁଝିପାରୁ ନାହାନ୍ତି, ସେମାନଙ୍କୁ ଛାଡ଼ କରାଯାଉ। ହାଉସ୍ କମିଟି ଏସ୍ଏଚ୍ଜିକୁ ଦିଆଯାଉଥିବା ଅର୍ଥର ତଦନ୍ତ କରୁ ବୋଲି ତାରା ଦାବି କରିଥିଲେ। ଭାଜପା ସଭ୍ୟ ମୋହନ ମାଝି, ମୁକେଶ ମହାଲିଙ୍ଗ ଏବଂ କୁସୁମ ଟେଟେ ପ୍ରମୁଖ ମିଶନ ଶକ୍ତି ଜରିଆରେ ମହିଳାମାନଙ୍କୁ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରାଯାଉଛି ବୋଲି ଅଭିଯୋଗ କରିଛନ୍ତି। ବିଜେଡି ମାତୃଶକ୍ତିକୁ ଆଡୁଆଳରେ ରଖି ନିଜର ରାଜନୈତିକ ଫାଇଦା ହାସଲ କରୁଛି। ବିଜେଡି ମିଶନ ଶକ୍ତିକୁ ହାତବାରିସି କରିଛି ବୋଲି ଭାଜପା ସଦସ୍ୟମାନେ ଅଭିଯୋଗ କରିଛନ୍ତି।

ବିରୋଧୀ ଦଳ ଆଣିଥିବା ମୁଲତବୀକୁ ବିରୋଧ କରି ବିଜେଡି ସଭ୍ୟ ଦେବୀପ୍ରସାଦ ମିଶ୍ର କହିଲେ, ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ସଶକ୍ତ କରାଇଛନ୍ତି। ମହିଳା ସଶକ୍ତୀକରଣ ପାଇଁ କେନ୍ଦ୍ର ସରକାର ୨୦୨୨-୨୩ ବଜେଟରେ ୬୨୩ କୋଟି ବ୍ୟୟବରାଦ କରିଥିବା ବେଳେ ରାଜ୍ୟ ସରକାର ୧୩୬୪ କୋଟି ଓ ୨୦୨୩-୨୪ରେ କେନ୍ଦ୍ର ସରକାର ୬୫୪ କୋଟି ବ୍ୟୟବରାଦ କରିଥିବା ବେଳେ ରାଜ୍ୟ ସରକାର ୧୮୯୫ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ମିଶନ ଶକ୍ତି ଏକ ଆନ୍ଦୋଳନରେ ପରିଣତ ହୋଇଛି। ମହିଳାମାନେ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇଛନ୍ତି। ସେମାନଙ୍କର ସାମାଜିକ ଓ ମାନସିକ ବିକାଶ ହୋଇଛି। ବିଜେଡି ସଭ୍ୟ ଲତିକା ପ୍ରଧାନ କହିଥିଲେ, ମହିଳାମାନେ ମହାଜନି କାରବାର କରୁଥିବା ବିରୋଧୀ ଦଳ ସଦସ୍ୟମାନେ କହିବା ଅତ୍ୟନ୍ତ ନିନ୍ଦନୀୟ। ମିଶନ ଶକ୍ତି ଯୋଗୁ ମହିଳାମାନଙ୍କର ସାମାଜିକ ଓ ମାନସିକ କ୍ଷେତ୍ରରେ ବହୁ ପରିବର୍ତ୍ତନ ହୋଇଛି। ରାଜ୍ୟରେ ୧୭୦ ମିଶନ ଶକ୍ତି କାଫେ ଖୋଲିଛି। ବିଜେଡି ସଭ୍ୟ ସୁନନ୍ଦା ଦାସ ଓ ମୀନାକ୍ଷୀ ମହାନ୍ତ ବିରୋଧୀ ଦଳ ପକ୍ଷରୁ ଅଣାଯାଇଥିବା ମୁଲତବୀ ପ୍ରସ୍ତାବକୁ କଡ଼ା ବିରୋଧ କରିବା ସହ ମହିଳା ଶସକ୍ତୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ମୁଲତବୀ ଆଲୋଚନା ଶେଷରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଛନ୍ତି, ରାଜ୍ୟରେ ୨୦୦୧ରୁ ମିଶନ ଶକ୍ତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଦୁଇ ଦଶନ୍ଧି ଧରି ପୁରପଲ୍ଲୀରେ ଲକ୍ଷ ଲକ୍ଷ ମହିଳା ଏସ୍ଏଚ୍ଜି ଜରିଆରେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ରାଜ୍ୟରେ ୬ ଲକ୍ଷ ଏସ୍ଏଚ୍ଜିରେ ୭୦ ଲକ୍ଷ ମହିଳା ସଶକ୍ତ ହୋଇଛନ୍ତି। ୨୦୨୧ରେ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ମିଶନ ଶକ୍ତି ବିଭାଗ ସୃଷ୍ଟି କରିଛନ୍ତି। ଏସ୍ଏଚ୍ଜି ବ୍ୟାଙ୍କ ଋଣ ପରିମାଣ ୯୫୧୦ କୋଟିରେ ପହଞ୍ଚିଛି। ନିୟମିତ ଋଣ ପରିଶୋଧ କରି ସ୍ୱୟଂ ସହାୟକ ଗୋଷ୍ଠୀ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ନେଉଛନ୍ତି। ଚଳିତ ଆର୍ଥିକ ବର୍ଷରେ ୩ ଲକ୍ଷ ଏସ୍ଏଚଜିକୁ ୧୬୫ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଛି। ପ୍ରତି ଜିଲାରେ ମିଶନ ଶକ୍ତି ବଜାର ସ୍ଥାପନ କରାଯିବ। ଏଚ୍ଏଚ୍ଜିଗୁଡ଼ିକୁ ଉଦ୍ୟୋଗରେ ପରିଣତ କରିବା ପାଇଁ ଜିଲାସ୍ତରରେ ଇଣ୍ଡଷ୍ଟ୍ରିଆଲ ପାର୍କ ସ୍ଥାପନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ବିରୋଧୀ ଦଳ ସଦସ୍ୟମାନେ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲି ଯାଇଥିଲେ।

# ଆଚାର୍ଯ୍ୟ ହରିହରରେ ଖୋଲିବ ନୂଆ ପାଠ୍ୟକ୍ରମ

## ଏମ୍ଡି-ପାଥୋଲୋଜିର ୪ ସିଟ୍‌ରେ ହେବ ନାମଲେଖା

କଟକ ଅଫିସ,୧୪।୩

କଟକସ୍ଥିତ ଆଚାର୍ଯ୍ୟ ହରିହର ପିଜି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୟାନ୍‌ସରରେ ନୂତନ ପାଠ୍ୟକ୍ରମ ଏମ୍ଡି-ପାଥୋଲୋଜିରେ ୪ଟି ସିଟ୍ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଶିକ୍ଷାବର୍ଷ ୨୦୨୩-୨୪ରୁ ଏହି ପାଠ୍ୟକ୍ରମରେ ନାମଲେଖା ଆରମ୍ଭ ହେବ। ତେବେ ଏଥିନିମନ୍ତେ କମିଶନର ନିୟମାନୁସାରେ ଆବଶ୍ୟକ ଭିତ୍ତିଭୂମି ସମେତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ, ବିଲ୍ଡିଂ, ଯନ୍ତ୍ରପାତି ଓ ହସ୍ପିଟାଲ ସୁବିଧା ଥିବା ଦର୍ଶାଇ ନ୍ୟାଶନାଲ ମେଡିକାଲ କାଉନ୍‌ସିଲ୍‌କୁ ପିଜି ସିଟ୍‌ରେ ନାମଲେଖା ନିମନ୍ତେ ଆବେଦନ କରିବାକୁ କୁହାଯାଇଛି। ଆନୁଷ୍ଠାନିକ ଭାବେ କାଉନସିଲ ପକ୍ଷରୁ ଅନୁମତି ନ ମିଳିବା ଯାଏ ନାମଲେଖା ହେବ ନାହିଁ। ଏନେଇ ନ୍ୟାଶନାଲ ମେଡିକାଲ କମିଶନ ପକ୍ଷରୁ ପ୍ରେରିତ ଚିଠି ସୋମବାର ପହଞ୍ଚିଥିବା ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ପ୍ରଫେସର ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ କେନ୍ଦ୍ରକୁ ୨୦୨୦ ଫେବୃୟାରୀରେ ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ୟାନସର ଭାବେ ଘୋଷଣା କରାଯାଇଥିଲା। ପୂର୍ବରୁ ଏଠାରେ ସର୍ଜିକାଲ ଅଙ୍କୋଲୋଜି, ଗାଇନାକୋଲୋଜିକାଲ ଅଙ୍କୋଲୋଜି, ଆନାସ୍ଥେସିଓଲୋଜି ଅଙ୍କୋଲୋଜିରେ ୨ଟି ଲେଖାଏ ସିଟ୍‌ରେ ପିଜି ପାଠ୍ୟକ୍ରମ ପଢ଼ା ହେଉଛି। ଏହି ପାଠ୍ୟକ୍ରମ ସାମିଲ ହେବା ପରେ ୪ଟି ପିଜି ପାଠ୍ୟକ୍ରମରେ ପ୍ରତିବର୍ଷ ମୋଟ ୧୦ ସିଟ୍‌ରେ ନାମଲେଖା ହେବ। ଏହାବାଦ ଆଗାମୀ ବର୍ଷରେ ମେଡିକାଲ ଅଙ୍କୋଲୋଜି ଓ ହେଡ୍ ଆଣ୍ଡ ନେକ୍ ଅଙ୍କୋଲୋଜି ପାଠ୍ୟକ୍ରମ ଖୋଲିବା ନିମନ୍ତେ ଅନୁମତି ଆଣିବାକୁ ଯୋଜନା କରାଯାଉଥିବା ଜଣାଯାଇଛି।

# ଚଳିତ ଆର୍ଥିକ ବର୍ଷରେ ୫୦ ହଜାର କିଲୋମିଟର ରାସ୍ତା ମରାମତି ହେବ: ମନ୍ତ୍ରୀ

ଭୁବନେଶ୍ୱର,୧୪।୩(ବ୍ୟୁରୋ)

ରାଜ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ଯୋଜନାରେ ଗତ ୩ ବର୍ଷ (୨୦୨୦-୨୧ରୁ ୨୦୨୨-୨୩ ) ମଧ୍ୟରେ ୨୪୨୨.୧୦ କୋଟି ଟଙ୍କା ବ୍ୟୟରେ ୭୦୫ଟି ରାସ୍ତା ନିର୍ମାଣ କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଏହି ସମୟରେ ୫୦୮୬.୧୦ କୋଟି ଟଙ୍କା ବ୍ୟୟରେ ୨୦୭ ନୂତନ ରାସ୍ତା ନିର୍ମାଣ କରାଯାଇଛି। ଏହି ଯୋଜନାରେ ୫ ବର୍ଷ ଅବଧି ପୂର୍ଣ୍ଣ କରିଥିବା ୩୫୯୦ ରାସ୍ତାର ସାମୟିକ ମରାମତି ବାବଦରେ ୧୩୯୭.୩୬ କୋଟି ବ୍ୟୟ କରାଯାଇଛି। ସେହିପରି ବିଭାଗ ଅଧୀନରେ ଥିବା ଅନ୍ୟାନ୍ୟ ୬୬୨୪ ରାସ୍ତା ୧୧୮୪.୭୫ କୋଟି ଟଙ୍କା ବ୍ୟୟରେ ମରାମତି କରାଯାଇଛି। ଗତ ୩ ବର୍ଷରେ ୫୦୩ ସେତୁର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ୧୧୫୮.୭୯ କୋଟି ଟଙ୍କା ବ୍ୟୟରେ ୫୦ ହଜାର କିଲୋମିଟର ରାସ୍ତା ନିର୍ମାଣ କରାଯିବ। ମଙ୍ଗଳବାର ପ୍ରଶ୍ନକାଳରେ ଭାଜପା ସଭ୍ୟ ଗଣେଶ ରାମ ଖୁଣ୍ଟିଆଙ୍କ ମୂଳ ପ୍ରଶ୍ନର ଉତ୍ତରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇ ଏହା କହିଛନ୍ତି। କଂଗ୍ରେସ ସଭ୍ୟ ନରସିଂହ ମିଶ୍ର, ବିଜେଡି ସଭ୍ୟ ରାଜେନ୍ଦ୍ର ସାହୁ, ଅରବିନ୍ଦ ଢାଲି, ଚନ୍ଦ୍ର ସାରଥି ବେହେରା, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଭାଜପା ସଭ୍ୟ ଜୟନ୍ତ ଷଡ଼ଙ୍ଗୀ, ସୁବାସ ପାଣିଗ୍ରାହୀ ପ୍ରମୁଖ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ସଡ଼କ ଓ ଅନ୍ୟାନ୍ୟ ରାସ୍ତାଗୁଡ଼ିକର ମରାମତି ହେଉ ନ ଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ସଡ଼କ ନିମ୍ନମାନର ହେଉଥିବା ନେଇ ଅଭିଯୋଗ କରିଥିଲେ। ବିଜୁ ସେତୁ ଯୋଜନାରେ ଆପ୍ରୋଚ ରୋଡ୍ ପକ୍କା ରାସ୍ତା ହେଉ ନାହିଁ। ସରକାର ଆର୍‌ଡି ଅଧୀନରେ ନ ଥିବା ରାସ୍ତାର ମରାମତି ପାଇଁ କିଛି ବ୍ୟବସ୍ଥା କରିଛନ୍ତି କି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ, ଯେଉଁ ରାସ୍ତା ଖରାପ ଅଛି ସେଗୁଡ଼ିକର ମରାମତି କରାଯିବ। ରାଜ୍ୟରେ କୌଣସି ରାସ୍ତା ଖାଲଖମା ନ ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି। ସେହି ଅନୁଯାୟୀ କାମ ହେଉଛି। ସବୁ ଗାଁକୁ ରାସ୍ତା ସଂଯୋଗ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ କହିଛନ୍ତି।

# ତୃତୀୟ ଭାଷାରେ ୧୭,୪୦୦ ଅନୁପସ୍ଥିତ

ଦଶମ ଶ୍ରେଣୀ ସମ୍ମେଟିଭ-୨ ପରୀକ୍ଷା

**୨୭ଜଣ କପି କରି ଧରାପଡ଼ିଛନ୍ତି**

**କଟକ ଅଫିସ, ୧୪।୩:** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ସମ୍ମେଟିଭ-୨ ପରୀକ୍ଷାର ମଙ୍ଗଳବାର ତୃତୀୟ ଦିନରେ ତୃତୀୟ ଭାଷା ବିଷୟରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇଛନ୍ତି। ତେବେ ତୃତୀୟ ଭାଷା ବିଷୟରେ ରାଜ୍ୟରେ ମୋଟ ୫ ଲକ୍ଷ ୩୬ ହଜାର ୪୩୬ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫ ଲକ୍ଷ ୧୯ ହଜାର ୩୧୯ଜଣ ପରୀକ୍ଷା ଦେଇଛନ୍ତି। ଅନ୍ୟପଟେ ଏହି ପରୀକ୍ଷାରେ ୧୭ ହଜାର ୪ଶହ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ସୂଚନା ମିଳିଛି। ସେଥିରୁ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟରେ ୧୬ ହଜାର ୬୯୫ଜଣ, ସଂସ୍କୃତ ମଧ୍ୟମାରେ ୫୬୧ ଜଣ ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ୧୪୪ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଆସିନାହାନ୍ତି। ସେହିଭଳି ଉକ୍ତ ପରୀକ୍ଷାରେ ୨୭ଜଣ ପରୀକ୍ଷାର୍ଥୀ କପି କରି ଧରାପଡିଥିବା ବୋର୍ଡ ଉପସଭାପତି ଡ. ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।




# ଆଉଏକ ସେଲ୍ କମ୍ପାନୀର ନିର୍ଦ୍ଦେଶକ ଗିରଫ

## ଫୁଟ୍‌ବଲ୍ ବେଟିଂ ଆପ୍ ଠକେଇ ମାମଲା

- ରାଜସ୍ଥାନରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣୁଛି ଇଓଡବ୍ଲ୍ୟୁ
- ୨ ସପ୍ତାହ ତଳେ ପଶ୍ଚିମବଙ୍ଗରୁ ଗିରଫ ହୋଇଥିଲେ ୨ ଅଭିଯୁକ୍ତ
- ପୂର୍ବରୁ ଦୁବାଇ ମାଷ୍ଟରମାଇଣ୍ଡଙ୍କ ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର ଜାରି ହୋଇଛି


ନବୀନ ପୋରିୱାର

ଭୁବନେଶ୍ୱର,୧୪।୩(ବ୍ୟୁରୋ)

ଫୁଟବଲ୍ ବେଟିଂ/ଗେମିଙ୍ଗ୍ ଆପ୍ (18football.com)ରେ ଦେଶବ୍ୟାପୀ ହୋଇଥିବା ୧ହଜାର କୋଟିରୁ ଊର୍ଦ୍ଧ୍ୱ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଆଉଜଣେ ଅଭିଯୁକ୍ତଙ୍କୁ ରାଜସ୍ଥାନରୁ ଗିରଫ କରିଛି। ଅଭିଯୁକ୍ତ ହେଲେ ରାଜସ୍ଥାନ ଉଦୟପୁର ଅଞ୍ଚଳର ନବୀନ ପୋରିୱାର। ଅଭିଯୁକ୍ତ ନବୀନ 'ଏଜୁଡାଡି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସଡ୍ ଷ୍ଟଡିଜ୍ ପ୍ରାଇଭେଟ ଲିଃ' ନାମକ ଏକ ସେଲ୍ କମ୍ପାନୀର ନିର୍ଦ୍ଦେଶକ ଅଛନ୍ତି। ତାଙ୍କୁ ରବିବାର ଗିରଫ କରାଯିବା ପରେ ଉଦୟପୁରସ୍ଥିତ କୋର୍ଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଛି। ତେବେ ନବୀନଙ୍କ ଏହି ସେଲ କମ୍ପାନୀ ଦ୍ୱାରା ୧୧.୭୪ କୋଟି ଟଙ୍କା କାରବାର ହୋଇଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି। ଏପରିକି ଆଉ ୩ଟି ସେଲ୍ କମ୍ପାନୀର ମଧ୍ୟ ନବୀନ ନିର୍ଦ୍ଦେଶକ ଅଛନ୍ତି। ଏହି କମ୍ପାନୀଗୁଡ଼ିକ ଦ୍ୱାରା ମଧ୍ୟ ଟଙ୍କା କାରବାର ହୋଇଥିବା ସନ୍ଦେହ କରାଯାଉଛି। ତେବେ ଆଉଏକ ବଡ଼ କଥା ହେଲା, ଅଭିଯୁକ୍ତ ନବୀନ ରାଜସ୍ଥାନର ହୋଇଥିବାବେଳେ ତାଙ୍କ ସେଲ କମ୍ପାନୀଗୁଡ଼ିକ କେରଳରେ ପଞ୍ଜୀକୃତ ହୋଇଛି। ତେଣୁ କେରଳରେ ନବୀନଙ୍କ କେହି ସହଯୋଗୀ ରହିଥିବା ଇଓଡବ୍ଲ୍ୟୁ ସନ୍ଦେହ କରି ଅଧିକ ଅନୁସନ୍ଧାନ ଜାରି ରଖିଛି। ଏହି ମାମଲାରେ ପଶ୍ଚିମବଙ୍ଗସ୍ଥିତ ଅନ୍ୟଏକ ସେଲ କମ୍ପାନୀର ୨ ନିର୍ଦ୍ଦେଶକଙ୍କୁ ଇଓଡବ୍ଲ୍ୟୁ ପୂର୍ବରୁ ଗିରଫ କରିଥିବାବେଳେ ସେମାନେ ଏବେ ଜେଲରେ ଅଛନ୍ତି। ଅନ୍ୟପକ୍ଷରେ ୬ଦିନ ତଳେ ମାମଲାରେ ଦୁବାଇ ମାଷ୍ଟରମାଇଣ୍ଡ ମହମ୍ମଦ ସୈଫଙ୍କ ବିରୋଧରେ ବ୍ୟୁରୋ ଅଫ୍ ଇମିଗ୍ରେଶନ୍ (ବିଓଆଇ) ଲୁକ୍‌ଆଉଟ୍ ସର୍କୁଲାର ମଧ୍ୟ ଜାରି କରିଛି। ସେହିପରି ଚାଇନା ହଂକଂରେ ଥିବା ର୍‍ୟାକେଟର ମୁଖ୍ୟ ମାଷ୍ଟରମାଇଣ୍ଡଙ୍କୁ ଚିହ୍ନଟ କରିବାକୁ ଇଓଡବ୍ଲ୍ୟୁ ପ୍ରୟାସ ଜାରି ରଖିଥିବା ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ର୍‍ୟାକେଟ୍‌ର ଏଜେଣ୍ଟମାନେ ଭାରତ, ଚାଇନା, ଦୁବାଇ ସମେତ ବିଭିନ୍ନ ଦେଶରେ ରହି ଠକେଇ କରନ୍ତି। ସେମାନେ ପ୍ରାୟତଃ ଯୁବକଙ୍କୁ ଟାର୍ଗେଟ କରି କମ୍ ସମୟରେ ଅଧିକ ଟଙ୍କା ରୋଜଗାର କରିବାର ଲୋଭ ଦେଖାଇ ଫସାଇଥାନ୍ତି। 18football.com ଆପ୍‌ର ଲିଙ୍କ୍‌କୁ ଅନ୍‌ଲାଇନ୍ ଓ ଅଫ୍‌ଲାଇନ ମାଧ୍ୟମରେ ସେମାନେ ଲୋକଙ୍କୁ ପଠାଇବା ପରେ ଏକ ଆକାଉଣ୍ଟ ଖୋଲିବାକୁ କହିଥାନ୍ତି। ପରେ ଉକ୍ତ ଆପ୍‌ରେ ହେଉଥିବା ଫୁଟ୍‌ବଲ୍ ମ୍ୟାଚ୍‌ରେ ଟଙ୍କା ଜମା କରିବାକୁ କୁହାଯାଇଥାଏ। ଆପ୍ ଦ୍ୱାରା ଟଙ୍କା ନିବେଶ କରିବା ପରେ ରିଟର୍ନ ସହ ବିଭିନ୍ନ ବୋନସ୍ ଆଦି ମିଳିବାର ଲୋଭ ଦେଖାଯାଇଥାଏ। ଏଥିସହ ଅନ୍ୟ ଲୋକଙ୍କୁ ଏଥିରେ ସାମିଲ କଲେ କମିଶନ ମିଳିବ ବୋଲି କୁହାଯାଇଥାଏ। ତେବେ ପୋଲିସଠୁ ବର୍ତ୍ତିବା ପାଇଁ ସେମାନେ ବିଭିନ୍ନ ସେଲ କମ୍ପାନୀ ଖୋଲି ଟଙ୍କା ନେଣଦେଣ କରୁଥିଲେ। ଏଭଳି ଭାବରେ ୨୦୨୧ରେ ଗଞ୍ଜାମର ୮୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଠକେଇର ଶିକାର ହୋଇ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହରାଇଥିଲେ। ଏନେଇ ଅଭିଯୋଗ ପରେ ଇଓଡବ୍ଲ୍ୟୁ ଗତ ଫେବୃୟାରୀ ୧୭ରେ ମାମଲା (ନଂ.୬/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



ନୂଆଦିଲ୍ଲୀର ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆରେ ମଙ୍ଗଳବାର ସାହିତ୍ୟିକ ବିଜୟ ନାୟକଙ୍କ ପ୍ରବନ୍ଧ ସଙ୍କଳନ 'କଳ୍ପନାର ବାସ୍ତବତା' ଲୋକାର୍ପିତ ହୋଇଛି। ଏହାକୁ ଉନ୍ମୋଚନ କରୁଛନ୍ତି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ପୂର୍ବତନ ଆଇଏଫ୍‌ଏସ୍ ଅଧିକାରୀ ତଥା ବରିଷ୍ଠ କବି ଅମରେନ୍ଦ୍ର ଖଟୁଆ, ପ୍ରଖ୍ୟାତ ଔପନ୍ୟାସିକା ଡକ୍ଟର ପ୍ରତିଭା ରାୟ, ଗ୍ରନ୍ଥ ମନ୍ଦିର ପବ୍ଲିକେଶନ୍‌ର କଲ୍ୟାଣୀ ମିଶ୍ର ଓ ଲେଖକ ବିଜୟ ନାୟକ। (ଫଟୋ: ଚମନ ଗୌତମ)

# ଏନ୍‌ଇଇଟି ପିଜି ଫଳ ପ୍ରକାଶିତ

**ନୂଆଦିଲ୍ଲୀ, ୧୪।୩**

ନ୍ୟାଶନାଲ ବୋର୍ଡ ଅଫ୍ ଏକ୍‌ଜାମିନେଶନ୍ସ ଇନ୍‌ମେଡିକାଲ ସାଇନ୍ସ(ଏନ୍‌ବିଇଏମ୍‌ଏସ୍) ପକ୍ଷରୁ ମଙ୍ଗଳବାର ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା ପୋଷ୍ଟଗ୍ରାଜୁଏଟ୍ (ଏନ୍‌ଇଇଟି-ପିଜି), ୨୦୨୩ ଫଳାଫଳ ଘୋଷଣା କରାଯାଇଛି। ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ର ସରକାରୀ ୱେବ୍‌ସାଇଟ୍ natboard.edu.inରୁ ଫଳାଫଳ ଦେଖିପାରିବେ। ୨୦୨୩-୨୪ରେ ଏମ୍‌ଡି, ଏମ୍‌ଏସ୍, ଡିଏନ୍‌ବି ଏବଂ ଡିପ୍ଲୋମା କାର୍ଯ୍ୟକ୍ରମରେ ନାମଲେଖା ପାଇଁ ଗତ ମାର୍ଚ୍ଚ ୫ରେ ଏନ୍‌ଇଇଟି-ପିଜି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷା ପାଇଁ ୨.୦୯ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ନାମ ପଞ୍ଜୀକରଣ କରିଥିଲେ।

ସାଧାରଣ ବର୍ଗ ଏବଂ ଆର୍ଥିକ ଦୁର୍ବଳ ବର୍ଗ(ଇଡବ୍ଲ୍ୟୁଏସ୍)ଙ୍କ ପାଇଁ ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ୫୦ତମ ପର୍ସେଣ୍ଟାଇଲ ଥିବାବେଳେ କଟ୍‌ଅଫ୍ ସ୍କୋର୍ ୨୯୧ ରହିଛି। ସେହିପରି ସାଧାରଣ-ପିଡବ୍ଲ୍ୟୁବିଡି ବର୍ଗଙ୍କ ପାଇଁ ୪୫ତମ ପର୍ସେଣ୍ଟାଇଲ ଏବଂ କଟ୍‌ଅଫ୍ ସ୍କୋର ୨୭୪ ରହିଛି। ଏସ୍‌ସି/ଏସ୍‌ଟି/ଓବିସିଙ୍କ ପାଇଁ ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ୪୦ତମ ପର୍ସେଣ୍ଟାଇଲ ଏବଂ କଟ୍‌ଅଫ୍ ସ୍କୋର ୨୫୭ ଧାର୍ଯ୍ୟ ହୋଇଛି। ସର୍ବଭାରତୀୟ ୫୦% କୋଟା ସିଟ୍ ମେରିଟ୍ ପୋଜିଶନ ଖୁବ୍‌ଶୀଘ୍ର ଘୋଷଣା କରାଯିବ। ଏନ୍‌ଇଇଟି-ପିଜି ଫଳାଫଳ ଘୋଷଣା ସମ୍ପର୍କରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଟୁଇଟ୍ ଯୋଗେ ଜଣାଇଛନ୍ତି। ରେକର୍ଡ କମ୍ ସମୟ ମଧ୍ୟରେ ଫଳ ପ୍ରକାଶ ପାଇପାରିଛି। କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି।

# ମାମଲା ଶୀଘ୍ର ସାରିବାକୁ ବର୍ଷାଙ୍କୁ ଅନୁଭବଙ୍କ ଟୁଇଟ୍

**କଟକ ଅଫିସ,୧୪।୩:** କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ମଧ୍ୟରେ ଚାଲିଥିବା ପାରିବାରିକ କଳହ ଏପର୍ଯ୍ୟନ୍ତ ସମାଧାନ ହୋଇ ନ ଥିବାବେଳେ ଏବେ ପୁଣି ନୂଆ ଏକ ମୋଡ଼ ଦେଖାଦେଇଛି। କିଛିଦିନ ହେବ ଅନୁଭବଙ୍କ ବାପା ଶାରୀରିକ

## ଆଇସିୟୁରେ ଅନୁଭବଙ୍କ ବାପା

ଅସୁସ୍ଥ ହୋଇପଡ଼ିଥିଲେ। ସୁସ୍ଥ ହେବା ବଦଳରେ ଅଧିକ ଗୁରୁତର ହୋଇଯିବାରୁ ସେ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ତେଣୁ ବାପା ଅସୁସ୍ଥ ଥିବାରୁ ଏହି ମାମଲା ଶୀଘ୍ର ସାରିବା ପାଇଁ ଅନୁଭବ ସ୍ତ୍ରୀ ବର୍ଷାଙ୍କୁ ଟୁଇଟ୍ କରି ଜଣାଇଛନ୍ତି। ଅନୁଭବ ବାପାଙ୍କ ଏଭଳି ଅବସ୍ଥାରେ ଆଇନଗତ ଲଢ଼େଇ ଶେଷ କରି ମାନବିକତା ଦେଖାଇବା ନିମନ୍ତେ ବର୍ଷାଙ୍କୁ ଅନୁରୋଧ କରୁଛନ୍ତି। ଏଥିସହ ବାପାଙ୍କୁ ଶାନ୍ତିରେ ନିଃଶ୍ୱାସ ମାରିବାକୁ ଦେବା ନିମନ୍ତେ ସେ ବର୍ଷାଙ୍କୁ ଟୁଇଟ୍ କରି କହିଛନ୍ତି। ଏଭଳି ଟୁଇଟ୍‌କୁ ବର୍ଷା କିଭଳି ଭାବରେ ଗ୍ରହଣ କରୁଛନ୍ତି ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ପାଠ ପଢ଼ାଇବାବେଳେ ଶିଶୁପୁତ୍ରକୁ ସିଗାରେଟ୍ ଚେଙ୍କ

## ମାନବିକତା ହରାଇଲେ ମା' ଓ ସମ୍ପର୍କୀୟ

**ଚଣ୍ଡିଖୋଲ/ଛତିଆ, ୧୪।୩(ଡି.ଏନ୍.ଏ.)**

ଯାଜପୁର ଜିଲା ଛତିଆ ନିକଟସ୍ଥ ଗୋପପୁର ଛକରେ ଘରଭଡ଼ା ନେଇ ରହୁଥିବା ବଡ଼ଚଣା ବ୍ଲକ ଅନ୍ତର୍ଗତ କାଇମାଟିଆ ଗ୍ରାମର ରଶ୍ମି ମହାପାତ୍ର ପାଠ ନ ପଢ଼ିବାରୁ ତାଙ୍କ ୪ ବର୍ଷର ଶିଶୁପୁତ୍ରକୁ ସିଗାରେଟ୍ ଚେଙ୍କ ଦେଇଛନ୍ତି। ଏଭଳି ଅମାନୁଷିକ କାର୍ଯ୍ୟରେ ତାଙ୍କ ବଡ଼ବାପାଙ୍କ ପୁଅ କମଳାକାନ୍ତ ମହାପାତ୍ର ସହଯୋଗ କରିଥିବା ଅଭିଯୋଗ ହୋଇଛି। ରବିବାର ରାତିରେ ଏହି ଦୁଃଖଦ ଘଟଣା ଘଟିଛି। ପିଲାଟିକୁ ପାଠ ପଢ଼ାଇବାବେଳେ କମଳାକାନ୍ତ ଓ ରଶ୍ମି ମାଡ଼ ମାରିବା ସହ ଶରୀରରେ ଅନେକ ଥର ସିଗାରେଟ ଚେଙ୍କ ଦେଇଥିଲେ, ଯାହା ପିଲାଟି ଶରୀରରେ ସୃଷ୍ଟି ହୋଇଥିବା ଫୋଟକାରୁ ସ୍ପଷ୍ଟ ହୋଇଛି। ଏହି ଘଟଣା ପରେ ଶିଶୁଟି ଯନ୍ତ୍ରଣାରେ ଛଟପଟ ହୋଇ କାନ୍ଦି ଥିଲେ। ସ୍ଥାନୀୟ ପଡ଼ୋଶୀ ପହଞ୍ଚି ଶିଶୁପୁତ୍ରକୁ ଉଦ୍ଧାର କରି ଛତିଆ ଫାଣ୍ଡି ଅଧିକାରୀ ନାରାୟଣ ବେହେରାଙ୍କୁ ଜଣାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଶିଶୁପୁତ୍ରକୁ ଫାଣ୍ଡିକୁ ନେଇଥିଲା। ଏହାପରେ ଫାଣ୍ଡି ଅଧିକାରୀ ସ୍ଥାନୀୟ ନେଳିଆ ସରପଞ୍ଚ ଜୟନ୍ତୀ ସ୍ୱାଇଁ ଓ ଛତିଆ ସରପଞ୍ଚ ରମେଶ ପୃଷ୍ଟିଙ୍କୁ ଡାକି ଏକଥା ଜଣାଇଥିଲେ। ଯେହେତୁ ଏମାନଙ୍କ ଘର କାଇମାଟିଆ ପଞ୍ଚାୟତରେ ସେଥିପାଇଁ ସମ୍ପୃକ୍ତ ୨ ସରପଞ୍ଚ କାଇମାଟିଆ ସରପଞ୍ଚଙ୍କ ସ୍ୱାମୀ ଅଶୋକ ନାୟକଙ୍କୁ ଡାକି ଶିଶୁପୁତ୍ରକୁ ଜିମା ଦେଇଥିଲେ। ଶିଶୁପୁତ୍ରକୁ ଅଶୋକ ସୋମବାର ନେଇ ରଖିବା ପରେ ମଙ୍ଗଳବାର ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କୁ ଜଣାଇଥିଲେ।

ଶିଶୁ ସୁରକ୍ଷା ବିଭାଗର ମିହିର କୁମାର ଜେନା, ଅର୍ଚ୍ଚନା ସାମଲ ଓ ଶିଶିର ମଲ୍ଲିକ ଛତିଆଠାରେ ପହଞ୍ଚି କାଇମାଟିଆ ସରପଞ୍ଚଙ୍କ ସହିତ ଆଲୋଚନା କରିବା ପରେ ଚେଙ୍କ ଦେଇଥିବା ତାଙ୍କ ମା' ଓ ସମ୍ପର୍କୀୟଙ୍କ ବୟାନ ରେକର୍ଡ କରିବା ସହ ଶିଶୁପୁତ୍ରକୁ ଉଦ୍ଧାର କରିଥିଲେ। ରଶ୍ମିଙ୍କ କହିବା ଅନୁଯାୟୀ, ସେ ୨୦୧୮ରେ ଜଗତ୍‌ସିଂହପୁର ଜିଲା ତାରପୁର ଅଞ୍ଚଳର ଜିତେନ୍ଦ୍ର ବେଗ୍‌ଙ୍କୁ ବିବାହ କରିଥିଲେ। ପାରିବାରିକ କଳହ ଯୋଗୁ ସେ ତାଙ୍କୁ ଛାଡ଼ି ୨୦୨୦ରେ ପଳାଇ ଆସିଥିଲେ। ଏହାପରେ କଟକ ଜଗତପୁରଠାରେ ରହୁଥିଲେ। ଗତ ବର୍ଷେ ହେଲା ଛତିଆ ନିକଟସ୍ଥ ଗୋପପୁରଠାରେ ଘରଭଡ଼ା ନେଇ ରହୁଛନ୍ତି। ଅନ୍ୟପକ୍ଷେ ପୋଲିସ ଘଟଣା ସମ୍ପର୍କରେ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନ ଜଣାଇବାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ କର କହିଛନ୍ତି, ଶିଶୁପୁତ୍ରର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଏହାପରେ ଯାଜପୁରସ୍ଥିତ ବାଳାଶ୍ରମ ସୁଧାର ଗୃହରେ ରଖାଯିବ। ଯାଜପୁର ଜିଲାପାଳଙ୍କୁ ଜଣାଇବା ପରେ ଆବଶ୍ୟକସ୍ଥଳେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଚେଙ୍କ ଦିଆଯାଇଥିବା ଶିଶୁ ପୁତ୍ର।

# ପ୍ରଧାନ ଶିକ୍ଷୟିତ୍ରୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିଲମ୍ବିତ

## ଗରମ ଡାଲି ପଡ଼ି ସେବାଶ୍ରମ ସ୍କୁଲ ଛାତ୍ର ମୃତ୍ୟୁ ଘଟଣା

## ୩ ରୋଷେୟା ବହିଷ୍କୃତ, ଜଣେ ଗିରଫ

**ସୁନ୍ଦରଗଡ଼/ଟେନ୍‌ସା, ୧୪।୩(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ଅନ୍ତର୍ଗତ ଡେଙ୍ଗୁଲା ସେବାଶ୍ରମ ହାଇସ୍କୁଲ ହଷ୍ଟେଲରେ ଗରମ ଡାଲି ପଡ଼ି ଛାତ୍ର ମୃତ୍ୟୁ ଘଟଣାରେ ପ୍ରଧାନ ଶିକ୍ଷୟିତ୍ରୀ କାମିଲା ବିଲୁଙ୍ଗ ଏବଂ କୋଇଡ଼ା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିକାଶ ରଞ୍ଜନ ନାଏକଙ୍କୁ ନିଲମ୍ବନ କରାଯାଇଛି। ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏଥିସହ ହଷ୍ଟେଲର ୩ ରୋଷେୟାଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ଏହାଛଡ଼ା ଜିଲା ମଙ୍ଗଳ ଅଧିକାରୀ କୋଇଡ଼ା ଥାନାରେ ଦେଇଥିବା ଏତଲାକ୍ରମେ ପୋଲିସ ମଙ୍ଗଳବାର ବହିଷ୍କୃତ ୩ ରୋଷେୟାଙ୍କ ମଧ୍ୟରୁ ତରଣୀ ନାଏକଙ୍କୁ ଗିରଫ କରିଛି।

ଏହି ସେବାଶ୍ରମ ସ୍କୁଲ ହଷ୍ଟେଲରେ ରହି ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ଝାଡ଼ଖଣ୍ଡ ମନୋହରପୁର ଅଞ୍ଚଳର ଛାତ୍ର ଜିଲେଟ ହୋନହାରା(୧୪) ଘଟଣାଦିନ(୬ତାରିଖରେ) ଚୁଲିରୁ ଡାଲି ଓହ୍ଲାଉଥିବା ବେଳେ ତାହା ତାଙ୍କ ଦେହରେ ଢାଳିହୋଇଯାଇଥିଲା। ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ରବିବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ରାଜ୍ୟ ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ବିଭାଗର ନିର୍ଦ୍ଦେଶ କ୍ରମେ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ପ୍ରଧାନ ଓ ବଣାଇ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ, କୋଇଡ଼ା ବିଡିଓ ହଷ୍ଟେଲକୁ ଯାଇ ଘଟଣାର ତଦନ୍ତ କରିଥିଲେ। ଜିଲା ମଙ୍ଗଳ ଅଧିକାରୀଙ୍କ ରିପୋର୍ଟ ପରେ ରାଜ୍ୟ ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀ, କୋଇଡ଼ା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ନିଲମ୍ବନ କରାଯିବା ସହ ଜିଲା ମଙ୍ଗଳ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହାଛଡ଼ା ରୋଷେୟା ତାରିଣୀ ନାଏକ,ସହାୟକ ରୋଷେୟା କାର୍ତ୍ତିକ ନାଏକ ଓ ଧୀରେନ୍ଦ୍ର କୁମାର ରାଉତଙ୍କୁ କାର୍ଯ୍ୟରେ ଅବହେଳା ଓ ସରକାରୀ ନିୟମ ଉଲ୍ଲଂଘନ କରି ସମ୍ପୃକ୍ତ ଛାତ୍ରଙ୍କୁ ରୋଷେଇ କାର୍ଯ୍ୟରେ ନିୟୋଜିତ କରିଥିବାରୁ ଜିଲା ମଙ୍ଗଳ ଅଧିକାରୀ ସେମାନଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି।



**ଆଜିର ମନ୍ତବ୍ୟ**

"ଦେଶରେ ଗଣତନ୍ତ୍ର ନିମ୍ନଗାମୀ ହେଉଥିବା ନେଇ ରାହୁଲ ଗାନ୍ଧୀ ନିଜର କେମ୍ବ୍ରିଜ୍ ଚିତ୍କାର, ଲଣ୍ଡନ ମିଛ ବନ୍ଦ କରିବା ସହ ବିଦେଶୀ ବନ୍ଧୁଙ୍କ ସହାୟତା ନ ଲୋଡ଼ି ଭାରତରେ ନିର୍ବାଚନର ସମ୍ମୁଖୀନ ହୁଅନ୍ତୁ।"
–ଅନୁରାଗ ଠାକୁର, କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆତଙ୍କ କାଳେ ଯାଚନ୍ତି କୁମୁଡ଼ା**
**ଆତଙ୍କ ଗଲେ ଦିଅନ୍ତି ନେଫଡ଼ା।**

ସାଧାରଣତଃ ଜନସାଧାରଣଙ୍କର ଭଗବାନଙ୍କ ପ୍ରତି ବିଶ୍ୱାସ ରହିଥାଏ। ଅନେକ ସମୟରେ କିଛି ବ୍ୟକ୍ତି ବିପଦରେ ପଡ଼ିଥିବାବେଳେ ଏଥିରୁ ବର୍ତ୍ତିବା ନିମନ୍ତେ ଭଗବାନଙ୍କ ପାଖରେ କିଛି ମାନସିକ ଯାଚୁଥିବାର ଦେଖିବାକୁ ମିଳିଥାଏ। ବିପଦ ଟଳିଗଲା ପରେ ସେମାନେ କିନ୍ତୁ ଏଥିପ୍ରତି ଆଉ ସେତେଟା ଧ୍ୟାନ ବା ନଜର ଦେଇ ନ ଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଆମ୍ବ ସଢ଼କା ତିନ୍ତୁଳି ବଙ୍କା**
**କୁକୁର ଲାଙ୍ଗୁଳ ନୁହେଁ ସଳଖା।**

ଯେତେ ଯତ୍ନ କଲେ ମଧ୍ୟ କୁକୁର ଲାଙ୍ଗୁଡ଼ କେବେ ସଳଖ ହୋଇ ନ ଥାଏ। ପରୋକ୍ଷରେ ଯାହାର ଯାହା ସ୍ୱଭାବ ତାକୁ ବଦଳେଇବା ସେତେଟା ସହଜ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ବିଧାୟକ ଅନନ୍ତ ଦାସ ଅସୁସ୍ଥ

ଭୋଗରାଇ,୧୪।୩(ଡ଼ି.ଏନ.ଏ.)



ପୂର୍ବତନ ମନ୍ତ୍ରୀ, ବାଲେଶ୍ୱର ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ ସୋମବାର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇ ଚିକିତ୍ସା କରାଯାଉଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ହେଉଥିବା ପରିବାର ସୂତ୍ରରୁ ପ୍ରକାଶ। ବିଧାୟକଙ୍କ ଆରୋଗ୍ୟ କାମନା କରି ଦଳୀୟ ନେତାମାନେ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। କଂଗ୍ରେସ ନେତାଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଧାୟକ ଅନନ୍ତଙ୍କ ଆରୋଗ୍ୟ କାମନା କରିଛନ୍ତି।

# ପିଲାକୁ ଧରି ସ୍ତ୍ରୀ ପ୍ରେମିକ ସହ ଫେରାର

## ହସ୍ପିଟାଲ ବେଡ୍‌ରେ ରୋଗାକ୍ରାନ୍ତ ସ୍ୱାମୀ

ଜଳେଶ୍ୱର, ୧୪।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ଚିକିତ୍ସା ଲାଗି ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ନିଜ ପିଲାଙ୍କୁ ସାଙ୍ଗରେ ନେଇ ପ୍ରେମିକଙ୍କ ସହ ଫେରାର ହୋଇଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଗୋପୀମୋହନପୁର ପଞ୍ଚାୟତର ଜଣେ ଯୁବକ ୨୦୨୦ରେ ବାଲିଆପାଳ ଥାନା କଟିସାହି–ସୁନାରାଇ ଗାଁର ଜଣେ ଯୁବତୀଙ୍କୁ ପ୍ରେମ ବିବାହ କରିଥିଲେ। ଏବେ ସେମାନଙ୍କର ୧୩ ମାସର ଶିଶୁ କନ୍ୟା ଅଛି। ସ୍ୱାମୀ ଜଣକ ରୋଗଗ୍ରସ୍ତ ହୋଇ ଶଯ୍ୟାଶାୟୀ ଅଛନ୍ତି। ଏହାର ସୁଯୋଗ ନେଇ ମହିଳାଜଣକ ତାର ସମସ୍ତ ଗହଣାପତ୍ର ସହ ଝିଅକୁ ଧରି ସ୍ୱାମୀଙ୍କ ସ୍କୁଟିରେ ଘରୁ ପଳାଇ ଯାଇଛନ୍ତି। ସନ୍ଧ୍ୟାସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଖରିର୍ଦ୍ଧା ଅଞ୍ଚଳର ଜଣେ ଯୁବକଙ୍କ ସହିତ ସେମାନେ ଜଳେଶ୍ୱରର ଚନ୍ଦନା ଗାଁରେ ବିବାହ କରି ରହିଥିବା ଜଣାଯାଇଛି। ଏହା ଜଣାଯିବା ପରେ ପରିବାର ଲୋକେ ତାଙ୍କ ନିକଟକୁ ଆସି ଫେରାଇ ନେବାରେ ବିଫଳ ହୋଇଛନ୍ତି।

# ପୋଲ ତଳୁ ଯୁବତୀଙ୍କ ମୃତଦେହ ଜବତ

ଚମ୍ପୁଆ,୧୪।୩ (ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ କଙ୍କଡାପାଟ ବୈତରଣୀ ନଦୀ ପୋଲ ତଳୁ ଜଣେ ଅଚିହ୍ନା ଯୁବତୀଙ୍କ ମୃତଦେହ ମଙ୍ଗଳବାର ଅପରାହ୍ନରେ ପୋଲିସ ଜବତ କରିଛି। ସ୍ଥାନୀୟ ଲୋକ ନଦୀରେ ଏକ ମୃତଦେହ ଭାସୁଥିବା ଦେଖି ଚମ୍ପୁଆ ପୋଲିସକୁ ଖବର ଦେଇଥିଲେ। ପୋଲିସ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହ ନଦୀରୁ ଜବତ କରିଥିଲା। ଏନେଇ ପୋଲିସ ଅପମୃତ୍ୟୁ ମାମଲା (ନଂ.୧୨/୨୦୨୩) ରୁଜୁ କରି ତଦନ୍ତ ଚଳାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ନୀଚସ୍ଥ ଚନ୍ଦ୍ରଜନିତ ଅସୁସ୍ଥ ପାରିବେଶିକ କୁପ୍ରଭାବ, ମାନସିକ ଓ ଶାରୀରିକ ଦିଗ ପାଇଁ ଅନୁକୂଳ ନ ହୋଇପାରେ। ଶୁକ୍ରଙ୍କ ପ୍ରଭାବରେ ଆର୍ଥିକ ଅଭିବୃଦ୍ଧି, ଧର୍ମୀୟ ଭାବନା, ବନ୍ଧୁମିଳନ ଓ ଯାତ୍ରା ଶାନ୍ତି ପ୍ରଦାୟକ ହେବ। ପାରିବାରିକ, ପରିବହନ, ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗି ରହିବ।

**ବୃଷ** ରାହୁଯୁକ୍ତ ଶୁକ୍ର ହେତୁ ପୁରୁଣା ରୋଗପୀଡ଼ା ଦୁଶ୍ଚିନ୍ତାକୁ ବୃଦ୍ଧି କରିବ। ଅର୍ଥାଭାବକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ। ମଝିରେ ମଝିରେ ପାରିବାରିକ ସମସ୍ୟା ଲାଗି ରହିବାରୁ କର୍ମକ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇପାରେ। ଯାତ୍ରା ଓ ବନ୍ଧୁମିଳନ, କଳା, ସାହିତ୍ୟ, ପ୍ରବଚନ, ଆଧ୍ୟାତ୍ମିକ ସଭା ସମିତିରେ ସମ୍ମାନିତ ହୋଇପାରନ୍ତି।

**ମିଥୁନ** ଭାଗ୍ୟସ୍ଥ ବୁଧଜନିତ ଉଦାରତା ଗୁଣରୁ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ବାକି ରହିଥିବା ଟଙ୍କା, ପଇସାକୁ କେନ୍ଦ୍ରକରି ଅନର୍ଥ ସୃଷ୍ଟି ହୋଇପାରେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଲୋଚନା, ଆନୁଷ୍ଠାନିକ କାମ, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ।

**କର୍କଟ** କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ ଲାଭର ସୌଭାଗ୍ୟ ପାଇବେ। ବୃହସ୍ପତିଙ୍କ ଆଶୀର୍ବାଦରୁ ଅଟକି ରହିଯାଇଥିବା କାମ ସହଜ ଓ ସୁବିଧାରେ ହେବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସାଧାରଣ କଥାରେ ବନ୍ଧୁଙ୍କ ଭୁଲ୍ ବୁଝାମଣା ହେତୁ ସତର୍କତାର ସହ କାମ କରିବା ଭଲ।

**ସିଂହ** ବିଭିନ୍ନ ପ୍ରକାରର ସମସ୍ୟା ଜାଲରେ ଛନ୍ଦି ହୋଇ ମାନସିକ ସନ୍ତୁଳନ ହରାଇବେ। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ କାମଗୁଡ଼ିକ ସୁବିଧାରେ ହୋଇପାରିବ ନାହିଁ। ଜମିଜମା, କଳକାରଖାନା,ସଭାସମିତି, ମନୋରଞ୍ଜନ, ସଭାସମିତିରେ ସଫଳତା ଅର୍ଜନ କରିବେ। ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚାରେ ପ୍ରତି ମନ ବଳିପାରେ।

**କନ୍ୟା** ଅଷ୍ଟମାଧିପଙ୍କ କୁପ୍ରଭାବରୁ କାମ ବିଳମ୍ବ ହେବାରୁ ଅନ୍ୟକୁ ଦାୟୀ କରି ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ, କିନ୍ତୁ କିଛିବି କରିବେ ନାହିଁ। ଜମିଜମା କାରବାରରେ ଅର୍ଥ ଲାଭ ହେତୁ ଖୁସି ରହିବେ। ସଭାସମିତି, କଳା, ସାହିତ୍ୟ, ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ସାମିଲ୍ ହୋଇପାରନ୍ତି।

**ତୁଳା** ଷଷ୍ଠଭାବସ୍ଥ ଗୁରୁ ଯୋଗୁ ଆପଣ ଆଜି ନିଜ ଲୋକଙ୍କ ଉପରେ ଭରସା କରିପାରିବେ ନାହିଁ। ଯାନବାହନ ଚାଳନାରେ କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ। ସାମୟିକ ଭାବରେ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଆଜି ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ।

**ବିଛା** କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ପାପଗ୍ରହ ଜନିତ ସାମାଜିକ ସ୍ତରରେ କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ଶତ୍ରୁତା କରୁଥିବା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇ ପାରନ୍ତି। ଅପରାହ୍ନରେ ଅବଶ୍ୟ ବନ୍ଧୁମିଳନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ଧନୁ** ଦ୍ୱାଦଶସ୍ଥ ଚନ୍ଦ୍ରଙ୍କ ଯୋଗୁ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଅଧିକାଂଶ ସମୟ ଭଲ ଲାଗିବ ନାହିଁ। ସାମୟିକ ଭାବରେ ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ନିର୍ମାଣ, ଚୁକ୍ତିପତ୍ର, ମାଲିମକଦ୍ଦମା କ୍ଷେତ୍ରରେ ମଧ୍ୟମ ଧରଣର ଫଳ।

**ମକର** କେତୁଙ୍କ କୁପ୍ରଭାବରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଶ୍ରବଣା ନକ୍ଷତ୍ରର କାମ ହାସଲ କରିବାରେ କେତେକ ପ୍ରତିବନ୍ଧକ ଦେଖାଦେବ। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ମନରେ ଅସ୍ଥିରତା ସୃଷ୍ଟି କରିପାରନ୍ତି। ଜମିଜମା ବିବାଦ, ପରିବହନ, ନିର୍ମାଣ ପ୍ରଭୃତିରେ ଉନ୍ନତ ଧରଣର ସୁଫଳ ପାଇବେ।

**କୁମ୍ଭ** ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଆକସ୍ମିକ ଦୂର ଯାତ୍ରା କରିବାକୁ ପଡ଼ିପାରେ। ସମସ୍ୟା ସୁଧାରିବାକୁ ଯାଇ ପରିବାର ଭିତରେ ପ୍ରିୟ କଥା କହି ସମସ୍ୟାକୁ ସମ୍ଭାଳି ନେବେ। ଭ୍ରମଣହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ପୁରୁଣା ମାମଲାର ଉତ୍ତମ ଫଳପ୍ରାପ୍ତି।

**ମୀନ** କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେବା ସାଙ୍ଗକୁ ଟେନସନ୍ କମିଯିବ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବା ହେତୁ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯାଇପାରେ। ସାମୟିକ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡ଼ିବ। ଦୂରରେ ଥିବା ସନ୍ତାନଙ୍କ ସୁଖବର ପ୍ରାପ୍ତି।

ଆଜି ମୀନ ସଂକ୍ରାନ୍ତି, ଚୈତ୍ର କୃଷ୍ଣପକ୍ଷର କାଳାଷ୍ଟମୀ ବୁଧବାର, ମାର୍ଚ୍ଚ ୧୫ ତାରିଖ, ବିଶ୍ୱ ଖାଉଟି ଅଧିକାର ଦିବସ, ରାଶି ନକ୍ଷତ୍ର–ମୂଳା/ଧନୁ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୯ ଗତେ ଘ.୦୭।୩୪ ମଧ୍ୟେ, ଘ.୧୦।୨୬ ଗତେ ଘ.୧୧।୩୨ ମଧ୍ୟେ, ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୫୫ ଗତେ ଘ.୦୧।୨୫ ମଧ୍ୟେ ରାହୁକାଳ।

## ଦାଦନ ଦୁର୍ଦ୍ଦଶା: ରୁଲିଂ ...

ବିକାଶ ହେଉଛି। କିନ୍ତୁ ଲୋକମାନଙ୍କୁ ଗଣ୍ଡାଏ ଖାଇବାକୁ କିମ୍ବା କାମ ଦେଇପାରୁନାହାନ୍ତି। ଫଳରେ ସେମାନେ ବାଧ ହୋଇ ଅନ୍ୟ ରାଜ୍ୟକୁ ଚାଲି ଯାଉଛନ୍ତି। ବଲାଙ୍ଗୀର ଜିଲାରୁ ବହୁ ଲୋକ ଦାଦନ ଖଟିବାକୁ ଯାଉଛନ୍ତି। ଜିଲାରେ ଥିବା ଇଟାଭାଟିଗୁଡ଼ିକୁ ଭାଙ୍ଗିଦେବାକୁ ଜିଲାପାଳ ରାତିଅଧିଆ ଅର୍ଡର ଦେଉଛନ୍ତି। ତହସିଲଦାର ଓ ପୋଲିସ ଯାଇ ରାତି ୩ଟାରେ ଇଟାଭାଟି ଭାଙ୍ଗି ଦେଉଛନ୍ତି। ସେଠାରେ ଯେଉଁମାନେ କାମ କରୁଥିଲେ ସେମାନେ ରୋଜଗାର ହରାଇ ବସୁଛନ୍ତି। ପିଲାଛୁଆଙ୍କ ମୁହଁରେ ଆହାର ଦେବା ପାଇଁ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ବାଧ ହୋଇ ଯାଉଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଲୋକମାନଙ୍କୁ କାମ ମିଳୁନି। ୧୨ ବର୍ଷର ଝିଅକୁ ବନ୍ଧକ ରଖିବାକୁ ପଡୁଛି। ଏହାଠାରୁ ହୃଦୟ ବିଦାରକ ଘଟଣା କିଛି ହୋଇ ନ ପାରେ। ଏହି ଘଟଣାର ତଦନ୍ତ ପାଇଁ ବାଚସ୍ପତି ତୁରନ୍ତ ରୁଲିଂ ଦିଅନ୍ତୁ। ଗୃହର ମଧ୍ୟଭାଗକୁ ଆସି ସାଲୁଜା ହଟ୍ଟଗୋଳ କରିବା ସହ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ। ବାଚସ୍ପତି ରୁଲିଂ ଦେବାକୁ ପ୍ରତିଶ୍ରୁତି ଦେବା ପରେ ସାଲୁଜା ନିଜ ସିଟ୍‌କୁ ଯାଇଥିଲେ। ଏହି ପ୍ରସଙ୍ଗକୁ ନେଇ ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ, ଧରିତ୍ରୀରେ ପ୍ରକାଶିତ ଖବର ଅତ୍ୟନ୍ତ ସମ୍ବେଦନଶୀଳ। ଏହି ଖବର ଉପରେ ତଦନ୍ତ କରିବାକୁ ବାଚସ୍ପତି ତୁରନ୍ତ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ। କଂଗ୍ରେସ ସଦସ୍ୟଙ୍କ ଉଦ୍‌ବେଗକୁ ଦେଖି ବାଚସ୍ପତି ଏହି ଖବର ଉପରେ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ରୁଲିଂ ଦେଇଥିଲେ।

## ୨ ଦାଦନ ସର୍ଦ୍ଦାର ...


ଗିରଫ ଦାଦନ ସର୍ଦ୍ଦାର ଘନ ସା ଓ ବିଦ୍ୟାଧର ସାହୁ।

ହୋଇପଡିଥିଲେ। ବାରମ୍ବାର ଅନୁରୋଧ ପରେ ମଧ୍ୟ ଶୁକଦେବଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଇ ନ ଥିଲା। ଗତ ୮ ତାରିଖରେ ଇଟାଭାଟିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ୱାମୀଙ୍କ ମୃତଦେହ ଗାଁକୁ ନେବାକୁ ଚାହିଁବାରୁ ଇଟାଭାଟି ମାଲିକ ତାଙ୍କ ଝିଅକୁ ବନ୍ଧକ ରଖି ମୃତଦେହ ନେବାକୁ କହିଥିଲେ। ଅସହାୟ ଉଷା ପରାଭୁଏ ନିଜ ନାବାଳିକା ଝିଅକୁ ଇଟାଭାଟି ମାଲିକଙ୍କ ପାଖରେ ବନ୍ଧକ ରଖି ନାବାଳକ ପୁଅ ସହ ସ୍ୱାମୀଙ୍କ ମୃତଦେହ ବନମାଳ ଆଣିଥିଲେ। ଶୁକଦେବଙ୍କ ମୃତଦେହ ଆଣିଥିବା ଆମ୍ବୁଲାନ୍ସକୁ ବନମାଳ ଗାଁ ଲୋକେ ଅଟକ ରଖି ତୁରନ୍ତ ବନ୍ଧକ ନାବାଳିକାଙ୍କୁ ଛାଡିବାକୁ ଦାବି କରିଥିଲେ। ଏହି ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ହଇଚଇ ସୃଷ୍ଟି ହୋଇଥିଲା। ବଲାଙ୍ଗୀର ଜିଲାପାଳ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତେବେ ଘଟଣାକୁ ନେଇ ଶୁକଦେବଙ୍କ ସ୍ତ୍ରୀ ଉଷା ପରାଭୁଏ ସୋମବାର ବେଲପଡା ଥାନାରେ ଦୁଇ ଦାଦନ ସର୍ଦ୍ଦାରଙ୍କ ବିରୋଧରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ଦଫା ୩୭୦, ୩୭୪, ୪୨୦, ୩୪୨, ୩୪ ଧାରା ସହ ୨୫ ଆଇଏସ୍‌ଏମ୍‌ଡବ୍ଲ୍ୟୁ ଆକ୍ଟରେ ଥାନାରେ ଏକ ମାମଲା (୪୪/୨୩) ରୁଜୁ ହୋଇଥିଲା। ତଦନ୍ତ ପରେ ଦୁଇ ଦାଦନ ସର୍ଦ୍ଦାର ଘନ ସା ଓ ବିଦ୍ୟାଧର ସାଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ପାଟଣାଗଡ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତା ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି।

## ମାଟ୍ରିକ୍ ହିନ୍ଦୀ ପ୍ରଶ୍ନ, ସଂସ୍କୃତ...

ଡଙ୍ଗରିଗୁଡ଼ା ହାଇସ୍କୁଲର ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ହିନ୍ଦୀରେ ୬୨, ସଂସ୍କୃତ ୧୦୬, ଭୋକେଶନାଲ ରିଟେଲରରେ ୨୦ ଓ ଇଲେକ୍ଟ୍ରୋନିକ୍ସ ଓ ଆର୍ଡୱେରରେ ୨୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ମଙ୍ଗଳବାର ସକାଳ ୬ ଟା ୧୦ରେ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲା। ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସଂଗ୍ରାମ କେଶରୀ ସାମଲ ପ୍ରଶ୍ନପତ୍ର ଗ୍ରହଣ କରିଥିଲେ। ଏହାପରେ ହିନ୍ଦୀ ପ୍ରଶ୍ନପତ୍ର ଓ ସଂସ୍କୃତ ପରୀକ୍ଷା ଉତ୍ତର ଲିକ୍ ହୋଇ ଭାଇରାଲ ହେବାରେ ଲାଗିଥିଲା। ପ୍ରଶ୍ନ ଓ ଉତ୍ତର ପତ୍ର ଲିକ୍ ପରେ ବିଦ୍ୟାଳୟ ପରିସରରେ କେତେଜଣ ଯୁବକ ପଶିଥିଲେ। ବିଦ୍ୟାଳୟର ପଛପାଖ ପାଚେରି ନ ଥିବାର ସୁଯୋଗ ନେଇ ଅନ୍ୟ ଯୁବକମାନେ ମଧ୍ୟ ସ୍କୁଲରେ ପଶିଥିଲେ। ଖବରଦାତାମାନେ ସ୍କୁଲରେ ପହଞ୍ଚି ଏହାର ଫଟୋ ଓ ଭିଡିଓ ଉତ୍ତୋଳନ ପରେ ସେମାନେ ଚାଲିଯାଇଥିଲେ। ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ତଥା ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ର



ଭାଇରାଲ ହୋଇଥିବା ହିନ୍ଦୀ ପ୍ରଶ୍ନପତ୍ର ଓ ସଂସ୍କୃତ ଉତ୍ତରପତ୍ର ।

ପରୀକ୍ଷା କେନ୍ଦ୍ର ଛାଡ଼ି ବାରମ୍ବାର ବିଦ୍ୟାଳୟ ବାହାରକୁ ଆସି ଏହି କେନ୍ଦ୍ରରୁ ପ୍ରଶ୍ନପତ୍ର ଓ ଉତ୍ତର ଲିକ୍ ବା ଭାଇରାଲ ହୋଇ ନ ଥିବା କହିଥିଲେ। ପ୍ରଶ୍ନପତ୍ର ଭାଇରାଲ ବିକ୍ରମପୁର ପରୀକ୍ଷା କେନ୍ଦ୍ରରୁ ହୋଇଥିବା ବିଭିନ୍ନ ସ୍ତରରୁ ସୂଚନା ପାଇ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ସାଢ଼େ ୯ ଟାରେ ଡିଇଓ ପ୍ରଦୀପ ନାଗ ସେଠାରେ ପହଞ୍ଚି ତଦନ୍ତ କରିଥିଲେ। ପରୀକ୍ଷା ସରିବା ପରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ କର୍ମଚାରୀଙ୍କ ମୋବାଇଲ ଡିଇଓ ଯାଞ୍ଚ କରିଥିଲେ। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ରଙ୍କୁ ପଚାରିବାରୁ ଏଠାରେ ସମସ୍ତଙ୍କ ମୋବାଇଲ ବନ୍ଦ ରଖାଯାଇଥିଲା। ଏଠାରୁ ପ୍ରଶ୍ନପତ୍ର ଲିକ୍ କିମ୍ବା ଭାଇରାଲ ହୋଇନାହିଁ ବୋଲି ସେ କହିଛନ୍ତି। ବିଦ୍ୟାଳୟ ପରିସରକୁ ବାହାର ଯୁବକମାନେ ପଶିଥିଲେ କ'ଣ ପାଇଁ ବୋଲି ପ୍ରଶ୍ନ କରିବାରୁ କେହି ପଶି ନ ଥିଲେ ବୋଲି ସେ କହିଛନ୍ତି। ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି। ପରୀକ୍ଷା ସରିବା ପରେ ଭାଇରାଲ ହେଉଥିବା ହିନ୍ଦୀ ପ୍ରଶ୍ନପତ୍ର ମେଳ ଖାଉଛି। କିନ୍ତୁ ଉକ୍ତ ସେଣ୍ଟରରୁ ଏହା ଭାଇରାଲ ହୋଇ ନାହିଁ। ଅନ୍ୟପଟେ ସଂସ୍କୃତ ଉତ୍ତରଖାତା ବିଷୟରେ ତଦନ୍ତ ଚାଲିଛି। ଘଟଣା ସମ୍ପର୍କରେ ଥାନାରେ ଏତଲା ଦିଆଯିବ ବୋଲି ଡିଇଓ କହିଛନ୍ତି। ତଦନ୍ତ ବେଳେ ଜିଲା ବିଜ୍ଞାନ ସୁପରଭାଇଜର ଚିତ୍ତରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ।

## ଆଜିଠୁ ଡ୍ରାଇଭରଙ୍କ ...

ଡ୍ରାଇଭର ମହାସଂଘ ଭଳି ୬ଟି ସଂଘ ମିଳିତ ଭାବରେ ଏହି ବନ୍ଦ ଡାକରା ଦେଇଛନ୍ତି। ଡ୍ରାଇଭର ମିଳିତ ମଞ୍ଚ ରାଜ୍ୟର ସମସ୍ତ ବ୍ଲକ ଏବଂ ସଦର ମହକୁମାରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ଓହ୍ଲାଇବାକୁ ସଂଘ ଚେତାବନୀ ଦେଇଛି। ବସ୍ ସମେତ ପରିବହନ ସହିତ ଜଡ଼ିତ କୌଣସି ହଳଦିଆ ନମ୍ବର ବିଶିଷ୍ଟ ଗାଡ଼ିକୁ ଯିବାକୁ ଦିଆଯିବ ନାହିଁ ବୋଲି ଏକତା ମଞ୍ଚ କହିଛି। ଅପରପକ୍ଷରେ ଡ୍ରାଇଭର ଏକତା ମହାସଂଘର ଦାବି ଏବଂ ଯୁକ୍ତିକୁ ଅନୁଧ୍ୟାନ କରିବାକୁ ଏକ କମିଟି ଗଠନ କରାଯିବ। ତେଣୁ ଜନସାଧାରଣ, ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରୀଛାତ୍ରଙ୍କ ଯାତାୟାତରେ ଯେଭଳି କୌଣସି ଅସୁବିଧା ନ ହେବ ସେଥିପାଇଁ ଡ୍ରାଇଭର ମହାସଂଘ ଧ୍ୟାନ ଦେବାକୁ ରାଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଟୁଇଟ୍ ଯୋଗେ ଅନୁରୋଧ କରିଛନ୍ତି।

ଏସମ୍ପର୍କରେ ଖୋର୍ଦ୍ଧା ଜିଲା ଡ୍ରାଇଭର ସଂଘ ସଭାପତି ରାଜେଶ ଦାଶ କହିଛନ୍ତି, ଡ୍ରାଇଭରଙ୍କ ପାଇଁ ବୀମା ଓ ପେନ୍‌ସନ ସୁବିଧା କରିବା ସହିତ ରାସ୍ତାକଡ଼ରେ ଶୌଚାଳୟ ଓ ବିଶ୍ରାମାଗାର ନିର୍ମାଣ କରିବା, ଡ୍ରାଇଭରଙ୍କ ପାଇଁ ଏକ ପାଣ୍ଠି ତିଆରି କରିବା ଭଳି ଆମର ୬ ଦାବି ରହିଛି। ସୋମବାର ସରକାର ଆମକୁ ଆଲୋଚନା ପାଇଁ ଡାକିଥିଲେ। ଆମ ଦାବି ପୂରଣ ନେଇ ସବୁ ପ୍ରସ୍ତୁତି ସରିଛି ବୋଲି କହିଥିଲେ। ତେବେ ବିଧାନସଭା ଚାଲିଥିବାରୁ ଏବେ ଘୋଷଣା କରିପାରିବେନି ବୋଲି କହି ସମୟ ମାଗିଥିଲେ। କିନ୍ତୁ ଆମେ ଆମ ଜିଦ୍‌ରେ ଅଟଳ ରହିଛୁ। ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଜାରି ରହିବ। ଯେଉଁ ଗାଡ଼ିର ହଳଦିଆ ନମ୍ବର ପ୍ଲେଟ ଲାଗିଛି ବା ଯେଉଁ ଗାଡ଼ି ପରିବହନ କ୍ଷେତ୍ରରେ ନିୟୋଜିତ ଅର୍ଥାତ୍ ବସ୍, ଟ୍ରକ୍, ଟ୍ୟାକ୍ସି, ଅଟୋ ଏବଂ ଟ୍ରାଭେଲ୍ସ ଗାଡ଼ିଗୁଡ଼ିକୁ ଆମେ ଅଟକାଇବୁ। ତେବେ ପ୍ରାଇଭେଟ ନମ୍ବର ଥିବା ଗାଡ଼ି ଗୁଡ଼ିକୁ ଅଟକାଯିବ ନାହିଁ। ସବୁ ବ୍ଲକ ଓ ଜିଲା ସଦର ମହକୁମାରେ ଆନ୍ଦୋଳନ କରାଯିବ। ସବୁ ପଞ୍ଚାୟତର ମୁଖ୍ୟ ରାସ୍ତାଗୁଡ଼ିକରେ ମଧ୍ୟ ଆନ୍ଦୋଳନ କରାଯିବ ବୋଲି ରାଜେଶ କହିଛନ୍ତି।

ଅପରପକ୍ଷରେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି, ଆମେ ବସ୍ ଚଳାଇବା ନେଇ ସରକାରଙ୍କୁ ଲିଖିତ ଭାବେ ଜଣାଇସାରିଛୁ। ଆମ ପାଖରେ ଯେଉଁ କର୍ମଚାରୀ ଅଛନ୍ତି, ସେମାନେ ଡ୍ରାଇଭର ସଂଘରେ ସାମିଲ ନାହାନ୍ତି। ସେମାନେ ଯେଉଁ ଦାବି କରୁଛନ୍ତି, ତା'ଠାରୁ ଅଧିକ ସୁବିଧା ଆମେ ଆମ କର୍ମଚାରୀମାନଙ୍କୁ ଦେଉଛୁ। ଡ୍ରାଇଭର ସଂଘ ପୂର୍ବରୁ କରିଥିବା ଧର୍ମଘଟରେ ବସ୍‌କୁ ସାମିଲ କରି ନ ଥିଲେ। କିନ୍ତୁ ଏଥର ଯାତ୍ରୀବାହୀ ବସ୍ ଚାଲିପାରିବନି ବୋଲି କହିଛନ୍ତି। ଏହି ବନ୍ଦରୁ ନିବୃତ୍ତ ରହିବାକୁ ଡ୍ରାଇଭର ସଂଘକୁ ଅନୁରୋଧ କରୁଛି। ଷ୍ଟିୟରିଂ ଛାଡ଼ ଆନ୍ଦୋଳନକୁ ପ୍ରତ୍ୟାହାର କରି

## ପ୍ରଥମ ପୃଷ୍ଠାରୁ...

ସରକାରଙ୍କ ସହିତ ଆଲୋଚନା କରନ୍ତୁ। ସରକାରଙ୍କ ନିକଟରେ ଅନଶନ କରନ୍ତୁ ଓ ଧାରଣା ଦିଅନ୍ତୁ। ଆମର ସେଥିରେ କିଛି ସମସ୍ୟା ନାହିଁ। କିନ୍ତୁ ଯାତ୍ରୀବାହୀ ପରିବହନ ବ୍ୟବସ୍ଥାକୁ ଅସୁବିଧାରେ ନ ପକାନ୍ତୁ ବୋଲି ଦେବେନ୍ଦ୍ର ଅନୁରୋଧ କରିଛନ୍ତି। ସେହିଭଳି ରାଜ୍ୟ ଟ୍ରକ୍ ମାଲିକ ସଂଘ ସଭାପତି ପୁରଞ୍ଜନ ପାଢ଼ୀ ଆନ୍ଦୋଳନକୁ ସମର୍ଥନ କରୁ ନ ଥିବା କହିଛନ୍ତି। ନିଖିଳ ଓ ଅଟୋ ମହାସଂଘ ମଧ୍ୟ ବିରୋଧ କରିଛି। ମହାସଂଘର ସାଧାରଣ ସମ୍ପାଦକ ପଦ୍ମନ କୁମାର ସାମଲ କହିଛନ୍ତି, ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀ (ଡ୍ରାଇଭର ମହାସଂଘ) ଏହି ଆନ୍ଦୋଳନ ଡାକରା ଦେଇଛି। ସେମାନେ ଏହି ଆନ୍ଦୋଳନ ଡାକରା ଦେବା ପୂର୍ବରୁ ସମସ୍ତଙ୍କୁ ସାଙ୍ଗରେ ନେଇଥିଲେ ଭଲ ହୋଇଥାନ୍ତା। ଛୋଟବଡ଼ ବହୁତ ଗାଡ଼ି ଅଛି। ଏପରି କି ଅନେକ ଗାଡ଼ି ଅଛି, ଯାହାର ମାଲିକ ମଧ୍ୟ ଡ୍ରାଇଭର। ସେମାନେ କେବେ ବି ବନ୍ଦରେ ସାମିଲ ହେବାକୁ ଚାହିଁବେ ନାହିଁ। ଏବେ ମାଟ୍ରିକ ସମେତ ଅନ୍ୟାନ୍ୟ ପରୀକ୍ଷା ମଧ୍ୟ ଚାଲିଛି। ବିଧାନସଭା ଅଧିବେଶନ ବି ଚାଲିଛି। ଏହି ସମୟରେ ଆନ୍ଦୋଳନ କରିବା ଠିକ୍ ହେବ ନାହିଁ ବୋଲି ପଦ୍ମନ କହିଛନ୍ତି। ଓଡ଼ିଶା ମୋଟର ଚାଳକ ସଂଘ ରାଜ୍ୟ ସଭାପତି ଅକ୍ଷୟ କୁମାର ନାୟକ ଆନ୍ଦୋଳନ ସମୟରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ, ସେଥିପ୍ରତି ଧ୍ୟାନ ଦେବା ସହ ଶାନ୍ତିପୂର୍ଣ୍ଣଭାବେ ଆନ୍ଦୋଳନ କରିବାକୁ ଡ୍ରାଇଭରମାନଙ୍କୁ କୁହାଯାଇଛି ବୋଲି କହିଛନ୍ତି।

## ଗର୍ଭବତୀଙ୍କୁ ବଳାତ୍କାର, ...


ଗିରଫ ଆଶାକର୍ମୀ ଓ ତାଙ୍କ ସ୍ୱାମୀ

ବାଇକ୍‌ରେ ବସିବେ ନାହିଁ ବୋଲି କହିବାରୁ ଅଭିଯୁକ୍ତ ଲିଳିଆ ଧମକଚମକ ଦେଇ ତାଙ୍କୁ ଗାଡ଼ିରେ ବସାଇଥିଲେ। ପରବର୍ତ୍ତୀ ସମୟରେ ପୀଡ଼ିତାଙ୍କୁ ମେଡିକାଲ ନ ନେଇ ପଦ୍ମାଙ୍କ ମାଉସୀ ଘରକୁ ନେଇଯାଇଥିଲେ। ସେଠାରେ ଏକ କୋଠରିରେ ବନ୍ଦକରି ଲିଳିଆ ପୀଡ଼ିତାଙ୍କୁ ବଳାତ୍କାର କରିଥିଲେ। ପୂରା ବଳାତ୍କାର ଘଟଣାକୁ ପଦ୍ମା ମୋବାଇଲରେ ଭିଡିଓ କରିଥିଲେ। ଏହି କଥା ବାହାରେ ପ୍ରଘଟ କଲେ ଭିଡିଓ ଭାଇରାଲ କରିବା ସହ ଜୀବନରେ ମାରିଦେବାକୁ ସେ ଧମକ ଦେଇଥିଲେ। ଏହାପରେ ପୀଡ଼ିତାଙ୍କୁ ଗାଁରେ ଆଣି ଛାଡ଼ିଥିଲେ। ପୀଡିତା ସେହି ସମୟରେ କାହାକୁ କିଛି କହି ନ ଥିଲେ। କିନ୍ତୁ ମାନସିକ ସ୍ତରରେ ବିଚଳିତ ହୋଇ ଗତ ୧୧ ତାରିଖରେ ଆତ୍ମହତ୍ୟା କରିବାକୁ ବାହାରିଥିଲେ। ପରିବାର ଲୋକେ ଏହାର କାରଣ ପଚାରିବାରୁ ସେ ୨୮ ତାରିଖର ଘଟଣା ସବୁ କହିଥିଲେ। ଗ୍ରାମବାସୀ ଓ ସମ୍ପର୍କୀୟ ସୋମବାର ଖାତିଗୁଡ଼ା ଥାନାରେ ଏତଲା ଦେଇଥିଲେ। ପୋଲିସ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରିବା ସହ ଅଭିଯୁକ୍ତ ସ୍ୱାମୀ ସ୍ତ୍ରୀଙ୍କୁ ଗିରଫ କରିଛି। କେସ୍ ନମ୍ବର ୨୬/୨୩ରେ ପୋଲିସ ମାମଲା ରୁଜୁକରି ଉଭୟଙ୍କୁ କୋର୍ଟଚାଲାଣ କରିଛି।

## ବିଶ୍ୱର ଅଷ୍ଟମ ପ୍ରଦୂଷିତ...

ଅନ୍ୟପକ୍ଷେ ବିଶ୍ୱର ୫୦ ପ୍ରଦୂଷିତ ସହର ସୂଚୀରେ ଭାରତର ୩୯ ସହର ସ୍ଥାନ ପାଇଛି। ଶୀର୍ଷ ୧୦ ସହର ମଧ୍ୟରେ ଭାରତର ୬ ସହର ରହିଥିବାବେଳେ ଶୀର୍ଷ ୨୦ରେ ୧୪ ସହର ଅଛି। ଗାଜିଆବାଦ୍ ବାୟୁରେ ପିଏମ୍ ୨.୫ ସ୍ତର ସର୍ବାଧିକ ୮୮ ମାଇକ୍ରୋଗ୍ରାମ୍ସ ଥିବାବେଳେ ଗୁରୁଗ୍ରାମରେ ୭୦ ମାଇକ୍ରୋଗ୍ରାମ୍ସ ରହିଛି। ସେହିପରି ନୋଏଡା, ଗାଜିଆବାଦ୍, ଫରିଦାବାଦ ଆଦି ସହରରେ ବାୟୁ ପ୍ରଦୂଷଣର ମାତ୍ରା ପୂର୍ବ ଅପେକ୍ଷା କମିଛି। ପାକିସ୍ତାନର ଲାହୋର ସହର ଏହି ସୂଚୀରେ ପ୍ରଥମ ସ୍ଥାନରେ ଥିବାବେଳେ ଦ୍ୱିତୀୟରେ ଚାଇନାର ହୋଟାନ୍ ସହର ରହିଛି। ଅନ୍ୟପକ୍ଷେ ରାଜସ୍ଥାନର ଭିୱାଡି ସହର ତୃତୀୟ ଏବଂ ଦିଲ୍ଲୀ ଯଥାକ୍ରମେ ଚତୁର୍ଥ ସ୍ଥାନ ଅଧିକାର କରିଛି। ଦକ୍ଷିଣ ଏସିଆର ୭୨ଟି ସହର ବିଶ୍ୱର ୧୦୦ ପ୍ରଦୂଷିତ ସହର ତାଲିକାରେ ସ୍ଥାନ ପାଇଛନ୍ତି। ଅଧିକାଂଶ ସହର ଭାରତ, ପାକିସ୍ତାନ, ବାଂଲାଦେଶର ହୋଇଥିବା ଜଣାପଡ଼ିଛି। ବାୟୁ ପ୍ରଦୂଷଣ ବଢ଼ିବା ଶିଶୁ, ମଧୁମେହ ରୋଗୀ, ଆଜ୍ମା ଆକ୍ରାନ୍ତ, କ୍ୟାନ୍‌ସର ପୀଡ଼ିତ ଏବଂ ବୟସ୍କଙ୍କ ପାଇଁ ଘାତକ। ବାୟୁରେ ପିଏମ୍ ୨.୫ର ମାତ୍ରା ବଢ଼ିବା ଦ୍ୱାରା ମଣିଷ ସ୍ୱାସ୍ଥ୍ୟ ପ୍ରତି ଏହା ହାନିକାରକ।

# ଗ୍ରାହକ ସନ୍ତୁଷ୍ଟିକୁ ଅଗ୍ରାଧିକାର

**ପାରିବାରିକ ବ୍ୟବସାୟ ଓ ବାଣିଜ୍ୟ ବିଭାଗର ଛାତ୍ର ହୋଇଥିବାରୁ ବ୍ୟବସାୟ ପ୍ରତି ଅହେତୁକ ଆଗ୍ରହ ରହିଥିଲା। ପରବର୍ତ୍ତୀ ସମୟରେ ଉଚ୍ଚଶିକ୍ଷା ଶେଷକରି ବାପାଙ୍କ ସହ ବ୍ୟବସାୟରେ ସମ୍ପୂର୍ଣ୍ଣ ଭାବେ ଜଡ଼ିତ ହୋଇଥିଲି। ସମୟକ୍ରମେ ନୂତନ ବ୍ୟବସାୟର ଅୟମାରମ୍ଭ ସହ ବ୍ୟବସାୟରେ ଅଭିବୃଦ୍ଧି ପାଇଁ ଆବଶ୍ୟକ କାର୍ଯ୍ୟ ଓ କଠିନ ପରିଶ୍ରମ ମଧ କରିଥିଲି। ବହୁ ଘାତପ୍ରତିଘାତ ଫଳରେ ବ୍ୟବସାୟକୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳନା କରିବା ସହିତ ନୂଆ ନୂଆ ବ୍ୟବସାୟରେ ମଧ ପ୍ରବେଶ କଲି। ପାରିବାରିକ ବ୍ୟବସାୟରୁ ଏକ ପ୍ରତିଷ୍ଠିତ ବ୍ୟବସାୟ ମଧରେ ଅନେକ ସ୍ୱୀକୃତି ଓ ସଫଳତା ଅର୍ଜନ କରିଛି। ସେହି ସଫଳ ବ୍ୟବସାୟୀ ତଥା ଆକାଶ ମୋଟର୍ସ ପ୍ରାଇଭେଟ ଲିମିଟେଡ୍(ଏଏମ୍‌ପିଏଲ୍)ର ଏମ୍‌ଡି ଆକାଶ ଅଗ୍ରୱାଲଙ୍କ ସହ ଧରିତ୍ରୀର ବିଶେଷ ଆଳାପ...**

ଧରିତ୍ରୀ | OrissaPOST BUSINESS EMINENCE AWARDS


ଆକାଶ ଅଗ୍ରୱାଲ

**ପ୍ର-୧: ବାଣିଜ୍ୟ ଛାତ୍ରରୁ ବ୍ୟବସାୟିକ ଯାତ୍ରାର ଅୟମାରମ୍ଭ କିଭଳି ରହିଥିଲା?**

ଉ- ଦୀର୍ଘଦିନର ପାରିବାରିକ ବ୍ୟବସାୟିକ ପରିବେଶ ମଧ୍ୟରେ ଆମେ ବଢ଼ିଛୁ। ଏପରିକି ପିଲାଟି ଦିନରୁ ଆମେ ଆମ ବାପାଙ୍କୁ ବ୍ୟବସାୟ କରିଆସୁଥିବା ଦେଖିଛୁ। ବିଶେଷକରି ୧୯୯୩ରେ ମୋର ଉଚ୍ଚଶିକ୍ଷା (ବାଣିଜ୍ୟ ସ୍ନାତକ) ଶେଷ ହେବା ପରେ ମୁଁ ପ୍ରାଥମିକ ସ୍ତରରେ ବାପାଙ୍କ ସହ ବ୍ୟବସାୟରେ ସହଯୋଗ କରିବା ପାଇଁ ଜଡିତ ହୋଇଥିଲି। ସମୟକ୍ରମେ ମୁଁ ବ୍ୟବସାୟରେ ଆବଶ୍ୟକ ନୀତିନିୟମ ଓ କାର୍ଯ୍ୟଶୈଳୀ ଭଲ ଭାବେ ଜାଣିଲା ପରେ ଅନ୍ୟ ବ୍ୟବସାୟ ଆରମ୍ଭ ପାଇଁ ଆଶାପ୍ରକଟ କରୁଥିଲି। ସେହି ସମୟରେ ହିରୋ କମ୍ପାନୀର ଏକ ବିଜ୍ଞାପନ ଆଧାରରେ ଗାଡ଼ି ବ୍ୟବସାୟ ପ୍ରତି ମନବଳାଇବା ଏବଂ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ୧୯୯୯ରେ ଆନୁଷ୍ଠାନିକ ଭାବେ ହିରୋ ଡିଲରଶିପ ଜରିଆରେ ଆକାଶ ମୋଟର୍ସ ନାମରେ ଗାଡ଼ି ବ୍ୟବସାୟ ଆରମ୍ଭ କରିଥିଲି। ବହୁ ଘାତପ୍ରତିଘାତ ମଧ୍ୟରେ ଗାଡି ବ୍ୟବସାୟ ସହ ଅନ୍ୟ କେତେକ ବ୍ୟବସାୟିକ ସେବା ମନୋବୃତ୍ତି ଓ ଗ୍ରାହକ ସନ୍ତୁଷ୍ଟି ଆଧାରରେ ଆଗକୁ ଆଗକୁ ବଢ଼ି ଚାଲିଛି।

**ପ୍ର-୨: ଆକାଶ ମୋଟର୍ସର ଯାତ୍ରା କିଭଳି ରହିଛି?**

ଉ- ଦୀର୍ଘ ପ୍ରୟାସ ପରେ ୧୯୯୯ରେ ଆନୁଷ୍ଠାନିକ ଭାବେ ଆକାଶ ମୋଟର୍ସର ଅୟମାରମ୍ଭ ଏକ ଚ୍ୟାଲେଞ୍ଜ ମଧ୍ୟରେ ଆରମ୍ଭ ହୋଇଥିଲା। ବରଗଡ଼ ଭଳି କୃଷିପ୍ରଧାନ ଜିଲା ଓ ଗ୍ରାମୀଣ ସହରରେ ହିରୋ ଗାଡ଼ି ବିକ୍ରି ହେବ ନାହିଁ ବୋଲି କମ୍ପାନୀ ଆଶାପୋଷଣ କରୁଥିବା ବେଳେ ଆକାଶ ମୋଟର୍ସ ଆରମ୍ଭର ୬ ମାସ ମଧ୍ୟରେ ମାସିକ ୨ ଗୁଣା ଗାଡ଼ି ଧାର୍ଯ୍ୟଲକ୍ଷ୍ୟଠାରୁ ବିକ୍ରି କରିଥିଲା। ଏପରିକି ସମଗ୍ର ପଶ୍ଚିମ ଓଡ଼ିଶାରେ ଆକାଶ ମୋଟର୍ସର ବିକ୍ରି ଓ ବିକ୍ରି ପରବର୍ତ୍ତୀ ସେବା ସାରା ରାଜ୍ୟରେ ପ୍ରଚାରିତ ହୋଇଯାଇଥିଲା। ବିଶେଷକରି କମ୍ପାନୀର ବିଶ୍ୱାସ ଓ ଗ୍ରାହକଙ୍କ ଭରସା ବ୍ୟବସାୟ ଅଗ୍ରଗତିରେ ବେଶ୍ ସହାୟକ ହୋଇଛି। ବିଗତ ୨ ଦଶନ୍ଧି ମଧ୍ୟରେ ଆକାଶ ମୋଟର୍ସ ୧ ଲକ୍ଷରୁ ଅଧିକ ଗାଡ଼ି ବିକ୍ରି କରିପାରିଛି।

**ପ୍ର-୩: ବ୍ୟବସାୟିକ ସମ୍ପ୍ରସାରଣର ଆଭିମୁଖ୍ୟ କ'ଣ ରହିଛି?**

ଉ- ବର୍ତ୍ତମାନର ପ୍ରତିଯୋଗିତାମୂଳକ ବ୍ୟବସାୟରେ ଗୁଣାତ୍ମକ ସେବା ଓ ସାମଗ୍ରୀ ସାଙ୍ଗକୁ ଲୋକସମ୍ପର୍କର ମଧ ଆବଶ୍ୟକତା ରହିଛି। ତଥାପି ବର୍ତ୍ତମାନର ବ୍ୟବସାୟ (ହିରୋ ଗାଡି ଶୋ'ରୁମ୍, ତନିସ୍କ ଅଳଙ୍କାର ପ୍ରତିଷ୍ଠାନ ଓ ଟାଇଟନ)ର ଆଧୁନିକୀକରଣ ସାଙ୍ଗକୁ ବିକ୍ରି ବୃଦ୍ଧି ଓ ଗ୍ରାହକସନ୍ତୁଷ୍ଟି ସହିତ ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱାରୋପ କରାଯାଉଛି। ଆଗାମୀ ଦିନରେ ଫର୍ନିଚର ଏବଂ ଅଳଙ୍କାର ବ୍ୟବସାୟରେ ନୂତନ ଆଉଟଲେଟ ଖୋଲିବାର ଯୋଜନା ରହିଛି।

**ପ୍ର-୪: ବ୍ୟବସାୟରେ ବ୍ରାଣ୍ଡ କେତେ ସାହାଯ୍ୟ କରିଥାଏ?**

ଉ- ସବୁ ବ୍ୟବସାୟରେ ବ୍ରାଣ୍ଡର ଭୂମିକା ରହିଥାଏ। ହେଲେ ଗାଡି ବ୍ୟବସାୟରେ ହିରୋ ବ୍ରାଣ୍ଡ ବର୍ତ୍ତମାନ ମଧ ସବୁ କ୍ଷେତ୍ରରେ ବେଶ୍ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି। ଏପରିକି ବ୍ୟବସାୟରେ ବ୍ରାଣ୍ଡ୍ ଯେତିକି ସହାୟ ହୋଇଥାଏ, ସେହି ଅନୁଯାୟୀ ବ୍ୟବସାୟିକ ପ୍ରତିଷ୍ଠାନ (ଆକାଶ ମୋଟର୍ସ)ର ଭୂମିକା ସହିତ ଗ୍ରାହକଙ୍କ ନିକଟତର ହେବା ପାଇଁ ଅନେକ ପଦକ୍ଷେପ ଏବଂ ସୁବିଧା ଯୋଗାଇବାକୁ ପଡିବ। ତଥାପି ବ୍ୟବସାୟରେ କଠିନ ପରିଶ୍ରମ ଓ ସହନଶୀଳତାକୁ ମୂଳମନ୍ତ୍ର କରିବାକୁ ହେବ।

**ପ୍ର-୫: କୋଭିଡ୍ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଚାହିଦା କିଭଳି ରହିଛି?**

ଉ- କୋଭିଡ ପୂର୍ବରୁ ଦୁଇ ଚକିଆ ଯାନ ବିକ୍ରି ଏବଂ ଚାହିଦା ଭଲ ରହିଥିଲା। ହେଲେ କୋଭିଡ୍ କାରଣରୁ ଅଟୋଶିଳ୍ପରେ ଅନେକ ସମସ୍ୟା ସାଙ୍ଗକୁ ମାନ୍ଦାବସ୍ଥା ଲାଗିରହିଛି। ଫଳରେ କୋଭିଡ୍ ପରବର୍ତ୍ତୀ ସମୟରେ ବଜାରରେ ସୁଧାର ଆସୁଛି ହେଲେ ଚାହିଦା ପୂର୍ବ ଭଳି ନାହିଁ। ଆସନ୍ତା ଆର୍ଥିକ ବର୍ଷରେ ସ୍ଥିତିରେ ସୁଧାର ଆସିବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ଗ୍ରାହକଙ୍କୁ ଆବଶ୍ୟକ ସେବା ଯୋଗାଇଦେବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏପରିକି ବ୍ୟବସାୟର ଅଭିବୃଦ୍ଧି ପାଇଁ ଉଭୟ କମ୍ପାନୀ ଓ ଶୋ'ରୁମ୍ ପକ୍ଷରୁ ମଧ ଗ୍ରାହକଙ୍କୁ ଅନେକ ସୁବିଧା ଓ ସହଯୋଗ ଯୋଗାଇବାକୁ ହେଉଛି।

**ପ୍ର- ୬: ଅବସର ସମୟରେ କିପରି ସମୟ କାଟିଥାନ୍ତି?**

ଉ- ବର୍ତ୍ତମାନ ସମୟରେ ଅବସର ପାଇଁ ସମୟ ମିଳୁ ନାହିଁ, କାରଣ ପ୍ରତିଯୋଗିତାମୂଳକ ବ୍ୟବସାୟରେ ବିଭିନ୍ନ କାର୍ଯ୍ୟକ୍ରମ ଓ ପଦକ୍ଷେପମାନ ଗ୍ରାହକଙ୍କ ପାଇଁ ନେବାକୁ ପଡୁଛି। ବ୍ୟବସାୟରେ ତିଷ୍ଠି ରହିବାକୁ ହେଲେ ଗ୍ରାହକଙ୍କ ପାଇଁ ସବୁ କିଛି କରିବାକୁ ହେବ। ସବୁ ପରେ ଯେଉଁ କିଛି ସମୟ ମିଳିଥାଏ ପରିବାର ଓ ପରିଜନ ସହ ବିତାଇବାକୁ ଭଲଲାଗେ। ବିଶେଷ ସମୟରେ ଧାର୍ମିକ କାର୍ଯ୍ୟରେ ଯୋଗଦେବା ସହ ସାମାଜିକ କାର୍ଯ୍ୟରେ ମଧ ନିୟୋଜିତ ହୋଇଥାଏ।

# ତୈଳ, ପ୍ରାକୃତିକ ବାଷ୍ପ ଗବେଷଣା ପାଇଁ ୪ ବୁଝାମଣା ପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

ଭାରତରେ ତୈଳ ଓ ପ୍ରାକୃତିକ ବାଷ୍ପ କ୍ଷେତ୍ରରେ ଅଧିକ ଗବେଷଣା ସହ ବିକାଶ ପାଇଁ ଓଏନ୍‌ଜିସି ଅନ୍ତର୍ଜାତୀୟ ସଂସ୍ଥାର ସହଯୋଗ ନେଇଛି। ଏଥିପାଇଁ ଓଏନ୍‌ଜିସି ୪ଟି ବିଶ୍ୱବିଦ୍ୟାଳୟ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ବିଶ୍ୱବିଦ୍ୟାଳୟର ସହଯୋଗ ଓ ସହଭାଗିତାରେ ଦେଶରେ ତେଳ ଓ ପ୍ରାକୃତିକ ବାଷ୍ପ କ୍ଷେତ୍ରରେ ବଡ଼ ସମ୍ଭାବନା ଆସିପାରିବ। ବିଜେଡି ଏମ୍‌ପି ମାନସ ରଞ୍ଜନ ମଙ୍ଗରାଜଙ୍କ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତର ରଖି ତୈଳ ଓ ପ୍ରାକୃତିକ ବାଷ୍ପ ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲୀ ଏହା କହିଛନ୍ତି। ମାନସ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, କାନାଡାର କାଲଗାରି ବିଶ୍ୱବିଦ୍ୟାଳୟ, ଅଷ୍ଟ୍ରେଲିଆର ସାଉଥ ୱେଲ୍ସ ବିଶ୍ୱବିଦ୍ୟାଳୟ, ରୁଷିଆର କାଜାନ ଫେଡେରାଲ ବିଶ୍ୱବିଦ୍ୟାଳୟ ଏବଂ ମସ୍କୋର କୋଲକୋଭ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ସହ ଓଏନ୍‌ଜିସି ଏମ୍‌ଓୟୁ ସ୍ୱାକ୍ଷର କରିଛି। ଏହାଦ୍ୱାରା ଏ କ୍ଷେତ୍ରରେ ଅଧିକ ଗବେଷଣା ସହ ନୂଆ ସ୍ଥାନ ଅନୁଧାନ କରିହେବ ବୋଲି ସେ କହିଛନ୍ତି।

DSPL - 497

ବିଶ୍ୱ ଖାଉଟି ଅଧିକାର ଦିବସ-୨୦୨୩
ବାର୍ତ୍ତା



ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୧୫ ତାରିଖକୁ ବିଶ୍ୱ ଖାଉଟି ଅଧିକାର ଦିବସ ଭାବରେ ପାଳନ କରାଯାଇଥାଏ । ଉପଭୋକ୍ତାମାନଙ୍କର ସ୍ୱାର୍ଥକୁ ସମ୍ମାନ ଓ ସୁରକ୍ଷା ଯୋଗାଇ ଦେବା ଓ ସେମାନଙ୍କୁ ଶୋଷଣ କରୁଥିବା ଗୋଷ୍ଠୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ସହିତ ଉପଭୋକ୍ତାମାନଙ୍କ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ଅବଗତ କରାଇବା ଏହି ଦିବସର ପ୍ରକୃତ ଉଦ୍ଦେଶ୍ୟ ।

ଉପଭୋକ୍ତା ଅଧିକାରକୁ ଅଧିକ ସୁଦୃଢ଼ କରିବା ପାଇଁ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ, ୨୦୧୯ର ପ୍ରବର୍ତ୍ତନ କରାଯାଇଅଛି । ଉପଭୋକ୍ତା ସୁରକ୍ଷା ଆଇନ ଅନୁଯାୟୀ ରାଜ୍ୟର ଉପଭୋକ୍ତାମାନଙ୍କୁ ସମୟୋଚିତ ନ୍ୟାୟ ପ୍ରଦାନ ନିମନ୍ତେ ଜିଲ୍ଲାସ୍ତରରେ ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ଏବଂ ରାଜ୍ୟରେ ରାଜ୍ୟସ୍ତରୀୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ସ୍ଥାପନ କରାଯାଇ ତ୍ୱରିତ ଓ ସ୍ୱଳ୍ପ ଖର୍ଚ୍ଚରେ ସୁରକ୍ଷା ପ୍ରଦାନ କରାଯାଉଅଛି ।

ଜିଲ୍ଲାସ୍ତରରେ ଉପଭୋକ୍ତାମାନଙ୍କୁ ସହାୟତା ଯୋଗାଇ ଦେବା ନିମନ୍ତେ ଗୋଟିଏ ଲେଖାଏଁ ଖାଉଟି ପରାମର୍ଶ କେନ୍ଦ୍ର କାର୍ଯ୍ୟ କରୁଅଛି ଓ ରାଜ୍ୟ ସ୍ତରରେ ରାଜ୍ୟ ଉପଭୋକ୍ତା ପରାମର୍ଶ କେନ୍ଦ୍ର କାର୍ଯ୍ୟ କରୁଅଛି ଓ ରାଜ୍ୟ ସ୍ତରରେ ରାଜ୍ୟ ଉପଭୋକ୍ତା ପରାମର୍ଶ କେନ୍ଦ୍ର କାର୍ଯ୍ୟ କରୁଅଛି । ଏଥି ସହିତ, ରାଜ୍ୟରେ ଖାଉଟି କଲ୍ୟାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ଉପଭୋକ୍ତା ସଚେତନତା ପ୍ରତିଷ୍ଠାନ ଗଠନ କରାଯାଇଛି ।

ବିଭିନ୍ନ ଉପଭୋକ୍ତା ସଂଗଠନ, ଉପଭୋକ୍ତା ଆନ୍ଦୋଳନ ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକ ଖାଉଟିମାନଙ୍କ ସ୍ୱାର୍ଥସୁରକ୍ଷା ଅଭିଯାନରେ ସାମିଲ ହେବା ଏକାନ୍ତ ଆବଶ୍ୟକ । ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ଅଭିଯାନକୁ ଅଧିକ ଗତିଶୀଳ, ସକ୍ରିୟ ଓ ଲୋକାଭିମୁଖୀ କରି ଏହାର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆମେ ସମସ୍ତେ ମିଳିମିଶି ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବା ।

(ଅତନୁ ସବ୍ୟସାଚୀ ନାୟକ)
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ

OIPR-07001/13/0021/2223

# ତଦନ୍ତ ଅଗ୍ରଗତି ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ହାଇକୋର୍ଟରେ ଅର୍ଚ୍ଚନା ନାଗଙ୍କ ଜାମିନ ଆବେଦନ ମାମଲା**

**କଟକ ଅଫିସ,୧୪।୩**

ଅର୍ଚ୍ଚନା ନାଗଙ୍କ ଜାମିନ ଆବେଦନ ମାମଲାର ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଛି। ମୂଳ ମାମଲା ତଦନ୍ତର ଅଗ୍ରଗତି ନେଇ ରିପୋର୍ଟ ଦାଖଲ କରିବାକୁ ବିଚାରପତି ଭି. ନରସିଂହଙ୍କ ଖଣ୍ଡପୀଠ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପରବର୍ତ୍ତୀ ଶୁଣାଣି ପୂର୍ବରୁ ନୟାପଲ୍ଲୀ ଥାନାରେ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜାଙ୍କ ମାମଲାର ରିପୋର୍ଟ ଦାଖଲ କରିବାକୁ ମଧ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୧କୁ ଧାର୍ଯ୍ୟ ହୋଇଛି।

ସୂଚନାଯୋଗ୍ୟ, ଅର୍ଚ୍ଚନାଙ୍କ ଜାମିନ ଆବେଦନ ତଳ କୋର୍ଟରେ ଖାରଜ ହେବା ପରେ ଜାମିନ ପାଇଁ ସେ ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟ ଜାନୁୟାରୀ ୬ରେ ଆବେଦନର ଶୁଣାଣି କରି କେସ୍ ଡାଏରି ଦାଖଲ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଯୋଜକ ପରିଜାଙ୍କ ଏତଲା ଆଧାରରେ ନୟାପଲ୍ଲୀ ଥାନାରେ ରୁଜୁ ମାମଲାରେ ଜାମିନ ପାଇଁ ଅର୍ଚ୍ଚନା ଗତ ଜାନୁୟାରୀ ୨ ତାରିଖରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ବିଶ୍ୱଚନ୍ଦନ ମହାନ୍ତି ଏହି ମାମଲା ପରିଚାଳନା କରୁଛନ୍ତି। ପୂର୍ବରୁ ଜାନୁୟାରୀ ୯ରେ ଅର୍ଚ୍ଚନାଙ୍କ ମାମଲାର ଶୁଣାଣି ହାଇକୋର୍ଟରେ ହୋଇଥିଲା। ଶୁଣାଣିବେଳେ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ହୋଇସାରିଥିବା ସ୍ପଷ୍ଟ ହୋଇଥିଲା। ଏଥିସହ ସରକାରଙ୍କ ପକ୍ଷରୁ ତଦନ୍ତର ସାନି ସ୍ଥିତିକୁ ନେଇ ମଧ କୋର୍ଟଙ୍କୁ ଅବଗତ କରାଯାଇଥିଲା। ଚାର୍ଜଶିଟ୍‌ରେ ଉଲ୍ଲେଖ କରାଯାଇଥିବା ନଥିପତ୍ରର କପି କିନ୍ତୁ ଅଭିଯୁକ୍ତ ଏପର୍ଯ୍ୟନ୍ତ ପାଇପାରି ନାହାନ୍ତି ବୋଲି ଜଣାଯାଇଥିଲା। ଏଭଳି ସ୍ଥିତିରେ ମାର୍ଚ୍ଚ ୧୪ରେ ମାମଲାର ଶୁଣାଣି ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

# ଅବକାରୀ କନ୍‌ଷ୍ଟେବଲ ଗିରଫ, ନିଲମ୍ବନ ସୁପାରିସ

**ଘରୁ ମିଳିଥିଲା ୪୨ କେଜି ଗଞ୍ଜେଇ**

**ରାୟଗଡ଼ା,(ସ୍ୱ.ପ୍ର.)/ରାୟଗଡ଼ା ଅଫିସ,୧୪।୩**

ରାୟଗଡ଼ାର ଜଣେ ଅବକାରୀ କନଷ୍ଟେବଲଙ୍କ ଘରେ ପୋଲିସ ଓ ଏସ୍‌ଟିଏଫ୍ ସୋମବାର ରାତିରେ ଚଢ଼ାଉ କରି ଗଞ୍ଜେଇ ଜବତ କରିଥିଲା। ମଙ୍ଗଳବାର ସମ୍ପୃକ୍ତ କନଷ୍ଟେବଲ ଦୀପକ ପାଣିଗ୍ରାହୀଙ୍କୁ ଗିରଫ କରାଯାଇଛି। ତାଙ୍କୁ ଚାକିରିରୁ ନିଲମ୍ବନ କରିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ସୁପାରିଶ କରାଯାଇଛି।

ପ୍ରକାଶ ଯେ, ଅବକାରୀ କନଷ୍ଟେବଲ ଦୀପକ ରାୟଗଡ଼ା କସ୍ତୁରୀ ନଗରସ୍ଥିତ ନିଜ ଘରେ ଗଞ୍ଜେଇ ରଖିଥିବା ପୋଲିସକୁ ସୂଚନା ମିଳିଥିଲା। ସ୍ୱତନ୍ତ୍ର ସ୍କ୍ୱାର୍ଡ ସହାୟତାରେ ପୋଲିସ ତାଙ୍କ ଘରେ ଚଢ଼ାଉ କରି ଗଞ୍ଜେଇ ଜବତ କରିବା ସହ କନଷ୍ଟେବଲ ଦୀପକଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ମଙ୍ଗଳବାର ମାଜିଷ୍ଟ୍ରେଟ ତଥା ତହସିଲଦାର ତାପସ ରାଉତଙ୍କ ଉପସ୍ଥିତିରେ ଦୀପକଙ୍କ ଘରୁ ଜବତ ଗଞ୍ଜେଇ ଓଜନ କରାଯିବାରେ ୪୨କେଜି ୨୪୦ଗ୍ରାମ୍‌ର ବୋଲି ଜଣାପଡ଼ିଥିଲା। ଏ ନେଇ ନଂ.୮୪/୨୩ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ କନଷ୍ଟେବଲ୍ ଦୀପକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି କେ. କେ. ବି. କେ. କହଁର ସୂଚନା ଦେଇଛନ୍ତି। ଅନ୍ୟପଟେ କନଷ୍ଟେବଲ ଦୀପକଙ୍କୁ ଚାକିରିରୁ ନିଲମ୍ବନ କରିବା ପାଇଁ ଜିଲାପାଳଙ୍କ ଜରିଆରେ ସୁପାରିସ କରାଯାଇଛି ବୋଲି ଅବକାରୀ ଅଧୀକ୍ଷକ ଅଭିରାମ ବେହେରା ସୂଚନା ଦେଇଛନ୍ତି।



ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ୧୫ ମାର୍ଚ୍ଚ, ୨୦୨୩

ସାଧାରଣ ଜୀବନଟି ହେଉଛି-ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। -ଶ୍ରୀମା



# ବ୍ୟାଙ୍କ ଡୁବିଲେ

ଆମେରିକାର ଅନ୍ୟତମ ବୃହତ୍ ବାଣିଜ୍ୟିକ ବ୍ୟାଙ୍କ ସିଲିକନ୍ ଭ୍ୟାଲି ବ୍ୟାଙ୍କ (ଏସ୍‌ଭିବି) ବନ୍ଦ ହେବାର ଦୁଇ ଦିନ ପରେ ଅର୍ଥାତ୍ ୧୩ ମାର୍ଚ୍ଚ ୨୦୨୩ରେ ନ୍ୟୁୟର୍କର ସିଗ୍‌ନେଚର ବ୍ୟାଙ୍କ ବୁଡ଼ିଯାଇଛି। ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର କୁହାଯାଉଥିବା ଆମେରିକାର ଫେଡେରାଲ ରିଜର୍ଭ ସିଷ୍ଟମ୍ କ୍ରମାଗତ ସୁଧହାର ବଢ଼ାଇବାରୁ ତାହାର ସିଧାସଳଖ ପ୍ରଭାବ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଉପରେ ପଡ଼ିଛି। ବୃହତ୍ ଟେକ୍ନୋଲୋଜି କମ୍ପାନୀ ଓ ଷ୍ଟାର୍ଟଅପ୍‌ଗୁଡ଼ିକୁ ଋଣ ପ୍ରଦାନ କରିଆସୁଥିବା ବ୍ୟାଙ୍କ ଅର୍ଥ ପରିଚାଳନାରେ ବିଫଳ ହେବାରୁ କାଲିଫର୍ନିଆ ବ୍ୟାଙ୍କିଙ୍ଗ୍ ରେଗୁଲେଟର୍ସ ଏସ୍‌ଭିବିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲା। ସେହିପରି କ୍ରିପ୍‌ଟୋ କ୍ଷେତ୍ର ଓ ଟେକ୍ ଷ୍ଟାର୍ଟଅପ୍‌ଗୁଡ଼ିକୁ ବିପୁଳ ପରିମାଣରେ ଋଣ ଯୋଗାଇଥିବା ସିଗ୍‌ନେଚର ବ୍ୟାଙ୍କ ମଧ୍ୟ ଅନୁରୂପ ସମସ୍ୟାର ସମ୍ମୁଖୀନ ହେବାରୁ ତା'ର କାର୍ଯ୍ୟାଳୟକୁ ବନ୍ଦ କରିଦିଆଯାଇଛି। ତେବେ ଏହି ଦୁଇ ବ୍ୟାଙ୍କରେ ଅର୍ଥ ଜମା କରିଥିବା ଗ୍ରାହକ ବ୍ୟତିବ୍ୟସ୍ତ ହେବାରୁ ସେମାନଙ୍କୁ ଆମେରିକା କର୍ତ୍ତୃପକ୍ଷ ଆଶ୍ୱାସନା ଦେଇଛନ୍ତି। ଇତିମଧ୍ୟରେ ଏସ୍‌ଭିବି ଜମାକାରୀଙ୍କୁ ଅର୍ଥ ଫେରସ୍ତ କରାଗଲାଣି ବୋଲି ଆମେରିକା ଟ୍ରେଜେରି ପକ୍ଷରୁ କୁହାଯାଇଛି। ଆମେରିକା ଫେଡେରାଲ ରିଜର୍ଭ ମଧ୍ୟ କହିଛି ଯେ, ଦୁଇ ବ୍ୟାଙ୍କର ସମସ୍ତ ଜମାକାରୀ ସମ୍ପୂର୍ଣ୍ଣ ଅର୍ଥ ଫେରିପାଇବେ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ବ୍ୟାଙ୍କିଙ୍ଗ୍ ସଙ୍କଟ ନେଇ ବିଚଳିତ ହୋଇପଡ଼ିଛନ୍ତି। କେଉଁ କାରଣ ଯୋଗୁ ଏଭଳି ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଛି ତାହାର ତର୍ଜମା କରାଯିବା ସହିତ ଭବିଷ୍ୟତରେ କିଭଳି ଆର୍ଥିକ ସଂସ୍ଥାଗୁଡ଼ିକୁ ସୁଦୃଢ଼ କରାଯାଇପାରିବ ସେ ନେଇ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

କୋଭିଡ୍ ୧୯ ଯୋଗୁ ବିଶ୍ୱବ୍ୟାପୀ ଆର୍ଥିକ ମାନ୍ଦାବସ୍ଥା ଦେଖାଦେଇଛି। ମହାମାରୀ ସମୟ ପ୍ରଯୁକ୍ତି ସଂଲଗ୍ନ ଡିଜିଟାଲ କ୍ଷେତ୍ର ପାଇଁ ସୁବର୍ଣ୍ଣ ସୁଯୋଗ ଆଣିଦେଇଥିଲା। ଫଳରେ ନୂଆ ଷ୍ଟାର୍ଟଅପ୍‌ଗୁଡ଼ିକ ସୃଷ୍ଟି ହୋଇ ଉପରଲିଖିତ ବ୍ୟାଙ୍କରୁ ଅର୍ଥ ନେବାରେ ଲାଗିଲେ। ଲୋକେ ବହୁଳ ମାତ୍ରାରେ ଗାଜେଟ୍ କିଣିବା ସହିତ ଡିଜିଟାଲ ସର୍ଭିସ୍‌ରେ ଅର୍ଥ ଖର୍ଚ୍ଚ କରିବାରେ ଲାଗିଗଲେ। ଏହାଦ୍ୱାରା ଷ୍ଟାର୍ଟଅପ୍‌ଗୁଡ଼ିକ ଲାଭ କରିବାରୁ ବ୍ୟାଙ୍କରେ ଅଧିକ ଅର୍ଥ ଜମା ହେଲା। ତେଣୁ ସ୍ୱଳ୍ପ ସମୟରେ ଏହି ବ୍ୟାଙ୍କଦ୍ୱୟ ଅଧିକ ଲାଭ ପାଇବା ଆଶା କରି ନିଜ ଅର୍ଥକୁ ଦୀର୍ଘମିଆଦୀ ଆମେରିକୀୟ ସରକାରୀ ବଣ୍ଡରେ ବିନିଯୋଗ କରିଚାଲିଲେ। ଯେତେବେଳେ ଦେଶରେ ମୁଦ୍ରାସ୍ଫୀତି ବଢ଼ିବାରେ ଲାଗିଲା ତାହାକୁ ନିୟନ୍ତ୍ରଣକୁ ଆଣିବା ସକାଶେ ଫେଡେରାଲ ରିଜର୍ଭ ସୁଧହାର କ୍ରମାଗତ ବଢ଼ାଇ ଚାଲିଲା। ହେଲେ ସେହି ବଣ୍ଡଗୁଡ଼ିକ ବନ୍ଧକଜନିତ ହୋଇଥିବାରୁ ତାହା ଠିକ୍ ଭାବେ କାମ ଦେଲାନି। ଅର୍ଥନୀତିର ନିୟମ ଅନୁଯାୟୀ ସୁଧହାର ସହିତ ବଣ୍ଡର ବିପରୀତ ସମ୍ପର୍କ ରହିଛି। ସରଳ ଭାଷାରେ କହିଲେ ସୁଧହାର ବଢ଼ିଲେ ବଣ୍ଡର ମୂଲ୍ୟ କମିଥାଏ ଓ ସୁଧହାର କମିଲେ ବଣ୍ଡର ମୂଲ୍ୟ ବୃଦ୍ଧି ପାଏ। ଯେହେତୁ ଏହି ଦୁଇ ବ୍ୟାଙ୍କ ପର୍ଯ୍ୟାପ୍ତ ପରିମାଣର ସରକାରୀ ବଣ୍ଡ କିଣି ଦେଇଥିଲେ ତାହାର ମୂଲ୍ୟ ହ୍ରାସ ହେବାରୁ ସମ୍ଭାଳିପାରିଲେ ନାହିଁ। ଭାରତରେ ରୁଗ୍‌ଣ ହେଉଥିବା ବ୍ୟାଙ୍କଗୁଡ଼ିକୁ ଟିକସଦାତାଙ୍କ ଅର୍ଥକୁ ବ୍ୟବହାର କରାଯାଇ ଯେଭଳି ସହଜରେ ବେଲ୍‌ଆଉଟ୍ ପ୍ୟାକେଜ ଦିଆଯାଉଛି, ସେଭଳି ବ୍ୟବସ୍ଥା ଆମେରିକାରେ ଗ୍ରହଣୀୟ ନୁହେଁ। ଏମିତି ଦେଖିଲେ ଡିଜିଟାଲ ଶିଳ୍ପ ମଧ୍ୟ ପୂର୍ବ ଭଳି ଉପରକୁ ଉଠିପାରୁ ନାହିଁ। ମୋଟାମୋଟି ଭାବେ କହିଲେ ଆମେରିକାର ସେହି ବ୍ୟାଙ୍କଗୁଡ଼ିକର ଭୁଲ୍ ପୁଞ୍ଜିଲଗାଣ ନିଷ୍ପତ୍ତି ସେଗୁଡ଼ିକୁ ଡୁବାଇଦେଲା।

ଭାରତ କଥା ଦେଖିଲେ ଏଠାରେ ବ୍ୟାଙ୍କଗୁଡ଼ିକ ପାଇଁ ସ୍ୱତନ୍ତ୍ର ଆର୍ଥିକ ନୀତି କ'ଣ, କୌଣସି ନୀତି ଥିବା ଭଳି ମନେହୁଏ ନାହିଁ। ବୃହତ୍ କର୍ପୋରେଟ୍ ସଂସ୍ଥା ଏବଂ ନକଲି ଦଲିଲ ଦେଖାଇ ବଡ଼ ଠକମାନେ ବ୍ୟାଙ୍କରୁ ଅନେକ କୋଟି ଟଙ୍କାର ଋଣ ନେବାରେ ସକ୍ଷମ ହୋଇଥାଆନ୍ତି। କେବଳ ବ୍ୟାଙ୍କ କର୍ମଚାରୀଙ୍କ ସହଯୋଗ ମିଳବାରୁ ଠକମାନେ ସେମାନଙ୍କ ଲକ୍ଷ୍ୟ ହାସଲ କରିପାରୁଛନ୍ତି। ଦେଶରେ ମୁଦ୍ରାସ୍ଫୀତିକୁ ରୋକିବା ଲାଗି ରିଜର୍ଭ ବ୍ୟାଙ୍କ କ୍ରମାଗତ ରେପୋ ରେଟ୍ ବଢ଼ାଇ ଋଣଗ୍ରହୀତାଙ୍କଠାରୁ ପର୍ଯ୍ୟାପ୍ତ ସୁଧ ନେଇ ସାରିଲାଣି। ତଥାପି ମୁଦ୍ରାସ୍ଫୀତି ବୋଲ ମାନୁନାହିଁ। ଏହା ସତ୍ତ୍ୱେ ସରକାରୀ ଆଶ୍ୱସ୍ତି ରହୁଛି ଯେ, ଭାରତୀୟ ଅର୍ଥନୀତି ତଥାପି ବଳିଷ୍ଠ ଅଛି। ଆମେରିକା ଭଳି ଏକ ବ୍ୟବସ୍ଥିତ ଅର୍ଥନୀତି ଯେତେବେଳେ ସାମ୍ପ୍ରତିକ ସ୍ଥିତିରେ ଟଳିପଡ଼ିଲାଣି, ସେତେବେଳେ ଭାରତର ନିୟନ୍ତ୍ରକମାନେ ସ୍ଥାଣୁ ହୋଇ ବସିଛନ୍ତି। ଆମେରିକାର ଜମାକାରୀଙ୍କୁ ସେଠାକାର କର୍ତ୍ତୃପକ୍ଷ ଅର୍ଥ ଫେରାଇବା ସହ ଆଶ୍ୱାସନା ମଧ୍ୟ ଦେଉଛନ୍ତି। ହେଲେ ଭାରତରେ ଅନୁରୂପ ସ୍ଥିତି ଉପୁଜିଲେ ଏଠାକାର ଅର୍ଥନୀତିର ଢାଞ୍ଚା ଦେଖିଲେ ଜମାକାରୀ ସମ୍ପୂର୍ଣ୍ଣ ଅସୁରକ୍ଷିତ। ପଞ୍ଜାବ ଆଣ୍ଡ ମହାରାଷ୍ଟ୍ର କୋଅପରେଟିଭ୍ ବ୍ୟାଙ୍କ (ପିଏମ୍‌ସି) ଦେବାଳିଆ ହେବା ପରେ ଏହାର ଜମାକାରୀମାନେ ଲଗାଣ ଅର୍ଥ ଫେରିପାଇପାରିଲେ ନାହିଁ। କେବଳ ବ୍ୟାଙ୍କ ନୁହେଁ, ପୁଞ୍ଜି ବଜାରରେ ଭାରତୀୟ ବ୍ୟବସ୍ଥା ଅକାମୀ ହୋଇଯାଇଛି ବୋଲି ହିଣ୍ଡେନ୍‌ବର୍ଗ-ଆଦାନୀ ଘଟଣାରୁ ପ୍ରମାଣିତ ହୋଇଛି। ଏତେବଡ଼ ଆର୍ଥିକ ସମସ୍ୟା ଉପୁଜିବା ସତ୍ତ୍ୱେ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ଭଳି ନିୟନ୍ତ୍ରକ ସମ୍ପୂର୍ଣ୍ଣ ଭାବେ ସ୍ଥାଣୁ ପାଲଟିଯାଇଥିବା ଦେଖାଯାଉଛି।

# କଫ୍ ସିରପ୍ ଘାତକ

ଭାରତରେ ନକଲି ଔଷଧର କାୟା ବଢ଼ିବାରେ ଲାଗିଛି। ଅନେକ ସମୟରେ ଏହା ମୃତ୍ୟୁର କାରଣ ବି ହେଉଛି। ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ କମ୍ପାନୀ, ବ୍ୟବସାୟୀ, ବିତରକଙ୍କୁ ଠାବ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ମଧ୍ୟ କିଛିଦିନ ପରେ ଆଉ କେତେକ ନୂଆ କମ୍ପାନୀ ସେହି ଖେଳରେ ଯୋଡ଼ି ହୋଇଯାଉଛନ୍ତି। ଯେତେ ଖୋଳତାଡ଼ ହେଲେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ରୋକାଯାଇପାରୁନାହିଁ। କେଉଁ ଔଷଧ କେଉଁ ମାନର ତାହା ଜାଣି ଲୋକଙ୍କୁ ଜଣାଇବାରେ ନିୟାମକ ସଂସ୍ଥାଗୁଡ଼ିକ ମଧ୍ୟ ଏକପ୍ରକାର ବିଫଳ ହେଉଛନ୍ତି; ଯାହା ସ୍ପଷ୍ଟ ହୋଇଛି ଓଡ଼ିଶାର ବେଆଇନ କଫ୍ ସିରପ୍ କାରବାରରୁ। ମାର୍ଚ୍ଚ ୧୩ରେ ବଲାଙ୍ଗୀରରୁ ବେଆଇନ କଫ୍ ସିରପ୍ କାରବାରରେ ଜଡ଼ିତ ଏକ ଆନ୍ତଃରାଜ୍ୟ ର୍‌୍ୟାକେଟକୁ ପୋଲିସ ଠାବ କରିଛି। ୩୭ ଜଣଙ୍କୁ ଗିରଫ କରିବା ସହ ୪୦ ଲକ୍ଷ ଟଙ୍କାର କଫ୍ ସିରପ୍ ଜବତ କରାଯାଇଛି। ଉକ୍ତ ର୍‌୍ୟାକେଟର ଚେର ହିମାଚଳପ୍ରଦେଶ, ହରିୟାଣା ଓ ପଶ୍ଚିମବଙ୍ଗରୁ ଲମ୍ବିଛି। ଚିନ୍ତାର ବିଷୟ ହେଉଛି, ଉକ୍ତ କଫ୍ ସିରପ୍‌କୁ ନିଶା ଭାବେ ବ୍ୟବହାର କରାଯାଉଥିଲା। ହିମାଚଳ ପ୍ରଦେଶର ମୂଳ ଉତ୍ପାଦକ କମ୍ପାନୀର ଏହି ଏସ୍‌କଫ୍ ବ୍ରାଣ୍ଡ ହରିୟାଣା ଓ ପଶ୍ଚିମବଙ୍ଗ ଦେଇ ଓଡ଼ିଶା ଆସୁଥିବା ପୋଲିସ କହିଛି। ଏତଦ୍‌ବ୍ୟତୀତ ମେସର୍ସ ଡାଫୋଡିଲ ଡ୍ରଗ୍ସ କମ୍ପାନୀ ଓଡ଼ିଶାର ବିଭିନ୍ନ ଜିଲାକୁ ଏହା ଯୋଗାଣ କରୁଥିବା ଜଣାପଡ଼ିଛି। ତେବେ ଅର୍ଥ ଉପାର୍ଜନ କରିବାର ନିଶା ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନର ଅଭାବ ହିଁ ଏଭଳି କାର୍ଯ୍ୟକୁ ପ୍ରୋତ୍ସାହିତ କରୁଛି। ଔଷଧ ପ୍ରସ୍ତୁତିର ପ୍ରାରମ୍ଭିକ ପର୍ଯ୍ୟାୟରୁ ଆରମ୍ଭ କରି ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ଉପଲବ୍ଧ ହେବାଯାଏ ପଦାଧିକାରୀଙ୍କ ସମ୍ପୃକ୍ତି ସେଥିରେ ରହୁଛି ବୋଲି ସ୍ପଷ୍ଟ ବୁଝାଯାଉଛି। କେବଳ ସେତିକି ନୁହେଁ, ସରକାରୀ ମାନ୍ୟତା ପାଇ ଔଷଧ ତିଆରି କରୁଥିବା କମ୍ପାନୀଠାରୁ ସାମଗ୍ରୀ ଆଣୁଥିବା ଷ୍ଟକିଷ୍ଟ ଏବଂ ସେହି ଷ୍ଟକିଷ୍ଟ ମାଧ୍ୟମରେ ଖୁଚୁରା ଦୋକାନୀ ପର୍ଯ୍ୟନ୍ତ ସମସ୍ତେ ସେହି ଶିକୁଳିରେ ଯୋଡ଼ିହୋଇ ରହିଛନ୍ତି। ସମସ୍ତେ ସବୁ କଥା ଜାଣିଶୁଣି କରୁଛନ୍ତି ବୋଲି ଜଳଜଳ ଦିଶୁଛି।

ବିଷାକ୍ତ କିମ୍ବା ନକଲି କଫ୍ ସିରପ୍ ଏକପ୍ରକାର ନୀରବ ଘାତକ। ପୂର୍ବରୁ ବିଷାକ୍ତ କଫ୍ ସିରପ୍ ବହୁ ଶିଶୁଙ୍କ ଜୀବନ ନେଇଛି। ଗତ ମାସରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପ୍ରକାଶ କରିଥିଲା ଯେ, ଭାରତର ନୋଇଡ଼ାସ୍ଥିତ ମାରିଅନ୍ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ ଦୁଇ ପ୍ରକାର କଫ୍ ସିରପ୍ ଯୋଗୁ ଉଜ୍‌ବେକିସ୍ତାନର ୧୯ ଜଣ ପିଲାଙ୍କ ମୃତ୍ୟୁ ଘଟିଥିଲା। ଗତବର୍ଷ ଗାମ୍ବିଆରେ ୬୦ରୁ ଊର୍ଦ୍ଧ୍ୱ ଶିଶୁଙ୍କ ମୃତ୍ୟୁର କାରଣ ହୋଇଥିବା ହରିୟାଣାରେ ପ୍ରସ୍ତୁତ ବିଷାକ୍ତ ତତ୍ତ୍ୱମିଶ୍ରିତ ୪ ପ୍ରକାର କଫ୍ ସିରପ୍‌କୁ ଦାୟୀ କରିଥିଲା ଡବ୍ଲ୍ୟୁଏଚ୍‌ଓ। ଏହାବ୍ୟତୀତ ବିଷାକ୍ତ କଫ୍ ସିରପ୍‌ଜନିତ ମୃତ୍ୟୁ ଭାରତ, ଆମେରିକା, ପାନାମା, ଇଣ୍ଡୋନେସିଆ ଓ ନାଇଜେରିଆରେ ଘଟିଛି। ଡବ୍ଲ୍ୟୁଏଚ୍‌ଓ ଅନୁଯାୟୀ, ଗତ ୫ ମାସରେ ଭାରତରେ ପ୍ରସ୍ତୁତ ବିଷାକ୍ତ କଫ୍ ସିରପ୍ ଯୋଗୁ ଗାମ୍ବିଆ, ଉଜ୍‌ବେକିସ୍ତାନ ଓ ଇଣ୍ଡୋନେସିଆରେ ୩୦୦ରୁ ଊର୍ଦ୍ଧ୍ୱ ଶିଶୁଙ୍କ ଜୀବନ ଗଲାଣି। ଏହାସହ ଗତବର୍ଷ ହିମାଚଳପ୍ରଦେଶର ଏକ କମ୍ପାନୀ ଦ୍ୱାରା ପ୍ରସ୍ତୁତ କଫ୍ ସିରପ୍ ସେବନ କରି ଜମ୍ମୁର ଉଦାମପୁରରେ ୧୨ ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିଲା। କେବଳ ଏତିକି ନୁହେଁ ୧୯୭୩, ୧୯୮୬ ଏବଂ ୧୯୯୮ରେ ବି ବିଷାକ୍ତ କଫ ସିରପ୍ ଯୋଗୁ ଶିଶୁମୃତ୍ୟୁ ଘଟିଆସିଛି। ସମୟ ବ୍ୟବଧାନରେ ହୋଇ ଆସୁଥିବା କଫ୍ ସିରପ୍‌ର ବେଆଇନ ପ୍ରସ୍ତୁତି ଓ ଏଥିଜନିତ ମୃତ୍ୟୁ ନିୟାମକ ସଂସ୍ଥାର ଢିଲା ନିୟନ୍ତ୍ରଣକୁ ସ୍ପଷ୍ଟ କରୁଛି। ଏଭଳି ସ୍ଥିତି ସୂଚିତ କରୁଛି ଯେ, କଫ୍ ସିରପ୍ ତିଆରି କରିବାରେ ସମସ୍ତ ନିୟମକୁ ଠିକ୍ ଭାବେ ପାଳନ କରାଯାଉନାହିଁ କିମ୍ବା ଏସବୁ ପ୍ରସ୍ତୁତ କରିବା ପୂର୍ବରୁ କେମିକାଲ ଗୁଣବତ୍ତା ପରୀକ୍ଷା ନିଶ୍ଚିତ କରିବାରେ କିଛି ଦୁର୍ବଳତା ରହୁଛି। ଏଥିରୁ ଜଣାପଡୁଛି ଯେ, ଭାରତରେ ବ୍ୟବସାୟୀଙ୍କ ପାଇଁ ମଣିଷ ଜୀବନ କୌଣସି ମୂଲ୍ୟ ରଖେ ନାହିଁ।

# ବିଶ୍ୱ ଭ୍ରାତୃତ୍ୱଭାବର ବାସ୍ତବତା



ଡ.ଛାୟାକାନ୍ତ ଷଡ଼ଙ୍ଗୀ

ଅନେକ ବିଜ୍ଞ ବ୍ୟକ୍ତିଙ୍କ ବିଶ୍ୱ ଭ୍ରାତୃତ୍ୱ ସପକ୍ଷରେ ଦେଉଥିବା ସ୍ଲୋଗାନ ପ୍ରତି ଦୃଷ୍ଟି ଆକର୍ଷଣ କରି ସ୍ୱାମୀ ବିବେକାନନ୍ଦ ଭାରତର ଏକ ପୁରାତନ କାହାଣୀ ମନେ ପକାଇ ଦେଇଥିଲେ। ଭାରତରେ ମଦ୍ୟପାନକୁ ଏକ କୁଅଭ୍ୟାସ ଭାବରେ ବିବେଚନା କରାଯାଏ। ଦିନେ ରାତିରେ ଦୁଇଭାଇ ଗୋପନରେ ମଦ୍ୟପାନ କରିବାକୁ ଚାହିଁଲେ। ନିକଟସ୍ଥ କୋଠରିରେ ଶୋଇଥିଲେ ସେମାନଙ୍କ କଠୋର ନୀତିବାଦୀ କାକା। ମଦ୍ୟପାନ କରିବା ପୂର୍ବରୁ ଦୁଇଭାଇ ପରସ୍ପରକୁ କହିଲେ, ''ଆମେ ଚୁପ୍ ରହିବା, ନ ହେଲେ କାକା ଉଠିପଡ଼ିବେ।'' ନିଶାଗ୍ରସ୍ତ ଅବସ୍ଥାରେ ଦୁହେଁ ପରସ୍ପରକୁ ପାଟିକରି ଏହି କଥା ବାରମ୍ବାର କୁହନ୍ତେ ଚିତ୍କାର ବଢ଼ିବାରୁ କାକା ଉଠିପଡ଼ିଲେ। ଆମେ ଏହି ମଦ୍ୟପମାନଙ୍କ ଭଳି ପାଟି କରି କହୁ ''ବିଶ୍ୱ ଭ୍ରାତୃତ୍ୱ ଲୋଡ଼ା। ଆମେ ସମସ୍ତେ ସମାନ। ଆସ, ଆମେ ଏକତ୍ର ହେବା ଓ ଏହାର ପ୍ରଚାର ପ୍ରସାର କରିବା।'' ମାତ୍ର ଏକତ୍ର ହେବା ନାମରେ ଆମେ ଏକ ନୂଆ ସମ୍ପ୍ରଦାୟ ଗଢୁ ଓ ସେହି ସମ୍ପ୍ରଦାୟ ମାଧ୍ୟମରେ ଆମେ ଆମର ଅଜ୍ଞାତସାରରେ ସେହି ସମାନତା ବିରୋଧରେ ପ୍ରତିବାଦ କରୁ। ଶେଷରେ ସମାନତା ଉଭେଇଯାଏ। ହିନ୍ଦୁଧର୍ମ ଭଳି ଇସଲାମ୍ ଓ ଖ୍ରୀଷ୍ଟଧର୍ମ ମଧ୍ୟ ବିଶ୍ୱ ଭ୍ରାତୃତ୍ୱର ପ୍ରଚାର କରନ୍ତି। ମାତ୍ର ବିଡ଼ମ୍ବନାର ବିଷୟ ଯେ ଇସଲାମ୍ ଧର୍ମ ଗ୍ରହଣ ନ କଲେ କାଫେର୍ ଓ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ ନ କଲେ ବିଧର୍ମୀ ବୋଲି ବିବେଚନା କରାଯାଏ। ସେହି ଭ୍ରାତୃଭାବ ନିଜ ସମ୍ପ୍ରଦାୟ ମଧ୍ୟରେ ଆବଦ୍ଧ ହୋଇଯାଏ। ବିଶ୍ୱ ଭ୍ରାତୃତ୍ୱଭାବ ବିସ୍ମୃତ ହୋଇଯାଏ।

ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ସମଗ୍ର ବିଶ୍ୱରେ ଗୋଟିଏ ଧର୍ମ ଓ ଗୋଟିଏ ଧର୍ମଶାସ୍ତ୍ର ରହିବା ସମ୍ଭବ ନୁହେଁ। ଧର୍ମକ୍ଷେତ୍ରରେ ବିବିଧତା ରହିବ, ତା' ସତ୍ତ୍ୱେ ସେହି ବିବିଧତା ମଧ୍ୟରେ ଏକତ୍ୱ ବି ରହିବ। ଆମେ ସମସ୍ତେ ମଣିଷ, ତଥାପି ସମସ୍ତେ ପରସ୍ପରଠାରୁ ଭିନ୍ନ। ଜଣେ ପୁରୁଷ ମହିଳାଠାରୁ ଭିନ୍ନ, ମାତ୍ର ସଜୀବ ପ୍ରାଣୀଭାବରେ ପୁରୁଷ, ମହିଳା, ପଶୁ, ପକ୍ଷୀ, ବୃକ୍ଷଲତା ସମସ୍ତେ ଏକ ଏବଂ ଜୀବସତ୍ତା ଭାବରେ ବିଶ୍ୱସତ୍ତା ସହ ଏକ। ଈଶ୍ୱର ସର୍ବବ୍ୟାପୀ ହୋଇଥିବାରୁ ଆମେ ସମସ୍ତେ ତାଙ୍କରି ଭିତରେ ଏକ, ମାତ୍ର ସତ୍ତା ପ୍ରକଟନର ରୂପରେ ଭିନ୍ନ ଭିନ୍ନ। ଠିକ୍ ସେଭଳି ବିଶ୍ୱଧର୍ମ କହିଲେ, ଯଦି ଆମେ ବୁଝିବା ଯେ ସମଗ୍ର ବିଶ୍ୱରେ ସମସ୍ତେ ଗୋଟିଏ ଧର୍ମମତକୁ ବିଶ୍ୱାସ କରିବେ, ଗୋଟିଏ ଶାସ୍ତ୍ରକୁ ମାନିବେ ଓ ଏକ ଆନୁଷ୍ଠାନିକ ବିଧିବିଧାନକୁ ମାନିବେ, ଏହା ସମ୍ଭବ ନୁହେଁ। ଆମେ କେବେ ଆଶା କରିପାରିବା ନାହିଁ ଯେ ସମଗ୍ର ବିଶ୍ୱବାସୀ ଏକା କଥା ଚିନ୍ତା କରିବେ। ଯଦି ସମସ୍ତେ ଏକ କଥା ଚିନ୍ତା କରିବେ, ତା'ହେଲେ ଚିନ୍ତା କରିବା ପାଇଁ ଭାବନା ନ ଥିବ। ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ ଆମେ ସମସ୍ତେ ଚିନ୍ତାଶକ୍ତିବିହୀନ ମିଶରୀୟ ମମି ଭଳି ପରସ୍ପରକୁ ଚାହିଁବା ଭଙ୍ଗୀରେ ଜଡ଼ବତ୍ ପଡ଼ିରହିବା। ମଣିଷ ହେଉଛି ଏକ ଚିନ୍ତାଶୀଳ ପ୍ରାଣୀ। ଏଣୁ ବିଶ୍ୱରେ ବିବିଧତା ରହିବା ସ୍ୱାଭାବିକ ଓ ସେହି ବିବିଧତା ମଧ୍ୟରେ ସମନ୍ୱୟ ସାଧନ କରି ତା' ଭିତରେ ରହିଥିବା ଏକତ୍ୱକୁ ସ୍ୱୀକାର କରିବାକୁ ପଡ଼ିବ। ଛାନ୍ଦୋଗ୍ୟ ଉପନିଷଦରେ ଋଷି କହିଛନ୍ତି, ମାଟିକୁ ଜାଣିଲେ ମାଟି ନିର୍ମିତ ସମସ୍ତ ବସ୍ତୁକୁ ଜାଣିହୁଏ। ମାଟି ନିର୍ମିତ ବିବିଧବସ୍ତୁ ରୂପ ଓ ନାମରେ ଭିନ୍ନ ହୋଇପାରନ୍ତି, ମାତ୍ର ମୂଳ ମାଟି ହିଁ ସତ୍ୟ। ଠିକ୍ ସେଭଳି ଆମେ ସମସ୍ତେ ମଣିଷ, ପଶୁ, ପକ୍ଷୀ, କୀଟପତଙ୍ଗ ସେହି ମୂଳ ବିଶ୍ୱସତ୍ତାର ପ୍ରକଟିତ ବିବିଧ ରୂପ। ଅଜ୍ଞତାବଶତଃ ଆମେ ନିଜକୁ ଅନ୍ୟଠାରୁ ଭିନ୍ନ ମନେକରୁ, ମାତ୍ର ଜ୍ଞାନ ଉଦୟ ହେଲେ ଆମେ ସେହି ଅଭିନ୍ନତାକୁ ଉପଲବ୍ଧି କରିପାରୁ। ଆମେ ନିଃସ୍ୱାର୍ଥ ହେଉ ଓ 'ମୁ' ଆଉ 'ତୁମେ' ଭାବରୁ ମୁକ୍ତ ହେଉ। ସ୍ୱାତନ୍ତ୍ର୍ୟହୀନତାକୁ ସ୍ୱୀକାର କରୁ ଏବଂ ଭାବୁ ତୁମେ ମୋର ଅଂଶ ଓ ମୁଁ ତୁମର ଅଂଶ। ତେଣୁ ତୁମକୁ କ୍ଷତାକ୍ତ କଲେ ମୁଁ କ୍ଷତାକ୍ତ ହେଉଛି ଓ ତୁମକୁ ସାହାଯ୍ୟ କଲେ ମୁଁ ନିଜକୁ ସାହାଯ୍ୟ କରୁଛି। ତୁମେ ବଞ୍ଚିଥିଲେ ମୁଁ କେବେ ମରିପାରିବି ନାହିଁ। ଏଣୁ ଆମେ ପ୍ରତିବେଶୀକୁ ସାହାଯ୍ୟ ନ କରି ତ୍ୟାଗ କରିପାରିବା ନାହିଁ, କାରଣ ତା'ର ମଙ୍ଗଳରେ ଆମର ମଙ୍ଗଳ ନିହିତ ଅଛି। ଏହା ହେଉଛି ଅଦ୍ୱୈତ ବେଦାନ୍ତର ମର୍ମ କଥା। ଏହା ଉପଲବ୍ଧି କଲେ ବିଶ୍ୱ ଭ୍ରାତୃତ୍ୱର ଭାବ ସ୍ୱତଃସ୍ଫୂର୍ତ୍ତ ଭାବରେ ସୃଷ୍ଟି ହେବ।



ପୃଥିବୀରେ ଅନେକ ଧାର୍ମିକ ସମ୍ପ୍ରଦାୟ ଅଛନ୍ତି। ପ୍ରତ୍ୟେକ ଆନୁଷ୍ଠାନିକ ଧର୍ମ ସତ୍ୟର କେବଳ ଗୋଟିଏ ଗୋଟିଏ ଅଂଶକୁ ଆବିଷ୍କାର କରନ୍ତି। ସେହି ଆଂଶିକ ସତ୍ୟକୁ ସେମାନେ ଅଜ୍ଞତାବଶତଃ ପୂର୍ଣ୍ଣସତ୍ୟ ବୋଲି ଦାବି କରନ୍ତି। ସେମାନଙ୍କ ଦାବି ଦୃଷ୍ଟିବାଧିତମାନଙ୍କ ହାତୀଦର୍ଶନ ଅନୁଭୂତି ସଙ୍ଗେ ସମାନ। ଯିଏ ଦୃଷ୍ଟିବାଧିତ ହାତୀର କାନକୁ ଧରିଲା, ତା' ମତରେ ହାତୀ କୁଲାଭଳି, ଯିଏ ଗୋଡ଼କୁ ଧରିଲା ତା'ପାଇଁ ହାତୀ ଖୁଣ୍ଟ ଭଳି, ଯିଏ ଲାଞ୍ଜକୁ ଧରିଲା ତା'ପାଇଁ ହାତୀ ଦଉଡ଼ି ଭଳି। ପ୍ରତ୍ୟେକ ଦୃଷ୍ଟିବାଧିତର ଅନୁଭବ ସତ୍ୟ, ମାତ୍ର ଆଂଶିକ ସତ୍ୟ, କାରଣ ଯିଏ ଯେତିକି ଧରିପାରିଛି ତା' ପାଇଁ ସେତିକି ହିଁ ସତ୍ୟ। ମାତ୍ର ବାସ୍ତବରେ ପୂର୍ଣ୍ଣସତ୍ୟ ତା'ଠାରୁ ଅଧିକ କିଛି। ପୃଥିବୀରେ ଯେତିକି ଆନୁଷ୍ଠାନିକ ଧର୍ମ ଅଛି ସେସବୁ ସତ୍ୟର ଗୋଟିଏ ଗୋଟିଏ ଦିଗକୁ ହିଁ ଆବିଷ୍କାର କରିଛନ୍ତି। ଏଣୁ ପ୍ରତ୍ୟେକ ଧର୍ମ ଅନ୍ୟ ଧର୍ମଗୁଡ଼ିକୁ ମଧ୍ୟ ସମ୍ମାନ ଦେଲେ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖି ମଧ୍ୟ ଧାର୍ମିକ ସଂହତି ସୃଷ୍ଟି କରି ବିଶ୍ୱଭ୍ରାତୃତ୍ୱର ବାର୍ତ୍ତା ଦେଇପାରିବ। ସ୍ୱାମୀ ବିବେକାନନ୍ଦ କହୁଥିଲେ, ମାଟିରେ ମଞ୍ଜି ପୋତାଯାଏ। ମାଟି ପାଣି ପବନ ତା' ଚାରିପାଖରେ ଥାଏ। ଏହି ମଞ୍ଜି ମାଟି, ପାଣି ଓ ପବନକୁ ସମାହିତ କରେ ଓ ଏକ ବୃକ୍ଷର ଉପାଦାନରେ ପରିଣତ କରି ଶେଷରେ ବୃକ୍ଷ ହୁଏ। ଧର୍ମ ମଧ୍ୟ ଠିକ୍ ଏପରି ବିକଶିତ ହେବା ଉଚିତ। ଜଣେ ଖ୍ରୀଷ୍ଟିଆନ ବୌଦ୍ଧ ବା ହିନ୍ଦୁ ନ ହେଉ କିମ୍ବା ଜଣେ ହିନ୍ଦୁ ବା ବୌଦ୍ଧ ଖ୍ରୀଷ୍ଟିଆନ ନ ହେଉ। ମାତ୍ର ପ୍ରତ୍ୟେକ ଧର୍ମ ଅନ୍ୟ ଧର୍ମର ନିର୍ଯ୍ୟାସ ଗ୍ରହଣ କରିବା ସହ ନିଜ ସ୍ୱାତନ୍ତ୍ର୍ୟ ବଜାୟ ରଖି ନିଜ ନିୟମ ଅନୁସାରେ ବିକଶିତ ହେଉ। ଚିକାଗୋ ଧର୍ମ ସଭାରେ ସ୍ୱାମିଜୀଙ୍କ ବାର୍ତ୍ତା ଥିଲା- ''ଯଦି କେହି କେବଳ ନିଜର ଧର୍ମର ସ୍ଥାପନ ଓ ଅନ୍ୟ ଧର୍ମର ଧ୍ୱଂସ ଚାହେଁ, ମୁଁ ତାକୁ ଦୟାକରେ ଓ କହିବାକୁ ଚାହେଁ ଆଗାମୀ ଦିନରେ ସବୁ ଧର୍ମର ପତାକା ଉପରେ ସମସ୍ତ ପ୍ରତିବାଦ ସତ୍ତ୍ୱେ ଲିଖିତ ହେଉ ସହାୟତା-ସଂଘର୍ଷ ନୁହେଁ, ଅନ୍ତର୍ଲୟନ-ଧ୍ୱଂସ ନୁହେଁ, ସଂହତି ଓ ଶାନ୍ତି-କଳହ ନୁହେଁ।'' ପୁନଶ୍ଚ ପୃଥିବୀରେ ବହୁ ଆନୁଷ୍ଠାନିକ ଧର୍ମ ଥିଲେ ମଧ୍ୟ ସବୁଧର୍ମର ଲକ୍ଷ୍ୟ ଏକ-ତାହା ହେଉଛି ଈଶ୍ୱରପ୍ରାପ୍ତି। ଶିବମହିମ୍ନ ସ୍ତୋତ୍ରରେ ପ୍ରାର୍ଥନା କରାଯାଇଛି ଯେ, ବିଭିନ୍ନ ନଦୀ ବିଭିନ୍ନ ସ୍ଥାନରେ ଉତ୍ପତ୍ତି ହେଲେ ମଧ୍ୟ ଶେଷରେ ସମୁଦ୍ରରେ ମିଳିତ ହେବା ଭଳି, ହେ ଶିବ! ମଣିଷମାନେ ସରଳ କୁଟିଳ ବିଭିନ୍ନ ପଥରେ ଚାଲିଲେ ମଧ୍ୟ ସମସ୍ତେ ଆପଣଙ୍କ ପାଖରେ ହିଁ ପହଞ୍ଚନ୍ତି। ଏହି ଦୃଷ୍ଟିରୁ ଧର୍ମ ଧର୍ମ ମଧ୍ୟରେ କୌଣସି ଦ୍ୱନ୍ଦ୍ୱର ସ୍ଥାନ ନାହିଁ।

ମୋ:୯୪୩୭୩୨୯୨୬୩

# ବିପଜ୍ଜନକ ବିକିରଣ



ଡା. ସମ୍ରାଟ କର

ଜୀବଜଗତ ପାଇଁ ମାରାତ୍ମକ ପାଲଟିଛି ମୋବାଇଲ୍ ଟାୱାର। ଏଥିରୁ ବାହାରୁଥିବା ଚୁମ୍ବକୀୟ ବିକିରଣ ପଶୁ ସମ୍ପଦକୁ ଅଧିକ ହାନି ପହଞ୍ଚାଉଛି। ମଣିଷ ବି ଏଥିରେ ପ୍ରଭାବିତ। ଟାୱାରର ଚୁମ୍ବକୀୟ ବିକିରଣ ସଂସ୍ପର୍ଶରେ ଆସି ଲୋକେ କ୍ୟାନ୍‌ସର, ହୃଦ୍‌ରୋଗ, ମସ୍ତିଷ୍କ ଓ ଶ୍ୱାସ ଭଳି ଭୟଙ୍କର ରୋଗରେ ପୀଡ଼ିତ ହେଉଛନ୍ତି। ଟାୱାର ବସାଯିବା କ୍ଷେତ୍ରରେ ଲାଗୁ ନିୟମ ଅର୍ଥାତ୍ ଉଚ୍ଚତା, ସ୍ଥାନ ଏବଂ ଜନବସତିଠାରୁ ଦୂରତା ଆଦିକୁ ଯଦି ଅମାନ୍ୟ କରାଯାଏ, ଭବିଷ୍ୟତରେ ଏହି ବିପଦ ଆଶାଠାରୁ ଅଧିକ ବଢ଼ିଯିବ। ମୋବାଇଲ ଟାୱାର ଏବଂ ଅଧିକ ମେଗା ପିକ୍ସେଲର ମୋବାଇଲ ଫୋନ ଆମ ଶରୀର ପାଇଁ କ୍ଷତିକାରକ। ଏହାଦ୍ୱାରା ଉଭୟ ଶରୀର ଏବଂ ମସ୍ତିଷ୍କ ଉପରେ ପ୍ରଭାବ ପଡ଼ିଥାଏ। ଏହାର କୁପ୍ରଭାବ ଦ୍ୱାରା ମଣିଷ ଅଧିକ ବିରକ୍ତିଭାବ ପ୍ରକାଶ କରିଥାଏ, ଏକାଗ୍ରତା ଆସିପାରି ନଥାଏ। ୨୦୦୫ ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେସନର ଗାଇଡ୍‌ଲାଇନ ଅନୁଯାୟୀ ସ୍କୁଲ, କଲେଜ, ହସ୍ପିଟାଲ ଏବଂ ମାର୍କେଟ ଅଞ୍ଚଳର ୫୦ ମିଟର ମଧ୍ୟରେ ମୋବାଇଲ ଟାୱାର ରହିବା ଅନୁଚିତ। ୧୫ ମିଟର ମଧ୍ୟରେ ସୃଷ୍ଟି ହେଉଥିବା ରେଡିଏସନ୍ ମଧ୍ୟ ଅଧିକ କ୍ଷତିକାରକ। ଏହାକୁ ସେଲ୍ ପାୱାର ନର୍ମ କୁହାଯାଇଥାଏ। ସେହିପରି ଅଧିକ ଶକ୍ତିଶାଳୀ ମୋବାଇଲ ଫୋନ୍ ଦ୍ୱାରା ମଣିଷର ଶରୀର ମଧ୍ୟ ଅଧିକ କ୍ଷତିଗ୍ରସ୍ତ ହୋଇଥାଏ। ୩୦୦ରୁ ଅଧିକ ଫ୍ରିକ୍ୱେନ୍ସି ଭାଇବ୍ରେଶନ୍ ହେଲେ ଶରୀରରେ କ୍ଷତି ଘଟିଥାଏ। ଅନେକ ବ୍ୟକ୍ତି ରାତିରେ ଶୋଇବା ସମୟରେ ନିଜ ତକିଆ ତଳେ ଗୋଟିଏରୁ ତିନୋଟି ଲେଖାଏଁ ମୋବାଇଲ ରଖି ଶୋଇଥା'ନ୍ତି। ଏହାର ପରିଣାମ ବେଶ୍ ଭୟଙ୍କର।

ଇଣ୍ଡିଆନ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ ତଥ୍ୟ ଅନୁଯାୟୀ, ମୋବାଇଲ ଟାୱାର ଏବଂ ମୋବାଇଲରୁ ବହୁମାତ୍ରାରେ ରେଡିଏସନ୍ ବାହାରୁଛି, ଯାହାର ପ୍ରଭାବ ମଣିଷସମାଜ ଉପରେ ପଡୁଥିବା ମଧ୍ୟ ଦେଖାଦେଇଛି। ତେବେ ଫଳାଫଳ ଆସନ୍ତା ଦୁଇବର୍ଷ ଭିତରେ ସ୍ପଷ୍ଟ ହୋଇଯିବ। ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଟାୱାରରୁ ବାହାରୁଥିବା ବିକିରଣ ସ୍ୱର୍ମ କାଉଣ୍ଟକୁ ବେଶି ପ୍ରଭାବିତ କରୁଛି। ହୃଦ୍‌ରୋଗ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଏହି ବିକିରଣର କୁପ୍ରଭାବ ମଣିଷ ଶରୀର ଉପରେ ପଡୁଛି। ତେବେ ଏ ପ୍ରଭାବର ମାତ୍ରା କେତେ ଏବଂ କେତେ ସମୟ ସଂସ୍ପର୍ଶରେ ଆସିଲେ କୁପ୍ରଭାବ ପଡୁଛି ତାହା ଅଧିକ ଗବେଷଣା ପରେ ସ୍ପଷ୍ଟ ହୋଇଯିବ। ମୋବାଇଲ ଟାୱାରରୁ ବାହାରୁଥିବା ବିକିରଣର ପରିମାଣ କମ୍ ହୋଇଥିଲେ ବି ସେଲ୍ ଟିସୁ ଏବଂ ଡିଏନ୍‌ଏକୁ ପ୍ରଭାବିତ କରିଥାଏ।

ମୋବାଇଲ୍ ଟାୱାର ବିକିରଣ ଜୀବଜଗତକୁ ଗଭୀର ପ୍ରଭାବିତ କରୁଛି। ଏଥିଯୋଗୁ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ବଂଶ ବୁଡ଼ିବାକୁ ବସିଥିବାବେଳେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଘରଚଟିଆ। ଗତ କିଛି ମାସ ମଧ୍ୟରେ ହଜାର ହଜାର ଘରଚଟିଆ ମରିପଡ଼ିଥିବା ବିଭିନ୍ନ ଅଞ୍ଚଳରେ ଦେଖାଯାଉଛି। ଏହାଛଡ଼ା ଟାୱାର ପାଖାପାଖି ରହୁଥିବା ଲୋକେ ବି ନାନା ରୋଗରେ ପଡୁଛନ୍ତି। ଏହି ଅଭିଯୋଗ ବିଭିନ୍ନ ରାଜ୍ୟରୁ ଆସିବା ପରେ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଯାଇଛି। ତୁରନ୍ତ ମୋବାଇଲ୍ ଟାୱାରର ବିକିରଣ ହ୍ରାସ ପାଇଁ କେନ୍ଦ୍ର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛି। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ମୋବାଇଲ ଟାୱାରର ବିକିରଣ କମାଇବା ପାଇଁ ରାଜ୍ୟ ଓ ବିଭିନ୍ନ କ୍ଲିନିକ୍ ଅପରେଟିଭ୍ ମାନେ କ'ଣ କରିବା ଉଚିତ ତାହା ଉଲ୍ଲେଖ କରାଯାଇଛି। ବିକିରଣ ଯେପରି ଜୀବଜଗତକୁ ପ୍ରଭାବିତ ନ କରିବ, ସେନେଇ ସେବା ପ୍ରଦାନକାରୀ କମ୍ପାନୀକୁ ଜଙ୍ଗଲ ଓ ପରିବେଶ ବିଭାଗ ଅବଗତ କରିବ। ଟାୱାରରୁ ବାହାରୁଥିବା ବିକିରଣ ନିୟମିତ ଯାଞ୍ଚ କରାଯିବ। ଯଦି ଟାୱାର ଦ୍ୱାରା ଲୋକେ ପ୍ରଭାବିତ ହେଉଛନ୍ତି, ତେବେ ତୁରନ୍ତ ଟାୱାର ଅନ୍ୟତ୍ର ସ୍ଥାନାନ୍ତର କରାଯାଉ। ବିକିରଣ ପ୍ରଭାବ ସମ୍ପର୍କରେ ଟାୱାର ନିକଟରେ ସାଇନ୍‌ବୋର୍ଡ଼ ଲଗାଯାଇ ସୂଚନା ଦିଆଯାଉ। ଟାୱାରର ୧ କିଲୋମିଟର ମଧ୍ୟରେ ଆଉ କୌଣସି ଟାୱାର ଲଗାଯିବା ପାଇଁ ଅନୁମତି ଦିଆନଯାଉ। ଏହି ବିକିରଣ ପ୍ରଭାବ କେତେ କ୍ଷତିକାରକ, ତାହା ମୁମ୍ବାଇ ଆଇଆଇଟିର ପ୍ରଫେସର କେନ୍ଦ୍ର ସରକାରଙ୍କୁ ଅବଗତ ସହ ସତର୍କ କରାଇଛନ୍ତି। ବିଶେଷଜ୍ଞଙ୍କ ମତରେ ମୋବାଇଲ ଟାୱାର ନିକଟରେ ରହିବା ଅର୍ଥ ୨୪ ଘଣ୍ଟା ମାଇକ୍ରୋ ୱେଭ୍ ଓଭେନ୍ ଭିତରେ ରହିବା ଭଳି।



ମୋବାଇଲ ଟାୱାର ବସାଯିବା ନେଇ ପୂର୍ବରୁ ଏକ ନିର୍ଦ୍ଦିଷ୍ଟ ମାନଦଣ୍ଡ ପ୍ରସ୍ତୁତ କରିଥିଲା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ। ଏଥିରେ ବିଶେଷ ଗୁରୁତ୍ୱ ଦିଆଯାଉଥିଲା ଜୀବଜଗତକୁ। ନିୟମ ହୋଇଥିଲା, ମୋବାଇଲ ଟାୱାର ଜନବସତିଠାରୁ ଦୂରରେ ବସିବ। ୧ କିଲୋମିଟର ଭିତରେ ଏକାଧିକ ଟାୱାର ଲାଗିପାରିବ ନାହିଁ ଏବଂ ଟାୱାରର ଉଚ୍ଚତା ଅଧିକ ହେବ। ହେଲେ ସବୁ ନିୟମ ଗଲା ଚୁଲିକୁ। ମୋବାଇଲ କମ୍ପାନୀ ଉକ୍ତ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି। ଗୋଟିଏ କିଲୋମିଟର ଭିତରେ ଶହ ଶହ ମୋବାଇଲ ଟାୱାର ଛିଡ଼ା ହୋଇଛି। ତା' ପୁଣି ଜନବସତି ଭିତରେ ଆଉ କମ୍ ଉଚ୍ଚତାରେ। ସବୁଠାରୁ ବଡ଼କଥା ହେଉଛି ଲଗାଯାଇଥିବା ମୋବାଇଲ ଟାୱାର ମଧ୍ୟରୁ ଅଧାରୁ ଅଧିକ ଅବୈଧ। ଏହାସତ୍ତ୍ୱେ କୌଣସି ରାଜ୍ୟର ସରକାର ପାଟି ଖୋଲିନାହାନ୍ତି। ଦିଲ୍ଲୀରେ ପାଖାପାଖି ୬ ହଜାର ଟାୱାର ଲାଗିଛି। ସେଥିରୁ ୨୯୫୨ଟି ହେଉଛି ଅବୈଧ। ସେହିପରି ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ୨ ହଜାରରୁ ଅଧିକ ମୋବାଇଲ ଟାୱାର ଲାଗିଥିବାବେଳେ ଶତାଧିକ ଅବୈଧ ବୋଲି ଜଣାପଡ଼ିଛି। ମୋବାଇଲ କମ୍ପାନୀଗୁଡ଼ିକ ଏହି ଟାୱାର ଲଗାଇବା ଲାଗି ଆବଶ୍ୟକତାଠାରୁ ଅଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ଫଳରେ ଫାଇଦା ଉଠାଇବାକୁ ଯାଇ ଲୋକେ ଭବିଷ୍ୟତର ଏହି ବିପଦକୁ ନଜର ଅନ୍ଦାଜ କରିଥିଲେ। ଆଜି ଦେଶ ପାଇଁ ଏହା ଏକ ପ୍ରକାର କାଳ ପାଲଟିଯାଇଛି।

**ମାନସିକ ରୋଗ ବିଶେଷଜ୍ଞ,**
**ଦି' ବ୍ରେନ୍, ପୁରୀଘାଟ ରୋଡ଼, କଟକ,**
**ମୋ: ୯୧୩୨୪୩୩୩୩୩**

## ଏଇ ଭାରତରେ

ପରିବେଶ ପାଇଁ କ୍ଷତିକାରକ ପ୍ଲାଷ୍ଟିକ୍ ଜିନିଷଠାରୁ ଦୂରେଇ ରହିବା ଲାଗି ଏହାର ବିକଳ୍ପ ଭାବେ ବାଉଁଶ ଜିନିଷ ପ୍ରସ୍ତୁତ କରିଛନ୍ତି କୋଲକାତାର ଅଗ୍ନି ମିତ୍ର। ସେ 'ଆମୁଡୋ ଇକୋ ପ୍ରଡକ୍ଟ' ଷ୍ଟାର୍ଟଅପ୍ ପ୍ରତିଷ୍ଠା କରି ତା' ମାଧ୍ୟମରେ ନିତ୍ୟବ୍ୟବହାର୍ଯ୍ୟ ବାଉଁଶ ଉତ୍ପାଦ ତିଆରି କରୁଛନ୍ତି। ବାଉଁଶରେ ଟୁଥ୍ ବ୍ରଶ୍‌ଠାରୁ ଆରମ୍ଭ କରି ପାନିଆ ଏବଂ ସେଲ୍ଫ କେୟାର ପ୍ରଡକ୍ଟ ଆଦି ପ୍ରସ୍ତୁତ କରାଯାଉଛି। ଅଗ୍ନି ଜର୍ମାନୀରୁ ମେଡିକାଲ ଫଟୋନିକ୍ସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ସେଠାରେ ଥିବା ସମୟରେ ପରିବେଶ ଉପଯୋଗୀ ବାଉଁଶ ଉତ୍ପାଦ ବ୍ୟବହାର କରିବା ଆରମ୍ଭ କରିଥିଲେ। ଭାରତକୁ ଫେରିବା ପରେ ପ୍ଲାଷ୍ଟିକର ନକାରାତ୍ମକ ପ୍ରଭାବରୁ ଲୋକଙ୍କୁ ମୁକ୍ତ ରଖିବା ଓ ବର୍ଜ୍ୟଜନିତ ପ୍ରଦୂଷଣରୁ ପରିବେଶକୁ ରକ୍ଷା କରିବା ଲକ୍ଷ୍ୟରେ ବାଉଁଶ ଉତ୍ପାଦକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ଲାଗି କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୧୮ରେ ଆମୁଡୋ ଇକୋ ପ୍ରଡକ୍ଟ ଷ୍ଟାର୍ଟଅପ୍ ଗଠନ କରିବା ପରେ ଏବେ ସେଥିରେ ତାଙ୍କ ସହ ୪୦ ଜଣିଆ ଟିମ୍ କାମ କରୁଛି। ଏହି ବ୍ୟବସାୟରେ ଅଗ୍ନି ବାର୍ଷିକ ୨.୬୫ କୋଟି ଟଙ୍କା କାରବାର କରୁଛନ୍ତି। ଏବେ ତାଙ୍କ ଉତ୍ପାଦକୁ ୧୦୦ କର୍ପୋରେଟ ଓ ହୋଟେଲ ନିୟମିତ ଭାବେ ନେଉଛନ୍ତି। ଦିନକୁ ଦେଶରେ ସେ ପାଖାପାଖି ୫୦୦ରୁ ଊର୍ଦ୍ଧ୍ୱ ଅର୍ଡର ପାଉଛନ୍ତି। କେବଳ ଏତିକି ନୁହେଁ ଦୁବାଇ, ଇଂଲଣ୍ଡ, ମାଲେସିଆ, ସିଙ୍ଗାପୁର, ଜର୍ମାନୀ ଏବଂ ସ୍ଲୋଭାକିଆରୁ ବି ତାଙ୍କୁ ଅର୍ଡର ମିଳୁଛି।

## ଚିରନ୍ତନୀ

ସେ ଗୀତେ ମୁଁ ତ ଯାଇନି ହଜି
ନିଜକୁ ତହିଁ ପାଇଲି ଖୋଜି,
ସେ ଗୀତେ ମୋର ପରାଣ ଭରି
ଝରିଲା କି ଅମିଅ,
ମରଣ ହେଲା ମଧୁରତର ଜୀବନ ହେଲା ପ୍ରିୟ।
-(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | 5 | 9 | | 3 | | | | |
| 1 | | | | 8 | 2 | 9 | | |
| | | | | | 5 | | | 6 |
| | | | | 5 | 6 | | 7 | |
| | | | | 2 | | | 6 | |
| 5 | | | | | | 2 | | |
| | | | 1 | 6 | | | 5 | |
| 3 | 7 | | | | | | 8 | |
| | | | | | | | 4 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 6 | 9 | 4 | 2 | 5 | 8 | 1 |
| 8 | 5 | 1 | 7 | 3 | 6 | 4 | 9 | 2 |
| 2 | 4 | 9 | 8 | 1 | 5 | 3 | 6 | 7 |
| 5 | 9 | 7 | 4 | 2 | 1 | 8 | 3 | 6 |
| 1 | 3 | 2 | 5 | 6 | 8 | 9 | 7 | 4 |
| 4 | 6 | 8 | 3 | 9 | 7 | 2 | 1 | 5 |
| 6 | 8 | 4 | 1 | 5 | 3 | 7 | 2 | 9 |
| 7 | 2 | 5 | 6 | 8 | 9 | 1 | 4 | 3 |
| 9 | 1 | 3 | 2 | 7 | 4 | 6 | 5 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ଲାଷ୍ଟିକ୍‌ର କ'ଣ ବିକଳ୍ପ ନାହିଁ

ମହାଶୟ, ଅତୀତରେ ପରିବେଶ ଓ ମୃତ୍ତିକା ନଷ୍ଟ କରୁଥିବା ପ୍ଲାଷ୍ଟିକ୍ ବର୍ଜନ ନିମନ୍ତେ ଉଚ୍ଚ ନ୍ୟାୟାଳୟ ଆଦେଶ ଦେଲେ। ସରକାର ମଧ୍ୟ ଚେଷ୍ଟିତ ହେଲେ। ମାତ୍ର ଦେଖାଗଲା ପ୍ଲାଷ୍ଟିକ୍ ବ୍ୟବହାର କମିନାହିଁ। ଚେୟାର, ଟେବୁଲ, ଖଟ, ବାଇକ୍, ଔଷଧ ବୋତଲ, ତେଲ ପାଉଚ, ଥଣ୍ଡା ପାନୀୟ ବୋତଲ, ଅନେକ ଔଷଧ ପ୍ୟାକିଂ, ତେଲ କ୍ଷୀର ପାଉଚ, ଖାଦ୍ୟ ପ୍ଲେଟ୍, ଗିନା, ଥାଳିଆ, କ୍ୟାରି ବ୍ୟାଗ, ଛାତ୍ରୀଛାତ୍ରଙ୍କ ବସ୍ତାନି, ଖେଳନା ସବୁ କିଛି ପ୍ଲାଷ୍ଟିକ୍ ନିର୍ମିତ। ମନ୍ଦିରଗୁଡ଼ିକରେ ପଲିଥିନ ବ୍ୟାଗରେ ପ୍ରସାଦ ମିଳୁଛି। ପ୍ଲାଷ୍ଟିକ୍‌ର କ'ଣ କିଛି ବିକଳ୍ପ ନାହିଁ ?

**-ଶ୍ରୀରାମଚନ୍ଦ୍ର ଦାଶ, ଗବକୁଣ୍ଡ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ମା’ ମଙ୍ଗଳାଙ୍କ ପ୍ରଥମ ପାଳି ଚୈତ୍ର ପର୍ବ ଆରମ୍ଭ



କାକଟପୁର,୧୪।୩(ଡି.ଏନ୍.ଏ.)- କାକଟପୁରର ଅଧିଷ୍ଠାତ୍ରୀ ଦେବୀ ଚତୁର୍ଦ୍ଧାମୂର୍ତ୍ତିଙ୍କ ନବକଳେବରର ଆଜ୍ଞାଦାତ୍ରୀ ମା’ ମଙ୍ଗଳାଙ୍କ ଚୈତ୍ର ପର୍ବ ମଙ୍ଗଳବାରଠାରୁ ଆରମ୍ଭ ହୋଇ ପାଞ୍ଚପାଳି ପର୍ଯ୍ୟନ୍ତ ଚାଲିବ। ଏହାକୁ ମା’ଙ୍କର ପାଳିଯାତ୍ରା ବୋଲି କୁହାଯାଏ। ମହିଳାମାନେ ପରିବାରର ଶୁଭ ମନାସୀ ମା’ଙ୍କ ଉଦ୍ଦେଶ୍ୟରେ ଗୁଆ ବସାଇ ପନ୍ତେଇ ପୂଜା ଆରମ୍ଭ କରି ପଞ୍ଚମ ପାଳି ଶେଷ ମଙ୍ଗଳବା ଉଜାଇ ଥାଆନ୍ତି। ପ୍ରଥମ ପାଳିଯାତ୍ରା ପାଇଁ ସୋମବାର ରାତ୍ର ୨ଟାରେ ମା’ଙ୍କ ଦ୍ୱାର ଫିଟାଯାଇ ପାଳିଆ ପୂଜାପଣ୍ଡା ନୀତି ଆରମ୍ଭ କରନ୍ତି। ମଙ୍ଗଳବାର ସକାଳ ୫ଟାରେ ମା’ଙ୍କ ସକାଳ ଧୂପ, ୫ଟା୩୦ମିରେ ସାହାଣ ମେଲା ଓ ସର୍ବସାଧାରଣ ଦର୍ଶନ, ଦିବା ୨ଟାରେ ନେତବନ୍ଧା ଓ ବେଢ଼ା ପରିକ୍ରମା, ୩ଟାରୁ ୪ଟା ମଧ୍ୟରେ ମା’ଙ୍କ ଦ୍ୱିପ୍ରହର ଧୂପ, ୪ଟା ୩୦ରୁ ୫ଟା ମଧ୍ୟରେ ଭଣ୍ଡ ଧୂପ ଓ ପହୁଡ଼, ସନ୍ଧ୍ୟା ୬ଟା ୧୫ରେ ପହୁଡ଼ ଖୋଲା ଓ ସନ୍ଧ୍ୟା ଆଳତି, ରାତ୍ର ୯ଟାରେ ମହାସ୍ନାନ ଓ ବେଶ, ରାତ୍ର ୧୧ଟାରେ ରାତ୍ରଧୂପ, ୧୨ଟାରେ ବଡ଼ସିଂହାର ବେଶ, ୧୨ଟା ୩୦ରେ ଭ୍ରମଣୀ, ରାତ୍ର ୧ଟାରେ ମା’ଙ୍କ ପହୁଡ ଓ ଦ୍ୱାରବନ୍ଦ ନୀତି କାନ୍ତି କରାଯିବାର ପରମ୍ପରା ରହିଛି। ଏନେଇ ମନ୍ଦିର ଟ୍ରଷ୍ଟି ତଥା ତହସିଲଦାର ବିରଞ୍ଚି ନାରାୟଣ ବେହେରା ଓ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ ସୂଚନା ଦେଇଛନ୍ତି। ଅତ୍ୟଧିକ ଜନଗହଳି ଓ ରୌଦ୍ରତାପ ଯୋଗୁ ବାଙ୍ଗୁରୀ ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଆଶିଷ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ସ୍ୱାସ୍ଥ୍ୟ ଟିମ୍ ଅସୁସ୍ଥ ଭକ୍ତଙ୍କର ସେବା ଶୁଶ୍ରୂଷା କରିଥିଲେ। କାକଟପୁର ଥାନା ଆଇଆଇସି ପ୍ରିୟରଞ୍ଜନ ନାୟକ ଆଇନ ଶୃଙ୍ଖଳା ରକ୍ଷା ସହ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ।

## ଜାତୀୟ ପତାକାକୁ ଅସମ୍ମାନ



ବ୍ରହ୍ମଗିରି,୧୪।୩ (ଡି.ଏନ୍.ଏ.)- କେନ୍ଦ୍ର ସରକାର ହର୍ ଘର୍ ତ୍ରିରଙ୍ଗାର ସ୍ଲୋଗାନ ଦେଇ ସାଧାରଣ ଲୋକଙ୍କ ମନରେ ଜାତୀୟତା ଭାବ ସୃଷ୍ଟି କରୁଛନ୍ତି। ହେଲେ ଏବେ ବି ଲୋକେ ଜାତି ପ୍ରୀତି ଓ ତ୍ରିରଙ୍ଗାର ମୂଲ୍ୟ ବୁଝିନାହାନ୍ତି। ଯାହାର ଏକ ଉଦାହରଣ ବ୍ରହ୍ମଗିରି ଅଞ୍ଚଳରେ ଦେଖିବାକୁ ମିଳିଛି। ବ୍ରହ୍ମଗିରିରେ ପଞ୍ଚୁପାଣ୍ଡବ ମେଳଣ ଏବେ ଚାଲିଛି। ଏହି ସମୟରେ ଥାନା ପାଖରେ ଥିବା ଏକ ଗାଡ଼ି ଷ୍ଟାଣ୍ଡରେ ବାଇକ୍ ଉପରେ ମଙ୍ଗଳବାର ଜାତୀୟ ପତାକା ଘୋଡା ଯାଇଥିବା ଦେଖିବାକୁ ମିଳିଛି। ତେବେ ତ୍ରିରଙ୍ଗାର ମୂଲ୍ୟ ନ ବୁଝି ଅସମ୍ମାନ କରିଥିବାରୁ ବୁଦ୍ଧିଜୀବୀମାନେ ଏହାକୁ ନିନ୍ଦା କରିଛନ୍ତି।

## ୮ ଦୋକାନରେ ଚଢ଼ାଉ ବ୍ୟବସାୟୀଙ୍କ ବିରୋଧ

ନିରାକାରପୁର,୧୪।୩(ଡି.ଏନ୍.ଏ.): ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନିରାକାରପୁର ଅଞ୍ଚଳର ୮ ଦୋକାନ ଉପରେ ଜିଲା ଓ ବ୍ଲକ ସ୍ୱାସ୍ଥ୍ୟ ବିଭାଗ, ବ୍ଲକ ଅବକାରୀ ବିଭାଗ ଓ ସ୍ଥାନୀୟ ପୋଲିସର ମିଳିତ ଅନୁକୂଲ୍ୟରେ ଚଢ଼ାଉ କରାଯାଇଥଲା।ଦୋକାନୀଙ୍କଠାରୁ ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଅଦାୟ କରାଯାଇଛି। ମେଡିକାଲ, ସ୍କୁଲ ଓ କଲେଜ ନିକଟରେ ଗୁଟ୍‌ଖା ନ ବିକିବା ପାଇଁ ଆସିଥିବା ଅଧିକାରୀମାନେ ପରାମର୍ଶ ଦେଇଥିଲେ। ତେବେ ଏହାକୁ କେତେଜଣ କ୍ଷୁଦ୍ର ବବସାୟୀ ବିରୋଧ କରିବା ପରେ ଅଧିକାରୀମାନେ ଫେରିଯାଇଥିଲେ। ଏହି ଚଢ଼ାଉରେ ଜିଲା ଖାଦ୍ୟ ନିରୀକ୍ଷକ ସୁଶାନ୍ତ କୁମାର ସାହି, କୋଡିନେଟର ସ୍ୱର୍ଣ୍ଣଲତା ଦାସ, ବ୍ଲକ୍ ସେଫ୍ଟି ଅଧିକାରୀ ଦେବାଶିଷ ଭୋଇ, ଟାଙ୍ଗୀ ଅବକାରୀ କର୍ମଚାରୀ ଶିବ ବିଶ୍ୱାଳ ଓ ସ୍ଥାନୀୟ ଥାନା କର୍ମଚାରୀମାନେ ସାମିଲ ହୋଇଥିଲେ।

# ଜଗନ୍ନାଥଙ୍କ ଜମିରେ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ

**ଜବରଦଖଲ ହୋଇଛି ୨୨ ଡିସିମିଲ**

- ମାଲିକଙ୍କ ନାମରେ ରହିଛି ୩.୫ ଡିସିମିଲ
- କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ

ପୁରୀ ଅଫିସ, ୧୪।୩:

ମରୀଚିକୋଟ ଛକସ୍ଥିତ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ ଘଟଣା ସାରା ରାଜ୍ୟରେ ଚର୍ଚ୍ଚାକୁ ଆସିଥିଲା। ବିଶେଷକରି ଏହି ମାର୍କେଟ କମ୍ପ୍ଲେକ୍ସ ପଛପଟେ ଏକ ପୁରାତନ ମନ୍ଦିର ଠାବ ହେବା ପରେ ଉକ୍ତ ଜମିକୁ ନେଇ ବିଭିନ୍ନ ଆଲୋଚନା ଶୁଣିବାକୁ ମିଳିଥିଲା। ଏ ନେଇ ତଦନ୍ତ କରାଯିବାକୁ ବିଭିନ୍ନ ମହଲରେ ଦାବି ହେଉଥିଲା। ସମ୍ପ୍ରତି ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ବେଳେ ଶ୍ରୀଜଗନ୍ନାଥଙ୍କ ଜମି ଉପରେ ବେଆଇନ ଭାବେ ଉକ୍ତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଥିବା ଜଣାପଡ଼ିଛି। ୨୫ ଡିସିମିଲ ଜମିରେ କମ୍ପ୍ଲେକ୍ସ ନିର୍ମିତ ହୋଇଛି। ୨୨ ଡିସିମିଲି ଜମି ମହାପ୍ରଭୁଙ୍କ ନାମରେ ଥିବାବେଳେ ୩ ଡିସିମିଲ ଜମି କମ୍ପ୍ଲେକ୍ସ ନାମରେ ରହିଛି। ଏ ନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ଅଗ୍ନିକାଣ୍ଡ ଘଟିବା ପରେ ଉକ୍ତ ଜମି ମନ୍ଦିର ପ୍ରଶାସନର ଦୃଷ୍ଟିକୁ ଆସିଥିଲା। ଅନୁସନ୍ଧାନ ପରେ ଜଣାପଡ଼ିଥିଲା ଯେ, ଚୂଡ଼ଙ୍ଗ ସାହି ମୌଜା ଖତିଆନ କ୍ରମିକ ନମ୍ବର ୬୭ ଅନ୍ତର୍ଭୁକ୍ତ ଉକ୍ତ ଜମି। ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀ ମାର୍ଫତ ଶ୍ରୀମନ୍ଦିର



ପରିଚାଳନା କମିଟି ନାମରେ ସ୍ୱତ୍ୱ ସ୍ଥିତିବାନ ପ୍ଲଟ ରହିଛି। ୨୨ ଡିସିମିଲ ଜମିରେ ଦୁଇଟି ପ୍ଲଟ ରହିଛି। ଏ ସଂକ୍ରାନ୍ତରେ ପଦକ୍ଷେପ ନେବା ପାଇଁ ସଦର ତହସିଲଦାରଙ୍କୁ କୁହାଯାଇଛି। ଉକ୍ତ ଜମିକୁ କିପରି ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବ ସେଥିଲାଗି ପଦକ୍ଷେପ ନେବାକୁ ତହସିଲଦାରଙ୍କୁ ଚିଠି କରାଯାଇଛି। ଘରୋଇ ମାଲିକଙ୍କ ନାମରେ ୩.୫ ଡିସିମିଲ ଜମି ରହିଛି। ତେବେ ଉକ୍ତ ବ୍ୟକ୍ତି କେମିତି କେଉଁ ହିସାବରେ ମହାପ୍ରଭୁଙ୍କ ଜମି ଦଖଲ କରିଛନ୍ତି ଏହାର ତଦନ୍ତ ଚାଲିଛି। ଉକ୍ତ ଜମି ଉଦ୍ଧାର ପାଇଁ ପଦକ୍ଷେପ ନିଆଯାଇଥିବା ଜେନା ପ୍ରକାଶ କରିଛନ୍ତି। ସେହିପରି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ କହିଛନ୍ତି, ଲକ୍ଷ୍ମୀ ମାର୍କେଟରେ ଅଗ୍ନିକାଣ୍ଡ ଘଟିବା ପରେ ଅଗ୍ନିଶମ କର୍ମଚାରୀମାନେ ୩୬ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ପରେ ପ୍ରଶାସନ ପକ୍ଷରୁ ଏକ ଜଏଣ୍ଟ ଟିମ୍ ଗଠନ କରାଯାଇଥିଲା। ଯେଉଁଥିରେ ତହସିଲଦାର, ଡେପୁଟି ଫାୟାର ଅଫିସର ଏବଂ ଟାଉନ ଥାନା ଆଇଆଇସି ସଦସ୍ୟ ରହିଥିଲେ। ଉକ୍ତ ଟିମ୍ ପ୍ରାଥମିକ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଛି। ତହସିଲଦାରଙ୍କ ରିପୋର୍ଟରେ ଦର୍ଶାଯାଇଛି ଯେ, ଉକ୍ତ ଜମିର କେତେକ ଅଂଶ ଶ୍ରୀଜଗନ୍ନାଥ ପ୍ରଶାସନ ନାମରେ ରହିଛି। ତେଣୁ ତାହାର ତଦନ୍ତ କରାଯିବ। ଅପରପକ୍ଷରେ ବିଲ୍ଡିଂର ଅବସ୍ଥା ବିପଦପୂର୍ଣ୍ଣ ବୋଲି ସେ ରିପୋର୍ଟରେ ଦର୍ଶାଇଛନ୍ତି। ତେଣୁ ପିଡବ୍ଲ୍ୟୁଡି ପକ୍ଷରୁ ଯାଞ୍ଚ କରାଯାଉଛି। ଏହି ତଦନ୍ତ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମ୍ପୃକ୍ତ ବ୍ୟକ୍ତି ଫାୟାର ସେଫ୍ଟି ସାର୍ଟିଫିକେଟ୍ ଆଣିଥିଲେ କି ନାହିଁ, ତାହା ଫାୟାର ଅଫିସର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ। କ୍ଷୟକ୍ଷତି ମଧ୍ୟ ଆକଳନ କରାଯିବ। ସମସ୍ତ ରିପୋର୍ଟ ମିଳିବା ପରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ନିଆଯିବ। ସେହିପରି ଉକ୍ତ ଜମି ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରାଯିବ। ମହାପ୍ରଭୁଙ୍କ ଅନେକ ଜମିକୁ ଲୋକେ ମାଡ଼ିବସିଛନ୍ତି। କେତେକ ଜମି ଶ୍ରୀମନ୍ଦିର ପ୍ରଶାସନକୁ ଫେରିଛି। ଅନ୍ୟ ଜମି ଉଦ୍ଧାର ଲାଗି ଉଦ୍ୟମ ଚାଲିଛି। କେଉଁ ସ୍ଥାନରେ କେତେ ଜମି ରହିଛି ସେ ନେଇ ସର୍ଭେ ସରିଛି। ଖୁବ୍‌ଶୀଘ୍ର ସମସ୍ତ ଜମି ଶ୍ରୀମନ୍ଦିର ଖାତାକୁ ଫେରାଇ ଅଣାଯିବ ବୋଲି ଆଶା ରହିଛି।

## କମ୍ପ୍ଲେକ୍ସ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

**ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଲେ ସାମାଜିକ କର୍ମୀ**

ପୁରୀ ଅଫିସ, ୧୪।୩:

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂଲ୍ୟବାନ ଜମି ଉପରେ ବେଆଇନ ଭାବେ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିଥିବା ଅଭିଯୋଗରେ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ଦାବି କରିଛନ୍ତି। ଏ ନେଇ ସେ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି। ଦାସ ଚିଠିରେ ଉଲ୍ଲେଖ କରିଛନ୍ତି, ଦୀର୍ଘବର୍ଷ ଧରି ପ୍ଲଟ ନଂ. ୪୫୬ ତଥା ୪୫୬/୬୩୬ର ଶ୍ରୀଜଗନ୍ନାଥଙ୍କ ଜମିରେ ଜଣେ ବ୍ୟକ୍ତି ବେଆଇନ ଭାବେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବା ସହ ଏହି ଜମିରେ ଥିବା କର୍ଣ୍ଣେଶ୍ୱର ମନ୍ଦିରକୁ କ୍ଷତି ପହଞ୍ଚାଇଥିଲେ। ସେହିପରି ସେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ନିର୍ମାଣ ଯୋଜନା ଅନୁସରଣ ବିନା କମ୍ପ୍ଲେକ୍ସ କରିଥିଲେ। ଏ ନେଇ କ୍ରାଇମବ୍ରାଞ୍ଚ ତଦନ୍ତ ସହ ପ୍ରଶାସନିକ ତଦନ୍ତ କରାଯାଇ କମ୍ପ୍ଲେକ୍ସ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାସ ଦାବି କରିଛନ୍ତି।

## ବସ୍‌ରୁ ବାହାରିଗଲା ୪ ଚକ



ବସ୍‌ରୁ ଚକା ବାହାରିଯାଇଛି ।

**ବର୍ତ୍ତିଲେ ପର୍ଯ୍ୟଟକ**

କୋଣାର୍କ,୧୪।୩(ଡି.ଏନ୍.ଏ.)

ପୁରୀରୁ କୋଣାର୍କ ଅଭିମୁଖେ ଆସୁଥିବା ଏକ ପର୍ଯ୍ୟଟନ ବସ୍ ମଙ୍ଗଳବାର କୋଣାର୍କ ଚନ୍ଦ୍ରଭାଗା ରାସ୍ତାର ହେଲିପ୍ୟାଡ଼ ନିକଟରେ ଏକ ବଡ଼ ଦୁର୍ଘଟଣାର ବର୍ତ୍ତିଯାଇଛି। ଏହି ବସ୍‌ର ପଛ ଚାରୋଟି ଚକ ବାହାରି ଯାଇଥିଲା । ତେବେ କୌଣସି ପ୍ରକାରେ ଚାଳକ ଉପସ୍ଥିତ ବୁଦ୍ଧି ଖଟାଇ ବସ୍‌କୁ ନିୟନ୍ତ୍ରଣ କରିଥିଲେ । ଫଳରେ ବସ୍‌ରେ ଥିବା ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ତେବେ କେତେଜଣ ପର୍ଯ୍ୟଟକ ଅଳ୍ପ ଆହତ ହୋଇଥିବା ଜଣାପଡିଛି । ଏହି ବସ୍‌ଟି ଆନ୍ଧ୍ରପ୍ରଦେଶରୁ ଆସିଥିଲା ବୋଲି ଯାତ୍ରୀଙ୍କଠାରୁ ସୂଚନା ମିଳିଛି ।



ଚୈତ୍ର ମଙ୍ଗଳବାର ଅବସରରେ ପୁରୀ ସହରର ଏକ ସ୍ଥାନରେ ମହିଳାମାନେ ପନ୍ତେଇ ପୂଜା କରୁଛନ୍ତି।

## ଗଛରେ ପିଟିହୋଇ ବାଇକ ଆରୋହୀ ମୃତ

ଖୋର୍ଦ୍ଧା ଅଫିସ,୧୪।୩:

୫୭ନମ୍ବର ଜାତୀୟ ରାଜପଥର ଶରଧାପୁର ଛକଠାରେ ଏକ ଗଛରେ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଶ୍ଚିମବଙ୍ଗ ପଶ୍ଚିମମେଦିନିପୁର ଜିଲା ଡେବ୍ରା ଥାନା ଅଧୀନ ଗୋଲଗାମ ଗ୍ରାମର ସେକ୍ ସଫିକୁଲ ରହେମାନ(୨୦)। ପୋଲିସ ସୂଚନା ମୁତାବକ, ସଫିକୁଲ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ଦ୍ୱାରିକା ନଗର ଅଞ୍ଚଳରେ ରହି କାଠ କାମ କରୁଥିଲେ। ମଙ୍ଗଳବାର ତାଙ୍କର ଜଣେ ସହଯୋଗୀଙ୍କୁ ଛାଡିବାକୁ ସେ ଶରଧାପୁର ବାଇକ୍‌ରେ ଯାଇଥିଲେ। ସେଠାରୁ ଫେରିବା ବେଳେ ସେ ସକାଳ ପ୍ରାୟ ୯ଟା ୩୦ରେ ଶରଧାପୁର ଛକଠାରେ ଭାରସାମ୍ୟ ହରାଇ ଏକ ଗଛରେ ପିଟିହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛି।

## ବୃଦ୍ଧଙ୍କୁ ହାଣି ଯୁବକ ଗିରଫ

ଯାଁଳା,୧୪।୩(ଡି.ଏନ୍.ଏ.):

ବୃଦ୍ଧଙ୍କୁ ହାଣିବା ଅଭିଯୋଗରେ ଇନ୍‌ଫୋ ଭ୍ୟାଲି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଗଙ୍ଗପଡା ଭାତଖୁରି ଅଞ୍ଚଳର କୈଳାସ ନାଏକ ଓରଫ କାଳିଆ(୩୦)। ସୂଚନା ମୁତାବକ, ଉକ୍ତ ଅଞ୍ଚଳର ସୁଦର୍ଶନ ରାଉଳ(୬୦) ଏକ ବରଗଛ ମୂଳରେ ବସିଥିଲେ। କାଳିଆ ସେଠାରେ ପହଞ୍ଚି ହଠାତ୍ ସୁଦର୍ଶନଙ୍କୁ ଏକ ମାରଣାସ୍ତ୍ରରେ ହାଣିଥିଲେ। ସ୍ଥାନୀୟ ଲୋକେ ଚିତ୍କାର ଶୁଣି ଘଟଣାସ୍ଥଳରେ ପହଞ୍ଚି କାଳିଆଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ସୁଦର୍ଶନଙ୍କ ମୁଣ୍ଡ, କାନ୍ଧ, ହାତର ଦୁଇ ପାପୁଲି ଓ ଆଙ୍ଗୁଠିରେ ଆଘାତ ଲାଗିଛି। ଚିକିତ୍ସା ପାଇଁ ତାଙ୍କୁ ଏମ୍‌ସ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ଆକ୍ରମଣର କାରଣ ଅସ୍ପଷ୍ଟ ରହିଛି। ଆହତଙ୍କ ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ହରିରାଜପୁର ମେଳଣରେ କବିତା ଆସର



କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ଡେଲାଙ୍ଗ,୧୪।୩(ଡି.ଏନ୍.ଏ.):

ହରିରାଜପୁର ମେଳଣର ମଙ୍ଗଳବାର ତୃତୀୟ ସନ୍ଧ୍ୟାରେ ହରିରାଜପୁର ପଶ୍ଚିମାଶମ୍ଭୁ ଯୁବକ ସଂଘ ପକ୍ଷରୁ ସାହିତ୍ୟ ସଭା ଓ ରାଜ୍ୟସ୍ତରୀୟ କବିତା ଆସର ଅନୁଷ୍ଠିତ ହୋଇଥିଲା। କବି ଓ କବିୟତ୍ରୀମାନଙ୍କ ସ୍ୱରଚିତ କବିତା ଆବୃତ୍ତ ଦେଖିବା ପାଇ ଲୋକଙ୍କ ଭିଡ଼ ଜମିଥିଲା। ଏହି କାର୍ଯ୍ୟକ୍ରମକୁ ତ୍ରିଲୋଚନ ମହାପାତ୍ର ଅଧକ୍ଷା କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ଅଧାପିକା ପ୍ରତିଭା ମହାରଥୀ ଯୋଗଦେଇ ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମହିମା ସମ୍ପର୍କରେ ଆଲୋକପାତ କରିଥିଲେ। ସାହିତ୍ୟ, ମେଳଣ ସହ ବିଭିନ୍ନ କ୍ଷେତ୍ରରେ ସୃଷ୍ଟ କବିତା ସବୁ ସାହିତ୍ୟପ୍ରେମୀଙ୍କ ମନମୁଗ୍ଧ କରିଥିଲା। ଏଥିରେ ପୂର୍ବତନ ସରପଞ୍ଚ ପ୍ରସନ୍ନ ମହାରଥୀ, ସଂଗ୍ରାମକେଶରୀ ସାମନ୍ତରାୟ, ଶିକ୍ଷାବିତ ଜବାହରଲାଲ ସୁବୁଦ୍ଧି, ରଘୁନାଥ ଜେନା, ଅଧାପିକା ରଜନୀ ରଣସିଂହ, କବି ବିପିନି ବେହେରା, ପୁଷ୍ପା ମିଶ୍ର, ବାସୁଦେବ ସାହୁ, କବି ଭିକାରୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଓଡିଶାର କୋଣ ଅନୁକୋଣରୁ ସହସ୍ରାଧିକ କବି ଓ କବିୟତ୍ରୀମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।

**ଶିଶୁ ଓ ବାଳକ, ବାଳିକାଙ୍କ ବିଭିନ୍ନ ବେଶ:** ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ସହିତ ସମସ୍ତ ଖୁଣ୍ଟିଲାଗି ଠାକୁରଙ୍କ ଆଳତି ପାଇଁ କୁନି ଶିଶୁ ଓ ବାଳକ ବାଳିକାଙ୍କୁ ବିଭିନ୍ନ ବେଶରେ ସଜେଇ ସନ୍ଧ୍ୟାରେ ଆଳତି କରାଯାଇଥିଲା। ଏହି ସନ୍ଧ୍ୟା ଆଳତି ସମୟରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ କରି କୃପାଲାଭ କରିଥିଲେ।

**ମହିଳା ମହାସଂଘ ପକ୍ଷରୁ ଆବର୍ଜନା କୁଣ୍ଡ ବ୍ୟବସ୍ଥା:** ଡେଲାଙ୍ଗ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ ଓ ମିଶନ ଶକ୍ତି ମହିଳା ମହାସଂଘ ସଭାନେତ୍ରୀ ବିଦ୍ୟୁଲତା ସ୍ୱାଇଁଙ୍କ ନେତୃତ୍ୱରେ ମେଳଣ ପଡିଆରେ ଆବର୍ଜନା କୁଣ୍ଡ ରଖାଯାଇ ଲୋକଙ୍କୁ କୁଣ୍ଡରେ ଅଳିଆ ପକାଇବାକୁ ସଚେତନତା କରାଯାଇଛି। ପଲିଥିନ, ପ୍ଲାଷ୍ଟିକ ଗ୍ଲାସ, ପ୍ଲାଷ୍ଟିକ ବୋତଲକୁ ଏଣେତେଣେ ନ ପକାଇ ଡଷ୍ଟବିନକୁ ବ୍ୟବହାର କରିବା ପାଇଁ ମହିଳା ସଂଘ ପକ୍ଷରୁ ନିବେଦନ କରାଯାଇଛି। ଏହାସହିତ ମେଳଣ ସମାପନ ପରେ ସଂଘ ପକ୍ଷରୁ ମେଳଣ ପଡିଆ ସଫେଇ କରାଯାଇଥିଲା।

**ଯୋଗଦେବେ ୭ଶହ ସଂକୀର୍ତ୍ତନ ମଣ୍ଡଳୀ:** ଶ୍ରୀଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମେଳଣ ପଡିଆରେ ବୁଧବାର ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୭ଶହ ସଂକୀର୍ତ୍ତନ ମଣ୍ଡଳି ଯୋଗଦେବେ। ଏହି ସଂକୀର୍ତ୍ତନ ମଣ୍ଡଳୀ ସଂଘ ସର୍ବପ୍ରଥମେ ପ୍ରଭୁଙ୍କ ମନ୍ଦିରକୁ ଯାଇ ସେଠାରୁ ସଂକୀର୍ତ୍ତନ ଆରମ୍ଭ କରି ପ୍ରାୟ ୧କିମି ରାସ୍ତା ଅତିକ୍ରମ କରି ଖୁଣ୍ଟିଲାଗି ବିମାନ ପୁଞ୍ଜି ନିକଟରେ ପହଞ୍ଚି ସନ୍ଧ୍ୟା ପର୍ଯ୍ୟନ୍ତ ସଂକୀର୍ତ୍ତନ କରିବେ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି ।

## ଗାଏବ ଫାଇଲ ନ ଫେରାଇଲେ କାର୍ଯ୍ୟାନୁଷ୍ଠାନ ନିଆଯିବ

**ବ୍ଲକସ୍ତରୀୟ ଜନଶୁଣାଣି ଶିବିର**

- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଆବାସ ଯୋଜନା ଅନିୟମିତତାର ତଦନ୍ତ ହେବ

ଗୋପ,୧୪।୩(ଡି.ଏନ୍.ଏ.)

ଗୋପ ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଖୋଲତାଡ ହେବ। ଆବାସ ଯୋଜନାରେ ଗୃହ ନିର୍ମାଣ କରି ନ ଥିବା ହିତାଧିକାରୀ ନେଇଥିବା ଅଗ୍ରିମ ଟଙ୍କା ଫେରାଇବାକୁ ବ୍ଲକ ପକ୍ଷରୁ ନୋଟିସ କରାଯିବା ସହ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମୃତ ବ୍ୟକ୍ତିଙ୍କ ନାମରେ ଟଙ୍କା ହଡ଼ପକୁ ନେଇ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗୋପ ବ୍ଲକ ପରିସରରେ ମଙ୍ଗଳବାର ଆୟୋଜିତ ଦୁଇ ଗୋଟି ସରକାରୀ ଯୋଜନାର ଜନଶୁଣାଣି ଶିବିରରେ ଏହା ଜଣାପଡିଛି। କିନ୍ତୁ ଏହି ଘଟଣାକୁ ଜିଲାସ୍ତରରେ ଚାପି ଦେବା ଉଦ୍ୟମରେ ଏମ୍‌ଜିଏନ୍‌ଆର୍‌ଇଜିଏସରେ କେତେକ ଫାଇଲ୍ ଏବେ ଗାଏବ ହୋଇଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଜିଲା ପ୍ରକଳ୍ପ ଅଧିକାରୀ ଜ୍ୟୋତି ଶଙ୍କର ଦାସ, ବିଡିଓ ଦୀପ୍ତିରାଣୀ ଦାସ ୨୦୧୫-୧୬ ଆର୍ଥିକ ବର୍ଷରୁ ୨୦୨୨-୨୩ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମ୍ପର୍କରେ ମଙ୍ଗଳବାର ପୂର୍ବାହ୍ନରେ ସମୀକ୍ଷା କରିଥିଲେ। ୧୯୯୯ ମସିହା ମହାବାତ୍ୟାଠାରୁ ସରକାର ୨୨, ୨୫, ୩୫, ୭୦ ଦେଇଥିବା ଆବାସ ଗୃହ ଯୋଜନା ଶହ ଶହ ଫାଇଲ୍ ବ୍ଲକରେ ନ ଥିବାବେଳେ ୨୦୧୬-୧୭ ଆର୍ଥିକ ବର୍ଷରୁ କମ୍ପ୍ୟୁଟରୀକରଣ ମାଧ୍ୟମରେ ଫାଇଲ୍ ରହିଥିବା ଜଣାପଡିଛି। ଜିଲା ପ୍ରକଳ୍ପ ଅଧିକାରୀ ଦାସ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କରି ନ ଥିବା ୧୫୫ ଜଣ ହିତାଧିକାରୀଙ୍କୁ ଅଗ୍ରିମ ଟଙ୍କା ଫେରାଇବାକୁ ନୋଟିସ କରିବାକୁ ବିଡିଓ ଦାସଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଇଡିଭୂଆଁ ପଞ୍ଚାୟତରେ ୩ ମୃତକଙ୍କ ନାମରେ ଟଙ୍କା ପୈଠ କରାଯାଇଥିବା ଜଣାପଡିଛି। ଏହି ସମସ୍ତ ଅଭିଯୋଗରେ ଜଣେ କନିଷ୍ଠ ଯନ୍ତ୍ରୀ ବଦଳି ହୋଇଥିବାବେଳେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚାକିରିରୁ ଇସ୍ତଫା ଦେଇଥିବା ଶିବିରରେ ଆଲୋଚନା ହୋଇଥିଲା। ସପ୍ତାହେ ମଧ୍ୟରେ ଫାଇଲ ନ ଫେରାଇଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକଳ୍ପ ଅଧିକାରୀ ଦାସ ସୂଚନା ଦେଇଥିଲେ। ଶିବିରରେ ବ୍ଲକ ସହକାରୀ ଯନ୍ତ୍ରୀ ଶ୍ୱେତା ନାୟକ, ଅଶୋକ ପୁଷ୍ଟି, କନିଷ୍ଠ ଯନ୍ତ୍ରୀ ସୁଦିପ୍ ବେସ୍ରା, ଜିଲା ସାମାଜିକ ସମୀକ୍ଷକ ରାଜକିଶୋର ପରିଡ଼ା, ବ୍ଲକ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସହକାରୀ ପ୍ରକଳ୍ପ ପରିଚାଳିକା ମୋନାଲିସା ଶତପଥୀ, ବ୍ଲକ ସାମାଜିକ ସମୀକ୍ଷକ ସୃଶ୍ରୀ ସଙ୍ଗୀତା, ବ୍ଲକ ପ୍ରଧାନମନ୍ତ୍ରୀ କର୍ମଚାରୀ ଯଯାତିକେଶରୀ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଝାଡ଼େଶ୍ୱରୀ ପୀଠରେ ଝାମୁ ଯାତ୍ରା



ପୁରୀ ଅଫିସ, ୧୪।୩:

ପୁରୀର ଅନ୍ୟତମ ପ୍ରମୁଖ ଦେବୀ ପୀଠ ମା’ ଝାଡ଼େଶ୍ୱରୀ ପୀଠରେ ଚୈତ୍ର ମଙ୍ଗଳବାର ଅବସରରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଛି। ମାନସିକଧାରୀ ପାଟୁଆମାନେ ଝାମୁ ନିଆଁରେ ଚାଲିବା ସହ ହଳଦୀ ପାଣିରେ ଗୋଡ଼ ଧୋଇ ମା’ଙ୍କ ପ୍ରସାଦ ପାଇ ବ୍ରତ ସମାପନ କରିଥିଲେ। ମନ୍ଦିର ପୂଜକଙ୍କ କହିବା ଅନୁଯାୟୀ, ମା’ଙ୍କ ଏହି ପର୍ବକୁ ବାସନ୍ତିକ ଦୁର୍ଗାପୂଜା ବା ଚଇତି ପର୍ବ ବୋଲି କୁହାଯାଏ। ଚୈତ୍ର ମାସର ପ୍ରତ୍ୟେକ ମଙ୍ଗଳବାର ସହ ବିଷୁବ ସଂକ୍ରାନ୍ତିରେ ମା’ଙ୍କ ନିକଟରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଥାଏ। ଝାମୁ ପାଇଁ ମଙ୍ଗଳବାର ଭୋର ୩ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ନୀତି ଆରମ୍ଭ କରାଯାଇଥିଲା। ଶ୍ରଦ୍ଧାଳୁମାନେ ମା’ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ।

## ମୃତ୍ତିକା ସଂରକ୍ଷଣ, ଉଦ୍ୟାନ କୃଷି ବିଭାଗକୁ ୧ ହଜାର ଜରିମାନା

**ବ୍ଲକସ୍ତରୀୟ ଜନଶୁଣାଣି ଶିବିର**

ଡେଲାଙ୍ଗ,୧୪।୩(ଡି.ଏନ୍.ଏ.)



ଶିବିରରେ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ସାହୁ, ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ବିଡିଓ ଲାବଣ୍ୟେନ୍ଦୁ ମହାନ୍ତି ଓ ଅନ୍ୟମାନେ ।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଅନୁସାରେ ମଙ୍ଗଳବାର ଡେଲାଙ୍ଗ ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଶିବିରରେ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ସାହୁ, ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାବଣ୍ୟେନ୍ଦୁ ମହାନ୍ତି, ଅତିରିକ୍ତ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେଶ୍ୱର ମହାରଣା, ସହକାରୀ ପ୍ରକଳ୍ପ ଅଧିକାରୀ ଏଲ୍‌ସୋମା ଦେବୀ, ସାମାଜିକ ସମୀକ୍ଷକ ପ୍ରସାଦିନୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଗତ ୨୦୧୭-୧୮ଠାରୁ ୨୦୨୧-୨୨ ପର୍ଯ୍ୟନ୍ତ କରାଯାଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ସମୀକ୍ଷା ଓ ଅଭିଯୋଗର ଶୁଣାଣି କରାଯାଇ ମୃତ୍ତିକା ସଂରକ୍ଷଣ ବିଭାଗ ଓ ଉଦ୍ୟାନ କୃଷି ବିଭାଗ ଉପରେ ଅନିୟମିତତା ପାଇଁ ୧ ହଜାର ଟଙ୍କା ଲେଖାଏ ଜରିମାନା ଧାର୍ଯ୍ୟ ହୋଇଛି। ଗତ ଅକ୍ଟୋବରରୁ ଚଳିତ ମାର୍ଚ୍ଚ ମଧ୍ୟରେ ୭୨୬ଟି ପ୍ରକଳ୍ପ ମଧ୍ୟରୁ ୩୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏଥିପାଇଁ ୪କୋଟି ୫୦ଲକ୍ଷ ୪୧ହଜାର ଟଙ୍କା ବ୍ୟୟ କରାଯାଇ ୧ଲକ୍ଷ ୩୬ହଜାର ୨୨୩ ମାନବ କାର୍ଯ୍ୟ ଦିବସ ସୃଷ୍ଟି କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଥିଲା। ୧୭୦ ପରିବାରକୁ ସମ୍ପୂର୍ଣ୍ଣ ଦିନର କାମ ଦିଆଯାଇଥିବାବେଳେ ୩ହଜାର ୯ଶହ ୨ ପରିବାରଙ୍କୁ କର୍ମ ନିଯୁକ୍ତି ମିଳିଥିବା ପ୍ରକଳ୍ପ ଅଧିକାରୀ ଏଲ୍‌ସୋମା ଦେବୀ ସୂଚନା ଦେଇଥିଲେ। ଅନୁପସ୍ଥିତ କେତେକ ବିଭାଗର ଅଧିକାରୀଙ୍କୁ ତାଗିଦ୍ କରିବାକୁ ସମିତି ସଭ୍ୟ ଅଜୟ ରାଉତରାୟ ପ୍ରସ୍ତାବ ଦେଇଥିଲେ। ଗୁହାଳ, ଉଦ୍ୟାନ କୃଷି ଦ୍ୱାରା ନଡ଼ିଆ ଚାରାରୋପଣ, ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଅନିୟମିତତା ନେଇ ଅଭିଯୋଗ ହୋଇଥିଲା। ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଭିଆର୍‌ପିମାନେ ଶିବିରରେ ଅଂଶଗ୍ରହଣ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୫ ମାର୍ଚ୍ଚ, ୨୦୨୩

## ଉଦ୍ଧାର ଗାଡଭାଲୁ ନନ୍ଦନକାନନ ଆସିଲା

ବାରଙ୍ଗ,(ଡି.ଏନ୍.ଏ.): ପୁରୀ ଡିଭିଜନରୁ ଉଦ୍ଧାର ହୋଇଥିବା ୬ମାସର ଅଣ୍ଡିରା ଗାଡଭାଲୁ ମଙ୍ଗଳବାର ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଆସିଛି। ସେ ଅସୁସ୍ଥ ଥିବାରୁ କର୍ତ୍ତୃପକ୍ଷ ପ୍ରଥମେ ବନ୍ୟପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସକମାନଙ୍କ ଦ୍ୱାରା ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରଥିଲେ। ଏହାପରେ ଗାଡ଼ଭାଲୁକୁ ବନ୍ୟପ୍ରାଣୀ ଚିକିତ୍ସାଳୟର କ୍ୱାରାଣ୍ଟାଇନରେ ଛଡାଯାଇଥିବା ସୂଚନା ମିଳିଛି।



### ସଂକ୍ଷେପରେ

## ସରିଲା ମେଣ୍ଢାଶାଳ ପଞ୍ଚଦୋଳ ମେଳଣ

ବାରଙ୍ଗ,୧୪।୩(ଡି.ଏନ୍.ଏ.)- ରାଜଧାନୀ ଉପକଣ୍ଠ ମେଣ୍ଢାଶାଳ ଗ୍ରାମରେ ୩ଦିନ ଧରି ଚାଲିଥିବା ଦୋଳ ମେଳଣ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ରବିବାର ବିଳମ୍ବିତ ରାତିରେ ଜମାଣ ଉତ୍ସବରେ ଗ୍ରାମର ଥାନପତି ଠାକୁର ଚନ୍ଦ୍ରଶେଖର ଦେବଙ୍କ ସହ ଅନ୍ୟ ଠାକୁରମାନେ ବିମାନରେ ଆସି ବାଲୁଙ୍କେଶ୍ୱର ଦେବଙ୍କ ମେଳଣ ପଡ଼ିଆରେ ଥିବା ଦୋଳବେଦିରେ ଏକାଠି ହୋଇଥିଲେ। ବାଜା, ବାଣ, ଘଣ୍ଟ ସାଙ୍ଗକୁ ଲଉଡି ଶୋଭାଯାତ୍ରାରେ ଆସି ପହଞ୍ଚିଥିଲେ। ପୂଜାର୍ଚ୍ଚନା ପରେ ଆରମ୍ଭ ହୋଇଥିଲା ଦୋଳ ମେଳଣ। ଏଥିରେ ଆଖପାଖ ଗାଁର ୨୨ଟି ଠାକୁର ଦୋଳବିମାନରେ ବସି ମେଳଣରେ ସାମିଲ ହୋଇଥିଲେ। ଫଗୁ ଖେଳ ସହ ହରିବୋଲ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ମେଳଣ ପଡିଆ। ଏହାକୁ ବାଙ୍କବିହାରୀ ଦାସ, ପ୍ରଫୁଲ୍ଲ ଶ୍ରୀଚନ୍ଦନ, ଭାରତ ଭୂଷଣ ମହାରଣା ପ୍ରମୁଖ ପରିଚାଳନା କରିଥିଲେ। ଏହି ମେଳଣ ଦେଖିବାକୁ ଶତାଧିକ ଲୋକ ଏକତ୍ରିତ ହୋଇଥିଲେ। ପରେ ଘରକୁ ଘରକୁ ଯାଇ ଠାକୁର ଭୋଗ ଖାଇଥିଲେ।

## ମା’ ମଙ୍ଗଳାଙ୍କ ପ୍ରଥମ ପାଳି ଚୈତ୍ର ପର୍ବ ଆରମ୍ଭ

କାକଟପୁର,୧୪।୩(ଡି.ଏନ୍.ଏ.)- କାକଟପୁରର ଅଧିଷ୍ଠାତ୍ରୀ ଦେବୀ ଚତୁର୍ଦ୍ଧାମୂର୍ତ୍ତିଙ୍କ ନବକଳେବରର ଆଜ୍ଞାଦାତ୍ରୀ ମା’ ମଙ୍ଗଳାଙ୍କ ଚୈତ୍ର ପର୍ବ ମଙ୍ଗଳବାରଠାରୁ ଆରମ୍ଭ ହୋଇ ପାଞ୍ଚପାଳି ପର୍ଯ୍ୟନ୍ତ ଚାଲିବ। ଏହାକୁ ମା’ଙ୍କର ପାଳିଯାତ୍ରା ବୋଲି କୁହାଯାଏ। ମହିଳାମାନେ ପରିବାରର ଶୁଭ ମନାସୀ ମା’ଙ୍କ ଉଦ୍ଦେଶ୍ୟରେ ଗୁଆ ବସାଇ ପନ୍ତେଇ ପୂଜା ଆରମ୍ଭ କରି ପଞ୍ଚମ ପାଳି ଶେଷ ମଙ୍ଗଳବା ଉଜାଇ ଥାଆନ୍ତି। ପ୍ରଥମ ପାଳିଯାତ୍ରା ପାଇଁ ସୋମବାର ରାତ୍ର ୨ଟାରେ ମା’ଙ୍କ ଦ୍ୱାର ଫିଟାଯାଇ ପାଳିଆ ପୂଜାପଣ୍ଡା ନୀତି ଆରମ୍ଭ କରନ୍ତି। ମଙ୍ଗଳବାର ସକାଳ ୫ଟାରେ ମା’ଙ୍କ ସକାଳ ଧୂପ, ୫ଟା୩୦ମିରେ ସାହାଣ ମେଲା ଓ ସର୍ବସାଧାରଣ ଦର୍ଶନ, ଦିବା ୨ଟାରେ ନେତବନ୍ଧା ଓ ବେଢ଼ା ପରିକ୍ରମା, ୩ଟାରୁ ୪ଟା ମଧରେ ମା’ଙ୍କ ଦ୍ୱିପ୍ରହର ଧୂପ, ୪ଟା ୩୦ରୁ ୫ଟା ମଧରେ ଭଣ୍ଡ ଧୂପ ଓ ପହୁଡ଼, ସନ୍ଧ୍ୟା ୬ଟା ୧୫ରେ ପହୁଡ଼ ଖୋଲା ଓ ସନ୍ଧ୍ୟା ଆଳତି, ରାତ୍ର ୯ଟାରେ ମହାସ୍ନାନ ଓ ବେଶ, ରାତ୍ର ୧୧ଟାରେ ରାତ୍ରଧୂପ, ୧୨ଟାରେ ବଡ଼ସିଂହାର ବେଶ, ୧୨ଟା ୩୦ରେ ଭ୍ରମଣୀ, ରାତ୍ର ୧ଟାରେ ମା’ଙ୍କ ପହୁଡ ଓ ଦ୍ୱାରବନ୍ଦ ନୀତି କାନ୍ତି କରାଯିବାର ପରମ୍ପରା ରହିଛି। ଏନେଇ ମନ୍ଦିର ଟ୍ରଷ୍ଟି ତଥା ତହସିଲଦାର ବିରଞ୍ଚି ନାରାୟଣ ବେହେରା ଓ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ ସୂଚନା ଦେଇଛନ୍ତି।

## ବୃଦ୍ଧଙ୍କୁ ହାଣି ଯୁବକ ଗିରଫ

ଯାଁଳା,୧୪।୩(ଡି.ଏନ୍.ଏ.): ବୃଦ୍ଧଙ୍କୁ ହାଣିବା ଅଭିଯୋଗରେ ଇନ୍‌ଫୋ ଭ୍ୟାଲି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଗଙ୍ଗପଡା ଭାତଖୁରି ଅଞ୍ଚଳର କୈଳାସ ନାଏକ ଓରଫ କାଳିଆ(୩୦)। ସୂଚନା ମୁତାବକ, ଉକ୍ତ ଅଞ୍ଚଳର ସୁଦର୍ଶନ ରାଉଳ(୬୦) ଏକ ବରଗଛ ମୂଳରେ ବସିଥିଲେ। କାଳିଆ ସେଠାରେ ପହଞ୍ଚି ହଠାତ୍ ସୁଦର୍ଶନଙ୍କୁ ଏକ ମାରଣାସ୍ତ୍ରରେ ହାଣିଥିଲେ। ସ୍ଥାନୀୟ ଲୋକେ ଚିତ୍କାର ଶୁଣି ଘଟଣାସ୍ଥଳରେ ପହଞ୍ଚି କାଳିଆଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ସୁଦର୍ଶନଙ୍କ ମୁଣ୍ଡ, କାନ୍ଧ, ହାତର ଦୁଇ ପାପୁଲି ଓ ଆଙ୍ଗୁଠିରେ ଆଘାତ ଲାଗିଛି। ଚିକିତ୍ସା ପାଇଁ ତାଙ୍କୁ ଏମ୍‌ସ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ଆକ୍ରମଣର କାରଣ ଅସ୍ପଷ୍ଟ ରହିଛି। ଆହତଙ୍କ ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଖଣ୍ଡାରେ ଜନ୍ମଦିନ କେକ୍ କାଟିଲେ

### କମିଶନରେଟ୍ ପୋଲିସକୁ ଚ୍ୟାଲେଞ୍ଜ



ଭୁବନେଶ୍ୱର,୧୪।୩(ବ୍ୟୁରୋ)



ଭାଇରାଲ ହୋଇଥିବା ଭିଡ଼ିଓରେ ଖଣ୍ଡାରେ କେକ୍ କଟାଯାଉଥିବା ସମୟର ଦୃଶ୍ୟ।

ରାଜଧାନୀରେ ଆଉଏକ ଗ୍ୟାଙ୍ଗ ମୁଣ୍ଡ ଟେକିଥିବା ଜଣାପଡ଼ିଛି। ୮ରୁ ଊର୍ଦ୍ଧ୍ୱ ଯୁବକ ଖଣ୍ଡାରେ କେକ୍ କାଟି ଜନ୍ମଦିନ ପାଳୁଥିବାର ଏକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେବାପରେ ଅଧିକ ଚର୍ଚ୍ଚା ସୃଷ୍ଟି ହୋଇଛି। ତେବେ ଏୟାରଫିଲ୍ଡ ଥାନା ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏପରି ଜନ୍ମଦିନ ପାଳନ କରାଯାଇଥିବାବେଳେ ତାହାର ଭିଡିଓ ସୋସିଆଲ ମିଡିଆରେ ଛାଡ଼ି ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ଉକ୍ତ ଗୋଷ୍ଠୀ। ତେବେ ଏହି ଭିଡିଓ କେଉଁଦିନର ସ୍ପଷ୍ଟ ହୋଇ ନ ଥିଲେ ମଧ ୩ରୁ ୪ଦିନ ତଳର ବୋଲି କୁହାଯାଉଛି। ତେବେ ସମ୍ପୃକ୍ତ ଯୁବକମାନଙ୍କୁ ଚିହ୍ନଟ କରିବା କମିଶନରେଟ ପୋଲିସ୍ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏପରିକି ମାରଣାସ୍ତ୍ରରେ କେକ୍ କାଟୁଥିବା ଯୁବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସାଧାରଣରେ ଦାବି ହେଉଛି। ଏନେଇ ଏୟାରଫିଲ୍ଡ ଥାନାଧିକାରୀ ଅଶୋକ ନାୟକ କହିଛନ୍ତି, ଭିଡିଓ ସାମ୍ନାକୁ ଆସିବା ପରେ ଏହାର ସତ୍ୟତା ଓ ଆପରାଧିକ ଦିଗକୁ ଯାଞ୍ଚ କରାଯାଉଛି। ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ପୂର୍ବରୁ ମଧ ଭୁବନେଶ୍ୱରରେ ଏକାଧିକ ଗ୍ୟାଙ୍ଗ ଓ ଅସାମାଜିକ ଗୋଷ୍ଠୀ ରାସ୍ତାରେ ଖଣ୍ଡା ବୁଲାଇ ବନ୍ଧା ହୋଇଛନ୍ତି। ସେହିପରି ସର୍ବସାଧାରଣ ସ୍ଥାନରେ ଖଣ୍ଡାରେ କେକ୍ କାଟି ଆତଙ୍କ ସୃଷ୍ଟି କରିବା ସହ ଆପରାଧିକ ଉପସ୍ଥିତ ଜାହିର କରିବାକୁ ଚେଷ୍ଟା କରିଥିବା ନଜର ରହିଛି।

## ଗାଡ଼ି ଅଟକାଇଲେ କାର୍ଯ୍ୟାନୁଷ୍ଠାନ: ପୋଲିସ କମିଶନର

ଭୁବନେଶ୍ୱର,୧୪।୩(ବ୍ୟୁରୋ)

### ଆଜି ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ ଆନ୍ଦୋଳନ

- ଦ୍ୱୈତନଗରୀ ପାଇଁ ୧୫ ପ୍ଲାଟୁନ୍ ଫୋର୍ସ
- ‘ଯାତାୟାତରେ ଅସୁବିଧା ହେଲେ ୧୧୨କୁ କଲ୍ କର’

ଓଡ଼ିଶା ଡ୍ରାଇଭର ଏକତା ମଞ୍ଚ ପକ୍ଷରୁ ୬ଦଫା ଦାବି ନେଇ ବୁଧବାରଠାରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଡାକରା ଦିଆଯାଇଛି। କେବଳ ହଳଦିଆ ନମ୍ବର ବିଶିଷ୍ଟ ଗାଡ଼ିଗୁଡ଼ିକର ଚଳାଚଳକୁ ବନ୍ଦ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଅପରପକ୍ଷରେ ଏହି ଆନ୍ଦୋଳନକୁ କେତେକ ଡ୍ରାଇଭର ସଂଘ ସହଯୋଗ କରୁ ନାହାନ୍ତି। କଟକ ଓ ଭୁବନେଶ୍ୱରରେ ବହୁ ସଂଖ୍ୟାରେ ଲୋକମାନେ ଯାତ୍ରୀବାହୀ ଗାଡ଼ି ଅର୍ଥାତ ହଳଦିଆ ନମ୍ବର ବିଶିଷ୍ଟ ଗାଡ଼ିରେ ଯିବା ଆସିବା କରୁଥିବାରୁ ସେମାନେ ଅଧିକ ସମସ୍ୟାରେ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ଏଭଳିସ୍ଥିତିରେ ମଙ୍ଗଳବାର ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଖବରଦାତା ସମ୍ମିଳନୀରେ ଆନ୍ଦୋଳନକାରୀଙ୍କୁ ଚେତାବନୀ ଦେଇଛନ୍ତି। କଟକ-ଭୁବନେଶ୍ୱରରେ କୌଣସି ଗାଡ଼ିକୁ ଅଟକାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର କହିଛନ୍ତି। କମିଶନରଙ୍କ କହିବା ଅନୁଯାୟୀ, ବୁଧବାର ସର୍ବସାଧାରଣ ପରିବହନ ଚଳାଚଳ ସହ ଅଟୋ ଓ ଟାକ୍ସି ଆଦି ଚଳାଚଳ ସ୍ୱାଭାବିକ ରହିବ। ଯଦି ଏଥିରେ କେହି ବାଧା ଦିଅନ୍ତି କିମ୍ବା ଚେଷ୍ଟା କରନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମାଟ୍ରିକ ପରୀକ୍ଷା ଚାଲୁଥିବାରୁ ପରୀକ୍ଷାର୍ଥୀଙ୍କୁ କିଭଳି କେନ୍ଦ୍ରରେ ପହଞ୍ଚାଯିବ ସେନେଇ ସମସ୍ତ ବ୍ୟବସ୍ଥା କରାଯାଇଛି। ଆନ୍ଦୋଳନ ବେଳେ ଯାତାୟାତ କିମ୍ବା କୌଣସି ବ୍ୟକ୍ତିଙ୍କ କିଛି ସମସ୍ୟା ହୁଏ ସେମାନେ ୧୧୨କୁ କଲ୍ କଲେ ପୋଲିସ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ। ଜନସାଧାରଣଙ୍କୁ କୌଣସି ହଇରାଣ ନ କରିବାକୁ ଆନ୍ଦୋଳକାରୀଙ୍କୁ କମିଶନର ନିବେଦନ କରିଛନ୍ତି। ଆନ୍ଦୋଳନକୁ ଦୃଷ୍ଟିରେ ରଖି ୧୫ ପ୍ଲାଟୁନ ଫୋର୍ସ ସହ ୪୦ରୁ ୫୦ ଅଧିକାରୀ ମୁତୟନ ହେବେ। ପାଟ୍ରୋଲିଂ ସହ ପୋଲିସ ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି କମିଶନର କହିଛନ୍ତି।

## ୧ ନଂ. ହାଟରେ ହେଲା ମକ୍‌ଡ୍ରିଲ୍

### ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ

ଭୁବନେଶ୍ୱର,୧୪।୩(ବ୍ୟୁରୋ)



କିଛିଦିନ ହେବ ପୁରୀରେ ଲଗାତାର ଅଗ୍ନିକାଣ୍ଡ ଘଟୁଛି। ବିଶେଷକରି ଲକ୍ଷ୍ମୀ ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଚେତା ପଶିଛି। ଏହି କ୍ରମରେ ମଙ୍ଗଳବାର ୟୁନିଟ-୧ ହାଟରେ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ବିଏମ୍‌ସି ଓ ୧ନଂ ହାଟ ବ୍ୟବସାୟୀ ସଂଘ ପକ୍ଷରୁ ପ୍ରଥମେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଅଗ୍ନିଶମ ଅଧିକାରୀ କୃଷ୍ଣଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧ନଂ. ମାର୍କେଟ ସଂଘ ସଭାପତି ଗୟାଧର ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ। ନିଆଁ ଲାଗିବାର ଭୟ କିପରି ରହିଛି ସେନେଇ ଆଲୋଚନା କରାଯାଇଥିଲା। ସେହିପରି ବଜାର ଅଞ୍ଚଳରେ କୈଣସି ପ୍ରକାରର ଅଗ୍ନିକାଣ୍ଡ ଘଟିଲେ ସେଥିରୁ କିପରି ରକ୍ଷା ପାଇହେବ ସେନେଇ ମକ୍ ଡ୍ରିଲ୍ କରାଯାଇଥିଲା। ନିଆଁ ଲାଗିଲେ ଯେପରି ନିଆଁଲିଭା ଗାଡି ସହଜରେ ଯାଇ ପାରିବ, ସେଥିପାଇଁ ସ୍ୱତନ୍ତ୍ର ରାସ୍ତାର ନକ୍ସା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ନିଆଁ ଲିଭାଇବା ନିମନ୍ତେ ନିକଟରେ ଅଗ୍ନିନିର୍ବାପକ ସାମଗ୍ରୀ ଯଥା- ପାଣିକୁଣ୍ଡ/ ଟାଙ୍କି, ବାଲି ଇତ୍ୟାଦି ବଜାର ନିକଟରେ ରହିଥିବା ଆବଶ୍ୟକ ବୋଲି କୁହାଯାଇଥିଲା। ବଜାରର ସମସ୍ତ ଅଞ୍ଚଳରେ ଅଗ୍ନି ନିର୍ବାପକ ବ୍ୟବସ୍ଥା, ଉପାୟ, କୌଶଳ, ଯୋଗାଯୋଗ ଜ୍ଞାନ ଇତ୍ୟାଦି ବାବଦରେ ବାରମ୍ବାର ସଚେତନତା, ପ୍ରଶିକ୍ଷଣ, ସ୍ୱତନ୍ତ୍ର ସେବାଦଳର ପ୍ରସ୍ତୁତି ଇତ୍ୟାଦି ଉପରେ ଗୁରୁତ୍ୱ ଦିଆଯାଇଥିଲା। ସହକାରୀ ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ରାଉତ, ବିଏମ୍‌ସି କର୍ମକର୍ତ୍ତା, ୧ନଂ. ବଜାର ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମେଳାରେ ୨ ମହିଳାଙ୍କଠାରୁ ସୁନାଚେନ୍ ଲୁଟ୍

ବାଲକାଟୀ,୧୪।୩(ଡି.ଏନ୍.ଏ.)

ବାଲକାଟୀ ଗ୍ରାମରେ ଚାଲିଥିବା ପଞ୍ଚଦୋଳ ମେଳଣର ମଙ୍ଗଳବାର ଥିଲା ଉଦ୍‌ଯାପନୀ ଦିବସ। ଆଖପାଖ ଅଞ୍ଚଳର ଲୋକ ଉତ୍ସବ ଦେଖିବା ପାଇଁ ଭିଡ଼ ହୋଇଥିବା ବେଳେ ଏହାର ସୁଯୋଗରେ ଚୋରମାନେ ଲୁଟ୍ ପାଟ କରିଥିଲେ। ମେଳଣ ଦେଖିବାକୁ ଆସିଥିବା ଭୁବନେଶ୍ୱର ନାଥପୁର ଅଞ୍ଚଳର ବିଦ୍ୟୁଲତା ସ୍ୱାଇଁଙ୍କ ବେକରୁ ଦୁର୍ବୃତ୍ତମାନେ ଦେଢ଼ ଲକ୍ଷ ଟଙ୍କା ମୂଲ୍ୟର ଏକ ସୁନା ଚେନ ଝାମ୍ପି ନେଇଯାଇଛନ୍ତି। ସେହିପରି ଆଉ ଜଣେ ମହିଳାଙ୍କ ବେକରୁ ମଧ ସୁନାଚେନ ଚୋରି ହୋଇଥିବା ଉପସ୍ଥିତ ପୋଲିସଙ୍କ ନିକଟରେ ଅଭିଯୋଗ କରିଥିଲେ। ଉଭୟଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି। ଏତେ ବଡ ମେଳଣ ପଡିଆରେ ଶହ ଶହ ସଂଖ୍ୟାରେ ଲୋକ ରୁଣ୍ଡ ହେଇଥିବା ବେଳେ ଚୋରି ହେବାର ସୁଯୋଗ ଥିବାବେଳେ ମାତ୍ର ୨ଜଣ ପୋଲିସ ପଇଁତରା ମାରୁଥିଲେ। ଟ୍ରାଫିକ ସମ୍ଭାଳିବା ପାଇଁ ବଜାରରେ ମାଳ ମାଳ ପୋଲିସ ମୁତୟନ ଥିବାବେଳେ ଯେଉଁଠି ଗହଳି ସେଠି କମ୍ ପୋଲିସ ଜଗିଥିଲେ।

## ମହିଳାଙ୍କୁ ସୁରକ୍ଷା ଦେବ ‘ଭାଇ’

### ୧୫ଜଣ ପାଇଲେ ‘ମାନବ ବନ୍ଧୁ ସମ୍ମାନ’

ଭୁବନେଶ୍ୱର,୧୪।୩(ବ୍ୟୁରୋ)

ଚପଳା ଫାଉଣ୍ଡେଶନ ପକ୍ଷରୁ ମଙ୍ଗଳବାର ‘ମାନବ ବନ୍ଧୁ ସମ୍ମାନ’ ପ୍ରଦାନ କାର୍ଯ୍ୟକ୍ରମ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣି, ସମ୍ମାନିତ ଅତିଥି ଭାବେ ଦୁର୍ଗା ସାମନ୍ତରାୟ, ସୁଧୀର କୁମାର ପଣ୍ଡା, ରଞ୍ଜିତା ମଲ୍ଲ, ରାଜଲକ୍ଷ୍ମୀ ସ୍ୱାଇଁ ଓ ରିୟାନା ଶୁକ୍ଲା ଯୋଗ ଦେଇଥିଲେ। ଫାଉଣ୍ଡେଶନ ଅଧକ୍ଷା ଚପଳା ଜେନା କହିଲେ, ଅନୁଷ୍ଠାନ ପକ୍ଷରୁ ମଧ୍ୟବିତ୍ତ ପରିବାରର ପିଲାଙ୍କ ପାଇଁ ‘ନେତାଜୀ ଛାତ୍ର ବୃତ୍ତି’ ପ୍ରଦାନ କରାଯାଉଛି। ସେହିପରି ‘ଭାଇ’ ପରି ଯୋଜନା ଆରମ୍ଭ କରାଯାଇଛି। ଅନେକ ମଧ୍ୟବିତ୍ତ ଶ୍ରେଣୀର ପିଲା ପାଠ ପଢ଼ାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ଅଭିଭାବକ ଅପମାନିତ ହେବା ସହ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅଙ୍ଗେ ନିଭାଇଥିବା ଅନୁଭୂତିକୁ ନେଇ କେତେଜଣ ଅଭିଭାବକ ଆଜି ଏପରି ଏକ ସେବାର ପରିକଳ୍ପନା କରିଛନ୍ତି । ବର୍ତ୍ତମାନ ଭୁବନେଶ୍ୱରର ୨୦ଜଣଙ୍କୁ ‘ନେତାଜୀ ଛାତ୍ର ବୃତ୍ତି’ ଦେବାକୁ ସ୍ଥିର ହୋଇଛି। ପରବର୍ତ୍ତୀ ସମୟରେ ସାରା ରାଜ୍ୟରେ ଏହି ବୃତ୍ତି ପ୍ରଦାନ କରାଯିବ। ସେହିଭଳି ‘ଭାଇ’ ଦ୍ୱାରା ମହିଳାମାନେ ବିଳମ୍ବିତ ରାତ୍ରିରେ ସୁରକ୍ଷିତ ଭାବେ ଗୋଟିଏ ସ୍ଥାନରୁ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିପାରିବେ। ରାତି ୧୧ଟାରୁ ସକାଳ ୫ଟା ମଧରେ ମହିଳାଙ୍କୁ ସୁରକ୍ଷା ଓ ସହାୟତା ଯୋଗାଇଦେବ ‘ଭାଇ’। ଏଥିପାଇଁ ଅନୁଷ୍ଠାନ ପକ୍ଷରୁ ହ୍ୱାଟ୍‌ସ ଆପ୍ ନଂ.୯୭୭୭୨୭୭୪୧୬ ଜାରି କରାଯାଇଛି। ୧୫ ତାରିଖରୁ ଏହି ସେବା ଉପଲବ୍ଧ ହେବ ବୋଲି ଫାଉଣ୍ଡେଶନ ଅଧକ୍ଷା କହିଛନ୍ତି। ଏହି ଅବସରରେ ବିଭିନ୍ନ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିବା ୧୫ ଜଣଙ୍କୁ ‘ମାନବ ବନ୍ଧୁ ସମ୍ମାନ’ ପ୍ରଦାନ କରାଯାଇଥିଲା। ଟ୍ରାନ୍ସଜେଣ୍ଡର ଉପରେ ଆଧାରିତ ଓଡ଼ିଆ ଚଳଚ୍ଚିତ୍ର ‘ଟି’ର ନିର୍ଦ୍ଦେଶକ ଜିତେଶ କୁମାର ପରିଡା ତଥା ଟିମ ଏବଂ ‘ମନସ୍କ’ ଚଳଚ୍ଚିତ୍ରର ନିର୍ଦ୍ଦେଶକ ମାନସ ସାହୁ ଓ ଟିମ ସହିତ ମିଡ଼ିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ ସମ୍ମାନିତ ହୋଇଥିଲେ। ଫାଉଣ୍ଡେଶନ ସଭ୍ୟ ଜ୍ୟୋତିରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ‘ଶେଷ ଅଧ୍ୟାୟ’ରେ ଗୁରୁ ଶିଷ୍ୟ ସମ୍ପର୍କ

ଭୁବନେଶ୍ୱର,୧୪।୩(ବ୍ୟୁରୋ)

ପବିତ୍ର ଆର୍ଯ୍ୟଭୂମି ଭାରତବର୍ଷରେ ଯୁଗେ ଯୁଗେ ଗୁରୁମାନଙ୍କୁ ଈଶ୍ୱରଙ୍କ ସହିତ ତୁଳନା କରାଯାଇଛି। ସେଥିପାଇଁ କୁହାଯାଇଛି ‘ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱର’। ତେବେ ଆଜିର ଶିକ୍ଷା କ୍ଷେତ୍ରରେ ଦ୍ରୁତ ବ୍ୟବସାୟିକରଣ ହେବା ସହିତ ପବିତ୍ର ଗୁରୁ – ଶିଷ୍ୟ ପରମ୍ପରାରେ ଆଜିର ସମୟରେ ଗୁରୁଶିଷ୍ୟ ସମ୍ପର୍କରେ ସେଇ ଭକ୍ତି, ପ୍ରେମ, ତ୍ୟାଗ ଓ ନିଷ୍ଠାକୁ ନେଇ ନାଟକ ‘ଶେଷ ଅଧ୍ୟାୟ’ ମଙ୍ଗଳବାର ରବୀନ୍ଦ୍ରମଣ୍ଡପଠାରେ ମଞ୍ଚସ୍ଥ ହୋଇଯାଇଛି। ପଞ୍ଚମବେଦ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ଏହି ନାଟକରେ ଅନେକ ବାର୍ତ୍ତା ରହିଛି। ଶିକ୍ଷାଦାନ ଓ ଶିକ୍ଷା ଗ୍ରହଣର କିଛି ସମୟସୀମା ବା ବୟସ ନ ଥାଏ। ଜଣେ ଶିଷ୍ୟ ଜୀବନରେ ଯେ କୌଣସି ସମୟରେ ଗୁରୁଙ୍କ ଆଶୀର୍ବାଦରୁ ଶିକ୍ଷାପ୍ରାପ୍ତି କରିବାକୁ କୁହାଯାଇଛି। ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଅବସରପ୍ରାପ୍ତ ପୋଲିସ ଅଫିସର ବଟକୃଷ୍ଣ ତ୍ରିପାଠୀ, ଗୌରୀ ଶଙ୍କର ମିଶ୍ର, କାମଦେବ ତ୍ରିପାଠୀ, ସଂଗ୍ରାମ କେଶରୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସଭାପତି ହରେନ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

## ମୁଢ଼ି ଖାଇବାକୁ ଡାକି ନାବାଳିକାଙ୍କୁ ବଳାତ୍କାର

ଭୁବନେଶ୍ୱର,୧୪।୩(ବ୍ୟୁରୋ)

### ଅଭିଯୁକ୍ତ ପଡ଼ୋଶୀ ଗିରଫ

ମୁଢ଼ି ଖାଇବାକୁ ଡାକି ଜଣେ ୯ ବର୍ଷୀୟ ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଏଭଳି ଲଜ୍ଜାଜନକ ଖବର ସାମ୍ନାକୁ ଆସିବା ପରେ ରାଜଧାନୀରେ ଆଲୋଡ଼ନ ସୃଷ୍ଟି ହୋଇଛି। ଗତ ରବିବାର ଏହି ଘଟଣା ଘଟିଥିବାବେଳେ ପୋଲିସ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ପଡ଼ୋଶୀଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ଏକ ବସ୍ତିରେ ରହୁଥିବା କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳର ଯୁଧିଷ୍ଠିର ସୋରେନ୍ (୩୯)। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଯୁଧିଷ୍ଠିର ପୀଡ଼ିତାଙ୍କ ପଡ଼ୋଶୀ। କିଛିଦିନ ହେଲା ନାବାଳିକାଙ୍କ ବାପା ପୈତୃକ ଗାଁକୁ ଯାଇଥିବାବେଳେ ଘରେ ମା’ ଓ ଅନ୍ୟ ୩ ଭଉଣୀଙ୍କ ସହ ପୀଡିତା ଥିଲେ। ରବିବାର ସନ୍ଧ୍ୟାରେ ୪ ଭଉଣୀ ଘର ନିକଟରେ ଖେଳୁଥିଲେ। ସେଠାକୁ ଅଭିଯୁକ୍ତ ଯୁଧିଷ୍ଠିର ଆସି ୩ ସାନ ଭଉଣୀଙ୍କୁ ବିସ୍କୁଟ ଖାଇବାକୁ ଦେଇ ଘରକୁ ପଠାଇ ଦେଇଥିଲେ। ବଡ଼ ଭଉଣୀଙ୍କୁ ମୁଢ଼ି ଖାଇବାକୁ ଦେବା ଆଳରେ ତାଙ୍କୁ ଯୁଧିଷ୍ଠିର ଘରଠାରୁ ପ୍ରାୟ ଅଧା କିମି ଦୂର ଏକ ଶୂନ୍‌ଶାନ ସ୍ଥାନକୁ ନେଇ ଯାଇଥିଲେ। ସେଠାରେ ନାବାଳିକାଙ୍କୁ ଯୁଧିଷ୍ଠିର ବଳାତ୍କାର କରିଥିଲେ। ନାବାଳିକାଙ୍କ କାନ୍ଦ ଶୁଣିବା ପରେ ବସ୍ତିବାସିନ୍ଦା ସେଠାରେ ପହଞ୍ଚି ଯୁଧିଷ୍ଠିରଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ଏନେଇ ନାବାଳିକାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପୋକ୍‌ସୋ ଆକ୍ଟ ସହ ଆଇପିସି ଦଫା ୩୭୬ ଏ/ବିରେ ଏକ ମାମଲା (ନଂ.୧୧୬/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏଥିସହ ପୋଲିସ ନାବାଳିକାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରୀ ପରୀକ୍ଷା କରିବା ସହ ବୟାନ ରେକର୍ଡ କରିଥିଲା।



ପଞ୍ଚମବେଦ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବର ମଙ୍ଗଳବାର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ନାଟକ ‘ଶେଷ ଅଧ୍ୟାୟ’ର ଏକ ଦୃଶ୍ୟ।



ଚୈତ୍ର ମାସର ପ୍ରଥମ ମଙ୍ଗଳବାରରେ ଭୁବନେଶ୍ୱର ୟୁନିଟ୍-୩ ଅଞ୍ଚଳରେ ମହିଳାମାନେ ମା’ ମଙ୍ଗଳାଙ୍କୁ ପୂଜାର୍ଚ୍ଚନା କରୁଛନ୍ତି।





ନୟାଗଡ଼ ଫରେଷ୍ଟ ଡିଭିଜନ ଗଣିଆ ରେଞ୍ଜ୍‌ରେ ମହାଦୁର୍ନୀତି ନେଇ ଅଭିଯୋଗ ଆଣିବା ସହ ତଦନ୍ତ ଦାବିରେ ସାମାଜିକ କର୍ମୀ କେଶବ ମହାକୁଣ୍ଡ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣାରେ ବସିଛନ୍ତି।

**ବାଲ୍ୟବିବାହ ରୋକିବା ବେଳେ ବାଦାନୁବାଦ**

କଟକ ସଦର,(ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣା ପଞ୍ଚାୟତରେ ଏକ ବାଲ୍ୟ ବିବାହ ଚାଲିଥିଲା। ଏହାକୁ ରୋକିବା ପାଇଁ କଟକସ୍ଥିତ ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, କଟକ ସଦର ସିଡିପିଓ ରଶ୍ମିତା ମହାନ୍ତି ଓ ଶିଶୁ ବିକାଶ ସୁପରଭାଇଜର ରଞ୍ଜିତା ମହାନ୍ତି ସୋମବାର ବିବାହ ସ୍ଥଳରେ ପହଞ୍ଚିଥିଲେ। ମାତ୍ର ବିବାହ ରବିବାର ରାତିରୁ ସରିଥିବାରୁ କନ୍ୟାପିତା ଓ ବରପିତାଙ୍କୁ ଡାକି ନାବାଳିକାଙ୍କୁ କାହିଁକି ବିବାହ କଲ ବୋଲି ପ୍ରଶ୍ନ କରିଥିଲେ। ମାତ୍ର ଝିଅର ହିନ୍ଦୁ ଶାସ୍ତ୍ର ମତରେ ରବି ଶୁଦ୍ଧି ଗୁରୁ ଶୁଦ୍ଧି ଚାଲିଥିବାରୁ ଏପରି କରାଯାଇଛି ବୋଲି ପରିବାର ଲୋକେ କହିଥିଲେ। ମାତ୍ର ଆଇନକୁ ସମ୍ମାନ ଜଣାଇ ଝିଅର ବୟସ ୧୮ ବର୍ଷ ହେବାକୁ ୮ ମାସ ଥିବାରୁ ଝିଅ ବାପଘରେ ରହିବ ବୋଲି କନ୍ୟା ପିତା ଲିଖିତ ପ୍ରତିଶ୍ରୁତି ଦେବା ପରେ ଘଟଣାର ଅନ୍ତ ଘଟିଥିଲା।

## ସଂକ୍ଷେପରେ

### ପିକ୍ଅପ୍ ଭ୍ୟାନ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଚୌଦ୍ୱାର,୧୪।୩(ଡି.ଏନ୍.ଏ.): ଚାରବାଟିଆ ଶଙ୍କରପୁର ରାସ୍ତାର ଆଗ୍ରାହାଟ ବୈଦ୍ୟେଶ୍ୱର ମନ୍ଦିର ସମ୍ମୁଖରେ ସୋମବାର ବିଳମ୍ବିତ ରାତିରେ ଏକ ପିକ୍ଅପ୍ ଭ୍ୟାନ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଟକ ସଦର ଥାନା ୪୨ ମୌଜା ଅଞ୍ଚଳର ଶ୍ରୀରାମପୁରର ପ୍ରକାଶ ସେନାପତି(୫୫)। ପୋଲିସ ସୂଚନା ଅନୁଯାୟୀ, ପ୍ରକାଶ ଏକ ବୁଲେଟରେ ଚୌଦ୍ୱାର ଆଡ଼କୁ ଆସୁଥିବାବେଳେ ପଛରୁ ଏକ ପିକ୍ଅପ୍ ଭ୍ୟାନ୍ ତାଙ୍କ ବୁଲେଟକୁ ଧକ୍କା ଦେଇଥିଲା। ଫଳରେ ବୁଲେଟରୁ ପ୍ରକାଶ ଛିଟିକି ତଳେ ପଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ପିକଅପ୍ ଭ୍ୟାନ୍‌ଟି ତୁରନ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ବାଇକ୍‌ଟିକୁ ଥାନାକୁ ଆଣିଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଛି। ପୋଲିସ ଏସମ୍ପର୍କରେ ଏକ ମାମଲା(ନଂ.୧୨୦/୨୩) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ୨୫ରେ ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ନିର୍ବାଚନ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷିତ

କଟକ ଅଫିସ,୧୪।୩

ଆସନ୍ତା ୨୫ ତାରିଖରେ ହେବାକୁ ଥିବା ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଏଥିସହ ନିର୍ବାଚନ ଅଧିକାରୀ ଅଶୋକ କୁମାର ଷଡ଼ଙ୍ଗୀ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ଚୂଡ଼ାନ୍ତ ତାଲିକାରେ ସଭାପତି ପଦ ପାଇଁ ଏକମାତ୍ର ପ୍ରାର୍ଥୀ ଭାବେ ସୟଦ ମେହେବୁବ ଅଲି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହାବାଦ ଉପସଭାପତି ପଦରେ ଅଜୟ ସାହୁ, ଶୁଭାଶିଷ ପ୍ରିୟଦର୍ଶୀ, ସମ୍ପାଦକ ପଦରେ ଜ୍ଞାନେନ୍ଦ୍ର ପରିଡ଼ା, ସଂଗ୍ରାମ କେଶରୀ ସାହୁ, ଯୁଗ୍ମ ସମ୍ପାଦକ ପଦରେ ଜ୍ୟୋତିର୍ମୟ ମହାପାତ୍ର, ମଳୟ ରଞ୍ଜନ ବେହେରା, ସହ ସମ୍ପାଦକ ପଦରେ ସଂତୃପ୍ତ ପଣ୍ଡା, ସୁଜିତ ସ୍ୱାଇଁ, କୋଷାଧକ୍ଷ ପଦରେ ବାଦଲ ମହାପାତ୍ର, ପୂର୍ଣ୍ଣିମା ସାହୁ ଓ ନିର୍ବାହୀ ସଦସ୍ୟ ପଦରେ ମିହିର ରଞ୍ଜନ ପାତ୍ର, ପ୍ରତ୍ୟୁଷ ବାରିକ, ରଞ୍ଜିତ ଜେନା, ରଶ୍ମିତା ସ୍ୱାଇଁ, ଶୈଳେନ୍ଦ୍ର ପଟ୍ଟନାୟକ, ସମୟ ରାୟ ଓ ସନ୍ତୋଷ ମହାପାତ୍ରଙ୍କ ପ୍ରାର୍ଥିପତ୍ର କାଏମ ରହିଥିବା ଘୋଷଣା କରାଯାଇଛି।

### ପରଲୋକରେ ପୂର୍ବତନ ଜିଲା ଓ ଦୌରାଜଜ୍‌ଙ୍କ ସ୍ତ୍ରୀ

କଟକ ଅଫିସ,୧୪।୩ : କଟକର ପୂର୍ବତନ ଜିଲା ଓ ଦୌରା ଜଜ୍ ରାମଚନ୍ଦ୍ର ପଟ୍ଟନାୟକଙ୍କ ସ୍ତ୍ରୀ ବସନ୍ତ ମଞ୍ଜରୀ ପଟ୍ଟନାୟକ (୭୫) ଙ୍କ ସିଡିଏସ୍ଥିତ ବାସଭବନରେ ପରଲୋକ ହୋଇଛି। ମୃତ୍ୟୁ ଶଯ୍ୟା ନିକଟରେ ବଡ଼ପୁଅ ଆଇନଜୀବୀ ରାଜେଶ କୁମାର ପଟ୍ଟନାୟକ ଓ ସାନ ପୁଅ ଇଂ. ସନ୍ତୋଷ କୁମାର ପଟ୍ଟନାୟକ, ଜାମାତା ବରିଷ୍ଠ ପ୍ରଶାସନିକ ଅଧିକାରୀ ଅଶୋକ କୁମାର ମହାନ୍ତି, ପ୍ରଶାସନିକ ଅଧିକାରୀ ସତ୍ୟଜିତ ମହାନ୍ତି, ବୋହୂ, ନାତି ନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପରଲୋକ ଖବରପାଇ ଆଇନଜୀବୀ ଦେବସ୍ମାନ ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ପ୍ରକାଶ କରିଛନ୍ତି।



# ଗୁଣାଦେଇରେ ପୁଣି ଅଜଣା ଜନ୍ତୁ ଆତଙ୍କ

କଣ୍ଟାପଡା,୧୪।୩ (ଡି.ଏନ୍.ଏ.)



ଆକ୍ରମଣରେ ଶିକାର ହୋଇଥିବା ମେଣ୍ଢା।



ଆତଙ୍କିତ ଅବସ୍ଥାରେ ଥିବା ଗ୍ରାମବାସୀ।

ଗତ ୪ଦିନର ବ୍ୟବଧାନ ପରେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ନାହାଳପୁର ପଞ୍ଚାୟତସ୍ଥିତ ଗୁଣାଦେଇ ଗ୍ରାମ ଠାକୁରା ପୋଖରୀ ସାହିରେ ପୁଣି ଅଜଣା ଜନ୍ତୁ ଆକ୍ରମଣରେ ୨ଜଣ ଚାଷୀଙ୍କର ୨୯ଟି ମେଣ୍ଢାଙ୍କ ମୃତ୍ୟୁ ହୋଇଛି। ଗତ ୯ତାରିଖ ରାତିରେ ଗ୍ରାମର ବାବାଜୀ ଚୌଧୁରୀଙ୍କ ୨୦ଟି ମେଣ୍ଢାଙ୍କ ଅଜଣା ଜନ୍ତୁ ଆକ୍ରମଣରେ ମୃତ୍ୟୁ ହୋଇଥିବା ବେଳେ ସୋମବାର ବିଳମ୍ବିତ ରାତିରେ ସେହି ଗ୍ରାମର ଗୋକୁଳାନନ୍ଦ ଚୌଧୁରୀଙ୍କ ୯ଟି ମେଣ୍ଢାଙ୍କ ମୃତ୍ୟୁ ଘଟିଥିବା ବେଳେ ୧ଟି ମେଣ୍ଢା ଗୁରୁତର ଅବସ୍ଥାରେ ଅଛି। ଖବରପାଇ କଣ୍ଟାପଡା ପ୍ରାଣୀ ଚିକିତ୍ସାକେନ୍ଦ୍ର କର୍ମଚାରୀ, ଫୁଲନଖରା ବନ ବିଭାଗ ବନରକ୍ଷୀ ସୁଜାତା ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତ ମେଣ୍ଢାଗୁଡ଼ିକୁ ବ୍ୟବଚ୍ଛେଦ କରି ନିକଟସ୍ଥ ଦଣ୍ଡାରେ ପୋତି ଦେଇଥିବା ଜଣାପଡ଼ିଛି। ଗତ ୯ତାରିଖ ରାତିରେ ଉକ୍ତ ଗାଁରେ ଅଷ୍ଟମ ପ୍ରହର ନାମଯଜ୍ଞ ଚାଲୁଥିବାବେଳେ ବିଳମ୍ବିତ ରାତିରେ ବାବାଜୀଙ୍କ ଗୁହାଳରେ ଅଜଣାଜନ୍ତୁ ପଶି ୨୦ଟି ମେଣ୍ଢାଙ୍କୁ ମାରି ଦେଇଥିଲା। ସକାଳେ ପରିବାର ଲୋକ ଏହା କୁକୁରଙ୍କ କାମ ଭାବି ମେଣ୍ଢାଗୁଡ଼ିକୁ ପୋତି ଦେଇଥିଲେ। କିଛିଦିନର

**୨୯ ମେଣ୍ଢା ମୃତ**

ବ୍ୟବଧାନ ପରେ ପୁନର୍ବାର ସୋମବାର ରାତିରେ ଗୋକୁଳାନନ୍ଦଙ୍କ ଗୁହାଳ କବାଟ ବନ୍ଦ ଥିବାସତ୍ତ୍ୱେ ଭିତରେ ମେଣ୍ଢାଗୁଡ଼ିକ ବୀଭତ୍ସଭାବେ ମରିପଡ଼ିଥିବା ଦେଖି ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ମେଣ୍ଢା ପାଳନ ପରିବାରର ଆର୍ଥିକ ମାନଦଣ୍ଡ ଥିବାରୁ ସେମାନେ ସରକାରୀ ସାହାଯ୍ୟ ପାଇଁ ପ୍ରଶାସନକୁ ନିବେଦନ କରିଛନ୍ତି। ଏ ନେଇ ବନରକ୍ଷୀ ସୁଜାତା ନାୟକ କୁହନ୍ତି, ମେଣ୍ଢାଗୁଡ଼ିକ ଅଜଣାଜନ୍ତୁର ଆକ୍ରମଣର ଶିକାର ହୋଇଛନ୍ତି କି' ନାହିଁ ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ। ଏହାପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ସିଏମ୍‌ସି କମିଶନରଙ୍କ ଏମ୍‌ସିସି ପରିଦର୍ଶନ

କଟକ ଅଫିସ,୧୪।୩

କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ନିଖିଲ ପଓନ କଲ୍ୟାଣ ସହରର ବିଭିନ୍ନ ସ୍ଥାନରେ ଥିବା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର(ଏମ୍‌ସିସି)କୁ ମଙ୍ଗଳବାର ପରିଦର୍ଶନ କରି ଚାଲିଥିବା କାର୍ଯ୍ୟର ତଦାରଖ କରିଛନ୍ତି। କଲ୍ୟାଣ ସତୀଚଉରା ନିକଟରେ ଥିବା ଏମ୍‌ସିସି ପରିଦର୍ଶନ କରିବା ପରେ ବୁରୁଜ ପାର୍କ, ନାକେଇ ପଡିଆ, ସାର୍ତ୍ତୋଳ, ପୋତା ପୋଖରୀ ଓ ନଜରପୁରରେ ଥିବା କଠିନ ଓ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ କାର୍ଯ୍ୟ ତଦାରଖ କରିଥିଲେ। ଏତଦ୍‌ବ୍ୟତୀତ ଠିକ୍ ଢଙ୍ଗରେ କାର୍ଯ୍ୟ ପରିଚାଳନା କରିବା ପାଇଁ କାର୍ଯ୍ୟରତ ସୁପରଭାଇଜରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ଘରକୁ ଘର ବୁଲି ଅଳିଆ ସଂଗ୍ରହ କରୁଥିବା ଗାଡ଼ିଗୁଡ଼ିକର ରହଣିସ୍ଥଳ ପରିଦର୍ଶନ କରି ସେମାନଙ୍କର ଗତିବିଧି ଉପରେ କମିଶନର କଲ୍ୟାଣ ଲକ୍ଷ୍ୟ କରିବା ସହ ସମୟ ନିର୍ଘଣ୍ଟ ଓ ଦାୟିତ୍ୱବୋଧତାକୁ ଠିକ୍ ରୂପେ କାର୍ଯ୍ୟକାରୀ କରିବାକୁ ଉପସ୍ଥିତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ବିଭିନ୍ନ ରୁଟ୍‌କୁ ଯାଉଥିବା ଅଳିଆ ସଂଗ୍ରହ ଗାଡ଼ିଗୁଡ଼ିକ ପରିଚାଳନାଗତ ତ୍ରୁଟିକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିବା ସହ ଯେପରି ଠିକ୍ ଭାବେ ଉକ୍ତ କାର୍ଯ୍ୟ ସମ୍ପାଦନ କରାଯିବ ସେନେଇ ବିଭାଗୀୟ କର୍ମଚାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡେପୁଟି କମିଶନର ସଞ୍ଜିବୀତା ରାୟ ଓ ଦାୟିତ୍ୱରେ ଥିବା ପିଏମୟୁ ସଦସ୍ୟମାନେ ଉପସ୍ଥିତ ଥିଲେ।




ସିଏମ୍‌ସି କମିଶନର ନିଖିଲ ପଓନ କଲ୍ୟାଣ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ଅନୁଧ୍ୟାନ କରୁଛନ୍ତି।

# 'ଟୋକନ ପାଇଥିବା ଚାଷୀଙ୍କ ଧାନ କିଣାଯାଉ'

କଟକ ଅଫିସ, ୧୪।୩

ନଭେମ୍ବରରେ ମଣ୍ଡି ଖୋଲିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଜାନୁୟାରୀ ଦ୍ୱିତୀୟ ସପ୍ତାହରେ ମଣ୍ଡି ଆରମ୍ଭ ହେଲା। ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ୫ମାସ ଚାଷୀଙ୍କଠାରୁ ଧାନ କିଣିବାକୁ ସମୟ ଧାର୍ଯ୍ୟ କରି ମାତ୍ର ୬ ସପ୍ତାହରେ ଧାନ କିଣି ମଣ୍ଡି ବନ୍ଦ କରାଯାଇଛି। ଏପରିକି ମିଳିଥିବା ଟୋକନଠାରୁ କମ୍ ପରିମାଣର ଧାନ ନିଆଗଲା। ଫଳରେ ଛୋଟ ଓ ନାମମାତ୍ର ଚାଷୀମାନେ ବାଧ୍ୟ ହୋଇ ୧୩୦୦ ଟଙ୍କାରେ ବ୍ୟବସାୟୀଙ୍କୁ ଧାନ ବିକ୍ରି କରୁଛନ୍ତି। ଏହାଦ୍ୱାରା ଚାଷୀ କ୍ଷତି ସହୁଥିବାବେଳେ ବ୍ୟବସାୟୀ ଲାଭବାନ ହେଉଛନ୍ତି। ଅନ୍ୟପକ୍ଷରେ ଟୋକନ ପାଇଥିବା ଚାଷୀଙ୍କଠାରୁ ମଧ୍ୟ ଧାନ କିଣାଯାଇ ନାହିଁ। ଟାଙ୍ଗୀ ବ୍ଲକ ଭଟିମୁଣ୍ଡାର ୩୩୪, କନ୍ହେଇପୁରର ୧୫୦, ଗୋବିନ୍ଦପୁରର ୧୯୦, ନଖରାର ୧୨୦ ଓ ସଫାର ୧୦୦ ଚାଷୀ ଟୋକନ ପାଇ ମଧ୍ୟ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି। ଚାଷୀଙ୍କଠାରୁ ଧାନ କିଣିବାରେ ରାଜ୍ୟ ସରକାର ତତ୍ପରତା ନ ଦେଖାଇବାକୁ କଲେଜ ଛକସ୍ଥିତ ସିପିଆଇ(ଏମ୍) କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଡ଼ିଶା କୃଷକ ସଭା କଟକ ଜିଲା କମିଟି ପକ୍ଷରୁ ନିନ୍ଦା କରାଯାଇଛି। ଅଗଷ୍ଟରୁ ପଞ୍ଜୀକରଣ କରିବା ଏବଂ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଅପେକ୍ଷା ସତ୍ତ୍ୱେ ଧାନ ବିକି ନ ପାରିବା ଚିନ୍ତାର ବିଷୟ। ଏଣୁ ତୁରନ୍ତ ସରକାର ଟୋକନ ପାଇଥିବା ଚାଷୀଙ୍କଠାରୁ ଧାନ କିଣିବା ପାଇଁ ବ୍ୟବସ୍ଥା କରିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ସମ୍ମିଳନୀରେ ସଙ୍ଗଠନର କଟକ ଜିଲା ସଭାପତି ଦେବେନ୍ଦ୍ର ପାତ୍ର, ଉପସଭାପତି ବଦ୍ରି ନାରାୟଣ ଦାଶ, ସମ୍ପାଦକ ଉମ୍ବରୁଧର ସାହୁ, ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଭାପତି ରମେଶ ବେହେରା, ମନମୋହନ ପତି, ନେତା ଚନ୍ଦ୍ରକାନ୍ତ ବେହେରା ଉପସ୍ଥିତ ଥିଲେ।

## ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ

କଟକ ଅଫିସ,୧୪।୩

କଟକ ମହାନଗର ନିଗମ(ସିଏମ୍‌ସି) ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଶେଖବଜାର, ସିଦ୍ଧେଶ୍ୱର ସାହି, କନିକା ଛକ ଓ ଅଲିଶାବଜାର ଅଞ୍ଚଳର ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନ, ନାଳ ଉପରେ ଜବରଦଖଲରେ ଥିବା ଦୋକାନ ସହିତ ରାସ୍ତାକୁ ମାଡ଼ି କରାଯାଇଥିବା ନିର୍ମାଣକୁ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦ କାର୍ଯ୍ୟ ସିଏମ୍‌ସି ଡେପୁଟି କମିଶନର ଅଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ସିଡିଏ ଏନଫୋର୍ସମେଣ୍ଟ ଅଧିକାରୀ ପଞ୍ଚାନନ ପାଲ, ପ୍ରଫୁଲ୍ଲ ମଙ୍ଗଲ, ଲାଲବାଗ ଥାନା ଅଧିକାରୀଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ, ସିଡିଇଏଫର ସଦସ୍ୟମାନେ ସାମିଲ ଥିଲେ।

# କୋର୍ଟ ନିର୍ଦ୍ଦେଶ ପରେ ମା' ବାପାଙ୍କୁ ଘରୁ ବାହାର କଲା ଝିଅ

ଖୁଣ୍ଟୁଣୀ,୧୪।୩( ଡି.ଏନ୍.ଏ.)

ଝିଅ ହେଉ କି ପୁଅ ହେଉ ସବୁ ମା' ବାପା ଖୁସି ହୋଇଯାନ୍ତି ଘରକୁ ସନ୍ତାନଟିଏ ଆସିଲେ। ବଡ଼ କରି ପାଠ ପଢ଼ାଇବା ସହ ବାହା କରେଇ ଦେଲେ ମା'ବାପା ଶାନ୍ତିରେ ନିଃଶ୍ୱାସ ମାରନ୍ତି। ହେଲେ କେତେକ କ୍ଷେତ୍ରରେ ମା' ବାପା ନିଜର ଅହଂଭାବ ଓ ଅମଣିଷ ପଣିଆ ଯୋଗୁ ସାହି ଲୋକଙ୍କ ସହିତ ନିଜ ଜନ୍ମିତ ସନ୍ତାନଙ୍କ ପାଖରେ ମଧ୍ୟ ରହିପାରନ୍ତିନି। ଏପରି ଏକ ଘଟଣା ଘଟିଛି ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଧୁରୁଷିଆ ପଞ୍ଚାୟତର ଗଜାଆମ୍ବ ଗାଁରେ। ନିଜ ମା'ବାପାଙ୍କୁ ଝିଅ ତା'ର ଘରୁ ବାହାର କରିବା ପାଇଁ ଶେଷରେ କୋର୍ଟଙ୍କ ଆଶ୍ରୟ ନେଇ ଘରୁ ବାହାର କରିବାରେ ସକ୍ଷମ ହୋଇଛନ୍ତି। ଗଜାଆମ୍ବ ଗ୍ରାମର ଅଲେଖ ସାହୁ ଓ ମିନତୀଙ୍କ ଝିଅ ଜ୍ୟୋତ୍ସ୍ନା କଟକର ଶଙ୍କରପୁରରେ ବିବାହ କରିଥିଲେ। ତାଙ୍କ ମା'ବାପା ଗ୍ରାମ ଲୋକଙ୍କ ସହିତ ବାରମ୍ବାର ଝଗଡ଼ା କରିବାରେ ଲାଗିଥିଲେ। ଫଳରେ ଝିଅ ନିଜ ମା'ବାପାଙ୍କ ପାଇଁ ସେ ଗ୍ରାମ ବାହାରେ ନିଜେ କିଣିଥିବା ଏକ ଜାଗାରେ ଦୁଇ ବଖରା ଘର କରି ମା' ବାପାଙ୍କୁ ସେଠାରେ ରଖିଥିଲେ। ମଝିରେ ମଝିରେ ଆସି ଘରେ ବାପ ମାଙ୍କ ଖବର ବୁଝୁଥିଲେ। ହେଲେ ନିଷ୍ଠୁର ମା'ବାପା ଝିଅକୁ ଘରୁ ତଡିବା ପାଇଁ ଯୋଜନା କରି ଝିଅ ସହିତ ଝଗଡା କରି ପରବର୍ତ୍ତୀ ମୁହୂର୍ତ୍ତରେ ଘରେ ପୂରାଇ ଦେଉ ନ ଥିଲେ। ଏ ନେଇ ଝିଅ ଗ୍ରାମବାସୀଙ୍କୁ ଜଣାଇଲେ ବି ଗ୍ରାମବାସୀ ମା' ବାପାଙ୍କ ଉତ୍ପାତକୁ ଡରି କୌଣସି ପଦକ୍ଷେପ ନେଉ ନ ଥିଲେ। ଶେଷରେ ଝିଅ ଆଠଗଡ଼ ସିନିୟର ଜଜ ସିଭିଲ ଡିଭିଜନଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତଙ୍କ ନିର୍ଦ୍ଦେଶ ପରେ ମଙ୍ଗଳବାର କୋର୍ଟ ନାଜିର ଓ ଖୁଣ୍ଟୁଣୀ ଘଣ୍ଟିଖାଲ ପୋଲିସ ସହାୟତାରେ ମା' ବାପାଙ୍କୁ ଘରୁ ବାହାର କରିଦେଇଥିଲେ। ଏବେ ସେମାନେ ଗ୍ରାମ ଭିତରେ ଥିବା ନିଜ ପୁରୁଣା ଘରକୁ ପ୍ରତ୍ୟାବର୍ତ୍ତନ କରିଥିବା ଗ୍ରାମ ଲୋକେ କହିଛନ୍ତି।



ସେକ ବଜାର ରାସ୍ତା ପାର୍ଶ୍ୱରେ ମହିଳାମାନେ ଚୈତ୍ରମାସ ପ୍ରଥମ ମଙ୍ଗଳବାର ପୂଜାର୍ଚ୍ଚନା କରୁଛନ୍ତି।

## କାଳିଆ ଯୋଜନାରେ ଟଙ୍କା ପାଇବ କହି ଆଦିବାସୀଙ୍କଠାରୁ ଠକେଇ

ଖୁଣ୍ଟୁଣୀ,୧୪।୩( ଡି.ଏନ୍.ଏ.)

କାଳିଆ ଯୋଜନା ଓ ଆବାସ ଯୋଜନାରେ ଟଙ୍କା ଶୀଘ୍ର ବ୍ୟାଙ୍କ ଆକାଉଣ୍ଟକୁ ଆସିବ କହି ଆଦିବାସୀଙ୍କଠାରୁ ଲକ୍ଷାଧିକ ଟଙ୍କା ବ୍ୟାଙ୍କରୁ ଉଠାଇ ନେଇଥିବା ମଙ୍ଗଳବାର ଗୁରୁଡ଼ିଝାଟିଆ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ପାଇ ବ୍ୟାଙ୍କ ସହିତ ଯୋଗାଯୋଗ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ କହିଛନ୍ତି। ପ୍ରକାଶ ଯେ, ଗତ ୯ ତାରିଖରେ ଦୁଇଜଣ ଯୁବକ ଏହି ଥାନା ଅନ୍ତର୍ଗତ ଗୋବରାର ମୁଣ୍ଡା ସାହିକୁ ଆସି ଆମେ ଆଠଗଡ଼ ବ୍ଲକରୁ ଆସିଛୁ, ତୁମର କାଳିଆ ଓ ଆବାସ ଯୋଜନାରେ ଟଙ୍କା ଆସିବ। ତେଣୁ ଫିଙ୍ଗର ପ୍ରିଣ୍ଟ ଓ ଆଧାର କାର୍ଡ ଦିଅ କହି ମିଥ୍ୟା ପ୍ରଲୋଭନ ଦେଖାଇ ଆଦିବାସୀ ଲୋକଙ୍କଠାରୁ ବାୟୋ ମେଟ୍ରିକ ଯନ୍ତ୍ରରେ ଟିପ ଚିହ୍ନ ନେବା ସହ ଆଧାର କାର୍ଡ ଜେରକ୍ସ ନେଇଥିଲେ। ଏବଂ ୩/୪ ଦିନରେ ତୁମକୁ ଟଙ୍କା ମିଳିଯିବ କହି ସେଠାରୁ ପଳାଇଥିଲେ। ପରେ ଏହି ଆଦିବାସୀ ପରିବାର ମଙ୍ଗଳବାର ଗୁରୁଡ଼ିଝାଟିଆସ୍ଥିତ କଳିଙ୍ଗ ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ତାଙ୍କ ଆକାଉଣ୍ଟ ଦେଖିବାରୁ ଟଙ୍କା କଟିଯାଇଥିଲା। ଏପରିକି ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା କଟିଯାଇଥିବାର ସେମାନେ ଜାଣିବାକୁ ପାଇଥିଲେ। ଏ ନେଇ ଗୋବରା ଆଦିବାସୀ ପଡ଼ାର ମିଞ୍ଜିଆ ତିରିଆ, କୁନି ବଦରା, ରାମ ସିଂହ ବଦରା, ନାଗର୍ଜ ଲିଆଞ୍ଜି, ଆଲୋଦା ବଦରା, ମଖି ସାହୁ, ମହେନ୍ଦ୍ର ସ୍ୱାଇଁ, ଦିଙ୍ଗି ତିଗି ପ୍ରମୁଖ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ରମଜାନ ମାସ ପାଇଁ ବିଶେଷ ପଦକ୍ଷେପ ଦାବି

କଟକ ଅଫିସ, ୧୪।୩

**ଜିଲାପାଳଙ୍କୁ କଂଗ୍ରେସର ସ୍ମାରକପତ୍ର ପ୍ରଦାନ**

ପବିତ୍ର ରମଜାନ ମାସ ଉପଲକ୍ଷେ କଟକ ସହରରେ ବିଶେଷ ପଦକ୍ଷେପ ଗ୍ରହଣ କରିବାକୁ ବିଧାୟକ ମହମ୍ମଦ ମୋକିମ ଦାବି କରିଛନ୍ତି। ତେଣୁ ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ନଗର କଂଗ୍ରେସର ପୂର୍ବତନ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ମଙ୍ଗଳବାର ଭେଟି ଆଲୋଚନା କରିଛନ୍ତି। ଏଥିସହ ଉକ୍ତ ପ୍ରତିନିଧିମଣ୍ଡଳୀ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି।

ଚଳିତବର୍ଷର ରମଜାନ ମାସ ଆସନ୍ତା ୨୪ ତାରିଖଠାରୁ ଆରମ୍ଭ ହେଉଛି। ରମଜାନ ମୁସଲମାନଙ୍କ ଏକ ପବିତ୍ର ମାସ ହୋଇଥିବାରୁ ବେଶ୍ ଧୁମଧାମରେ ପାଳନ କରିଥାନ୍ତି। ଏଣୁ କଟକ ସହରର ମୁସଲିମ ବହୁଳ ଅଞ୍ଚଳଗୁଡ଼ିକରେ ମାସ ସାରା ନିୟମିତ ଦୁଇ ବେଳା ସଫେଇ ଓ ବ୍ଲିଚିଂ ପକାଇବାର ବ୍ୟବସ୍ଥା କରିବା ଆବଶ୍ୟକ। ସେହିପରି ମସଜିଦ ଚତୁଃପାର୍ଶ୍ୱ ପରିଷ୍କାର ପରିଚ୍ଛନ୍ନ ପ୍ରତି ମଧ୍ୟ ଦୃଷ୍ଟି ଦେବା, ୨୪ ଘଣ୍ଟିଆ ବିଶୁଦ୍ଧ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ସହିତ ରାସ୍ତା ଓ ଛକ ଅଞ୍ଚଳ ବିଜୁଳି ଖୁଣ୍ଟଗୁଡ଼ିକରେ ଆଲୋକୀକରଣ ଦିଗରେ ଗୁରୁତ୍ୱ ଦେବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ସାହିବସ୍ତିର ରାସ୍ତାରେ ଥିବା ଖାଲଖମା ମରାମତି ଓ ଜଳ ଯୋଗାଣରେ ଆବଶ୍ୟକ ମରାମତି ପାଇଁ ଏବେଠାରୁ ଦୃଷ୍ଟି ଦିଆଯାଉ। ମୁସଲିମ ବହୁଳ ଅଞ୍ଚଳର ବଜାର ଓ ଦୋକାନଗୁଡ଼ିକ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଖୋଲାଯିବା ପାଇଁ ପ୍ରଶାସନିକ କଟକଣା କୋହଳ କରିବା ସହିତ ପ୍ରତ୍ୟେକ ଛକ ଏବଂ ସମ୍ବେଦନଶୀଳ ସ୍ଥାନରେ ଅସ୍ଥାୟୀ ପୋଲିସ ଆଉଟ ପୋଷ୍ଟ କରି ନଜର ରଖିବାକୁ ଜିଲା ଓ ପୋଲିସ ପ୍ରଶାସନ ପଦକ୍ଷେପ ନେଉ। ସିଟି ହସ୍ପିଟାଲ ଓ ନେତାଜୀ ସେବା ସଦନ ସହରାଞ୍ଚଳ ଚିକିତ୍ସାଳୟ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଅଧିକ କ୍ରିୟାଶୀଳ ପାଇଁ ସତର୍କ ରହିବା ଜରୁରୀ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରତିନିଧି ମଣ୍ଡଳୀରେ ସେକ ଇସରତ ଜାହାଁ, ଲିଆକତଉଦ୍ଦିନ ଅହମ୍ମଦ, ଶରତ ଚନ୍ଦ୍ର ସେଠୀ, ଇର୍ସାଦ ଖାନ, ମୀର ମୁଜାଫର ଅଲ୍ଲୀ, ସେକ ଆବିଦ, ବିକି ଚକ୍ରବର୍ତ୍ତୀ, ସନ୍ତୋଷ କୁମାର ପାତ୍ର, ସେକ ଗୁଲାମଉଦ୍ଦିନ, ଅବଦୁଲ ନସିମ, ଅବଦୁଲ ମୋକିଦ, ସୟଦ ଅନୱର ଅଲ୍ଲୀ, ଫିରୋଜ ଖାନ, କରିମ ଖାନ, ମହମ୍ମଦ ଜାଭେଦ ପ୍ରମୁଖ ଉପସ୍ଥିତ ଥିଲେ।

# ସିଏମ୍‌ସି ପକ୍ଷରୁ ୩୦ ଦୋକାନରେ ଚଢ଼ାଉ



କଟକ ଅଫିସ, ୧୪।୩

**୧୫ କେଜିରୁ ଊର୍ଦ୍ଧ୍ୱ ଗୁଟ୍‌ଖା ଜବତ, ୫ ହଜାର ଜରିମାନା**

କଟକ ସହରରେ ବେଆଇନ ଗୁଟ୍‌ଖା କାରବାର ଚାଲିଥିବା ନେଇ ସୂଚନା ମିଳିବା ପରେ ମଙ୍ଗଳବାର କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ୩୦ରୁ ଊର୍ଦ୍ଧ୍ୱ ଦୋକାନ ଉପରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ପ୍ରାୟ ୧୫ କେଜିରୁ ଊର୍ଦ୍ଧ୍ୱ ଗୁଟ୍‌ଖା ଜବତ କରାଯିବା ସହ ସମ୍ପୃକ୍ତ ଦୋକାନଗୁଡ଼ିକରୁ ଜରିମାନା ବାବଦକୁ ୫ ହଜାର ଟଙ୍କା ଆଦାୟ କରାଯାଇଛି। ସିଏମ୍‌ସି ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଚୌଧୁରୀ ବଜାରରୁ ଦୋଳମୁଣ୍ଡାଇ ପର୍ଯ୍ୟନ୍ତ ରାସ୍ତାକଡ଼ରେ ଥିବା ପ୍ରାୟ ୩୦ଟି ଦୋକାନ ଉପରେ ଚଢ଼ାଉ କରାଯାଇଥିଲା। ବିଶେଷକରି ବିଦ୍ୟାଳୟ ଓ ମହାବିଦ୍ୟାଳୟ ନିକଟରେ ଏହି କାରବାର ଚାଲିଥିବାରୁ ସେଠାରେ ଗୁଟ୍‌ଖା ନ ଖାଇବାକୁ ଲୋକଙ୍କୁ ବିଭାଗୀୟ ଅଧିକାରୀମାନେ ସଚେତନ କରାଇଥିଲେ। ସେହିପରି ବେଆଇନ ଭାବେ ଗୁଟ୍‌ଖା ବିକ୍ରି କରୁଥିବା ଦୋକାନୀମାନଙ୍କୁ ଭବିଷ୍ୟତରେ ଏଭଳି କାରବାର ନ କରିବା ପାଇଁ ଚେତାବନୀ ଦିଆଯାଇଥିଲା। ଏହି ଚଢ଼ାଉରେ ଡ୍ରଗ୍ ଇନ୍ସପେକ୍ଟର, ଅବକାରୀ ଇନ୍ସପେକ୍ଟର ଓ ପୋଲିସ କର୍ମଚାରୀମାନେ ସାମିଲ ଥିବା ବେଳେ ସିଏମ୍‌ସିର ସିଡିଇଏଫ୍ ସଦସ୍ୟମାନେ ସହଯୋଗ କରିଥିଲେ।

# ନାରୀଙ୍କ ବିକାଶ ନିମନ୍ତେ ସାମାଜିକ ଆନ୍ଦୋଳନ ଲୋଡ଼ା

କଟକ ଅଫିସ,୧୪।୩

ଓଡ଼ିଶା ମହିଳା ସ୍ୱେଚ୍ଛାସେବୀ ସଂଘ ପକ୍ଷରୁ ବିଶ୍ୱ ମହିଳା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ରାଜ୍ୟ ସମାଜ ମଙ୍ଗଳ ବୋର୍ଡର ପୂର୍ବତନ ଅଧ୍ୟକ୍ଷା ସାବିତ୍ରୀ ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରି ନାରୀମାନଙ୍କ ବିକାଶ ନିମନ୍ତେ ସାମାଜିକ ଆନ୍ଦୋଳନ ଲୋଡ଼ା ବୋଲି କହିଥିଲେ। ମୁଖ୍ୟ ଅତିଥି ଡ. ବାବାଜୀ ଚରଣ ପଟ୍ଟନାୟକ ସମାଜରେ ସମାନ ସୁଯୋଗ ପାଇବା ପାଇଁ ନାରୀମାନଙ୍କର ଇଚ୍ଛାଶକ୍ତି ରହିବା ଦରକାର ବୋଲି କହିଥିଲେ। ମୁଖ୍ୟବକ୍ତା ଡ. ପ୍ରଭାବତୀ ପଣ୍ଡା ନାରୀ ପୁରୁଷର ପ୍ରତିଦ୍ୱନ୍ଦ୍ୱୀ ନ ହୋଇ ସହଯୋଗିତାର ହାତ ବଢ଼ାଇଲେ ଦେଶ ଆଗେଇବ ବୋଲି କହିଥିଲେ। ସମ୍ମାନିତ ଅତିଥି ଅଶ୍ରୁତା ଜେନା ସମାନତା ଓ ସମାନ ସୁଯୋଗ ଦ୍ୱାରା ନାରୀ ଆଗକୁ ବଢ଼ିବ ବୋଲି କହିଥିଲେ। ରାନି ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ମଞ୍ଜୁଶ୍ରୀ କଳ୍ପନା ରାଉତରାୟ ଧନ୍ୟବାଦ ଦେଇଥିଲେ। ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




ମହିଳା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

# ଗାଡ଼ି ଅଟକାଇଲେ କାର୍ଯ୍ୟାନୁଷ୍ଠାନ: ପୋଲିସ କମିଶନର

ଭୁବନେଶ୍ୱର,୧୪।୩(ବ୍ୟୁରୋ)

**ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ**

- ଦ୍ୱୈତ ନଗର ପାଇଁ ୧୫ ପ୍ଲାଟୁନ୍ ଫୋର୍ସ
- 'ଯାତାୟାତରେ ଅସୁବିଧା ହେଲେ ୧୧୨କୁ କଲ କର'

ଓଡ଼ିଶା ଡ୍ରାଇଭର ଏକତା ମଞ୍ଚ ପକ୍ଷରୁ ୬ଦଫା ଦାବି ନେଇ ବୁଧବାରଠାରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଡାକରା ଦିଆଯାଇଛି। କେବଳ ହଳଦିଆ ନମ୍ବର ବିଶିଷ୍ଟ ଗାଡ଼ିଗୁଡ଼ିକର ଚଳାଚଳକୁ ବନ୍ଦ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଅପରପକ୍ଷରେ ଏହି ଆନ୍ଦୋଳନକୁ କେତେକ ଡ୍ରାଇଭର ସଂଘ ସହଯୋଗ କରୁ ନାହାନ୍ତି। କଟକ ଓ ଭୁବନେଶ୍ୱରରେ ବହୁ ସଂଖ୍ୟାରେ ଲୋକମାନେ ଯାତ୍ରୀବାହି ଗାଡ଼ି ଅର୍ଥାତ ହଳଦିଆ ନମ୍ବର ବିଶିଷ୍ଟ ଗାଡ଼ିରେ ଯିବା ଆସିବା କରୁଥିବାରୁ ସେମାନେ ଅଧିକ ସମସ୍ୟାରେ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ଏଭଳିସ୍ଥିତିରେ ମଙ୍ଗଳବାର ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଖବରଦାତା ସମ୍ମିଳନୀରେ ଆନ୍ଦୋଳନକାରୀଙ୍କୁ ଚେତାବନୀ ଦେଇଛନ୍ତି। କଟକ-ଭୁବନେଶ୍ୱରରେ କୌଣସି ଗାଡ଼ିକୁ ଅଟକାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର କହିଛନ୍ତି। କମିଶନରଙ୍କ କହିବା ଅନୁଯାୟୀ, ବୁଧବାର ସର୍ବସାଧାରଣ ପରିବହନ ଚଳାଚଳ ସହ ଅଟୋ ଓ ଟାକ୍ସି ଆଦି ଚଳାଚଳ ସ୍ୱାଭାବିକ ରହିବ। ଯଦି ଏଥିରେ କେହି ବାଧା ଦିଅନ୍ତି କିମ୍ବା ଚେଷ୍ଟା କରନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମାଟ୍ରିକ ପରୀକ୍ଷା ଚାଲୁଥିବାରୁ ପରୀକ୍ଷାର୍ଥୀଙ୍କୁ କିଭଳି କେନ୍ଦ୍ରରେ ପହଞ୍ଚାଯିବ ସେ ବ୍ୟବସ୍ଥା କରାଯାଇଛି। ଆନ୍ଦୋଳନ ବେଳେ ଯାତାୟାତରେ କିଛି ସମସ୍ୟା ହୁଏ ସେମାନେ ୧୧୨କୁ କଲ୍ କଲେ ପୋଲିସ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ। ଜନସାଧାରଣଙ୍କୁ କୌଣସି ହଇରାଣ ନ କରିବାକୁ ଆନ୍ଦୋଳକାରୀଙ୍କୁ କମିଶନର ନିବେଦନ କରିଛନ୍ତି। ଆନ୍ଦୋଳନକୁ ଦୃଷ୍ଟିରେ ରଖି ୧୫ ପ୍ଲାଟୁନ ଫୋର୍ସ ସହ ୪୦ରୁ ୫୦ ଅଧିକାରୀଙ୍କୁ ମୁତୟନ ହେବେ। ପାଟ୍ରୋଲିଂ ସହ ପୋଲିସ ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି କମିଶନର କହିଛନ୍ତି।

**ସଂକ୍ଷେପରେ**

## ବୃଦ୍ଧଙ୍କୁ ହାଣି ଯୁବକ ଗିରଫ

ଯାଁଳା,୧୪।୩(ଡି.ଏନ୍.ଏ.): ବୃଦ୍ଧଙ୍କୁ ହାଣିବା ଅଭିଯୋଗରେ ଇନ୍‌ଫୋ ଭ୍ୟାଲି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଗଙ୍ଗପଡା ଭାତଖୁରି ଅଞ୍ଚଳର କୈଳାସ ନାଏକ ଓରଫ କାଳିଆ(୩୦)। ସୂଚନା ମୁତାବକ, ଉକ୍ତ ଅଞ୍ଚଳର ସୁଦର୍ଶନ ରାଉଳ(୬୦) ଏକ ବରଗଛ ମୂଳରେ ବସିଥିଲେ। କାଳିଆ ସେଠାରେ ପହଞ୍ଚି ହଠାତ୍ ସୁଦର୍ଶନଙ୍କୁ ଏକ ମାରଣାସ୍ତ୍ରରେ ହାଣିଥିଲେ। ସ୍ଥାନୀୟ ଲୋକେ ଚିତ୍କାର ଶୁଣି ଘଟଣାସ୍ଥଳରେ ପହଞ୍ଚି କାଳିଆଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ସୁଦର୍ଶନଙ୍କ ମୁଣ୍ଡ, କାନ୍ଧ, ହାତର ଦୁଇ ପାପୁଲି ଓ ଆଙ୍ଗୁଠିରେ ଆଘାତ ଲାଗିଛି। ଚିକତ୍ସା ପାଇଁ ତାଙ୍କୁ ଏମ୍‌ସ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ଆକ୍ରମଣର କାରଣ ଅସ୍ପଷ୍ଟ ରହିଛି। ଆହତଙ୍କ ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ରାଜ୍ୟସ୍ତରୀୟ କବିତା ଆସର, ସମ୍ବର୍ଦ୍ଧନା

ଜଟଣୀ,୧୪।୩(ଡି.ଏନ୍.ଏ.): ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ମେଳଣ ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ଏକ ରାଜ୍ୟସ୍ତରୀୟ କବିତା ଆସର ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ମେଳଣ ପଡିଆସ୍ଥିତ ପିତାପାଣିଆ ମଞ୍ଚରେ ପଶ୍ଚିମାଶମ୍ଭୁ ଯୁବ ସଙ୍ଗଠନ ପକ୍ଷରୁ ହୃଦାକ୍ୟ ଅନୁଷ୍ଠାନ ସୌଜନ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁ ସାହିତ୍ୟିକ ତ୍ରିଲୋଚନ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସଂଗ୍ରାମ କେଶରୀ ସାମନ୍ତରାୟ, ସମ୍ମାନିତ ଅତିଥିଭାବେ ପଶ୍ଚିମାଶମ୍ଭୁ ଯୁବ ସଙ୍ଗଠନ ସଭାପତି ଅଶୋକ ସାମନ୍ତରାୟ, ସମ୍ପାଦକ ବାସୁଦେବ ସାହୁ, ରଘୁନାଥ ଜେନା, କବି ବିପିନ ବେହେରା, ପୁଷ୍ପା ମିଶ୍ର, କବି ଭିକାରି ଧଳ, ଅଭିମନ୍ୟୁ ବଳିୟାରସିଂ, ପୂର୍ବତନ ସରପଞ୍ଚ ପ୍ରସନ୍ନ ମହାରଥୀ, ଶିକ୍ଷକ ନେତା ଜବାହରଲାଲ ସୁବୁଦ୍ଧି ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ସାହିତ୍ୟିକା ପ୍ରତିଭା ମହାରଥୀ ଯୋଗଦେଇଥିଲେ। ରାଜ୍ୟସ୍ତରୀୟ କବିତା ପାଠ ଉତ୍ସବରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା କବି ଓ କବୟିତ୍ରୀ ଶ୍ରୀପଶ୍ଚିମାଶମ୍ଭୁ ସୋମନାଥଙ୍କ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜକ ସଙ୍ଗଠନ ପକ୍ଷରୁ ଅତିଥିଙ୍କ ଦ୍ୱାରା 'ପଞ୍ଚଦୋଳ ପ୍ରସଙ୍ଗ' ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଏଥିସହିତ ୫୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନରେନ୍ଦ୍ର ମୁଦୁଲି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମାନଗୋବିନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।

# ବଘେଇପୁଟ ଜଙ୍ଗଲରେ ନିଆଁ

ନିରାକାରପୁର୧୪।୩(ଡି.ଏନ୍.ଏ.)


ଅଗ୍ନିଶମ କର୍ମଚାରୀ ବଘେଇପୁଟ ଜଙ୍ଗଲରେ ନିଆଁ ଲିଭାଉଛନ୍ତି।

କୃତ୍ରିମ ବନାଗ୍ନି ଯୋଗୁ ଶହ ଶହ ଏକର ଜଙ୍ଗଲ ଧ୍ୱଂସ ପାଉଛି। ଏହା ସହିତ ବନ୍ୟପ୍ରାଣୀଙ୍କ ଆଶ୍ରୟସ୍ଥଳୀ ନଷ୍ଟ ହେବା ସହିତ ଔଷଧୀୟ ଗଛସବୁ ନଷ୍ଟ ହେଉଛି। ବନାଗ୍ନି ପ୍ରଭାବରେ ତାପମାତ୍ରା ଦ୍ୱିଗୁଣିତ ହେଉଥିବାରୁ ଜୈବ ବିବିଧତା ନଷ୍ଟ ହେବା ସହିତ ପରିବେଶ ସନ୍ତୁଳନ ହରାଉଛି। ତେବେ ଏବେ ରାଜ୍ୟର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗୁଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଅଧୀନ ସରପାରୀ ପଞ୍ଚାୟତ ବଘେଇପୁଟ ଜଙ୍ଗଲରେ ନିଆଁ ଲାଗିଯାଇଥିଲା। ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ବହୁ ଗଛଲତା ପୋଡ଼ିଯାଇଥିବା ବେଳେ ବହୁ ଜୀବଜନ୍ତୁଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ତେବେ ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। କେହି ବ୍ୟକ୍ତି ମଳତ୍ୟାଗ କରିବାକୁ ଯାଇଥିବା ବେଳେ ସିଗାରେଟ କିମ୍ବା ବିଡି ଟାଣି ସେଠାରେ ପକାଇ ଥିବାରୁ ନିଆଁ ଲାଗିଥାଇପାରେ ବୋଲି କୁହାଯାଉଛି।

ପ୍ରକାଶ ଯେ, ଶୀତଦିନ ପରେ ଗ୍ରୀଷ୍ମ ଋତୁର ଆଗମନରେ ଶୁଷ୍କ ବାତାବରଣ ସୃଷ୍ଟି ହେଉଛି। ଶୁଖିଲା ପତ୍ରରେ ସାମାନ୍ୟ ଟିକି ନିଆଁ ପଡ଼ିଲେ ଏହା ଧୀରେ ଧୀରେ ବ୍ୟାପକ ରୂପ ଧାରଣ କରୁଛି। ଅନ୍ୟପଟେ ମହୁଲ ଫୁଲ ସଂଗ୍ରହ ପାଇଁ ପତ୍ର ସଫା କରିବା ଲାଗି ଲୋକେ ଲଗାଉଥିବା ନିଆଁ ମଧ୍ୟ ବନାଗ୍ନିର ପ୍ରମୁଖ କାରଣ ବୋଲି କୁହାଯାଉଛି। କେନ୍ଦୁପତ୍ର ତୋଳିବା ପାଇଁ ଏବଂ କାଠ, ବାଉଁଶ ଭଳି ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ନିମନ୍ତେ ଶୁଖିଲାପତ୍ରରେ ନିଆଁ ଲଗାଯିବା, ବିଡି କିମ୍ବା ସିଗାରେଟ୍ ଟାଣି ନିଆଁ ନ ଲିଭାଇ ବେପରୁଆ ଭାବେ ଫୋପାଡ଼ିବା, ଭୋଜି ପାଇଁ ଆସୁଥିବା ପର୍ଯ୍ୟଟକମାନେ ରୋଷେଇ ସାରି ନିଆଁ ନ ଲିଭାଇ ଚାଲିଯିବା ଜଙ୍ଗଲରେ ନିଆଁ ଲାଗିବା ପ୍ରମୁଖ କାରଣ। ଏଥିପ୍ରତି ଜନସାଧାରଣ ସଚେତନତା ହେବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି।

# ପ୍ରଧାନଶିକ୍ଷକ, ୨ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦିନକର ଦରମା ବନ୍ଦ

ଯାଁଳା,୧୪।୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଧୀନ ନିରଞ୍ଜନପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହିତ ୨ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗୋଟିଏ ଦିନର ଦରମା ବନ୍ଦ କରିଛନ୍ତି ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ରଶ୍ମିବାଳା ପରିଡ଼ା। କର୍ତ୍ତବ୍ୟରେ ଅବହେଳା ପାଇଁ ଦରମା ବନ୍ଦ କରାଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଜଟଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପରିଡା ନିରଞ୍ଜନପୁର ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚିଥିଲେ। ସ୍କୁଲରେ କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ନ ଥିବା ବେଳେ ପିଲାମାନେ ଏଣେତେଣେ ବୁଲୁଥିବା ଦେଖିବାକୁ ପାଇଥିଲେ। ଏହା ପରେ ସେ ପିଲାମାନଙ୍କୁ ଏକାଠି କରିବା ସହ ପ୍ରାର୍ଥନା ସଭା କରାଇଥିଲେ। କ୍ଲଷ୍ଟର

### କର୍ତ୍ତବ୍ୟରେ ଅବହେଳା

ସିଆରସିସି ସୁନୀଲ ଦାସଙ୍କୁ ଡକାଇ ବିଦ୍ୟାଳୟ ବାରଣ୍ଡାରେ ଉଭୟ ପିଲାମାନଙ୍କୁ ପାଠ ପଢ଼ାଇଥିଲେ। ପୂର୍ବାହ୍ନ ୧୦ଟା ୨୦ରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଯାଦବ ନାୟକ ପହଞ୍ଚି ଶ୍ରେଣୀଗୃହ ଖୋଲିଥିଲେ। ଅନ୍ୟ ସହକାରୀ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ସ୍ୱାଇଁ ମଧ୍ୟ ଅନୁପସ୍ଥିତ ଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜିତ୍‌ରଞ୍ଜନ ମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ ସେ ଜଟଣୀ ସିଏଚ୍‌ସିରେ ଏକ ପ୍ରଶିକ୍ଷଣ ଶିବିରରେ ଥିଲେ ବୋଲି ଜଣାପଡ଼ିଥିଲା। କର୍ତ୍ତବ୍ୟରେ ଅବହେଳା ପାଇଁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହ ୨ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗୋଟିଏ ଦିନର ଦରମା ବନ୍ଦ କରିବା ପାଇଁ ବିଇଓ ନିର୍ଦ୍ଦେଶ ଦେଇଥିଲେ। ପୂର୍ବାହ୍ନ ୧୧ଟାରେ ବିଇଓ ପରିଡ଼ା ବିଦ୍ୟାଳୟରୁ ଫେରିଥିଲେ।

## ଗଛରେ ପିଟିହୋଇ ବାଇକ୍ ଆରୋହୀ ମୃତ

ଖୋର୍ଦ୍ଧା ଅଫିସ,୧୪।୩

୫୭ନମ୍ବର ଜାତୀୟ ରାଜପଥର ଶରଧାପୁର ଛକଠାରେ ଏକ ଗଛରେ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଶ୍ଚିମବଙ୍ଗ ପଶ୍ଚିମମେଦିନିପୁର ଜିଲା ଡେବ୍ରା ଥାନା ଅଧୀନ ଗୋଲଗାମ ଗ୍ରାମର ସେକ୍ ସଫିକୁଲ ରହେମାନ(୨୦)। ପୋଲିସ ସୂଚନା ମୁତାବକ, ସଫିକୁଲ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ଦ୍ୱାରିକା ନଗର ଅଞ୍ଚଳରେ ରହି କାଠ କାମ କରୁଥିଲେ। ମଙ୍ଗଳବାର ତାଙ୍କର ଜଣେ ସହଯୋଗୀଙ୍କୁ ଛାଡିବାକୁ ସେ ଶରଧାପୁର ବାଇକ୍‌ରେ ଯାଇଥିଲେ। ସେଠାରୁ ଫେରିବା ବେଳେ ସେ ସକାଳ ପ୍ରାୟ ୯ଟା ୩୦ରେ ଶରଧାପୁର ଛକଠାରେ ଭାରସାମ୍ୟ ହରାଇ ଏକ ଗଛରେ ପିଟିହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛି।


ଜଟଣୀ: ହରିରାଜପୁର ମେଳଣ ପଡ଼ିଆର ପିତାପାଣିଆ ମଞ୍ଚରେ ପଶ୍ଚିମାଶମ୍ଭୁ ଯୁବ ସଂଗଠନ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତା ଆସରରେ ଅତିଥିମାନେ 'ପଞ୍ଚଦୋଳ ପ୍ରସଙ୍ଗ' ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ


ଜେସିବି ମେଶିନ ଦ୍ୱାରା ଜବରଦଖଲ ଉଚ୍ଛେଦ କରାଯାଉଛି।

ଜଟଣୀ,୧୪।୩(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳରେ ବିଭିନ୍ନ ସ୍ଥାନରେ ଜବରଦଖଲ କରାଯାଇଥିବା ନେଇ ଅଭିଯୋଗ ହୋଇଆସୁଥିଲା। ମଙ୍ଗଳବାର ପୌର ପ୍ରଶାସନ ପକ୍ଷରୁ ହରିଭାଇନା ଛକରୁ ମ୍ୟୁନ୍‌ସିପାଲିଟି ଛକ ଏବଂ ହରିଭାଇନା ଛକରୁ ବିଡିଏ ବସ୍‌ଷ୍ଟାଣ୍ଡ ରାସ୍ତାର ଦୁଇ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁଙ୍କ ଦ୍ୱାରା ନିୟୋଜିତ ଏକ୍‌ଜୁକ୍ୟୁଟିଭ ମାଜିଷ୍ଟ୍ରେଟ, ନିର୍ବାହୀ ଅଧିକାରୀ, ରାଜସ୍ୱ ନିରୀକ୍ଷକ, ପୋଲିସ ଫୋର୍ସ, ପୌର କର୍ମଚାରୀଙ୍କ ଉପସ୍ଥିତିରେ ଉଚ୍ଛେଦ କରାଯାଇଥିଲା। ଆଗକୁ ମଧ୍ୟ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ସହରର ସୌନ୍ଦର୍ଯ୍ୟକରଣ ଏବଂ ଟ୍ରାଫିକ ସମସ୍ୟାକୁ ସୁଧାରିବା ପାଇଁ ଏହି ପ୍ରୟାସ ଆରମ୍ଭ କରାଯାଇଛି ବୋଲି ଜଣାପଡ଼ିଛି।

## ଡିଇଓଙ୍କ ହସ୍ତକ୍ଷେପ ଲୋଡ଼ିଲା ପ୍ରାଥମିକ ଶିକ୍ଷକ ସଂଘ

ଖୋର୍ଦ୍ଧା ଅଫିସ,୧୪।୩



ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଶିକ୍ଷୟିତ୍ରୀଶିକ୍ଷକମାନେ।

ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ସ୍ଥାୟୀ ତଥା ମୁଖ୍ୟ କିରାଣୀ ନିଯୁକ୍ତି ଦାବିରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୧୫ଦିନ ମଧ୍ୟରେ ସମସ୍ୟାର ସମାଧାନ କରାନଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପ୍ରାଥମିକ ଶିକ୍ଷକ ସଂଘ ଆମରଣ ଅନଶନରେ ବସିବ ବୋଲି ଚେତାବନୀ ଦେଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ଖୋର୍ଦ୍ଧା ମୁଖ୍ୟାଳୟ ବ୍ଲକ ହୋଇଥିବା ବେଳେ ଦୀଘଦିନ ହେବ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ମୁଖ୍ୟ କିରାଣୀ ପଦ ଖାଲି ପଡିଛି। ଫଳରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଛୁଟି ମଞ୍ଜୁରୀ, ଏମଏସିପି, ଜିଆଇଏସ୍ ସର୍ଭିସ୍ ବୁକ୍ ଅପ୍‌ଡେଟ୍, କୋର୍ଟ ସମ୍ବନ୍ଧୀୟ କାର୍ଯ୍ୟ ହୋଇପାରୁନାହିଁ। ଫଳରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ବହୁ ସମସ୍ୟାରେ ପଡୁଛନ୍ତି। ତେବେ ଶିକ୍ଷକମାନଙ୍କ ପ୍ରମୋଶନ କାର୍ଯ୍ୟ ତୁରନ୍ତ ତ୍ୱରାନ୍ୱିତ କରିବା ପାଇଁ ସରକାରଙ୍କଠାରୁ ନିର୍ଦ୍ଦେଶ ଆସିଛି। ତେଣୁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଜଣେ ଦକ୍ଷ ମୁଖ୍ୟ କିରାଣୀ

### ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ମୁଖ୍ୟ କିରାଣି ନିଯୁକ୍ତି ଦାବି

ଆବଶ୍ୟକ ବୋଲି ସଂଘ ଦାବି କରିଛି। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଯୁଧିଷ୍ଠିର ସାହୁଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ସମ୍ପାଦକ ଅମୀୟ ପରିଡ଼ା, କାର୍ଯ୍ୟକାରୀ ସଭାପତି ବିଜୟଲକ୍ଷ୍ମୀ ପାଣି, ଉପସଭାପତି ଦିବ୍ୟସିଂହ ସୁବୁଦ୍ଧି, ରଶ୍ମିଦାସ, ସହସମ୍ପାଦକ ରବି ନାରାୟଣ ପଣ୍ଡା, ନାରାୟଣ ଭାରିମଲ, ଜ୍ୟୋତିର୍ମୟୀ ନାୟକ, କୋଷାଧକ୍ଷ ସରୋଜିନୀ ସାହୁ, ସଙ୍ଗଠନ ସମ୍ପାଦକ ସତ୍ୟଜିତ୍ ମହାନ୍ତି, ସତ୍ୟବ୍ରତ ଚମ୍ପତିରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଆମ ଗାଁ, ଆମ ସଂସ୍କୃତି ପ୍ରଦର୍ଶନୀ ଉଦ୍‌ଯାପିତ

ବେଗୁନିଆ,୧୪।୩(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡ଼ମାଣତୀର ଗ୍ରାମରେ ଅନୁଷ୍ଠିତ ଆମ ଗାଁ, ଆମ ସଂସ୍କୃତି ପ୍ରଦର୍ଶନୀ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଭା ସାହିତ୍ୟ ସଂସଦ ଓ ରାଧାବଲ୍ଲଭ ପାଠାଗାର ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ଏହି ପ୍ରଦର୍ଶନୀକୁ ଅବସରପ୍ରାପ୍ତ ଅଧ୍ୟାପକ ବନବିହାରୀ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବକ୍ତାଭାବେ ଅଧ୍ୟାପିକା ସୌଦାମିନୀ ପାଇକରାୟ, ସମ୍ମାନିତ ଅତିଥିଭାବେ ପ୍ରଧାନ ଆଚାର୍ଯ୍ୟ ଅଭିମନ୍ୟୁ ମହାରଣା ଓ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ଐତିହ୍ୟ, ପରମ୍ପରା ଓ ଗ୍ରାମ୍ୟ ଜୀବନ, ସଭ୍ୟତା ଓ ସାହିତ୍ୟକୁ ନେଇ ଆଲୋଚନା ହୋଇଥିଲା। ସେହିପରି ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ର, ଶିଶୁ, କିଶୋର ଓ ଯୁବବର୍ଗଙ୍କୁ ନେଇ ସମାରୋହ ଆୟୋଜିତ ହୋଇଥିଲା। ଏହି ଅବସରରେ ଗଡ଼ମାଣତୀର ଗାଁର ଐତିହ୍ୟ, ପରମ୍ପରା, ସଂସ୍କୃତି ଓ ଶକ୍ତିପୀଠ, ଲୀଳାକ୍ଷେତ୍ର, ଶୈବପୀଠ, ସାରସ୍ୱତ ଓ ସୌର୍ଯ୍ୟକ୍ଷେତ୍ର ଆଦି ସମ୍ପର୍କରେ ପ୍ରଦର୍ଶନ କରାଯାଇଥିଲା। ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ସହ ଭାଇଚାରାର ଭାବଧାରାକୁ ଉଜ୍ଜୀବିତ କରିବା ପାଇଁ ଆମ ଗାଁ ଆମ ସଂସ୍କୃତି ପ୍ରଦର୍ଶନୀ କରାଯାଇଥିଲା ବୋଲି ଅତିଥି ମହାପାତ୍ର କହିଥିଲେ। ଶିକ୍ଷାବିତ୍ ବଳରାମ ରଣସିଂହ ଗାଁର ଲୁକ୍କାୟିତ ସ୍ମୃତି ସମ୍ପର୍କରେ ଆଲୋକପାତ କରିଥିଲେ। ସୁଶ୍ରୀ ରାଜରାଜେଶ୍ୱରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ କବି ଲକ୍ଷ୍ମୀଧର ମହାପାତ୍ର ସଂଯୋଜନା କରିଥିଲେ। ସୁଶ୍ରୀ ରୋଜାଲିନ, ସୋନାଲି, ଅନ୍ୱେଷା, ଶୁଭଲକ୍ଷ୍ମୀ ଓ ଆଶାଶ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ

ଖୋର୍ଦ୍ଧା ଅଫିସ,୧୪।୩


ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟମାନେ।

ଜମିଜମା ରେକର୍ଡ ସଂଶୋଧନ ଦାବିରେ ଗତ ୧୨ଦିନ ଧରି ଭିଟାମାଟି ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଗଣଧାରଣା ଦିଆଯାଇଥିଲା। ଦାବି ଉପରେ ବିଭାଗୀୟ ସଚିବଙ୍କ ସହ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଧାରଣା ୭ଦିନ ପାଇଁ ସ୍ଥଗିତ ରଖାଯାଇଥିବା ସମିତି ସଭାପତି ଗୋଦାବରୀଶ ଗୁମାନସିଂ ସୂଚନା ଦେଇଛନ୍ତି। ଅନ୍ୟପଟେ ସପ୍ତାହକ ମଧ୍ୟରେ ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେଲେ ପୁଣି ଧାରଣା ଦିଆଯିବ ବୋଲି ସମ୍ପାଦକ ଯୁଧିଷ୍ଠିର ହରିଚନ୍ଦନ କହିଛନ୍ତି। ସୂଚନା ମୁତାବକ, ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଏଖରାଜାତ ମାହାଲର ନରଣଗଡ଼, ତାପଙ୍ଗ ଓ ଧଉଳିମୁହଁ ପଞ୍ଚାୟତର ୧୫ଟି ରାଜସ୍ୱ ଗ୍ରାମର ଶତାଧିକ ଗ୍ରାମବାସୀ ଦୀର୍ଘ ବର୍ଷ ଧରି ସ୍ୱତ୍ୱାଧିକାର ପରିବର୍ତ୍ତନ ଲାଗି ଦାବିକରି ଆସୁଛନ୍ତି। ପ୍ରତିଥର ପ୍ରଶାସନ ପ୍ରତିଶ୍ରୁତି ଦେଇ କୌଣସି ପଦକ୍ଷେପ ନ ନେବା ପ୍ରତିବାଦରେ ଗତ ୩ତାରିଖରେ ଭିଟାମାଟି ବଞ୍ଚାଅ ସଂଗ୍ରାମ ସମିତି ଆନୁକୂଲ୍ୟରେ ଶତାଧିକ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। ଦୀର୍ଘ ୬୦ବର୍ଷ ଧରି ବନ୍ଦୋବସ୍ତ ହୋଇ ନ ଥିବା ଏଖରାଯାତ ମାହାଲର ବନ୍ଦୋବସ୍ତ କରାଯାଇ ସ୍ୱତ୍ୱଲିପି ପ୍ରଦାନ ତଥା ଜମିଦାରଙ୍କ ନାମ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀ ମାର୍ଫତ ମୁଖ୍ୟ ପରିଚାଳକ, ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପୁରୀ ପରିବର୍ତ୍ତେ ଓଡ଼ିଶା ସରକାର ଲେଖାଯିବାକୁ ଦାବିରେ ଗଣଧାରଣା ଦିଆଯାଇଥିଲା।

### ୭ ଦିନ ସମୟ ନେଲା ପ୍ରଶାସନ

ଜିଲା ପ୍ରଶାସନ ସହ ସମିତିର ଏକ ପ୍ରତିନିଧି ମଣ୍ଡଳୀ ଜମିଜମା ରେକର୍ଡ ସଂଶୋଧନ ସମ୍ପର୍କରେ ମଙ୍ଗଳବାର ଆଲୋଚନା କରିଥିଲେ। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲାପାଳ ସାଫଲ୍ୟମଣ୍ଡିତ ପ୍ରଧାନ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଭାଗୀୟ ସଚିବଙ୍କ ସହ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନେବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ପ୍ରଶାସନ ୭ ଦିନ ସମୟ ନେଇଥିବା ବେଳେ ଗଣଧାରଣାକୁ ସ୍ଥଗିତ ଲାଗି ପ୍ରସ୍ତାବକ୍ରମେ ୧୨ଦିନ ଧରି ଚାଲିଥିବା ଆନ୍ଦୋଳନକୁ ସପ୍ତାହକ ପାଇଁ ସ୍ଥଗିତ ରଖାଯାଇଥିବା ସମିତି ସଭାପତି ଗୋଦାବରୀଶ ଗୁମାନସିଂ କହିଛନ୍ତି। ବୈଠକରେ ସମିତି ସଭାପତି ଗୁମାନସିଂ, ସମ୍ପାଦକ ଯୁଧିଷ୍ଠିର ହରିଚନ୍ଦନ, ଦିବାକର ଭୋଇ, ବୈକୁଣ୍ଠନାଥ ମାର୍ଥା, ରୁଦ୍ରଭାନୁ ନରେନ୍ଦ୍ରସିଂ, ଅମରେନ୍ଦ୍ର ବଳିୟାରସିଂ, ଅବକାଶ ମହାନ୍ତି, କାଳୁ ବଳିୟାରସିଂ, କୈଳାସ ବଳିୟାରସିଂ, ପ୍ରସନ୍ନ ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ।

**ଜମିଜମା ରେକର୍ଡ ସଂଶୋଧନ ନେଇ ଗଣଧାରଣା ପ୍ରସଙ୍ଗ**

- ୭ ଦିନ ମଧ୍ୟରେ କାର୍ଯ୍ୟକାରୀ ନ ହେଲେ ପୁଣି ଧାରଣା
- ନ୍ୟାୟ ପାଇବେ ୩୬ ମୌଜା ଗ୍ରାମବାସୀ

### ଦାବି ଜଣାଇଲେ ଗ୍ରାମବାସୀ

ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଏଖରାଜାତ ମାହାଲର ନରଣଗଡ଼, ତାପଙ୍ଗ ଓ ଧଉଳିମୁହଁ ପଞ୍ଚାୟତର ୧୫ ରାଜସ୍ୱ ଗ୍ରାମର ଶତାଧିକ ଗ୍ରାମବାସୀ ଦୀର୍ଘ ବର୍ଷ ଧରି ଜମିର ସ୍ୱତ୍ୱାଧିକାର ପରିବର୍ତ୍ତନ ଲାଗି ଦାବିକରି ଆସୁଛନ୍ତି। ଏନେଇ କୌଣସି ପଦକ୍ଷେପ ନିଆଯାଉନାହିଁ । ଫଳରେ ଗ୍ରାମବାସୀ ଅସୁବିଧା ହେଉଛନ୍ତି। ୨୦୨୧ରେ ଆଇନ ବିଭାଗ ଓ ୭ ଜଣିଆ କମିଟି ଦେଇଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ପ୍ରସ୍ତାବ ସତ୍ତ୍ୱେ କାର୍ଯ୍ୟକାରୀ ହେଲାନି

ବକ୍ସିଙ୍କ ନେତୃତ୍ୱରେ ସେତେବେଳେ ତାପଙ୍ଗ ଓ ରାମେଶ୍ୱର ଆଦି ଅଞ୍ଚଳର ୧୫୬ ଗ୍ରାମର ପ୍ରଜାମେଳି ହୋଇ ୧୮୧୭ର ଗଣ ବିପ୍ଳବରେ ପାଇକ ବୀରମାନେ ସଶସ୍ତ୍ର ସଂଗ୍ରାମ କରିଥିଲେ। ଜମିଦାରି ଉଚ୍ଛେଦ ପରେ ୧୫୬ ଗ୍ରାମରୁ ୧୨୦ଟିକୁ ରେକର୍ଡଭୁକ୍ତ(୧୯୬୨–୬୫) ସ୍ଥିତିବାନ ପ୍ରଜାମାନଙ୍କୁ ଓଡ଼ିଶା ସରକାରଙ୍କ ଅଧୀନରେ ପ୍ରକାଶିତ ଚୂଡାନ୍ତ ସ୍ୱତ୍ୱଲିପି ପ୍ରଦାନ କରାଯାଇଛି। ଅବଶିଷ୍ଟ ୩୬ଗ୍ରାମକୁ ଓଡ଼ିଶା ସରକାର ଚୂଡାନ୍ତ ସ୍ୱତ୍ୱଲିପି ପ୍ରଦାନ କରାଯିବାକୁ କମିଟି ପ୍ରସ୍ତାବ ଦେଇଥିଲା। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଉନି।

### ମିଳିଥିଲା ୩ ଦଳର ସମର୍ଥନ

ଭିଟାମାଟି ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ଦିଆଯାଇଥିବା ଆନ୍ଦୋଳନକୁ ବିଜେଡି, କଂଗ୍ରେସ ଏବଂ ଭାଜପା ସମର୍ଥନ ଜଣାଇଥିଲା। ପ୍ରଥମ ଦିନରେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଜଟଣୀ ବିଧାୟକ ସୁରେଶ କୁମାର ରାଉତାୟଙ୍କ ସମେତ ଭାଜପା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର ସମର୍ଥନ ଜଣାଇଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଶା ମୋ ପରିବାର ଆବାହକ ଅରୂପ ପଟ୍ଟନାୟକ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲା ପରିଷଦ ଚେୟାରମ୍ୟାନ ରୂପଶ୍ରୀରାଣୀ ଗୁମାନସିଂ ଏବଂ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ ପୃଥକ୍ ଭାବେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆନ୍ଦୋଳନରେ ଶାସକ ଦଳ ବିଧାୟକଙ୍କ ସାମିଲ, ସମର୍ଥନ ପରେ ଗ୍ରାମବାସୀ ନ୍ୟାୟ ପାଇବା ନେଇ ଚର୍ଚ୍ଚା ହେଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୪।୦୩।୨୦୨୩

| ୩,୦୫, ୧୪୩ ଟଙ୍କା | |
|---|---|
| ସୁନା | ୮୨୦ ମି.ଗ୍ରା |
| ରୁପା | ୩.୮୫୦ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ଧାରଣା, ମାଷ୍ଟରକ୍ୟାଣ୍ଟିନ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପକ୍ଷରୁ ଖଦି ମେଳା, ବୋର୍ଡ ପରିସର, ଅପରାହ୍ନ ୩ଟା।
- ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ମହିଳା ଦିବସ, ଉତ୍କଳ ମଣ୍ଡପ, ଅପରାହ୍ନ ୩ଟା।
- ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀ ଓ ଜାତୀୟ ଜନଜାତି ନୃତ୍ୟ ମହୋତ୍ସବ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୧, ଅପରାହ୍ନ ୩ଟା।
- ପୁସ୍ତକ ଉନ୍ମୋଚନ, ରୀତି ସାହିତ୍ୟ ଆଲୋଚନା, ପାଲା ଓ ସଙ୍ଗୀତ ଆସର, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ୧୯ତମ ରାଜ୍ୟସ୍ତରୀୟ ପଞ୍ଚମଦେବ ନାଟକ ମହୋତ୍ସବ ଓ ପଞ୍ଚମଦେବ ସମ୍ମାନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୪୫।

## ଉତ୍କଳ ସମ୍ମିଳନୀ ସଭାପତି ବିଭୂତି ମିଶ୍ରଙ୍କ ପରଲୋକ

**ଭୁବନେଶ୍ୱର,୧୪।୩(ବ୍ୟୁରୋ):** ଉତ୍କଳ ସମ୍ମିଳନୀର ସଭାପତି ବିଭୂତି ମିଶ୍ରଙ୍କ ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ବୟସ



ହୋଇଥିଲା। ସେ ପ୍ରଥମେ ଉତ୍କଳ ସମ୍ମିଳନୀ ଭୁବନେଶ୍ୱର ଶାଖାର ସଭାପତି ଓ ପରେ ଉତ୍କଳ ସମ୍ମିଳନୀ ରାଜ୍ୟ ସଭାପତି ଭାବେ କାର୍ଯ୍ୟ କରି ସମସ୍ତ ସଦସ୍ୟାସଦସ୍ୟଙ୍କର ଶ୍ରଦ୍ଧା ଭାଜନ ହୋଇ ପାରିଥିଲେ। ତାଙ୍କ ବିୟୋଗ ଖବର ପାଇବା ପରେ ସମ୍ମିଳନୀର ଉପଦେଷ୍ଟା ଅନନ୍ତ ପ୍ରସାଦ ଜେନା, ଉପସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର, ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା ଓ ବରିଷ୍ଠ ସଦସ୍ୟ ଭୃଗୁ ବକ୍ସିପାତ୍ର ପ୍ରମୁଖ ବହୁ ସଦସ୍ୟ ତାଙ୍କ ବାସଭବନ ଯାଇ ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

## ଟ୍ରକ୍-କାର୍ ମୁହାଁମୁହିଁ ଧକ୍କା : ଜଣେ ମୃତ, ୪ ଗୁରୁତର




**ଜଟଣୀ,୧୪।୩(ଡି.ଏନ୍.ଏ.):** ପିଳପ୍ରସାଦ-ଜଟଣୀ ମୁଖ୍ୟ ରାସ୍ତାର ବାହିଲିପଡ଼ା ଛକ ନିକଟରେ ମଙ୍ଗଳବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ୍-କାର୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ପୁରୀ ଜିଲା କଣାସ ଥାନା ଅଧୀନ ବୁଢ଼ାଙ୍ଗରା ଅଞ୍ଚଳର ନିତ୍ୟାନନ୍ଦ ସାହୁ। ଗୁରୁତରମାନଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଭୁବନେଶ୍ୱର ପଟୁ ଏକ କାର୍ (ଓଡି ୧୩ଜେ ୭୯୯୭)ରେ ୫ଜଣ ଜଟଣୀ ଅଭିମୁଖେ ଯାଉଥିଲେ। ହରିରାଜପୁର ପଟୁ ଆସୁଥିବା ଟ୍ରକ୍ (ଏନ୍ଏଲ୍ ୦୧କେ ୪୭୧୫ ) ସହ ବାହିଲିପଡ଼ା ଛକଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କାରରେ ବସିଥିବା ୫ଜଣ ଗୁରୁତର ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ମେଡିକାଲକୁ ପଠାଯାଇଥିଲା। ସେଠାରେ ଡାକ୍ତର ନିତ୍ୟାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାରେ କାର୍‌ର ସମ୍ମୁଖଭାଗ ଭାଙ୍ଗି ଚୂରମାର ହୋଇଯାଇଛି। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପିପିଲି ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏଥିସହ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି ।

# ଖଦିକୁ ଆହୁରି ଲୋକାଭିମୁଖୀ କରିବା ଆବଶ୍ୟକ

ଭୁବନେଶ୍ୱର,୧୪।୩(ବ୍ୟୁରୋ)

**ଆରମ୍ଭ ହେଲା ଓଡ଼ିଶା ଖଦିମେଳା**
- ୬୫ ଷ୍ଟଲ୍‌ରେ ଖଦିର ପସରା
- ସାଂସ୍କୃତିକ ସନ୍ଧ୍ୟା ସହ ଫୁଡ୍ ଷ୍ଟଲ୍

ଖଦିକୁ ଆହୁରି ଲୋକାଭିମୁଖୀ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ଗ୍ରାମ୍ୟ ଶିଳ୍ପଗୁଡ଼ିକରେ ଅଧିକରୁ ଅଧିକ ଯୁବତୀଯୁବକଙ୍କୁ ସାମିଲ କରିପାରିଲେ ସେମାନେ ସ୍ୱାବଲମ୍ବୀ ହେବା ସହ ଖଦିର ଉନ୍ନତି ହୋଇପାରିବ ବୋଲି ଶକ୍ତି, ଶିଳ୍ପ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି। ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପକ୍ଷରୁ ମଙ୍ଗଳବାର ଖାରବେଳନଗରସ୍ଥିତ କାର୍ଯ୍ୟାଳୟ ପରିସରରେ 'ଓଡ଼ିଶା ଖଦି ମେଳା ୨୦୨୩'କୁ ଉଦ୍‌ଘାଟନ କରି ମନ୍ତ୍ରୀ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ କହିଲେ, ବୋର୍ଡ ପରିସରରେ ଏକ ବହୁତଳ ବିଶିଷ୍ଟ ଭବନ ନିର୍ମାଣ ପାଇଁ ରାଜ୍ୟ ସରକାର ବିଚାର କରୁଛନ୍ତି। ଖଦି ବୋର୍ଡକୁ ୫ ମହଲା ମିଳିବାର ବ୍ୟବସ୍ଥା ରହିଛି ବୋଲି ବିଧାୟକ ଜେନା ସୂଚନା ଦେଇଛନ୍ତି। ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ ସଭାପତିତ୍ୱ କରି ବୋର୍ଡ ପରିସରରେ ହେବାକୁ ଥିବା ଉତ୍କଳ ଖଦି ଭବନ ନିମନ୍ତେ ସରକାରୀ ସ୍ୱୀକୃତିକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଡ. ଦେବେନ୍ଦ୍ର କୁମାର ମାନସିଂହ, ଅଜୟ ନାୟକ, ସମୀର ସାମନ୍ତରାୟ, ସଦାଶିବ ଜେନା, ସଞ୍ଜୟ କୁମାର ମିଶ୍ର ଓ ଚନ୍ଦ୍ରହାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଚିବ ସୁଦାମ ଚରଣ ମଣ୍ଡଳ ଧନ୍ୟବାଦ ଦେଇଥିବାବେଳେ ଡ. ଶ୍ରୀନିବାସ ଘଟୁଆରୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଚଳିତବର୍ଷ ମେଳାରେ ୬୫ଟି ଷ୍ଟଲ୍ ରହିଥିବାବେଳେ ବିଭିନ୍ନ ରାଜ୍ୟର ବ୍ୟବସାୟୀମାନେ ଖଦିରେ ପ୍ରସ୍ତୁତ ବିଭିନ୍ନ ବସ୍ତ୍ର ଓ ସାମଗ୍ରୀ ବିକ୍ରି କରୁଛନ୍ତି। କଟନ୍, ସିଲ୍କ ଓ ମସଲିନ୍ ଶାଢି ସହ ଜିଲା ସ୍ତରରୁ ଗ୍ରାମୋଦ୍ୟୋଗ ସମ୍ଭାର ଦେଖିବାକୁ ମିଳୁଛି। ଏଥିସହ ବିଭିନ୍ନ ଖଦି ଓ ଗ୍ରାମୋଦ୍ୟୋଗ ସାମଗ୍ରୀ ଯଥା ଘଣା, ପେଡ଼ା, ସୋରିଷ ତେଲ, ମହୁ, କନ୍ଧମାଳ ହଳଦୀ, ମସଲା, ଆଚାର, ଧୂପକାଠି, ଚାନ୍ଦୁଆ, ଶାଢ଼ି, ଗାମୁଛା, ପଞ୍ଜାବି, ଶାର୍ଟ ଆଦି ସାମଗ୍ରୀ ଉପଲବ୍ଧ ହେଉଛି। ଆଉ କେତେକ ଷ୍ଟଲ୍‌ରେ ଅରଟ ଓ ମେଶିନରେ କିଭଳି ସୂତା କଟା ହୁଏ ଏବଂ ତନ୍ତରେ ବୁଣା ହେଉଥିବା ଲୁଗାକୁ ଆଖି ସାମ୍ନାରେ ଦର୍ଶକ ଦେଖିବାକୁ ପାଉଛନ୍ତି। ଲୋକେ ମେଳା ବୁଲା ସହ କିଣାକିଣି କରୁଥିବାବେଳେ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଫୁଡ୍ ଷ୍ଟଲ୍‌ରେ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟର ମଜା ଉଠାଇବାର ସୁଯୋଗ ରହିଛି। ତେବେ ପ୍ରଥମ ସାଂସ୍କୃତିକ ସନ୍ଧ୍ୟାରେ ନିରଞ୍ଜନ ସାହୁଙ୍କ ଦ୍ୱାରା ଯୋଡ଼ି ଶଙ୍ଖ ବାଦ୍ୟ, ଗୁରୁ ନିରଞ୍ଜନ ରାଉତଙ୍କ ଦଳ ଦ୍ୱାରା ଆମ ଓଡ଼ିଶା ଓ ଶାଶ୍ୱତ ଜୋଷୀ ଏବଂ ସାଥୀଙ୍କ ଦ୍ୱାରା ଫ୍ୟୁଜନ ନୃତ୍ୟ ବେଶ୍ ମନୋରଞ୍ଜନ ଯୋଗାଇଥିଲା। ଏହି ମେଳି ୧୦ଦିନ ଧରି ଅପରାହ୍ନ ୩ଟାରୁ ୯ଟା ପର୍ଯ୍ୟନ୍ତ ଚାଲିବ।




ମନ୍ତ୍ରୀ ପ୍ରତାପ କେଶରୀ ଦେବ ମହିଳାଙ୍କଠାରୁ ସୂତା କଟା ସମ୍ପର୍କରେ ପଚାରି ବୁଝୁଛନ୍ତି।



ଜଣେ ବୁଣାକାର ପାରମ୍ପରିକ ତନ୍ତରେ ଲୁଗା ବୁଣୁଛନ୍ତି।

## ପ୍ରାଥମିକ ଶିକ୍ଷକ ମହାସଂଘ ଧାରଣାକୁ ମିଳିଲାନି ଅନୁମତି

ଭୁବନେଶ୍ୱର,୧୪।୩(ବ୍ୟୁରୋ)

ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ୩ଦଫା ଦାବି ନେଇ ବୁଧବାରଠାରୁ ରାଜଧାନୀ ଲୋୟର ପିଏମ୍‌ଜିରେ ଧାରଣା ଦିଆଯିବ ବୋଲି ଡାକରା ଦିଆଯାଇଥିଲା। କିନ୍ତୁ ଏହି ଧାରଣା ପାଇଁ କମିଶନରେଟ ପୋଲିସ ପକ୍ଷରୁ ଅନୁମତି ଦିଆଯାଇନାହିଁ। ଭୁବନେଶ୍ୱର ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ସଂଘ ସଦସ୍ୟ ଗୋପାଳ କିଶୋର ସେନାଙ୍କୁ ଚିଠି ଲେଖାଯାଇ ଏ ସମ୍ପର୍କରେ ଜଣାଇ ଦିଆଯାଇଛି। ଧାରଣା ଓ ରାଲି ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ମାଟ୍ରିକ ପରିକ୍ଷାର୍ଥୀମାନେ ସମସ୍ୟାର ପଡ଼ିବେ ବୋଲି କାରଣ ଦର୍ଶାଯାଇ ଅନୁମତି ଦିଆଯାଇ ନ ଥିବା ପୋଲିସ ପକ୍ଷରୁ କୁହାଯାଇଛି। ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ବାତିଲ କରି କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା, ୨୦୦୫ରୁ ନିଯୁକ୍ତ ସମସ୍ତ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ନୂଆ ପେନସନ ଉଚ୍ଛେଦ କରି ପୁରୁଣା ପେନ୍‌ସନ ନିୟମ ଲାଗୁ ସହ ସମସ୍ତ ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରିବା ଆଦି ସଂଘର ଦାବି ରହିଛି। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ନଭେମ୍ବର ୨୭ରେ ଅନେକ ଶିକ୍ଷକ ସେମାନଙ୍କ ଦାବି ନେଇ ଲୋୟର ପିଏମ୍‌ଜିରେ ଧାରଣା ଦେବାରୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ଦାବି ପୂରଣ ନ ହେବାରୁ ପୁଣି ସଂଘ ଆନ୍ଦୋଳନ ଡାକରା ଦିଆଯାଇଥିଲା।



ଯାଜପୁରର ନିଖୋଜ ଶିଶୁକନ୍ୟା ପିହୁଙ୍କ ମା' ମୋନାଲିସା ନାୟକ ଓ ପରିବାର ସଦସ୍ୟମାନେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କ ହସ୍ତକ୍ଷେପ ଲୋଡ଼ିବା ସହ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନ ସମ୍ମୁଖରେ ନ୍ୟାୟ ପାଇଁ ନିବେଦନ କରୁଛନ୍ତି।

## ପିହୁ ନିଖୋଜ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା ପରିବାର

ଭୁବନେଶ୍ୱର,୧୪।୩(ବ୍ୟୁରୋ)

**ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ମା'**

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ମଧୁସୂଦନ ଗ୍ରାମର ବହୁ ଚର୍ଚ୍ଚିତ ଶିଶୁ କନ୍ୟା ପିହୁ ଅପହରଣ ଘଟଣାକୁ ୩ ବର୍ଷ ବିତିଥିଲେ ମଧ୍ୟ ଏଯାଏ ତା'ର ପତ୍ତା ମିଳିନାହିଁ। ନ୍ୟାୟ ପାଇଁ ପିହୁଙ୍କ ମା' ମୋନାଲିସା ନାୟକ ଓ ପରିବାର ଲୋକେ ବାରମ୍ବାର ଭୁବନେଶ୍ୱର ଧାଇଁଆସି ରାଜ୍ୟ ସରକାରଙ୍କୁ ନେହୁରା ହେଉଥିଲେ ମଧ୍ୟ କିଛି ସୁଫଳ ମିଳିନି। ମଙ୍ଗଳବାର ନ୍ୟାୟ ପାଇଁ ଲଢ଼େଇ ପରିବାର ସହଯୋଗରେ ପୁଣି ସେମାନେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବା ସହ ମନ୍ତ୍ରୀଙ୍କ ବାସଭବନ ନିକଟରେ ନ୍ୟାୟ ଭିକ୍ଷା କରିଛନ୍ତି। ୨୦୨୦ରେ ପିହୁଙ୍କ ନିଖୋଜ ନେଇ ମା' ମୋନାଲିସା ଥାନାରେ ଏତଲା ଦେଇଥିଲେ ମଧ୍ୟ ଘଟଣାର ତଦନ୍ତ କରାଯାଇ ନ ଥିଲା। ପରବର୍ତ୍ତୀ ସମୟରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ତଦନ୍ତ ଦିଗରେ ପଦକ୍ଷେପ ନେବାକୁ ସେ ଯାଜପୁର ଏସ୍‌ପି, ଜିଲାପାଳ, ଜିଲା ଶିଶୁ ଅଧିକାର କମିଶନ, ରାଜ୍ୟ ଶିଶୁ କମିଶନ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଅନୁରୋଧ କରି ଆସୁଛନ୍ତି।

# ଅଧାରେ ରହିଲା ଶୁଟିଂ, ହଟହଟା ହେଲେ ବଲିଉଡ୍ ଅଭିନେତ୍ରୀ

ଭୁବନେଶ୍ୱର,୧୪।୩(ବ୍ୟୁରୋ)

**ଶୁଟିଂ ସେଟ୍‌ରେ ହାଇଡ୍ରାମା**
- ପ୍ରତିଶ୍ରୁତି ସତ୍ତ୍ୱେ ଅଭିନେତା ହିତେଶଙ୍କୁ ସୁଯୋଗ ନ ଦିଆଯିବାରୁ ବିବାଦ
- ଜୟଦେବ ବାଟିକାରେ ସୃଷ୍ଟି ହେଲା ଅପ୍ରୀତିକର ସ୍ଥିତି

ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ଜୟଦେବ ବାଟିକାରେ ମଙ୍ଗଳବାର ଏକ ହିନ୍ଦୀ ଆଲବମ୍ ଭିଡିଓ ଶୁଟିଂବେଳେ ହାଇଡ୍ରାମା ଦେଖିବାକୁ ମିଳିଛି। ଅଭିନେତା ଅଭିନେତା ହିତେଶ ଦାସଙ୍କୁ ଆଲ୍‌ବମ୍‌ରେ ହିରୋ ଭୂମିକାରେ ସୁଯୋଗ ଦେବାକୁ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ତାଙ୍କୁ ମନା କରିଦିଆଯିବାରୁ ଶୁଟିଂ ସେଟ୍‌ରେ ଗଣ୍ଡଗୋଳ ସହ ଯୁକ୍ତିତର୍କ ସୃଷ୍ଟି ହୋଇଥିଲା। ଯେଉଁଥିପାଇଁ ଭିଡିଓ ଶୁଟିଂ ଅଧାରୁ ବନ୍ଦ କରିବାକୁ ପଡ଼ିଥିଲା। ଫଳରେ ଓଡ଼ିଶା ଆସିଥିବା ବଲିଉଡ୍ ଅଭିନେତ୍ରୀ ଆକାଂକ୍ଷା ଶର୍ମାଙ୍କୁ ହଟହଟା ହେବାକୁ ପଡ଼ିଛି। ଏଥିସହ ବହୁ କଳାକାର ଓ କ୍ୟାମେରାମ୍ୟାନଙ୍କ ସମେତ ଅନ୍ୟ ଟେକ୍ନିସିଆନମାନେ ମଧ୍ୟ ହଇରାଣ ହୋଇଥିଲେ। ଶେଷରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ହସ୍ତକ୍ଷେପ କରିବା ବିବାଦ ଥମିବା ସହ ଆପୋସ ସମାଧାନ ହୋଇଛି।

ସୂଚନା ଅନୁଯାୟୀ, ଏକ ହିନ୍ଦୀ ପ୍ରଡକ୍ସନ କମ୍ପାନୀର ଆଲବମ୍ ଭିଡିଓ ଶୁଟିଂ ପାଇଁ ନିର୍ଦ୍ଦେଶକ କୈଳାସ ରଥ ୧୦ଦିନ ତଳେ ହିତେଶଙ୍କୁ ଯୋଗାଯୋଗ କରିଥିଲେ। ଭିଡିଓରେ ହିତେଶଙ୍କୁ ହିରୋ ଭୂମିକାରେ ଅଭିନୟ ପାଇଁ ସୁଯୋଗ ଦିଆଯିବ ବୋଲି କୁହାଯାଇଥିଲା। ତେବେ ସୋମବାର ହିତେଶ ଅଭିନୟ ପାଇଁ କେତେ ଟଙ୍କା କଥା ପଚାରିବାରୁ ମାଗଣାରେ କାମ କର ବୋଲି ପ୍ରଯୋଜକ ସଂସ୍ଥା ପକ୍ଷରୁ କୁହାଯାଇଥିଲା। ଏନେଇ ହିତେଶ ଅରାଜି ହେବାରୁ ନିର୍ଦ୍ଦେଶକ ତାଙ୍କୁ ମଙ୍ଗଳବାର ସକାଳୁ ଜୟଦେବ ବାଟିକାରେ ଶୁଟିଂ ସେଟ୍‌କୁ ଆସିବାକୁ କହିଥିଲେ। ଶୁଟିଂ ବେଳେ ହିତେଶ ଜଣେ ସହ କଳାକାରଙ୍କ ସହ ସେଠାରେ ପହଞ୍ଚିଥିଲେ। ତେବେ ଅଭିନୟ ପାଇଁ କୌଣସି ଅନୁବନ୍ଧିତ ହୋଇନାହିଁ କହି ହିତେଶଙ୍କୁ ପ୍ରଯୋଜନା ସଂସ୍ଥା ମନା କରିଦେଇଥିଲେ। ଏପରିକି ମାଗଣା କାମ କରିବାକୁ ହେବ ବୋଲି କହିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଯୁକ୍ତିତର୍କ ଓ ପାଟିତୁଣ୍ଡ ଚାଲିଥିଲା। ଖବରପାଇ ପୋଲିସ ପହଞ୍ଚିବା ପରେ ଶୁଟିଂ ଅଧାରେ ବନ୍ଦ ରହିଥିଲା। ନିର୍ଦ୍ଦେଶକ କୈଳାସ ଓ ହିତେଶଙ୍କୁ ପୋଲିସ ଥାନାକୁ ନେଇ ପଚରାଉଚରା କରିବା ସହ ଆପୋସ ସମାଧାନ କରିବାକୁ ପ୍ରୟାସ କରିଥିଲା। ଶେଷରେ ସମାଧାନର ବାଟ ଫିଟିଥିଲା। ଏଥିପାଇଁ ହିତେଶଙ୍କୁ ତାଙ୍କ ପ୍ରାପ୍ୟ ବାବଦରେ ନିର୍ଦ୍ଦେଶକ ଦଶ ହଜାର ଟଙ୍କା ଦେବା ପରେ ଘଟଣା ସମାଧାନ ହୋଇଥିଲା।



## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅମୃତ



@ ବିଶ୍ୱ



@ ଶ୍ରୀକାନ୍ତ



@ ପବିତ୍ର



@ ମନୀଷା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କଲେ ବ୍ରିଟିଶ ଡେପୁଟି ହାଇକମିଶନର

ଭୁବନେଶ୍ୱର, ୧୪।୩(ବ୍ୟୁରୋ)

ବ୍ରିଟିଶ ଡେପୁଟି ହାଇକମିଶନର ପିଟର କୁକ୍ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଦକ୍ଷତା କେନ୍ଦ୍ରର ଟିମ୍ ସହ ଆଲୋଚନା କରିବା ଅବସରରେ ସେ ବିଭିନ୍ନ ପାଠ୍ୟକ୍ରମର ଲାବ୍ ପରିଦର୍ଶନ କରି ଓଡ଼ିଶା ଦକ୍ଷତା ଇକୋସିଷ୍ଟମ ସମ୍ପର୍କରେ ଅବଗତ ହୋଇଥିଲେ। ଏହାଛଡ଼ା ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। ୟୁକେକୁ ଛାତ୍ର ବିନିମୟ, ୟୁକେର କମ୍ପାନୀଗୁଡିକରେ ଭବିଷ୍ୟତରେ ନିଯୁକ୍ତି ପାଇଁ ୟୁକେ ଶ୍ରମ ପରିଷଦ ଅନୁଯାୟୀ ପାଠ୍ୟକ୍ରମ ଓ ସ୍ୱୀକୃତି, ବ୍ରିଟିଶ କାଉନ୍‌ସିଲ ସହଯୋଗରେ ବିଶ୍ୱ ଦକ୍ଷତା କେନ୍ଦ୍ରରେ ସାଇବର ସିକ୍ୟୁରିଟି କ୍ଷେତ୍ରରେ ଦକ୍ଷତା ପ୍ରଶିକ୍ଷଣ ଆଦି ବିଷୟରେ ଆଲୋଚନା ହୋଇଥିଲା। ବିଶ୍ୱ ଦକ୍ଷତା କେନ୍ଦ୍ର ଅତିରିକ୍ତ ସଚିବ ପିନାକୀ ପଟ୍ଟନାୟକ, ଅଧକ୍ଷ ସଙ୍ଗରଣ ଗୋପାଳ ଏବଂ ଉପାଧକ୍ଷ ଶୁଭଙ୍ଗ କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ବ୍ରିଟିଶ ଡେପୁଟି ହାଇକମିଶନର ପିଟର କୁକ୍ ଦକ୍ଷତା କେନ୍ଦ୍ରର ଟିମ୍ ସହ ଆଲୋଚନା କରୁଛନ୍ତି।



# ଯୁବ, ଛାତ୍ର କର୍ମୀଙ୍କୁ ଧନ୍ୟବାଦ ଦେଲେ ନବୀନ

**ଭୁବନେଶ୍ୱର, ୧୪।୩(ବ୍ୟୁରୋ):** ବିଜୁ ଯୁବ ଓ ଛାତ୍ର ଜନତା ଦଳର କର୍ମକର୍ତ୍ତାମାନେ ମଙ୍ଗଳବାର ନିର୍ମାଣଧୀନ ଥିବା ବିଜେଡି ରାଜ୍ୟ କାର୍ଯ୍ୟାଳୟ ଠାରେ ଶ୍ରମଦାନ କରିଛନ୍ତି। ସମସ୍ତେ ଏହି କାର୍ଯ୍ୟରେ ସହଯୋଗ କରିବା ସହିତ ସେମାନଙ୍କୁ ନେଇ ଦଳ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଯୁବ ଓ ଛାତ୍ର କର୍ମୀଙ୍କୁ ସେ ଆଗାମୀ ନିର୍ବାଚନ ଲାଗି ଏବେଠାରୁ ଭଲ ଭାବେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ବିଭିନ୍ନ ସାମାଜିକ କାର୍ଯ୍ୟରେ ମଧ୍ୟ ନିଜକୁ ନିୟୋଜିତ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି। ଏହାପରେ ସନ୍ଧ୍ୟାରେ ସବୁ ଯୁବ ଓ ଛାତ୍ର କର୍ମୀ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସବୁ କର୍ମୀଙ୍କୁ ଭଲ କାର୍ଯ୍ୟ କରୁଥିବାରୁ ଧନ୍ୟବାଦ ଦେବା ସହିତ ନିଜକୁ ସବୁବେଳେ ଲୋକଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଛନ୍ତି।

# ଖାଲି ପଦବୀ ନେଇ ବର୍ଷିଲେ ବିରୋଧୀ

## ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଖର୍ଚ୍ଚଦାବି ଗୃହୀତ

**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

ସ୍କୁଲ ଓ ଗଣଶିକ୍ଷା ବିଭାଗ ଲାଗି ଚଳିତ ବଜେଟରେ ବ୍ୟୟବରାଦ କରାଯାଇଥିବା ୨୨ ହଜାର ୫୨୮ କୋଟି ଟଙ୍କା ମଙ୍ଗଳବାର ବିଧାନସଭାରେ ଗୃହୀତ ହୋଇଛି। ଏହି ବିଭାଗର ଖର୍ଚ୍ଚଦାବି ଆଲୋଚନାରେ ଉଭୟ ଶାସକ ଏବଂ ବିରୋଧୀ ଦଳର ଅନେକ ସଦସ୍ୟ ଭାଗ ନେଇଛନ୍ତି। ବିରୋଧୀ ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ଅନିୟମିତତା ଏବଂ ଶିକ୍ଷକ ଅଭାବଠାରୁ ଆରମ୍ଭକରି ବିଭିନ୍ନ ପ୍ରସଙ୍ଗରେ ପ୍ରଶ୍ନ ଉଠାଇଛନ୍ତି। ଶାସକ ଦଳ ସଦସ୍ୟ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ଭୂରି ଭୂରି ପ୍ରଶଂସା କରିଛନ୍ତି। ଶେଷରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ତାଙ୍କ ଉତ୍ତର ରଖି ସରକାର ଚଳିତ ଥର ବଜେଟରେ ଆଣିଥିବା ବିଭିନ୍ନ ନୂତନ ଯୋଜନା ସମ୍ପର୍କରେ କହିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି, ରାଜ୍ୟ ସରକାରୀ ସ୍କୁଲଗୁଡ଼ିକର ଭିତ୍ତିଭୂମି ଅଭାବ ରହିଛି। ବହୁ ସ୍କୁଲରେ ଗୋଟିଏ କ୍ଲାସ୍‌ରୁମ୍‌ରେ ୫ଟି ଶ୍ରେଣୀର ପିଲା ପଢୁଛନ୍ତି। କେତେକ ସ୍ଥାନରେ ଜଣେ ଶିକ୍ଷକରେ ପାଠପଢ଼ା ଚାଲିଛି। ସେହିପରି କେତେକ ଶ୍ରେଣୀଗୃହ ବିପଦସଙ୍କୁଳ ଅବସ୍ଥାରେ ଥିବାବେଳେ ସେଥିରେ ମଧ୍ୟ ପାଠପଢ଼ା ଚାଲିଛି। ୫-ଟି ଯୋଜନାରେ ହାଇସ୍କୁଲଗୁଡ଼ିକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିବାକୁ ବସିଲାଣି। ଖାଲି ପଦବୀ ପୂରଣ ହୋଇପାରୁନାହିଁ। ମାତ୍ର ୬ ପ୍ରତିଶତ ସ୍କୁଲରେ ଇଣ୍ଟରନେଟ୍ ଓ ଆଇସିଟି ଲାବ୍ ରହିଛି। ମାତ୍ର ୩୮ ପ୍ରତିଶତ ସ୍କୁଲରେ ବିଜୁଳି ରହିଛି ବୋଲି ମାଝି କହିବା ସହ ଏହି ବଜେଟକୁ ବିରୋଧ କରିଛନ୍ତି। ଏହାପରେ ଶାସକ ଦଳ ସଦସ୍ୟ ପଦ୍ମନାଭ ବେହେରା ଆଲୋଚନାରେ ଭାଗ ନେଇ ୫-ଟି ସ୍କୁଲର ସଫଳ ରୂପାୟନ ସମ୍ପର୍କରେ ବଖାଣିଛନ୍ତି। କଂଗ୍ରେସ ସଦସ୍ୟ ଅଧିରାଜ ପାଣିଗ୍ରାହୀ ମଧ୍ୟ ବଜେଟକୁ ବିରୋଧକରି କହିଛନ୍ତି, ରାଜ୍ୟରେ ଶିକ୍ଷକମାନଙ୍କ ଅଭାବ ରହିଛି। ଦରମା ପ୍ରଦାନରେ ମଧ୍ୟ ଶିକ୍ଷକମାନଙ୍କ କ୍ଷେତ୍ରରେ ପାତରଅନ୍ତର କରାଯାଉଛି। ସେହିପରି ରାଜ୍ୟରେ ହେଉଥିବା ୫-ଟି ସ୍କୁଲ ବା ରୂପାନ୍ତରୀକରଣ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି। ଅନେକ ସ୍ଥାନରେ କେବଳ ବାହାରକୁ ଦେଖିବା ପାଇଁ ସ୍କୁଲଗୁଡ଼ିକ ସୌନ୍ଦର୍ଯ୍ୟକରଣ କରାଯାଇଥିବା ବେଳେ ମୁଖ୍ୟତଃ ଶିକ୍ଷକମାନଙ୍କ ଘୋର ଅଭାବ ରହିଥିବା ସେ କହିଛନ୍ତି। ଶାସକ ଦଳ ସଦସ୍ୟ ପ୍ରଣବ କୁମାର ବଳବନ୍ତରାୟ ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରରେ ନେଇଥିବା ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନାହିଁ ନାହିଁରେ ଚାଲିଛି। ଗୁଣାତ୍ମକ ଶିକ୍ଷା ଲାଗି ଗୁଣାତ୍ମକ ଶିକ୍ଷକଙ୍କ ଆବଶ୍ୟକତା ଅଛି। ହେଲେ ରାଜ୍ୟରେ ୧୨ ପ୍ରକାର ଶିକ୍ଷକ କାମ କରୁଛନ୍ତି। ଜଣେ ଶିକ୍ଷକ ୬୦ ହଜାର ପାଉଥିବା ବେଳେ ଅନ୍ୟ ଜଣେ ମାତ୍ର ୬ ହଜାର ଟଙ୍କା ଦରମା ପାଉଛନ୍ତି। ଏ ରାଜ୍ୟରେ କେମିତି ପାଠପଢ଼ା ହେଉଛି ସେଥିରୁ ଜଣାପଡୁଛି। ସବୁବେଳେ ଶିକ୍ଷକମାନଙ୍କ ବିଭିନ୍ନ ସଂଘ ଆସି ଆନ୍ଦୋଳନ କରୁଛନ୍ତି ବୋଲି ସେ କହିଛନ୍ତି। ବିଧାୟକ ମୁକେଶ ମହାଲିଙ୍ଗ, ଚନ୍ଦ୍ରସାରଥି ବେହେରା, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଧ୍ରୁବଚରଣ ସାହୁ, ଜୟନ୍ତ ଷଡ଼ଙ୍ଗୀ ଏବଂ ମକରନ୍ଦ ମୁଦୁଲି ଆଲୋଚନାରେ ଭାଗ ନେଇଛନ୍ତି।

### ଏଥର କମ୍ ପିଲା ଡ୍ରପ୍‌ଆଉଟ୍ ହୋଇଛନ୍ତି: ମନ୍ତ୍ରୀ

ବିଭାଗୀୟ ଖର୍ଚ୍ଚଦାବି ଆଲୋଚନାର ଶେଷରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ୨୦୨୧-୨୨ରେ ମାଟ୍ରିକ୍ ପରୀକ୍ଷା ପାଇଁ ୫ ଲକ୍ଷ ୭୧ ହଜାର ୯୦୯ ଜଣ ଫର୍ମପୂରଣ କରିଥିଲେ। ସେଥିରୁ ୪୫ ହଜାର ୯୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇ ନ ଥିଲେ। ଚଳିତବର୍ଷ ଅର୍ଥାତ୍ ୨୦୨୨-୨୦୨୩ରେ ୫ ଲକ୍ଷ ୩୨ ହଜାର ୬୦୩ ଜଣ ଛାତ୍ରୀଛାତ୍ର ଫର୍ମପୂରଣ କରିଥିଲେ। ସେଥିରୁ ୧୩ ହଜାର ୫୮ ଜଣ ପିଲା ପରୀକ୍ଷା ଦେଇନାହାନ୍ତି। ମହାମାରୀ କରୋନା ପରେ ୪୫ ହଜାରରୁ ଅଧିକ ପିଲା ମାଟ୍ରିକ୍ ପରୀକ୍ଷା ଦେଇ ନ ଥିଲେ। ସେତେବେଳେ ଆମେ ଘରକୁ ଘର ଯିବୁ ବୋଲି କହିଥିଲୁ। ସେହି ହିସାବରେ ବିଭାଗ ଘରକୁ ଘର ଯାଇଛି। ଯେଉଁଥିପାଇଁ ଗତବର୍ଷ ଅପେକ୍ଷା ଏଥର ବହୁ କମ୍ ପିଲା ଡ୍ରପ୍‌ଆଉଟ୍ ହୋଇଛନ୍ତି। ଗତବର୍ଷ ୪୫ ହଜାରରୁ ଅଧିକ ପିଲା ଡ୍ରପ୍‌ଆଉଟ୍ ହୋଇଥିବା ବେଳେ ଏଥର ୧୩ ହଜାର ପିଲା ପରୀକ୍ଷା ଦେଉନାହାନ୍ତି। ସେମାନେ କାହିଁକି ପରୀକ୍ଷା ଦେଉନାହାନ୍ତି ସେନେଇ ବିଭାଗ ତର୍ଜମା କରାଯିବ। ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ସହିତ ଯୋଗାଯୋଗ କରାଯିବ। ସେହି ପିଲାମାନେ କିପରି ସପ୍ଲିମେଣ୍ଟାରି ପରୀକ୍ଷା ଦେବେ ସେଥିପାଇଁ ପ୍ରବର୍ତ୍ତାଇବୁ। ୨୦୦୧-୦୨ରେ ଛାତ୍ର-ଶିକ୍ଷକ ଅନୁପାତ ୪୬.୬୭% ଥିଲା। ୨୦୨୩-୨୪ରେ ଛାତ୍ର-ଶିକ୍ଷକ ଅନୁପାତ ୧୬% ଅଛି। ଗତ ୫ ବର୍ଷରେ ୫-ଟି ରୂପାନ୍ତରୀକରଣ, ମୋ ସ୍କୁଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆଦି ଯୋଜନା ଦ୍ୱାରା ୪୫୯୯ କୋଟି ଟଙ୍କା ବ୍ୟୟରେ ପ୍ରତି ପଞ୍ଚାୟତରେ ଶିକ୍ଷା ବିକାଶର ମନ୍ତ୍ର ପହଞ୍ଚିଛି ବୋଲି ସେ କହିଛନ୍ତି।

# ଚାଷ ପାଇଁ ଚାଷୀ ନଡ଼ାରେ ନିଆଁ ଲଗାଇ ଦେଉଛନ୍ତି: ମନ୍ତ୍ରୀ

**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

### ବିଧାନସଭାରେ ଜଙ୍ଗଲ ନିଆଁ

ସାଟେଲାଇଟ ଚିତ୍ର କହୁଛି, କେବଳ ଜଙ୍ଗଲରେ ନିଆଁ ଲାଗୁନି, ଅନେକ ସ୍ଥାନରେ ଚାଷୀମାନେ ଉନ୍ନତମାନର ଚାଷ କରିବା ପାଇଁ ଧାନ କାଟିବା ପରେ ବିଲରେ ବଳକା ନଡ଼ାରେ ନିଆଁ ଲଗାଇ ଦେଉଛନ୍ତି। ଆଧୁନିକ ଜ୍ଞାନକୌଶଳରେ ନିଆଁକୁ ଆୟତ୍ତ କରାଯାଉଛି। ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ବନ ସୁରକ୍ଷା ସମିତିର ସହଯୋଗ ନିଆଯାଉଛି। ମଙ୍ଗଳବାର ବିଧାନସଭା ପ୍ରଶ୍ନକାଳରେ କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟଙ୍କ ମୂଳ ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ ଅମାତ ଏହି ସୂଚନା ଦେଇଛନ୍ତି।

ମୂଳ ପ୍ରଶ୍ନକର୍ତ୍ତା ପଚାରିଥିଲେ, ରାଜ୍ୟରେ ଜଳବାୟୁ ପରିବର୍ତ୍ତନ ଘଟିବା ଦ୍ୱାରା ଫେବୃୟାରୀ ମାସରେ ଅସମ୍ଭବ ତାତି। ଆଗାମୀ ଦିନରେ ଯାହା ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି। ଚାରିଆଡ଼େ ଜଙ୍ଗଲ ଜଳୁଛି। ଲିଭାଇଲଣି। ବିଧାୟକଙ୍କ ପାଇଁ ଘର କରୁଛ। ଗଛ କାଟିଲ, କେତେ ଗଛ ଲାଗିଛି। ତିନିଗୁଣା ଗଛ କେବେ ସୁଦ୍ଧା ଲଗାଇବେ। ଭାଜପା ସଭ୍ୟ କୁସୁମ ଟେଟେ ଜଙ୍ଗଲ ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିବା ବେଳେ କଂଗ୍ରେସ ସଭ୍ୟ ମହମ୍ମଦ ମୋକିମ ରାଜ୍ୟରେ ହାତୀ ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ହାତୀ ମୃତ୍ୟୁ ରୋକିବାକୁ ନେଇ ସରକାର କି ପଦକ୍ଷେପ ନେଇଛନ୍ତି ବୋଲି ପଚାରିଥିଲେ। ଜଙ୍ଗଲରେ ନିଆଁ ଲଗାଉଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଜଙ୍ଗଲରେ ବୁଲାବୁଲି କରୁଥିବା ସନ୍ଦିଗ୍ଧ ଲୋକଙ୍କ ଉପରେ ନଜର ରଖାଯାଇଛି। ଏହାସହ ଖରାଦିନେ ଜଳକଷ୍ଟ ଦୂର ପାଇଁ ଆବଶ୍ୟକ ସ୍ଥଳେ ବଜେଟ ବାହାରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ପାଇଁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କାର୍ଯ୍ୟ ନିର୍ବାହୀଯନ୍ତ୍ରୀଙ୍କୁ ଅନୁମତି ଦିଆଯାଇଛି। ପାଇପ ଯୋଗେ ପାନୀୟ ଜଳ ପହଞ୍ଚି ନ ଥିବା ଅଞ୍ଚଳରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବା ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ସମବାୟ ବିଭାଗରେ ଯୋଗଦେଲେ ୧୮୪ ଅଧିକାରୀ

**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

ରାଜ୍ୟ ସମବାୟ ବିଭାଗ ଓ ଏହା ଅଧୀନରେ ଥିବା ସମବାୟ ସମିତି ଓ ରାଜ୍ୟ ପଣ୍ୟାଗାରରେ ୧୮୪ ଅଧିକାରୀଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ସେହି ଅଧିକାରୀମାନେ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୧୧୪ ଜଣ ସମବାୟ ସମିତିଗୁଡ଼ିକରେ ଇନ୍ସପେକ୍ଟର ଭାବେ ଯୋଗ ଦେଇଥିବା ବେଳେ ୫୫ ଜଣ ଅଡିଟର ଓ ପଣ୍ୟାଗାରଗୁଡ଼ିକରେ ୧୫ ଜଣ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ ଯୋଗ ଦେଇଛନ୍ତି। ଏ ନେଇ ଲୋକସେବା ଭବନଠାରେ ଅଧିକାରୀମାନଙ୍କ ପାଇଁ ଅନୁଷ୍ଠିତ କର୍ମଶାଳାରେ ଭର୍ଚୁଆଲ ଜରିଆରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ନବନିଯୁକ୍ତ ଅଧିକାରୀମାନେ ୫-ଟିକୁ ଅନୁସରଣ କରିବା ଆବଶ୍ୟକ। ରାଜ୍ୟର ବିକାଶରେ ସମବାୟ ଅର୍ଥନୀତି ମଡେଲର ଅତୁଳନୀୟ ଅବଦାନ ରହିଛି। ରାଜ୍ୟରେ ବର୍ତ୍ତମାନ ୬ ହଜାର ସମବାୟ ସମିତି କାର୍ଯ୍ୟ କରୁଛି। ୧୯୫୦ରେ ସମବାୟ ସମିତି ଚାଷୀମାନଙ୍କ ଆବଶ୍ୟକତାର ୩ ପ୍ରତିଶତ ଋଣ ଦେଉଥିବା ବେଳେ ଏବେ ୬୦ ପ୍ରତିଶତ ପ୍ରଦାନ କରୁଛି, ଯାହାକି ସମଗ୍ର ଦେଶରେ ସର୍ବାଧିକ। ଖାଦ୍ୟ ସଙ୍କଟରୁ ବଳକା ରାଜ୍ୟରେ ପରିଣତ କରିବାରେ ସମବାୟ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କର୍ତ୍ତବ୍ୟନିଷ୍ଠ, ସ୍ୱଚ୍ଛତାକୁ ଅନୁସରଣ କରିବାକୁ ସେ ନବନିଯୁକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ କୃଷି ବିଭାଗ ମଧ୍ୟରେ ସମବାୟ ବିଭାଗ ସେତୁ ଭାବେ କାର୍ଯ୍ୟ କରୁଛି। ଏହି ଅବସରରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ନବନିଯୁକ୍ତ ଅଧିକାରୀମାନଙ୍କୁ ସ୍ୱଚ୍ଛତା ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ସମବାୟ ବିଭାଗ ସଚିବ ସଞ୍ଜୀବ ଚଢ଼ା ଯୋଗ ଦେଇଥିଲେ।

# ଜଙ୍ଗଲ ନିଆଁରେ ଜଳିଗଲା ବିଭାଗୀୟ ଜିପ୍



**ସୁନ୍ଦରଗଡ଼, ୧୪।୩(ଡି.ଏନ୍.ଏ.)**

ଜଙ୍ଗଲରେ ଲାଗିଥିବା ନିଆଁରେ ଜଙ୍ଗଲ ବିଭାଗର ଏକ ଜିପ୍ ପୋଡ଼ିଯାଇଛି। ସୁନ୍ଦରଗଡ଼ ସଦର ରେଞ୍ଜ ଅନ୍ତର୍ଗତ ମେଦିନପୁର ଖେସ୍ରା ଜଙ୍ଗଲରେ ମଙ୍ଗଳବାର ଅପରାହ୍ନରେ ଏହି ଘଟଣା ଘଟିଛି। ପ୍ରକାଶ ଯେ, ଖେସ୍ରା ଜଙ୍ଗଲରେ ନିଆଁ ଲାଗିଥିବା ଖବର ପାଇ ଜଙ୍ଗଲ ବିଭାଗର ଏକ ପାଟ୍ରୋଲିଂ ଜିପ୍ (ଓଆର୍-୧୬-୪୮୫୦)ରେ ବନ ବିଭାଗ କର୍ମଚାରୀମାନେ ସେଠାକୁ ଯାଇଥିଲେ। ପ୍ରଥମେ ଉକ୍ତ ଜଙ୍ଗଲକୁ ଲାଗି ରହିଥିବା ଚାଷଜମିର ଅଧା କଟା ନଡ଼ାରେ ଲାଗିଥିବା ନିଆଁକୁ ଲିଭାଇବା ପରେ ସେଠାରେ ଗାଡ଼ିକୁ ରଖି ଜଙ୍ଗଲ ଭିତର ନିଆଁ ଲିଭାଇବାକୁ ଯାଇଥିଲେ। ତେବେ ପବନ ଯୋଗୁ ଜିପ୍‌ରେ ନିଆଁ ଲାଗିଯାଇଥିଲା। ସୁନ୍ଦରଗଡ଼ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ଜିପ୍‌ଟି ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଛି।

# ହସ୍ପିଟାଲରେ ବିଧାୟିକାଙ୍କୁ ଭେଟିଲେ ୫-ଟି ସଚିବ

**ବ୍ରଜରାଜନଗର, ୧୪।୩ (ଡି.ଏନ.ଏ.)**

ଗ୍ୟାସ୍ ସମସ୍ୟା ଯୋଗୁ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ୮ଦିନ ହେଲା ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହା ଜାଣିବା ପରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ମଙ୍ଗଳବାର ଉକ୍ତ ହସ୍ପିଟାଲ ଯାଇ ବିଧାୟିକାଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଛନ୍ତି। ଶୀଘ୍ର ସୁସ୍ଥ ହେବା ପାଇଁ ସେ ପ୍ରାର୍ଥନା କରିବା ସହ ପ୍ରଥମେ ସ୍ୱାସ୍ଥ୍ୟ ପରେ କାର୍ଯ୍ୟ ବୋଲି କହିଥିଲେ। ଆଗାମୀ ଦିନରେ ବ୍ରଜରାଜନଗର ଓ ଝାରସୁଗୁଡା ପାଇଁ ଅନେକ ବିକାଶ କାର୍ଯ୍ୟ କରିବାକୁ ଅଛି ବୋଲି ସେ କହିଥିଲେ।



ହସ୍ପିଟାଲରେ ବିଧାୟିକା ଅଳକା ମହାନ୍ତିଙ୍କୁ ଭେଟୁଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

# ଓଡ଼ିଶା ସାମୁଦ୍ରିକ ପରିଷଦର ପ୍ରଥମ ବୈଠକ

**ଭୁବନେଶ୍ୱର, ୧୪।୩(ବ୍ୟୁରୋ):** ଓଡ଼ିଶା ସାମୁଦ୍ରିକ ପରିଷଦର(ଓଡ଼ିଶା ମାରିଟାଇମ ବୋର୍ଡ) ପ୍ରଥମ ବୈଠକ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଥିବା ଛୋଟ ଛୋଟ ବନ୍ଦରର କାର୍ଯ୍ୟକାରିତା, ନିୟନ୍ତ୍ରଣ ଓ ପରିଚାଳନା ନିମନ୍ତେ ଏହି ବୋର୍ଡ ଗତବର୍ଷ ପ୍ରତିଷ୍ଠା କରାଯାଇଛି। ଉକ୍ତ ପରିଷଦର ନିୟମ ଅନୁଯାୟୀ ବରିଷ୍ଠ ପଦାଧିକାରୀଙ୍କ ପଦବୀ ତୁରନ୍ତ ପୂରଣ ନିମନ୍ତେ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ବୈଠକରେ ପରିଷଦ ଗଠନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ବୈଠକରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଅଧକ୍ଷ ପି.ଏଲ୍.ହାରାନ୍ଧ, ନୌବାହିନୀ କ୍ୟାପ୍‌ଟେନ ଦିବେଶ କୁମାର ସ୍ୱାଇଁ, ବିଭିନ୍ନ ବିଭାଗୀୟ ଅଧିକାରୀ, ଓଡ଼ିଶା ସାମୁଦ୍ରିକ ପରିଷଦର ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ବ୍ଲାକ୍ ବ୍ରିକ୍ସ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ତ୍ରୀଙ୍କୁ ହାଣି ହତ୍ୟା: ସ୍ୱାମୀ ଗିରଫ

**ସୁନ୍ଦରଗଡ଼, ୧୪।୩(ଡି.ଏନ୍.ଏ.)**

ପ୍ରଥମେ ଟାଙ୍ଗିଆ, ପରେ ତାଉଲି ଓ ଶେଷରେ ପନିକିରେ ହାଣି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି ସ୍ୱାମୀ। ସୁନ୍ଦରଗଡ଼ ଜିଲା ରାଏବଗା ଥାନା ଅନ୍ତର୍ଗତ ଝମେନକେରା ପୋଖରାଟୋଲି ଗ୍ରାମରେ ସୋମବାର ଅପରାହ୍ନରେ ଏହି ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି। ମୃତା ମହିଳା ହେଲେ ଅନୀତା ବାଗ(୪୦)। ପୋଲିସ ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ଗୋପାଳ ବାଗ(୪୫)ଙ୍କୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ସ୍ୱାମୀ ଏପରି ନାରକୀୟ କାଣ୍ଡ ଘଟାଇଥିବା ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ମୃତା ମହିଳାଙ୍କ ଦୁଇଟି ସନ୍ତାନ ଅଛନ୍ତି। ଝିଅ ବିବାହ କରିଥିବା ଜଣାଯାଇଛି।

# ପାରୋଲରେ ଆସିଥିବା କଏଦୀଙ୍କ ଆତ୍ମହତ୍ୟା

**ଅନୁଗୋଳ ଅଫିସ, ୧୪।୩**

ହତ୍ୟା ଅଭିଯୋଗରେ ବନ୍ଦୀ ଜୀବନ ବିତାଉଥିବା ଜଣେ କଏଦୀ ପାରୋଲରେ ଆସି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଢେଙ୍କାନାଳ ଜିଲା ବାଲିମୀ ଥାନା ଅନ୍ତର୍ଗତ ଗାଲପଡ଼ା ପଞ୍ଚାୟତ କୋଠାଲୁ ଗ୍ରାମର ଦନେଇ ବେହେରା (୫୮)। ଅନୁଗୋଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ନଂ. ୨୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗାଲପଡ଼ା ଅଞ୍ଚଳର ଦନେଇ ଏବଂ ତାଙ୍କ ବଡ଼ପୁଅ ୫ ବର୍ଷ ହେଲା ଏକ ହତ୍ୟା ମାମଲାରେ ଜେଲଦଣ୍ଡ ଭୋଗୁଛନ୍ତି। ଗତ ୨ ତାରିଖରେ ଦନେଇ ପାରୋଲରେ ଘରକୁ ଆସିଥିଲେ। ବଡ଼ପୁଅଙ୍କୁ ବେଲ୍ ମିଳି ନ ଥିବାରୁ ସେ ଜେଲରେ ଅଛନ୍ତି। ଦନେଇ ଘରକୁ ଆସିବା ପରଠାରୁ ଗୁମ୍‌ସୁମ୍ ହୋଇ ରହୁଥିଲେ। ବାହାରକୁ ବାହାରୁ ନ ଥିଲେ। ଗତ ୧୨ ତାରିଖରେ କୌଣସି କାରଣରୁ ସ୍ତ୍ରୀ ଓ ସାନପୁଅଙ୍କ ସହ ତାଙ୍କର ବଚସା ହୋଇଥିଲା। ଏହାପରେ ସ୍ତ୍ରୀ ଏବଂ ସାନପୁଅ ଘରୁ ପଳାଇଥିଲେ। ବିଳମ୍ବିତ ରାତିର ଘରକୁ ଫେରିବା ବେଳକୁ ଦନେଇ ଶୋଇଥିଲେ। ସୋମବାର ସକାଳେ ଦନେଇ ଚା ପିଇବା ପରେ ଘରୁ କେଉଁଆଡ଼େ ଚାଲି ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ଗାଁ ମୁଣ୍ଡରୁ ଅର୍ଦ୍ଧଚେତନ ଅବସ୍ଥାରେ ଠାବ କରିଥିଲେ। ସେ ବିଷ ପିଇ ଦେଇଥିବା ଜଣାପଡ଼ିବା ପରେ ତୁରନ୍ତ ତାଙ୍କୁ ଅନୁଗୋଳ ଜିଲା ଚିକିତ୍ସାଳୟରେ ରାତି ୧୧ଟାରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳ ୬ଟାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ମେଡିକାଲ କର୍ତ୍ତୃପକ୍ଷ ଅନୁଗୋଳ ଥାନାକୁ ଅବଗତ କରିବା ପରେ ପୋଲିସ ପହଞ୍ଚି ତଦନ୍ତ କରିଥିଲା।

# ସ୍କିଲ୍ଡ ଇନ୍ ଓଡ଼ିଶା ବ୍ୟାନରରେ ୧୬ ଲକ୍ଷ ପିଲାଙ୍କୁ ମିଳିଛି ତାଲିମ: ମନ୍ତ୍ରୀ

**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଗୁଣାତ୍ମକ ବ୍ୟବସ୍ଥା ମାଧ୍ୟମରେ ରାଜ୍ୟର ମାନବ ସମ୍ବଳ ସାମର୍ଥ୍ୟକୁ ପୋଷଣ ଓ ସୁଦୃଢ଼ କରିବାର ଦାୟିତ୍ୱ ବହନ କରିଛି। ରାଜ୍ୟର ଯୁବବର୍ଗଙ୍କୁ ବୈଷୟିକ ଭାବେ ସକ୍ଷମ କରିବା ଏବଂ ବିଶ୍ୱସ୍ତରୀୟ ଶ୍ରମଶକ୍ତିରେ ସାମିଲ କରିବା ଲକ୍ଷ୍ୟ ନେଇ ସମାଜର ସମସ୍ତ ବର୍ଗ ପାଇଁ ସୁଲଭ ବୈଷୟିକ ଏବଂ ଧନ୍ଦାମୂଳକ ଶିକ୍ଷା ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସ୍କିଲ୍ଡ ଇନ୍ ଓଡ଼ିଶା ବ୍ୟାନରରେ ୧୬ ଲକ୍ଷ ୧୭ ହଜାର ୧୦୧ ଜଣ ଯୁବତୀଯୁବକଙ୍କୁ ତାଲିମ ଦିଆଯାଇଛି। ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ମଙ୍ଗଳବାର



ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଏବଂ ସଚିବ ଉଷା ପାଢ଼ୀ।

ବଜେଟ ୨୦୨୩-୨୪ ସମ୍ପର୍କିତ ଏକ ଖବରଦାତା ସମ୍ମିଳନୀରେ ବିଭାଗୀୟ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଏହି ସୂଚନା ଦେଇଛନ୍ତି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି ବିଭାଗୀୟ କାର୍ଯ୍ୟକ୍ରମ ଓ ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିଥିଲେ।

# ବେଙ୍ଗାଲୁରୁରେ ପଡ଼ିରହିଛି ସୁମିତ୍ରାଙ୍କ ମୃତଦେହ

**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

ପୁରୀ ଜିଲା କଣାସ ଥାନା ଅନ୍ତର୍ଗତ ବେଣାଗାଁ ଗ୍ରାମର ଗଜେନ୍ଦ୍ର ହରିଚନ୍ଦନଙ୍କ ଝିଅ ସୁମିତ୍ରାଙ୍କୁ ଅପହରଣ ପରେ ହତ୍ୟା କରାଯାଇଛି। ୨୦୨୧ରୁ ସେ ନିଖୋଜ ହୋଇଥିବାବେଳେ ଗତ ୯ଦିନ ହେବ ବେଙ୍ଗାଲୁରୁରେ ତାଙ୍କ ମୃତଦେହ ପଡ଼ି ରହିଛି। ମୃତଦେହକୁ ଓଡ଼ିଶା ଆଣିବାକୁ ପରିବାର ପକ୍ଷରୁ ସ୍ଥାନୀୟ ଥାନା ଓ ପ୍ରଶାସନ ନିକଟରେ ଗୁହାରି କରାଯାଇଥିଲେ ମଧ୍ୟ ଏନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଦଳିତ, ଆଦିବାସୀ ଓ ପଛୁଆ ବର୍ଗ ମହାସଂଘ ଗୁରୁତର ଅଭିଯୋଗ ଆଣିଛି। ଏହା ପ୍ରତିବାଦରେ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମୃତଦେହ ଫେରାଇ ଆଣିବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କଠୋର ଦଣ୍ଡ ଦେବାକୁ ମହାସଂଘ ଦାବି କରିଛି।

ଅଭିଯୋଗ ଅନୁସାରେ, ସୁମିତ୍ରାଙ୍କ ନିଖୋଜ ସମ୍ପର୍କରେ ପରିବାର ଲୋକେ କଣାସ ଥାନାରେ ଅଭିଯୋଗ କରିଥିଲେ। ହେଲେ ଥାନା ପକ୍ଷରୁ ଅଭିଯୋଗ ଗ୍ରହଣ କରାଯାଇ ନ ଥିଲା। ପରବର୍ତ୍ତୀ ସମୟରେ ଝିଅ ଫୋନ୍ ଯୋଗେ ଅଭିଷେକ ପାଇକରାୟ ନାମକ ଜଣେ ଯୁବକ ତାଙ୍କୁ





ଦଳିତ, ଆଦିବାସୀ ଓ ପଛୁଆ ବର୍ଗ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ।

### ପୋଲିସ, ପ୍ରଶାସନିକ ଅବହେଳା ବିରୋଧରେ ଭୁବନେଶ୍ୱରରେ ବିକ୍ଷୋଭ

- ଅପହରଣ ପରେ ହତ୍ୟା କରାଯାଇଥିବା ଅଭିଯୋଗ
- ମୃତଦେହ ଫେରାଇ ଆଣିବା ସହ ଅଭିଯୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି
- ଘର ନିକଟରେ ଟେଲିକମ୍ ଟାୱାର୍ ବସା ନ ଯାଉ

ଅପହରଣ କରିନେଇଥିବା ଓ ତାଙ୍କ ପରିବାର ଲୋକେ ତାଙ୍କୁ ହତ୍ୟା ଧମକ ଦେଉଥିବା ଘରଲୋକଙ୍କୁ ଜଣାଇଥିଲେ। ତେବେ ଗତ ୬ ତାରିଖରେ ସୁମିତ୍ରାଙ୍କ ମୃତ୍ୟୁ ଘଟିଥିବା ଓ ଅଭିଷେକ ପାଇରାୟ ବେଙ୍ଗାଲୁରୁ ଥାନାରେ ଅଟକ ଥିବା ପୋଲିସ ପକ୍ଷରୁ ପରିବାର ସଦସ୍ୟଙ୍କୁ ସୂଚନା ଦିଆଯାଇଥିଲା। ହେଲେ ସୁମିତ୍ରାଙ୍କ ମୃତଦେହ ପାଇପାରୁ ନାହାନ୍ତି ପରିବାର ଲୋକେ। ହତ୍ୟାକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ସୁମିତ୍ରାଙ୍କ ମୃତଦେହକୁ ଫେରାଇ ଆଣିବାକୁ ମହାସଂଘ ପକ୍ଷରୁ ଦାବି ହୋଇଛି।

ସେହିପରି ବିକ୍ଷୋଭ ପ୍ରଦର୍ଶନ ସମୟରେ ମହାସଂଘ ଆଉଏକ ଦାବି ରଖିଛି। ଚନ୍ଦନପୁରର ଟୁକୁନା ଭୋଇ ନାମକ ଜଣେ ବ୍ୟକ୍ତିଙ୍କ ଘର ନିକଟରେ ଟେଲିକମ୍ ଟାୱାର୍ ବସାଇବା ପାଇଁ ଗାତ ଖୋଳାଯାଉଛି। ଫଳରେ ତାଙ୍କ ଘର ଭୁଶୁଡ଼ି ପଡ଼ିବା ଆଶଙ୍କା ରହିଛି। ତେଣୁ ତାଙ୍କ ଘର ଓ ପରିବାରକୁ ସୁରକ୍ଷା ଦେବା ପୂର୍ବକ ଉକ୍ତ ସ୍ଥାନରେ ଟେଲିକମ୍ ଟାୱାର ନ ବସାଇବାକୁ ମହାସଂଘ ଦାବି କରିଛି। ଉଭୟ ଦାବି ନେଇ ମହାସଂଘର ସଦସ୍ୟମାନେ ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଦାବିପତ୍ର ପ୍ରଦାନ କରିଛନ୍ତି।

**ସଂକ୍ଷେପରେ**

## ପେଟ୍ରୋଲ ପମ୍ପ୍ ପରିସରରେ ଗାଡ଼ିରେ ଲାଗିଲା ନିଆଁ

ପୁରୀ ଅଫିସ, ୧୪।୩ : ପୁରୀ ହସ୍ପିଟାଲ ଛକସ୍ଥିତ ଖୁଣ୍ଟିଆ ପେଟ୍ରୋଲ ପମ୍ପରେ ମଙ୍ଗଳବାର ତେଲ ପକାଉଥିବା ଏକ ଗାଡ଼ିରେ କୌଣସି କାରଣରୁ ନିଆଁ ଲାଗି ଧୂଆଁ ବାହାରିଥିଲା। ଫଳରେ କିଛି ସମୟ ପାଇଁ ସେହି ସ୍ଥାନ ଧୂଆଁମୟ ହୋଇଯାଇଥିଲା। ତେଲ ପକାଇବାକୁ ଆସିଥିବା ଲୋକେ ଓ ସ୍ଥାନୀୟ ବାସିନ୍ଦା ଆତଙ୍କିତ ହୋଇପଡ଼ିଥିଲେ। ପରେ ଗାଡ଼ିକୁ ପେଟ୍ରୋଲ ଟାଙ୍କି ପରିସରରୁ ସୁରକ୍ଷିତ ଭାବେ କଢ଼ାଯାଇଥିଲା। ସୂଚନା ଅନୁଯାୟୀ, ଏକ ପଲସର୍ ଗାଡ଼ି ତେଲ ପକାଇବାକୁ ଉକ୍ତ ପେଟ୍ରୋଲ ପମ୍ପକୁ ଆସିଥିଲା। ତେଲ ପକାଉଥିବାବେଳେ ହଠାତ ଗାଡ଼ି ଇଞ୍ଜିନରେ ନିଆଁ ଲାଗି ପ୍ରବଳ ଧୂଆଁ ବାହାରିଥିଲା। ଏହା ଦେଖି ସ୍ଥାନୀୟ ଅଞ୍ଚଳରେ ଲୋକେ ରୁଣ୍ଡ ହୋଇଯାଇଥିଲେ। ନିଆଁ ଲିଭାଯିବା ପରେ ଲୋକେ ଆଶ୍ୱସ୍ତ ହୋଇଥିଲେ।

## ଶିରୁଳି ମହାବୀର ମନ୍ଦିର ବିବାଦର ସମାଧାନ ପାଇଁ ବୈଠକ

ପୁରୀ ଅଫିସ, ୧୪।୩: ଶିରୁଳି ମହାବୀର ମନ୍ଦିର ବିବାଦର ସମାଧାନ ପାଇଁ ମଙ୍ଗଳବାର ଅପରାହ୍ନରେ ଏକ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ଭବତାରଣ ସାହୁ, ଦେବୋତ୍ତର ବିଭାଗ ଡେପୁଟି କମିଶନର, ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ, ସଦର ତହସିଲଦାର କ୍ଷୀରୋଦ କୁମାର ବେହେରା, ଚନ୍ଦନପୁର ଥାନା ଆଇଆଇସି ସୁମତୀ ମହାନ୍ତି, ଛତିଶ ନିଯୋଗର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୂର୍ବ ବିବାଦକୁ ଭୁଲି ସମସ୍ତେ ଏକ ହୋଇ ଶିରୁଳି ମହାବୀରଙ୍କ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ସର୍ବସମ୍ମତ କ୍ରମେ ନିଷ୍ପତ୍ତି ହୋଇଛି। ଗ୍ରାମ ମଧ୍ୟରେ ଆଲୋଚନା ମାଧମରେ ସମସ୍ତ ବିବାଦର ସମାଧାନ ହେବ ଓ ପୂର୍ବ ପରି ଭାଇଚାରା ବଜାୟ ରହିବ ବୋଲି ବୈଠକରେ ଆଶା ପ୍ରକାଶ କରାଯାଇଛି।

## ବଘେଇପୁଟ ଜଙ୍ଗଲରେ ନିଆଁ

ନିରାକାରପୁର୧୪।୩(ଡି.ଏନ୍.ଏ.): କୃତ୍ରିମ ବନାଗ୍ନି ଯୋଗୁ ଶହ ଶହ ଏକର ଜଙ୍ଗଲ ଧ୍ୱଂସ ପାଉଛି। ଏହା ସହିତ ବନ୍ୟପ୍ରାଣୀଙ୍କ ଆଶ୍ରୟସ୍ଥଳୀ ନଷ୍ଟ ହେବା ସହିତ ଔଷଧୀୟ ଗଛସବୁ ନଷ୍ଟ ହେଉଛି। ବନାଗ୍ନି ପ୍ରଭାବରେ ତାପମାତ୍ରା ଦ୍ୱିଗୁଣିତ ହେଉଥିବାରୁ ଜୈବ ବିବିଧତା ନଷ୍ଟ ହେବା ସହିତ ପରିବେଶ ସନ୍ତୁଳନ ହରାଉଛି। ତେବେ ଏବେ ରାଜ୍ୟର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗୁଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଅଧୀନ ସରପାରୀ ପଞ୍ଚାୟତ ବଘେଇପୁଟ ଜଙ୍ଗଲରେ ନିଆଁ ଲାଗିଯାଇଥିଲା। ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ବହୁ ଗଛଲତା ପୋଡ଼ିଯାଇଥିବା ବେଳେ ବହୁ ଜୀବଜନ୍ତୁଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ତେବେ ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। କେହି ବ୍ୟକ୍ତି ମଳତ୍ୟାଗ କରିବାକୁ ଯାଇଥିବା ବେଳେ ସିଗାରେଟ କିମ୍ବା ବିଡି ଟାଣି ସେଠାରେ ପକାଇ ଥିବାରୁ ନିଆଁ ଲାଗିଥାଇପାରେ ବୋଲି କୁହାଯାଉଛି।

# ରଥକାଠ ସଂଗ୍ରହ ପାଇଁ ଡାଟାବେସ୍ ପ୍ରସ୍ତୁତ ହେବ

ପୁରୀ ଅଫିସ, ୧୪।୩:



ବୈଠକରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ସୁରେଶ କୁମାର ଦଳାଇ, ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ଅଧିକାରୀମାନେ ।

- ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ଆର୍‌ଡିସି
- ବନ ପ୍ରକଳ୍ପ ମ୍ୟାପିଙ୍ଗ୍ ପାଇଁ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ

ଆଗାମୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥକାଠ ଯୋଗାଣ ସମ୍ପର୍କିତ ବୈଠକ ମଙ୍ଗଳବାର ପୁରୀ ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ସୁରେଶ କୁମାର ଦଳାଇ ଅଧ୍ୟକ୍ଷତା କରିଥିଲେ। ବୈଠକ ପୂର୍ବରୁ ରାଜସ୍ୱ ଆୟୁକ୍ତ ଦଳାଇ ପୁରୀରେ ଚାଲିଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ କାର୍ଯ୍ୟର ସମୀକ୍ଷା କରିଥିଲେ। ପରେ ସର୍କିଟ୍ ହାଉସ ଆସି ରଥକାଠ ସମ୍ପର୍କରେ ଆଲୋଚନା କରିଥିଲେ।

ବୈଠକ ପରେ ଦଳାଇ ସୂଚନା ଦେଇ କହିଛନ୍ତି, ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଆବଶ୍ୟକ ହେଉଥିବା ରଥକାଠ କିପରି ମିଳିପାରିବ, ସୁରୁଖୁରୁରେ ରଥ ନିର୍ମାଣ ଓ ଘୋଷଯାତ୍ରା ହୋଇପାରିବ ସେ ନେଇ ଆଲୋଚନା ହୋଇଛି। ଚଳିତ ବର୍ଷ ଆବଶ୍ୟକତାଠାରୁ ଅଧିକ କାଠ ମହଜୁଦ୍ ରହିଛି। ପ୍ରତ୍ୟେକ ବର୍ଷ ଯେପରି କାଠ ମିଳିପାରିବ ସେଥିଲାଗି ଆର୍‌ସିସିଏଫ୍‌ଙ୍କ ପକ୍ଷରୁ ଡାଟାବେସ୍ ପ୍ରସ୍ତୁତ କରାଯିବ। ଧଉରା ଓ ଫାସି କାଠ କେଉଁ ଡିଏଫ୍‌ଓଙ୍କ ଅଧୀନରେ ରହିଛି, କେତେ ପରିମାଣର ରହିଛି, ସେହି ଗଛଗୁଡ଼ିକ କେତେ ବର୍ଷରେ କେତେ କାଠ ଦେଇପାରିବ ଏବଂ ତାହା କେତେ ବର୍ଷରେ ରଥ ନିର୍ମାଣ ଲାଗି ଯୋଗ୍ୟ ହୋଇପାରିବ ସେ ନେଇ ଡାଟାବେସ୍‌ରେ ତଥ୍ୟ ରଖାଯିବ। ଯେପରି ଆସନ୍ତା ୫୦ ବର୍ଷ ପର୍ଯ୍ୟନ୍ତ ରଥକାଠର ଆବଶ୍ୟକତା ପଡ଼ିବ ନାହିଁ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ରଥ ନିର୍ମାଣ ପାଇଁ ମୋଟ ୮୬୫ ଖଣ୍ଡ ବିଭିନ୍ନ ପ୍ରକାର କାଠ ଆବଶ୍ୟକ। ପୂର୍ବ ବର୍ଷର ୧୧୮ ଖଣ୍ଡ ବଳକା ଥିବାରୁ ଚଳିତବର୍ଷ ଅବଶିଷ୍ଟ ୭୪୭ ଖଣ୍ଡ କାଠ ଆବଶ୍ୟକ। ଏହି କାଠ ନୟାଗଡ଼, ବୌଦ୍ଧ, ଖୋର୍ଦ୍ଧା, ଘୁମୁସର, ରେଢାଖୋଲ ଇତ୍ୟାଦି ବନଖଣ୍ଡରୁ ଯୋଗାଣ ପାଇଁ ସମ୍ପୃକ୍ତ ଡିଏଫ୍‌ଓମାନଙ୍କୁ କୁହାଯାଇଛି। ରଥକାଠ ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ ବ୍ୟବସ୍ଥା ସହ ନିୟମିତ ଅନୁଧ୍ୟାନ କରାଯାଉଛି।

ଡିଏଫ୍‌ଓମାନେ ସେମାନଙ୍କ ଅଞ୍ଚଳ ଅନୁଧ୍ୟାନ କରି ରଥକାଠ ସମ୍ପର୍କରେ ଡାଟାବେସ୍ ପ୍ରସ୍ତୁତ କରିବାକୁ ଆୟୁକ୍ତ ପରାମର୍ଶ ଦେଇଛନ୍ତି। ଯେଉଁ ବ୍ୟକ୍ତିବିଶେଷ ରଥ ନିର୍ମାଣ ପାଇଁ କାଠ ସ୍ୱଇଚ୍ଛାରେ ଦେଉଛନ୍ତି, ସେମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ପୁରୀରେ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଠିକ ଭାବେ ଚାଲିଛି। ଯେପରି ସେଗୁଡ଼ିକ ଧାର୍ଯ୍ୟ ସମୟରେ ସରିବ ସେଥିଲାଗି ପଦକ୍ଷେପ ନିଆଯିବ ବୋଲି ରାଜସ୍ୱ ଆୟୁକ୍ତ କହିଛନ୍ତି।

ସେହିପରି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ମୁଖ୍ୟତଃ ରଥଚକ ନିର୍ମାଣରେ ୭୨ଖଣ୍ଡ ଫାସିକାଠ ଲାଗିଥାଏ। ଚଳିତ ବର୍ଷ ରଥ ନିର୍ମାଣ ପାଇଁ ଶ୍ରୀପଞ୍ଚମୀ ପୂର୍ବରୁ ୧୦୪ ଖଣ୍ଡ ବିଭିନ୍ନ ପ୍ରକାର କାଠ ପୁରୀରେ ପହଞ୍ଚି ସାରିଛି। ସେହିପରି ପୂର୍ବବର୍ଷରୁ ୧୧୮ ଖଣ୍ଡ କାଠ ବଳକା ରହିଛି। ଚଳିତ ବର୍ଷ ରଥ ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା କାଠ ମିଳି ସାରିଛି। ସେଗୁଡ଼ିକ ପର୍ଯ୍ୟାୟ କ୍ରମେ ପୁରୀକୁ ଆସିବ। ବୈଠକରେ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ରାଜ୍ୟର ବିଭିନ୍ନ ଡିଭିଜନରେ ବନ ପ୍ରକଳ୍ପ ରହିଛି। ସେଗୁଡ଼ିକୁ ମ୍ୟାପିଙ୍ଗ୍ କରିବା ପାଇଁ ଡିଏଫ୍‌ଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗୋଟିଏ ଫାସିକାଠ ରଥରେ ଲାଗିବା ସକାଶେ ତା'ର ଚଉଡ଼ା ୬ଫୁଟ ହେବା ଆବଶ୍ୟକ, ଯେଉଁଥିପାଇଁ ଗୋଟିଏ ଗଛକୁ ୫୦ରୁ ୬୦ ବର୍ଷ ସମୟ ଲାଗିଥାଏ। ସମ୍ପ୍ରତି ଶ୍ରୀଜଗନ୍ନାଥ ବନ ପ୍ରକଳ୍ପକୁ ୨୦ ବର୍ଷ ହୋଇଛି। ତେଣୁ ସେଠାରୁ କାଠ ପାଇବା ପାଇଁ ଆହୁରି ୩୦ ବର୍ଷ ସମୟ ଲାଗିବ ବୋଲି ଜେନା ପ୍ରକାଶ କରିଛନ୍ତି।

ବୈଠକରେ ଆର୍‌ସିସିଏଫ୍ ସଞ୍ଜିତ କୁମାର, ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଦିଲୀପ କୁମାର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ସୁଦର୍ଶନ ମେକାପ, ପୁରୀ ଡିଏଫ୍‌ଓ ରାମାସ୍ୱାମୀ, ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନ, ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ, ଭୁବନେଶ୍ୱର ଉତ୍ତର ଡିଏଫ୍‌ଓ ସୁଦର୍ଶନ ବେହେରା, ଭୁବନେଶ୍ୱର ଦକ୍ଷିଣ ଡିଏଫ୍‌ଓ ଦିଲ୍ଲୀପ କୁମାର ରାଉତ, ବୌଦ୍ଧ ଡିଏଫ୍‌ଓ ଦେବପ୍ରିୟ କାମ୍ପା ପ୍ରମୁଖ ଉପସ୍ଥିତ ଥିଲେ।

# ସୁନାଦୋକାନ ରେଜିଷ୍ଟର ତଦାରଖ କରିବ ପୋଲିସ

ପୁରୀ ଅଫିସ, ୧୪।୩:

ଷ୍ଟ୍ରିଟ କ୍ରାଇମ୍ ରୋକିବା ଲାଗି ପୁରୀ ପୋଲିସ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଏହି କ୍ରମରେ ମଙ୍ଗଳବାର ପୁରୀ ଟାଉନ ଥାନାରେ ପୋଲିସ ଓ ସୁନା ଦୋକାନୀମାନଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସହରର ବିଭିନ୍ନ ସୁନା ଦୋକାନୀଙ୍କୁ ଚୋରି ସୁନା, ରୁପା ଗହଣା ଆଦି ନ କିଣିବା ଲାଗି ପୋଲିସ ପରାମର୍ଶ ଦେବା ସହ ତୁରନ୍ତ ଥାନାକୁ ଜଣାଇବା ଲାଗି ସଚେତନ କରାଇଥିଲା। ବିଭିନ୍ନ ସମୟରେ ସୁନା, ରୁପା ଗହଣା ଛିନ୍‌ତାଇ ଓ ଲୁଟ୍ କରି ଆଣୁଥିବା ଅଭିଯୁକ୍ତମାନେ ସୁନା ଦୋକାନରେ ବିକ୍ରି କରିଥାନ୍ତି। ଏଥିପ୍ରତି ଧ୍ୟାନ ଦେବାକୁ ସୁନା ଦୋକାନୀମାନଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହ ବିଭିନ୍ନ ସମୟରେ ସୁନା ଗହଣା ବିକ୍ରି କରୁଥିବା ଗ୍ରାହକଙ୍କ ସ୍ୱତନ୍ତ୍ର ରେଜିଷ୍ଟର ପ୍ରସ୍ତୁତ କରିବା ଲାଗି ପୋଲିସ ପକ୍ଷରୁ କୁହାଯାଇଛି। ସୁନା ଦୋକାନଗୁଡିକରେ ରେଜିଷ୍ଟର କିପରି ପରିଚାଳନା ହେଉଛି ତାହାକୁ ବିଭିନ୍ନ ଥାନାର ଅଧିକାରୀମାନେ ତଦାରଖ କରିବେ। ଏପରି କାର୍ଯ୍ୟକ୍ରମ ଦ୍ୱାରା ସମସ୍ତେ ସଚେତନ ହେବା ସହ ଲୁଟ ଓ ଚୋରି ହେଉଥିବା ବିଭିନ୍ନ ମୂଲ୍ୟବାନ ସାମଗ୍ରୀକୁ ସହଜରେ ଠାବ କରିହେବ ବୋଲି ଅତିରିକ୍ତ ଏସ୍‌ପି ପଣ୍ଡା କହିଥିଲେ।




ବୈଠକରେ ପୋଲିସ ଅଧିକାରୀ ଓ ଅନ୍ୟମାନେ ।

# 'ବିନ୍ଦୁଏ ରକ୍ତ ସିନ୍ଧୁଏ ଜୀବନ'




ଶିବିରରେ ମହିଳାଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

ପୁରୀ ଅଫିସ, ୧୪।୩:

ସ୍ୱେଚ୍ଛାସେବୀ ସଙ୍ଗଠନ 'ଦି ବେଲ୍' ଓ ଷ୍ଟେଟ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ମିଳିତ ସହଯୋଗରେ ମଙ୍ଗଳବାର ପୁରୀ ଷ୍ଟେଟ ବ୍ୟାଙ୍କ ହୋଲିଡେ ହୋମ୍‌ରେ 'ବିନ୍ଦୁଏ ରକ୍ତ ସିନ୍ଧୁଏ ଜୀବନ' ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୬୦ ୟୁନିଟରୁ ଅଧିକ ରକ୍ତ ସଂଗ୍ରହ କରାଯାଇଛି। ମହିଳାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି ଶିବିର ନିକଟରେ ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା ବ୍ୟବସ୍ଥା କରାଯାଇଥିଲା। ପୁରୁଷଙ୍କ ସମେତ ୩୫ ମହିଳା ରକ୍ତଦାନ କରିଥିଲେ। ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାମାନେ ରକ୍ତଦାନ ପାଇଁ ଆଗେଇ ଆସିବା ଦରକାର ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କ୍ ଅଫ ଇଣ୍ଡିଆର ପୁରୀ ଶାଖା ମୁଖ୍ୟ ପ୍ରବନ୍ଧକ ବିଜୟ କୁମାର ଶତପଥି ଏବଂ ଦି ବେଲ୍ ଆବାହକ ସିଦ୍ଧାର୍ଥ ରାୟ ଯୋଗଦେଇଥିଲେ। ଏହି ଅବସରରେ ମହିଳା ସଶକ୍ତୀକରଣ ନିମନ୍ତେ ଜିଲା ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘର ସଭାପତି ମୀନାକ୍ଷୀ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁକାନ୍ତ ପଣ୍ଡା, ଗଜଲକ୍ଷ୍ମୀ ରାୟ, ବ୍ରଜ କିଶୋର ସାହୁ, ରାଜକିଶୋର ପାତ୍ର, ସତ୍ୟନାରାୟଣ ସାହୁ, ସଞ୍ଜୟ ପ୍ରଧାନ, ରତିକାନ୍ତ ପ୍ରତିହାରୀ, ଦେବରାଜ ଦାସ, ଟିଙ୍କିନା ପ୍ରଧାନ, ଓମ୍ ପ୍ରସାଦ ମହାନ୍ତି, ଗୋପାଳ ନାୟକ, ଅମର ବାରିକ, ଗୁରୁଦେବ ବସନ୍ତରାୟ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ




ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମେଡିକାଲ ଠିକା କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ପୁରୀ ଅଫିସ, ୧୪।୩:

**ମେଡିକାଲ ଠିକା କର୍ମଚାରୀ ସଂଘର ଚେତାବନୀ**

ମେଡିକାଲ ଠିକା କର୍ମଚାରୀ ସଂଘ ପକ୍ଷରୁ ଆଉଟ ସୋର୍ସିଂ କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ବିଭାଗୀୟ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଦୀର୍ଘଦିନ ହେବ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରି ଆସୁଥିବା କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ଓ ସମାନ କାମକୁ ସମାନ ଦରମା ମିଳୁନାହିଁ। ସେମାନେ ଏକମାସ କାର୍ଯ୍ୟ କରି ୨୬ ଦିନର ଦରମା ପାଉଛନ୍ତି। ଦରମାରୁ ୫୦୦ରୁ ୧୦୦୦ ଟଙ୍କା କାଟି ନିଆଯାଉଛି। ନିଯୁକ୍ତି ସମୟରେ ମୋଟା ଅଙ୍କର ଅର୍ଥ ଦାବି କରାଯାଉଛି। ପ୍ରଥମ ମାସର ଦରମା ସଂପୂର୍ଣ୍ଣ ନ ଦେଇ ଲୁଟ କରଯାଉଛି। କର୍ମଚାରୀ ପ୍ରତିବାଦ କଲେ କାର୍ଯ୍ୟରୁ ଛଟେଇ ପାଇଁ ଧମକ ଦିଆଯାଉଛି। ଇପିଏଫ ଟଙ୍କାର ସମସ୍ତ ଅଂଶ ପଇଠ କରାଯାଉନାହିଁ। ବାରମ୍ବାର ସଂଘ ଏ ନେଇ ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି। ତେଣୁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଛି। ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରମା, ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା ପ୍ରଦାନ, ଠିକା ପ୍ରଥା ଉଚ୍ଛେଦ, ସମସ୍ତ କର୍ମଚାରୀଙ୍କୁ ସପ୍ତାହକୁ ଏକ ଦିନ ଛୁଟି, ଠିକାଦାର ସଂସ୍ଥାମାନେ ଠକି ନେଇଥିବା ଦରମା, ଇପିଏଫ, ଇଏସ୍‌ଆଇ ଟଙ୍କା ଆଦି ତୁରନ୍ତ ଆଦାୟ କରି କର୍ମଚାରୀଙ୍କ ଆକାଉଣ୍ଟରେ ପୈଠ କରାଯିବା ଏବଂ ମହିଳା କର୍ମଚାରୀଙ୍କୁ ପ୍ରସୂତୀକାଳୀନ ସବୈତନିକ ଛୁଟି ଦେବା ପାଇଁ ଦାବି କରାଯାଇଛି। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ରାଜ୍ୟସ୍ତରୀୟ କବିତା ଆସର, ସମ୍ବର୍ଦ୍ଧନା

ଜଟଣୀ,୧୪।୩(ଡି.ଏନ୍.ଏ.):

ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ମେଳଣ ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ଏକ ରାଜ୍ୟସ୍ତରୀୟ କବିତା ଆସର ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ମେଳଣ ପଡିଆସ୍ଥିତ ପିତାପାଣିଆ ମଞ୍ଚରେ ପଶ୍ଚିମାଶମ୍ଭୁ ଯୁବ ସଙ୍ଗଠନ ପକ୍ଷରୁ ହୃଦାକ୍ୟ ଅନୁଷ୍ଠାନ ସୌଜନ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁ ସାହିତ୍ୟିକ ତ୍ରିଲୋଚନ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସଂଗ୍ରାମ କେଶରୀ ସାମନ୍ତରାୟ, ସମ୍ମାନିତ ଅତିଥିଭାବେ ପଶ୍ଚିମାଶମ୍ଭୁ ଯୁବ ସଙ୍ଗଠନ ସଭାପତି ଅଶୋକ ସାମନ୍ତରାୟ, ସମ୍ପାଦକ ବାସୁଦେବ ସାହୁ, ରଘୁନାଥ ଜେନା, କବି ବିପିନ ବେହେରା, ପୁଷ୍ପା ମିଶ୍ର, କବି ଭିକାରି ଧଳ, ଅଭିମନ୍ୟୁ ବଳିୟାରସିଂ, ପୂର୍ବତନ ସରପଞ୍ଚ ପ୍ରସନ୍ନ ମହାରଥୀ, ଶିକ୍ଷକ ନେତା ଜବାହରଲାଲ ସୁବୁଦ୍ଧି ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ସାହିତ୍ୟିକା ପ୍ରତିଭା ମହାରଥୀ ଯୋଗଦେଇଥିଲେ। ରାଜ୍ୟସ୍ତରୀୟ କବିତା ପାଠ ଉତ୍ସବରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା କବି ଓ କବୟିତ୍ରୀ ଶ୍ରୀପଶ୍ଚିମାଶମ୍ଭୁ ସୋମନାଥଙ୍କ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜକ ସଙ୍ଗଠନ ପକ୍ଷରୁ ଅତିଥିଙ୍କ ଦ୍ୱାରା 'ପଞ୍ଚଦୋଳ ପ୍ରସଙ୍ଗ' ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଏଥିସହିତ ୫୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନରେନ୍ଦ୍ର ମୁଦୁଲି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମାନଗୋବିନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।




ଝାଡ଼ଖଣ୍ଡର ରାଞ୍ଚିରେ ଅନୁଷ୍ଠିତ ଜାତୀୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ପୁରୀର ଝାଡ଼େଶ୍ୱରୀ କ୍ଲବ ପକ୍ଷରୁ ଯୋଗଦେଇ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ମାର୍କେଣ୍ଡେୟ ପୁଷ୍କରିଣୀରୁ ପଙ୍କ ଉଦ୍ଧାର

ପୁରୀ ଅଫିସ, ୧୪।୩:

ପୁରୀ ସହରର ଐତିହ୍ୟ ମାର୍କେଣ୍ଡେୟ ପୁଷ୍କରିଣୀ ନୂଆ ରୂପ ପାଇବ। ଏହି ପୁଷ୍କରିଣୀକୁ ପୁନରୁଦ୍ଧାର କରାଯିବା ସହ ସୌନ୍ଦର୍ଯ୍ୟକରଣ କରାଯିବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କ୍ରମରେ



ମଙ୍ଗଳବାର ପୁଷ୍କରିଣୀକୁ ମୋଟର ପମ୍ପ ଦ୍ୱାରା ଶୁଖାଯିବା ସହ ପଙ୍କ ଉଦ୍ଧାର କରାଯାଇଛି। ପୋଖରୀରୁ ପ୍ରଚୁର ମାଛ ବାହାରିଥିବା ଦେଖିବାକୁ ମିଳିଥିଲା। ଏହି ପୋଖରୀକୁ ସୁନ୍ଦର ଭାବେ ସଜାଯିବ, ଯେପରି ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆକର୍ଷିତ ହେବେ।

# ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ

କୋଣାର୍କ,୧୪।୩(ଡି.ଏନ୍.ଏ.)



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ ଓ ପୂଜ୍ୟ କୁମାର ଭାଇଙ୍କ ପବିତ୍ର ପଦଯାତ୍ରାର ସ୍ମୃତି ସଭା ଶିକ୍ଷାଶ୍ରମ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଅରୁନ୍ଧତୀ ଦେବୀ ଏକ ସଭାରେ ପୌରୋହିତ୍ୟ କରିଥିଲେ। ସଭାରେ ଅତିଥି ଭାବେ ପୂଜ୍ୟପୂଜାର ସମ୍ପାଦକ ରମାକାନ୍ତ ମିଶ୍ର, କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ଶିକ୍ଷାବିତ୍ ଆରତି କର, ଅର୍କଶ୍ରୀ ସମ୍ପାଦକ ଉମେଶଚନ୍ଦ୍ର ସ୍ୱାଇଁ, ସାମାଜିକ କର୍ମୀ ହରିଶ୍ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ କୁମାର ଭାଇଙ୍କ ସ୍ମୃତି ଚାରଣ କରିଥିଲେ। ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀଛାତ୍ର ଜାଗରଣ ସଙ୍ଗୀତ ସୂର୍ଯ୍ୟ ପୂଜା, ଧ୍ୟାନ, ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା ଓ ନାମ ସଂକୀର୍ତ୍ତନ କରିଥିଲେ। ପରେ ଶୋଭନୀୟ ଆନ୍ଦୋଳନର କର୍ମକର୍ତ୍ତାଙ୍କ ମଧ୍ୟରେ ଶୋଭନୀୟ ଆନ୍ଦୋଳନର କର୍ମୀ ସମୀକ୍ଷା ସହ କୁମାର ଭାଇଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗାମୀ ବର୍ଷରେ କାର୍ଯ୍ୟ କରିବା ପାଇଁ କର୍ମୀ ସଂକଳ୍ପ ନେଇଥିଲେ। ଏକ ମଞ୍ଚରେ ଶିକ୍ଷାଶ୍ରମର ବିଦ୍ୟାର୍ଥୀ ପ୍ରତିଭା ପ୍ରଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୂର୍ବରୁ ଆୟୋଜିତ କ୍ରୀଡ଼ା ଓ ବିଭିନ୍ନ ପ୍ରତିଯୋଗିତାରେ କୃତୀ ବିଦ୍ୟାର୍ଥୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷାଶ୍ରମର ପୁରାତନ ଛାତ୍ରୀ ଡାକ୍ତର ଶ୍ୱେତପଦ୍ମା ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ ଅଧ୍ୟକ୍ଷା ବିଦ୍ୟୁଲତା ଶତପଥୀ ଉତ୍ସବରେ ସଂଯୋଜନା କରିଥିବାବେଳେ ଅନ୍ତେବାସୀ ଗୁରୁଜୀ ଓ ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାରିଯାନ ଚଳାଚଳରେ କଟକଣା ଲାଗୁ କରାଯାଉ

ନିମାପଡ଼ା,୧୪।୩(ଡି.ଏନ୍.ଏ.)

**ଭାଜପା ପକ୍ଷରୁ ପୋଲିସକୁ ଦାବିପତ୍ର**

ନିମାପଡ଼ା ଏନ୍‌ଏସି ଅଞ୍ଚଳରେ ଦ୍ରୁତ ଗତିରେ ଯାତାୟାତ କରୁଥିବା ଭାରିଯାନ ଚଳାଚଳ, ଯାତ୍ରୀବାହୀ ବସ୍ ଚଳାଚଳ ଉପରେ କଡ଼ା କଟକଣା ଲାଗୁ କରାଯାଉ। ଏନେଇ ନିମାପଡ଼ା ଭାଜପା ପକ୍ଷରୁ ପୋଲିସ ନିକଟରେ ଦାବି ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ନିମାପଡ଼ାର ମୁଖ୍ୟ ଛକ ବଜାର ରାସ୍ତାରେ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳକୁ ବନ୍ଦ କରାଯିବା, ସଡ଼କ ଦୁର୍ଘଟଣାକୁ ରୋକିବା, ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥାକୁ ଅଧିକ କଡ଼ାକଡି କରାଯିବା ଦିଗରେ ପଦକ୍ଷେପ ନିଆଯିବା ସମ୍ପର୍କରେ ଏକ ଦାବିପତ୍ର ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ନିମାପଡ଼ା ଥାନା ପୋଲିସ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଦ୍ରୁତଗତିରେ ବାଲି, ମାଟି, ମେଟାଲ ପଥର, ମୋରମ ବୋଝେଇ ହାଇୱା, ଡମ୍ପର, ଟ୍ରକ ଚାଳନା, ଯାତ୍ରୀବାହୀ ବସ୍‌ଗୁଡ଼ିକ ମନମୁଖି ଭାବେ ଦ୍ରୁତଗତିରେ ଚାଳନା ଯୋଗୁ ବିଭିନ୍ନ ସମୟରେ ବହୁ ଦୁର୍ଘଟଣା ଘଟି ଜୀବନହାନି ଘଟୁଛି। ଗତ ୧୫ ଦିନ ମଧ୍ୟରେ ନିମାପଡ଼ାରେ ଭାରିଯାନ ଦୁର୍ଘଟଣାରେ ୩ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଯାହାକି ନିମାପଡ଼ାବାସୀଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ବହୁ ଟ୍ରକ୍, ଟ୍ରାକ୍ଟର, ହାଇୱା ନିମାପଡ଼ା ଅଞ୍ଚଳରେ ବେଆଇନ ଭାବେ ବାଲି ଚାଲାଣ କରୁଛି। ହେଲେ ପୋଲିସ ଓ ରାଜସ୍ୱ ବିଭାଗ ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ କରାଯାଉ ନ ଥିବା ଭାଜପା ନେତୃବୃନ୍ଦ ଅଭିଯୋଗ କରିଛନ୍ତି। ସେହିପରି ନିମାପଡ଼ା ରୁଟ୍‌ରେ ବେପରୁଆ ଭାବେ ଦ୍ରୁତଗତିରେ ମୋ ବସ୍ ଚଳାଚଳ ଯୋଗୁ ବହୁ ଦୁର୍ଘଟଣା ସହ ଜୀବନ ହାନି ମଧ୍ୟ ଘଟି ଚାଲିଛି। ଏ ଦିଗରେ ପୋଲିସ ପ୍ରଶାସନ ପକ୍ଷରୁ ଦୃଢ ପଦକ୍ଷେପ ନିଆଯିବାକୁ ଭାଜପା ନଗର ମଣ୍ଡଳ ସଭାପତି ନିରଞ୍ଜନ ନାୟକ, କାଉନସିଲର ରଞ୍ଜିତା ପାତ୍ର, ଭାଜପା ନେତା ସନ୍ତୋଷ ପରିଡ଼ା, ରାହୁଲ ନାୟକ, ଜାନକୀନାଥ ଜେନା, ରାଜେଶ ବେହେରା, ଲକ୍ଷ୍ମୀଧର ଭୋଇ, ରାଜେନ୍ଦ୍ର ଭୋଇ ପ୍ରମୁଖ ପୋଲିସ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ଼ ଦାବି କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି।



ଥାନା ଅଧିକାରୀଙ୍କୁ ଭାଜପା କର୍ମୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି ।

# ଟିକସ ଦେଉନାହାନ୍ତି ବଡ଼ବଡ଼ିଆ

## କେମିତି ପୂରଣ ହେବ ବିଏମ୍‌ସିର ଧାର୍ଯ୍ୟଲକ୍ଷ୍ୟ

- ୨ଶହରୁ ଊର୍ଦ୍ଧ୍ୱଙ୍କ ନାମରେ ଓପିଡିଆର୍ ନୋଟିସ୍
- ୧୨୦ରୁ ୮୦ କୋଟି ଟଙ୍କାକୁ ଖସିଲା ହୋଲ୍ଡିଂ ଟିକସ ଲକ୍ଷ୍ୟ

**ଭୁବନେଶ୍ୱର,୧୪।୩(ବ୍ୟୁରୋ)**

ଚଳିତ ଆର୍ଥିକ ବର୍ଷ ସରିବାକୁ ହାତରେ ଆଉ ଦିନ କେଇଟା ବାକି ରହିଛି। ହେଲେ ଏ ଯାଏ ଧାର୍ଯ୍ୟ ହୋଇଥିବା ଟିକସ ଆଦାୟ ହୋଇ ପାରିଲା ନାହିଁ। ସ୍ଥିତି ଯେପରି ରହିଛି ସେଥିରେ ବିଏମ୍‌ସି ଯେ ନିଜର ଲକ୍ଷ୍ୟ ପୂରଣ କରି ପାରିବ ତାହା ମଧ୍ୟ ଜଣାପଡୁ ନାହିଁ। ଏପରିସ୍ଥିତିରେ କେମିତି ଧାର୍ଯ୍ୟ ଟିକସର ଆଖପାଖରେ ପହଞ୍ଚି ହେବ ସେ ନେଇ ତତ୍ପରତା ଆରମ୍ଭ ହୋଇଯାଇଛି। ବର୍ଷ ତମାମ ଅଧିକାରୀଙ୍କର ରାଜସ୍ୱ ଆଦାୟ ପ୍ରତି ଆନ୍ତରିକତା ଦେଖିବାକୁ ମିଳୁ ନ ଥିଲା। ଏବେ ହାତରେ ଆଉ ୧୦/୧୫ଦିନ ଥିବାବେଳେ ୱାର୍ଡ ଅଫିସରଙ୍କୁ ତନାଘନା କରିବା ସହ ଯଥାଶୀଘ୍ର ଟିକସ ଆଦାୟ ସାରିବାକୁ ତାଗିଦା କରାଯାଉଛି। ପ୍ରତି ସପ୍ତାହରେ ବୈଠକ କରି କେତେ ରାଜସ୍ୱ ଆଦାୟ ହେଲା ତାହାର ହିସାବ ମଧ୍ୟ ନିଆଯାଉଛି। ଏପରିସ୍ଥିତିରେ ପୂର୍ବରୁ ହୋଲ୍ଡିଂ ଟିକସ ବାବଦକୁ ୧୨୦କୋଟି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ଏବେ ୮୦ କୋଟି ୧୫ ଲକ୍ଷ ୬୪ହଜାର ୨୧୮.୯୬ ଟଙ୍କାକୁ ଖସାଇ ଦିଆଯାଇଛି। ସେହିପରି ଟିକସ ଆଦାୟରେ ସବୁଠାରୁ ବଡ ବାଧକ ସାଜୁଛନ୍ତି ବଡବଡିଆ। ବଡ଼ବଡ଼ କମ୍ପାନୀ, ଅନୁଷ୍ଠାନ ସମେତ ସେସୁ, ଓୟୁଏଟି, ରେଲ୍‌ୱେ, ପିଡବ୍ଲ୍ୟୁଡି ଓ ଅନ୍ୟାନ୍ୟ ସରକାରୀ ସଂସ୍ଥା ମଧ୍ୟ ଟିକସ ଖିଲାପ କରୁଥିବା ସୂଚନା ମିଳିଛି।

ଚଳିତ ଆର୍ଥିକ ବର୍ଷରେ ବିଏମ୍‌ସି ମୋଟ୍ ୨୭୭ କୋଟି ଟଙ୍କାର ରାଜସ୍ୱ ଆଦାୟ ଲକ୍ଷ୍ୟ ରଖିଥିଲା। ସେଥି ମଧ୍ୟରେ ୧୨୦ କୋଟି ହୋଲ୍ଡିଂ ଟିକସ ଥିବାବେଳେ ୧୫୦ କୋଟି ଅନ୍ୟାନ୍ୟ ଟିକସ ରହିଥିଲା। ତେବେ ମାର୍ଚ୍ଚ ୧୪ ସୁଦ୍ଧା ୧୨୦କୋଟିର ଅଧା ଅର୍ଥାତ୍ ୬୦ କୋଟି ଟଙ୍କା ମଧ୍ୟ ଆଦାୟ କରିବାରେ ବିଏମ୍‌ସି ବିଫଳ ହୋଇଛି। ଅପରପକ୍ଷେ କିପରି ଟିକସ ଆଦାୟ କରାଯିବ, କେଉଁମାନେ ଟିକସ ଦେଉ ନାହାନ୍ତି, ତାହାର ତାଲିକା କରି ସେମାନଙ୍କୁ ଓପିଡିଆର୍ (ଓଡ଼ିଶା ପବ୍ଲିକ୍ ଡିମାଣ୍ଡ ରିକଭରି) ନୋଟିସ୍ ଜାରି କରାଯାଉଛି। ସୂଚନା ଅନୁଯାୟୀ, ବିଏମ୍‌ସିର ଉତ୍ତର ଜୋନ୍‌ରେ ପ୍ରାୟ ୫୫ଜଣଙ୍କୁ ଓପିଡିଆର୍ ନୋଟିସ୍ କରାଯାଇଛି। ନୋଟିସ୍ ପାଇବା ପରେ ସେମାନଙ୍କ ମଧ୍ୟରୁ ପ୍ରାୟ ୨୫ଜଣ ଟିକସ ପ୍ରଦାନ କରିଥିବାବେଳେ ବାକି ଖିଲାପକାରୀଙ୍କ ନାମରେ ଓପିଡିଆର କେସ୍ କରାଯାଇଛି। ଦକ୍ଷିଣ ପଶ୍ଚିମ ଜୋନ୍‌ରେ ପ୍ରାୟ ୧୦୦ଜଣ ଖିଲାପକାରୀଙ୍କ ନାମରେ ଓପିଡିଆର ନୋଟିସ୍ ଜାରି କରାଯାଇଛି। ଏମାନଙ୍କ ପାଖରେ ୧୦ହଜାର ଟଙ୍କାରୁ ଆରମ୍ଭ କରି ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରାଜସ୍ୱ ବକେୟା ରହିଛି। ସେହିପରି ଦକ୍ଷିଣ ପୂର୍ବ ଜୋନ୍‌ରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଖିଲାପକାରୀଙ୍କ ନାମରେ ନୋଟିସ୍ ଜାରି କରାଯାଇଛି। ନୋଟିସ୍ ଜାରି ହେବାର ୩୦ଦିନ ମଧ୍ୟରେ ସମ୍ପୃକ୍ତ ବ୍ୟକ୍ତି ବା ଅନୁଷ୍ଠାନ ସମ୍ପୂର୍ଣ୍ଣ ବକେୟା କିମ୍ବା ଏହାର କିଛି ଅଂଶ ଦେବା ସହ ଯଥାଶୀଘ୍ର ସମ୍ପୂର୍ଣ୍ଣ ଟଙ୍କା ପଇଠ କରିବା ନେଇ ଅଣ୍ଡରଟେକିଂ ଦେଲେ ସେମାନଙ୍କ ନାମରେ ଓପିଡିଆର୍ କେସ୍ ହେବ ନାହିଁ। ତେବେ ଯେଉଁମାନେ ୩୦ ଦିନ ମଧ୍ୟରେ କୌଣସି ଦେୟ ପଇଠ କରିବେ ନାହିଁ, ସେମାନଙ୍କ ନାମରେ କେସ୍ ରୁଜୁ କରାଯିବ।

ଅପରପକ୍ଷରେ ଖିଲାପକାରୀଙ୍କ ସହ ୱାର୍ଡ ଅଫିସରଙ୍କୁ ମଧ୍ୟ ତାଗିଦ କରାଯାଉଛି। ଯେଉଁ ୱାର୍ଡ ଅଫିସରମାନେ ଠିକ୍‌ଭାବେ କାର୍ଯ୍ୟ କରୁନାହାନ୍ତି ସେମାନଙ୍କୁ କଡା ଚେତାବନୀ ଦିଆଯାଉଛି। ଇତିମଧ୍ୟରେ ୨ରୁ ଅଧିକ ୱାର୍ଡ ଅଫିସରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସେହିପରି ୱାର୍ଡ ଅଫିସରମାନେ ରାଜସ୍ୱ ଆଦାୟରେ ଢିଲା କଲେ, ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନର ଶୁଣାଇ ଦେଇଛନ୍ତି। ଏ ସମ୍ପର୍କରେ ବିଏମ୍‌ସି ଅତିରିକ୍ତ କମିଶନର-୨ ଶୁଭେନ୍ଦୁ ସାହୁ କହିଛନ୍ତି, ସୁପ୍ରିମକୋର୍ଟ ବର୍ଦ୍ଧିତ ହୋଲ୍ଡିଂ ଟିକସକୁ ରଦ୍ଦ କରିଦେବା ପରେ ରାଜସ୍ୱ ଆଦାୟର ଲକ୍ଷ୍ୟ ୨୭୭ କୋଟିରୁ କମାଇ ଦିଆଯାଇଛି। ସେହିପରି ଧାର୍ଯ୍ୟ ଲକ୍ଷ୍ୟଠାରୁ ଆମେ କିଛିମାତ୍ରାରେ ଦୂରରେ ଥିଲେ ବି ଗତବର୍ଷ ଅପେକ୍ଷା ଭଲ ଆଦାୟ କରାଯାଇଛି। ହାତରେ ଆହୁରି ୧୦ରୁ ଅଧିକ ଦିନ ରହିଥିବାବେଳେ ଲକ୍ଷ୍ୟ ପୂରଣ ପାଇଁ ଜୋର୍‌ଦାର ପ୍ରୟାସ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି।

## ୬୩ଜଣଙ୍କ ଉପରେ ୫୦ କୋଟି ଟଙ୍କା ବକେୟା

### ବିଧାନସଭାରେ ଉଠିଲା ବିଏମ୍‌ସି ହୋଲ୍ଡିଂ ଟିକସ ଝଡ଼

ବହୁ ବଡ଼ବଡିଆ ତଥା ପ୍ରଭାବଶାଳୀ ଟିକସ ଖିଲାପକାରୀ ରହିଛନ୍ତି। ଯେଉଁମାନେ କି ବିଏମ୍‌ସିର ଦେୟ ପଇଠ କରୁ ନାହାନ୍ତି। ଏହାକୁ ନେଇ ମଙ୍ଗଳବାର ବିଧାନସଭାରେ ମଧ୍ୟ ପ୍ରଶ୍ନ ଉଠିଥିଲା। ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଏନେଇ ପ୍ରଶ୍ନ କରିବା ପରେ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ୨ଟି ଲିଖିତ ପ୍ରଶ୍ନର ଉତ୍ତର ଦେଇ କହିଲେ, ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ୧୦ଲକ୍ଷ ଟଙ୍କାରୁ ଅଧିକ ହୋଲ୍ଡିଂ ଟିକସ ବକେୟା ରଖିଥିବା ମୋଟ୍ ୬୩ ସଂସ୍ଥା ଓ ବ୍ୟକ୍ତି ରହିଛନ୍ତି। ଏମାନଙ୍କ ଉପରେ ୫୦ କୋଟି ଟଙ୍କାରୁ ଅଧିକ ହୋଲ୍ଡିଂ ଟିକସ ବକେୟା ଥିବାବେଳେ ଏସବୁ ଆଦାୟ ପାଇଁ ପଦକ୍ଷେପ ଆରମ୍ଭ ହୋଇଛି। ସେମାନଙ୍କ ବିରୋଧରେ ଓପିଡିଆର୍ କେସ ରୁଜୁ ହୋଇଛି। ମାର୍ଚ୍ଚ ୩୧ ସୁଦ୍ଧା ଏସବୁ ବକେୟା ଟିକସ ଆଦାୟ ପାଇଁ ସମସ୍ତ ୱାର୍ଡରେ କ୍ୟାମ୍ପ ଖୋଲାଯାଇଛି ଓ କ୍ଷେତ୍ର କର୍ମଚାରୀଙ୍କୁ ବକେୟା ଅର୍ଥ ଆଦାୟରେ ନିୟୋଜିତ କରାଯାଇଥିବା ମନ୍ତ୍ରୀ ଉଷା ଦେବୀ କହିଥିଲେ।

## ସଂକ୍ଷେପରେ

### ଜାତୀୟ ପତାକାକୁ ଅସମ୍ମାନ



**ବ୍ରହ୍ମଗିରି,୧୪।୩ (ଡି.ଏନ୍.ଏ.):** କେନ୍ଦ୍ର ସରକାର ହର୍ ଘର୍ ତ୍ରିରଙ୍ଗାର ସ୍ଲୋଗାନ ଦେଇ ସାଧାରଣ ଲୋକଙ୍କ ମନରେ ଜାତୀୟତା ଭାବ ସୃଷ୍ଟି କରୁଛନ୍ତି। ହେଲେ ଏବେ ବି ଲୋକେ ଜାତି ପ୍ରୀତି ଓ ତ୍ରିରଙ୍ଗାର ମୂଲ୍ୟ ବୁଝିନାହାନ୍ତି। ଯାହାର ଏକ ଉଦାହରଣ ବ୍ରହ୍ମଗିରି ଅଞ୍ଚଳରେ ଦେଖିବାକୁ ମିଳିଛି। ବ୍ରହ୍ମଗିରିରେ ପଞ୍ଚୁପାଣ୍ଡବ ମେଳଣ ଏବେ ଚାଲିଛି। ଏହି ସମୟରେ ଥାନା ପାଖରେ ଥିବା ଏକ ଗାଡ଼ି ଷ୍ଟାଣ୍ଡରେ ବାଇକ୍ ଉପରେ ମଙ୍ଗଳବାର ଜାତୀୟ ପତାକା ଘୋଡା ଯାଇଥିବା ଦେଖିବାକୁ ମିଳିଛି। ତେବେ ତ୍ରିରଙ୍ଗାର ମୂଲ୍ୟ ନ ବୁଝି ଅସମ୍ମାନ କରିଥିବାରୁ ବୁଦ୍ଧିଜୀବୀମାନେ ଏହାକୁ ନିନ୍ଦା କରିଛନ୍ତି।

### ବଘେଇପୁଟ ଜଙ୍ଗଲରେ ନିଆଁ



ନିରାକାରପୁର୧୪।୩(ଡି.ଏନ୍.ଏ.)

କୃତ୍ରିମ ବନାଗ୍ନି ଯୋଗୁ ଶହ ଶହ ଏକର ଜଙ୍ଗଲ ଧ୍ୱଂସ ପାଉଛି। ଏହା ସହିତ ବନ୍ୟପ୍ରାଣୀଙ୍କ ଆଶ୍ରୟସ୍ଥଳୀ ନଷ୍ଟ ହେବା ସହିତ ଔଷଧୀୟ ଗଛସବୁ ନଷ୍ଟ ହେଉଛି। ବନାଗ୍ନି ପ୍ରଭାବରେ ତାପମାତ୍ରା ଦ୍ୱିଗୁଣିତ ହେଉଥିବାରୁ ଜୈବ ବିବିଧତା ନଷ୍ଟ ହେବା ସହିତ ପରିବେଶ ସନ୍ତୁଳନ ହରାଉଛି। ତେବେ ଏବେ ରାଜ୍ୟର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗୁଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଅଧୀନ ସରପାରୀ ପଞ୍ଚାୟତ ବଘେଇପୁଟ ଜଙ୍ଗଲରେ ନିଆଁ ଲାଗିଯାଇଥିଲା। ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ବହୁ ଗଛଲତା ପୋଡ଼ିଯାଇଥିବା ବେଳେ ବହୁ ଜୀବଜନ୍ତୁଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ତେବେ ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। କେହି ବ୍ୟକ୍ତି ମଳତ୍ୟାଗ କରିବାକୁ ଯାଇଥିବା ବେଳେ ସିଗାରେଟ କିମ୍ବା ବିଡି ଟାଣି ସେଠାରେ ପକାଇ ଥିବାରୁ ନିଆଁ ଲାଗିଥାଇପାରେ ବୋଲି କୁହାଯାଉଛି।

## ପ୍ରଧାନଶିକ୍ଷକ, ୨ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦିନକର ଦରମା ବନ୍ଦ

**ଯାଁଳା,୧୪।୩(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଧୀନ ନିରଞ୍ଜନପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହିତ ୨ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗୋଟିଏ ଦିନର ଦରମା ବନ୍ଦ କରିଛନ୍ତି ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ରଶ୍ମିବାଳା ପରିଡ଼ା। କର୍ତ୍ତବ୍ୟରେ ଅବହେଳା ପାଇଁ ଦରମା ବନ୍ଦ କରାଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଜଟଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପରିଡା ନିରଞ୍ଜନପୁର ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚିଥିଲେ। ସ୍କୁଲରେ କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ନ ଥିବା ବେଳେ ପିଲାମାନେ ଏଣେତେଣେ ବୁଲୁଥିବା ଦେଖିବାକୁ ପାଇଥିଲେ। ଏହା ପରେ ସେ ପିଲାମାନଙ୍କୁ ଏକାଠି କରିବା ସହ ପ୍ରାର୍ଥନା ସଭା କରାଇଥିଲେ। କ୍ଲଷ୍ଟର ସିଆରସିସି ସୁନୀଲ ଦାସଙ୍କୁ ଡକାଇ ବିଦ୍ୟାଳୟ ବାରଣ୍ଡାରେ ଉଭୟ ପିଲାମାନଙ୍କୁ ପାଠ ପଢ଼ାଇଥିଲେ। ପୂର୍ବାହ୍ନ ୧୦ଟା ୨୦ରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଯାଦବ ନାୟକ ପହଞ୍ଚି ଶ୍ରେଣୀଗୃହ ଖୋଲିଥିଲେ। ଅନ୍ୟ ସହକାରୀ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ ମଧ୍ୟ ଅନୁପସ୍ଥିତ ଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜିତ୍‌ରଞ୍ଜନ ମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ ସେ ଜଟଣୀ ସିଏଚ୍‌ସିରେ ଏକ ପ୍ରଶିକ୍ଷଣ ଶିବିରରେ ଥିଲେ ବୋଲି ଜଣାପଡ଼ିଥିଲା। କର୍ତ୍ତବ୍ୟରେ ଅବହେଳା ପାଇଁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହ ୨ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗୋଟିଏ ଦିନର ଦରମା ବନ୍ଦ କରିବା ପାଇଁ ବିଇଓ ନିର୍ଦ୍ଦେଶ ଦେଇଥିଲେ। ପୂର୍ବାହ୍ନ ୧୧ଟାରେ ବିଇଓ ପରିଡ଼ା ବିଦ୍ୟାଳୟରୁ ଫେରିଥିଲେ।



## ବସ୍‌ରୁ ବାହାରିଗଲା ୪ଚକ

**କୋଣାର୍କ,୧୪।୩(ଡି.ଏନ୍.ଏ.)**

ପୁରୀରୁ କୋଣାର୍କ ଅଭିମୁଖେ ଆସୁଥିବା ଏକ ପର୍ଯ୍ୟଟନ ବସ୍‌ର ପଛ ୪ ଚକ ମଙ୍ଗଳବାର କୋଣାର୍କ-ଚନ୍ଦ୍ରଭାଗା ରାସ୍ତାର ହେଲିପ୍ୟାଡ଼ ନିକଟରେ ବାହାରିଯାଇଥିଲା। ତେବେ ଚାଳକ ଉପସ୍ଥିତ ବୁଦ୍ଧି ଖଟାଇ ବସ୍‌କୁ ନିୟନ୍ତ୍ରଣ କରିଥିଲେ । ଫଳରେ ବସ୍‌ରେ ଥିବା ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ଏହି ବସ୍‌ଟି ଆନ୍ଧ୍ରପ୍ରଦେଶରୁ ଆସିଥିଲା ବୋଲି ଯାତ୍ରୀଙ୍କଠାରୁ ସୂଚନା ମିଳିଛି ।

## ଆର୍‌ଆର୍‌ଆର୍ ଷ୍ଟାଇଲ୍‌ରେ ସ୍ୱଚ୍ଛତା ବାର୍ତ୍ତା ଦେଲା ବିଏମ୍‌ସି

**ଭୁବନେଶ୍ୱର,୧୪।୩ (ବ୍ୟୁରୋ)**




ଚଳଚ୍ଚିତ୍ର 'ଆର୍‌ଆର୍‌ଆର୍'ର ଫିଭର୍ ଏବେ ପୁଣି ବଢ଼ିଛି। ବିଶେଷକରି ଏହାର ଗୀତ 'ନାଟୁ ନାଟୁ' ଓସ୍କାର ପୁରସ୍କାର ପାଇବା ପରେ ସମସ୍ତଙ୍କ ମୁହଁରେ ଏବେ ଗୁଞ୍ଜରଣ ଶୁଣିବାକୁ ମିଳୁଛି। ତେଣୁ 'ଆର୍‌ଆର୍‌ଆର୍' ମାଧ୍ୟମରେ ସହରବାସୀଙ୍କୁ ଆକର୍ଷିତ କରି ସହରରେ ସ୍ୱଚ୍ଛତା ବଜାୟ ରଖିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ବାର୍ତ୍ତା ଦେଉଛି। ସହରରୁ ବାହାରୁଥିବା ବର୍ଜ୍ୟକୁ ଆର୍‌ଆର୍‌ଆର୍ ଅର୍ଥାତ୍ ରିଡ୍ୟୁସ୍, ରେୟୁଜ୍ ଏବଂ ରିସାଇକେଲ୍ ମାଧ୍ୟମରେ ବ୍ୟବସ୍ଥିତ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ଏନେଇ ସୋସିଆଲ୍ ମିଡିଆ ମାଧ୍ୟମରେ ବିଏମ୍‌ସି ପକ୍ଷରୁ ଅପିଲ୍ କରାଯାଇଛି। କିଛିଦିନ ତଳେ 'ପୁଷ୍ପା' ଚଳଚ୍ଚିତ୍ରର ଲୋକପ୍ରିୟ ଡାଏଲଗ୍ 'ପୁଷ୍ପା ଝୁକେଗା ନେହି...' ଷ୍ଟାଇଲ୍‌ରେ ବିଏମ୍‌ସି ପକ୍ଷରୁ 'କଚ୍‌ରା ବାହାର ଫେକେଗା ନେହି'ର ବାର୍ତ୍ତା ଦିଆଯାଇଥିଲା। ଏବେ ଟ୍ରିପଲ ଆର୍ ଷ୍ଟାଇଲ୍‌ରେ ସୋସିଆଲ ମିଡିଆ ମାଧ୍ୟମରେ ଲୋକଙ୍କୁ ବାର୍ତ୍ତା ଦିଆଯାଇଛି। ବିଏମ୍‌ସିର ଏପରି ନିଆରା ଷ୍ଟାଇଲ୍‌କୁ ମଧ୍ୟ ଲୋକମାନେ ଗ୍ରହଣ କରୁଥିବା ଦେଖାଯାଉଛି।

## ରଥକାଠ ସଂଗ୍ରହ ପାଇଁ ଡାଟାବେସ୍ ପ୍ରସ୍ତୁତ ହେବ

**ପୁରୀ ଅଫିସ, ୧୪।୩**

ଆଗାମୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥକାଠ ଯୋଗାଣ ସମ୍ପର୍କିତ ବୈଠକ ମଙ୍ଗଳବାର ପୁରୀ ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ସୁରେଶ କୁମାର ଦଳାଇ ଅଧ୍ୟକ୍ଷତା କରିଥିଲେ। ବୈଠକ ପୂର୍ବରୁ ରାଜସ୍ୱ ଆୟୁକ୍ତ ଦଳାଇ ପୁରୀରେ ଚାଲିଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ କାର୍ଯ୍ୟର ସମୀକ୍ଷା କରିଥିଲେ। ପରେ ସର୍କିଟ୍ ହାଉସ ଆସି ରଥକାଠ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକ ପରେ ଦଳାଇ ସୂଚନା ଦେଇ କହିଛନ୍ତି, ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଆବଶ୍ୟକ ହେଉଥିବା ରଥକାଠ କିପରି ମିଳିପାରିବ, ସୁରୁଖୁରୁରେ ରଥ ନିର୍ମାଣ ଓ ଘୋଷଯାତ୍ରା ହୋଇପାରିବ ସେ ନେଇ ଆଲୋଚନା ହୋଇଛି। ଚଳିତ ବର୍ଷ ଆବଶ୍ୟକତାଠାରୁ ଅଧିକ କାଠ ମହଜୁଦ୍ ରହିଛି। ପ୍ରତ୍ୟେକ ବର୍ଷ ଯେପରି କାଠ ମିଳିପାରିବ ସେଥିଲାଗି ଆର୍‌ସିସିଏଫଙ୍କ ପକ୍ଷରୁ ଡାଟାବେସ୍ ପ୍ରସ୍ତୁତ କରାଯିବ। ଧଉରା ଓ ଫାସି କାଠ କେଉଁ ଡିଏଫ୍‌ଓଙ୍କ ଅଧୀନରେ ରହିଛି, କେତେ ପରିମାଣର ରହିଛି, ସେହି ଗଛଗୁଡ଼ିକ କେତେ ବର୍ଷରେ କେତେ କାଠ ଦେଇପାରିବ ଏବଂ ତାହା କେତେ ବର୍ଷରେ ରଥ ନିର୍ମାଣ ଲାଗି ଯୋଗ୍ୟ ହୋଇପାରିବ ସେ ନେଇ ଡାଟାବେସ୍‌ରେ ତଥ୍ୟ ରଖାଯିବ। ଯେପରି ଆସନ୍ତା ୫୦ ବର୍ଷ ପର୍ଯ୍ୟନ୍ତ ରଥକାଠର ଆବଶ୍ୟକତା ପଡ଼ିବ ନାହିଁ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ରଥ ନିର୍ମାଣ ପାଇଁ ମୋଟ ୮୬୫ ଖଣ୍ଡ ବିଭିନ୍ନ ପ୍ରକାର କାଠ ଆବଶ୍ୟକ। ପୂର୍ବ ବର୍ଷର ୧୧୮ ଖଣ୍ଡ ବଳକା ଥିବାରୁ ଚଳିତବର୍ଷ ଅବଶିଷ୍ଟ ୭୪୭ ଖଣ୍ଡ କାଠ ଆବଶ୍ୟକ। ଏହି କାଠ ନୟାଗଡ଼, ବୌଦ୍ଧ, ଖୋର୍ଦ୍ଧା, ଘୁମୁସର, ରେଢାଖୋଲ ଇତ୍ୟାଦି ବନଖଣ୍ଡରୁ ଯୋଗାଣ ପାଇଁ ସମ୍ପୃକ୍ତ ଡିଏଫଓମାନଙ୍କୁ କୁହାଯାଇଛି। ରଥକାଠ ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ ବ୍ୟବସ୍ଥା ସହ ନିୟମିତ ଅନୁଧ୍ୟାନ କରାଯାଉଛି। ଡିଏଫ୍‌ଓମାନେ ସେମାନଙ୍କ ଅଞ୍ଚଳ ଅନୁଧ୍ୟାନ କରି ରଥକାଠ ସମ୍ପର୍କରେ ଡାଟାବେସ୍ ପ୍ରସ୍ତୁତ କରିବାକୁ ଆୟୁକ୍ତ ପରାମର୍ଶ ଦେଇଛନ୍ତି। ଯେଉଁ ବ୍ୟକ୍ତିବିଶେଷ ରଥ ନିର୍ମାଣ ପାଇଁ କାଠ ସ୍ୱଇଚ୍ଛାରେ ଦେଉଛନ୍ତି, ସେମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ପୁରୀରେ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଠିକ ଭାବେ ଚାଲିଛି। ଯେପରି ସେଗୁଡ଼ିକ ଧାର୍ଯ୍ୟ ସମୟରେ ସରିବ ସେଥିଲାଗି ପଦକ୍ଷେପ ନିଆଯିବ ବୋଲି ରାଜସ୍ୱ ଆୟୁକ୍ତ କହିଛନ୍ତି।

## ଗଛରେ ପିଟିହୋଇ ବାଇକ୍ ଆରୋହୀ ମୃତ

**ଖୋର୍ଦ୍ଧା ଅଫିସ,୧୪।୩**

୫୭ନମ୍ବର ଜାତୀୟ ରାଜପଥର ଶରଧାପୁର ଛକଠାରେ ଏକ ଗଛରେ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଶ୍ଚିମବଙ୍ଗ ପଶ୍ଚିମମେଦିନିପୁର ଜିଲା ଡେବ୍ରା ଥାନା ଅଧୀନ ଗୋଲଗାମ ଗ୍ରାମର ସେକ୍ ସଫିକୁଲ ରହେମାନ(୨୦)। ପୋଲିସ ସୂଚନା ମୁତାବକ, ସଫିକୁଲ ଖୋର୍ଦ୍ଧା ଆଦର୍ଶ ଥାନା ଗୁରୁଜଙ୍ଗ ଦ୍ୱାରିକା ନଗର ଅଞ୍ଚଳରେ ରହି କାଠ କାମ କରୁଥିଲେ। ମଙ୍ଗଳବାର ତାଙ୍କର ଜଣେ ସହଯୋଗୀଙ୍କୁ ଛାଡିବାକୁ ସେ ଶରଧାପୁର ବାଇକ୍‌ରେ ଯାଇଥିଲେ। ସେଠାରୁ ଫେରିବା ବେଳେ ସେ ଦୁର୍ଘଟଣାର ଶିକାର ହୋଇଥିଲେ।

## 'ବ୍ୟବସାୟରେ ବଜାରୀକରଣକୁ ଗୁରୁତ୍ୱାରୋପ'




**ଭୁବନେଶ୍ୱର,୧୪।୩**

ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ର କଟକ କାର୍ଯ୍ୟାଳୟ ଏବଂ ଜାତୀୟ ମହିଳା ଉଦ୍ୟମିତା ପରିଷଦ (ଆଇଏନ୍‌ଡବ୍ଲ୍ୟୁଇସି)ର ମିଳିତ ସହଯୋଗରେ ମଙ୍ଗଳବାର ସ୍ଥାନୀୟ ଜୟଦେବ ବିହାରସ୍ଥିତ ପାଲ୍ ହାଇଟ୍‌ସ୍‌ଠାରେ ଏକ ଦିନିକିଆ ଜାତୀୟସ୍ତରୀୟ କର୍ମଶାଳା 'ମାର୍କେଟିଂ ଆଣ୍ଡ ବ୍ରାଣ୍ଡ୍ ବିଲ୍ଡିଂ ଫର୍ ଏମ୍‌ଏସ୍‌ଏମ୍‌ଇ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗର ବିଭାଗୀୟ ସଚିବ ବି.ବି. ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ୟୁନିଟ୍ କଟକର ଯୁଗ୍ମ ନିର୍ଦ୍ଦେଶକ ପି.କେ. ଗୁପ୍ତା, ଆଇଏନ୍‌ଡବ୍ଲ୍ୟୁଇସି ଅଧ୍ୟକ୍ଷ ସୁକୀର୍ତ୍ତି ପଟ୍ଟନାୟକ, ଆଇସିସି ଓଡ଼ିଶାର ଅଧ୍ୟକ୍ଷ ଜେ.ବି. ପାଣି, ଆଇଆଇପି ମୁମ୍ବାଇର ଯୁଗ୍ମ ନିର୍ଦ୍ଦେଶକ ଡ. ବାବୁ ରାଓ ଗୁଡ୍‌ରୁ ଏବଂ ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓ ଯୁଗ୍ମ ନିର୍ଦ୍ଦେଶକ ଏସ୍.ଏନ୍.ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ କର୍ମଶାଳାର ପ୍ରାରମ୍ଭରେ ପି.କେ. ଗୁପ୍ତା ଅତିଥି ପରିଚୟ ସାଙ୍ଗକୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହି ପରିପ୍ରେକ୍ଷୀରେ ଅତିଥିମାନେ ବର୍ତ୍ତମାନର ବଜାର ବ୍ୟବସ୍ଥାକୁ ଲକ୍ଷ୍ୟ କରି ଉଭୟ ନୂତନ ବ୍ୟବସାୟୀ ଓ ଯୁବ ଉଦ୍ୟୋଗୀମାନେ ଉପଯୁକ୍ତ ବ୍ୟବସାୟକୁ ପ୍ରାଥମିକ ସ୍ତରରେ ସ୍ଥିର କରିବା ଆବଶ୍ୟକ। ଏପରିକି ନୂତନ ବ୍ୟବସାୟରେ ବଜାରୀକରଣକୁ ଗୁରୁତ୍ୱ ଦେବା ସହ ଅଭିଜ୍ଞ ଓ ବଜାର ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ି କାର୍ଯ୍ୟ କରିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରିଶେଷରେ ଏସ୍.ଏନ୍.ନାୟକ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ୨ୟ ଅଧିବେଶନରେ ବିଭିନ୍ନ ବ୍ୟବସାୟରେ ପ୍ରତିଷ୍ଠିତ ବ୍ୟବସାୟୀ ଓ ବିଶେଷଜ୍ଞଙ୍କ ମଧ୍ୟରେ ଉପରୋକ୍ତ ବିଷୟବସ୍ତୁକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା।

## ଜଗନ୍ନାଥଙ୍କ ଜମିରେ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ

**ପୁରୀ ଅଫିସ, ୧୪।୩**




### ଜବରଦଖଲ ହୋଇଛି ୨୨ ଡିସିମିଲ

- ମାଲିକଙ୍କ ନାମରେ ରହିଛି ୩.୫ ଡିସିମିଲ
- କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ

ମରୀଚିକୋଟ ଛକସ୍ଥିତ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ ଘଟଣା ସାରା ରାଜ୍ୟରେ ଚର୍ଚ୍ଚାକୁ ଆସିଥିଲା। ବିଶେଷକରି ଏହି ମାର୍କେଟ କମ୍ପ୍ଲେକ୍ସ ପଛପଟେ ଏକ ପୁରାତନ ମନ୍ଦିର ଠାବ ହେବା ପରେ ଉକ୍ତ ଜମିକୁ ନେଇ ବିଭିନ୍ନ ଆଲୋଚନା ଶୁଣିବାକୁ ମିଳିଥିଲା। ଏ ନେଇ ତଦନ୍ତ କରାଯିବାକୁ ବିଭିନ୍ନ ମହଲରେ ଦାବି ହେଉଥିଲା। ସମ୍ପ୍ରତି ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ବେଳେ ଶ୍ରୀଜଗନ୍ନାଥଙ୍କ ଜମି ଉପରେ ବେଆଇନ ଭାବେ ଉକ୍ତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଥିବା ଜଣାପଡ଼ିଛି। ୨୫ ଡିସିମିଲ ଜମିରେ କମ୍ପ୍ଲେକ୍ସ ନିର୍ମିତ ହୋଇଛି। ୨୨ ଡିସିମିଲି ଜମି ମହାପ୍ରଭୁଙ୍କ ନାମରେ ଥିବାବେଳେ ୩ ଡିସିମିଲ ଜମି କମ୍ପ୍ଲେକ୍ସ ନାମରେ ରହିଛି। ଏ ନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ଅଗ୍ନିକାଣ୍ଡ ଘଟିବା ପରେ ଉକ୍ତ ଜମି ମନ୍ଦିର ପ୍ରଶାସନର ଦୃଷ୍ଟିକୁ ଆସିଥିଲା। ଅନୁସନ୍ଧାନ ପରେ ଜଣାପଡ଼ିଥିଲା ଯେ, ଚୂଡ଼ଙ୍ଗ ସାହି ମୌଜା ଖତିଆନ କ୍ରମିକ ନମ୍ବର ୬୭ ଅନ୍ତର୍ଭୁକ୍ତ ଉକ୍ତ ଜମି। ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀ ମାର୍ଫତ ଶ୍ରୀମନ୍ଦିର ପରିଚାଳନା କମିଟି ନାମରେ ସ୍ୱତ୍ୱ ସ୍ଥିତିବାନ ପ୍ଲଟ ରହିଛି। ୨୨ ଡିସିମିଲ ଜମିରେ ଦୁଇଟି ପ୍ଲଟ ରହିଛି। ଏ ସଂକ୍ରାନ୍ତରେ ପଦକ୍ଷେପ ନେବା ପାଇଁ ସଦର ତହସିଲଦାରଙ୍କୁ କୁହାଯାଇଛି। ଉକ୍ତ ଜମିକୁ କିପରି ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବ ସେଥିଲାଗି ପଦକ୍ଷେପ ନେବାକୁ ତହସିଲଦାରଙ୍କୁ ଚିଠି କରାଯାଇଛି। ଘରୋଇ ମାଲିକଙ୍କ ନାମରେ ୩.୫ ଡିସିମିଲ ଜମି ରହିଛି। ତେବେ ଉକ୍ତ ବ୍ୟକ୍ତି କେମିତି କେଉଁ ହିସାବରେ ମହାପ୍ରଭୁଙ୍କ ଜମି ଦଖଲ କରିଛନ୍ତି ଏହାର ତଦନ୍ତ ଚାଲିଛି। ଉକ୍ତ ଜମି ଉଦ୍ଧାର ପାଇଁ ପଦକ୍ଷେପ ନିଆଯାଇଥିବା ଜେନା ପ୍ରକାଶ କରିଛନ୍ତି। ସେହିପରି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ କହିଛନ୍ତି, ଲକ୍ଷ୍ମୀ ମାର୍କେଟରେ ଅଗ୍ନିକାଣ୍ଡ ଘଟିବା ପରେ ଅଗ୍ନିଶମ କର୍ମଚାରୀମାନେ ୩୬ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ପରେ ପ୍ରଶାସନ ପକ୍ଷରୁ ଏକ ଜଏଣ୍ଟ ଟିମ୍ ଗଠନ କରାଯାଇଥିଲା। ଯେଉଁଥିରେ ତହସିଲଦାର, ଡେପୁଟି ଫାୟାର ଅଫିସର ଏବଂ ଟାଉନ ଥାନା ଆଇଆଇସି ସଦସ୍ୟ ରହିଥିଲେ। ଉକ୍ତ ଟିମ୍ ପ୍ରାଥମିକ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଛି। ତହସିଲଦାରଙ୍କ ରିପୋର୍ଟରେ ଦର୍ଶାଯାଇଛି ଯେ, ଉକ୍ତ ଜମିର କେତେକ ଅଂଶ ଶ୍ରୀଜଗନ୍ନାଥ ପ୍ରଶାସନ ନାମରେ ରହିଛି। ତେଣୁ ତାହାର ତଦନ୍ତ କରାଯିବ। ଅପରପକ୍ଷରେ ବିଲ୍ଡିଂର ଅବସ୍ଥା ବିପଦପୂର୍ଣ୍ଣ ବୋଲି ସେ ରିପୋର୍ଟରେ ଦର୍ଶାଇଛନ୍ତି। ତେଣୁ ପିଡବ୍ଲ୍ୟୁଡି ପକ୍ଷରୁ ଯାଞ୍ଚ କରାଯାଉଛି। ଏହି ତଦନ୍ତ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମ୍ପୃକ୍ତ ବ୍ୟକ୍ତି ଫାୟାର ସେଫ୍ଟି ସାର୍ଟିଫିକେଟ୍ ଆଣିଥିଲେ କି ନାହିଁ, ତାହା ଫାୟାର ଅଫିସର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ। କ୍ଷୟକ୍ଷତି ମଧ୍ୟ ଆକଳନ କରାଯିବ। ସମସ୍ତ ରିପୋର୍ଟ ମିଳିବା ପରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ନିଆଯିବ। ସେହିପରି ଉକ୍ତ ଜମି ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରାଯିବ। ମହାପ୍ରଭୁଙ୍କ ଅନେକ ଜମିକୁ ଲୋକେ ମାଡ଼ିବସିଛନ୍ତି। କେତେକ ଜମି ଶ୍ରୀମନ୍ଦିର ପ୍ରଶାସନକୁ ଫେରିଛି। ଅନ୍ୟ ଜମି ଉଦ୍ଧାର ଲାଗି ଉଦ୍ୟମ ଚାଲିଛି। କେଉଁ ସ୍ଥାନରେ କେତେ ଜମି ରହିଛି ସେ ନେଇ ସର୍ଭେ ସରିଛି। ଖୁବ୍‌ଶୀଘ୍ର ସମସ୍ତ ଜମି ଶ୍ରୀମନ୍ଦିର ଖାତାକୁ ଫେରାଇ ଅଣାଯିବ ବୋଲି ଆଶା ରହିଛି।

## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ମାହାଙ୍ଗା,(ସ୍ୱ.ପ୍ର.):ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଗୋତରା ଗ୍ରାମର ଜଣେ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ସେ ହେଲେ ଶିବବ୍ରତ ବାରିକ(୩୫)। ସେ ଏହି ଗ୍ରାମର ରବୀନ୍ଦ୍ର ନାଥ ବାରିକଙ୍କ ସାନପୁଅ ହୋଇଥିବାବେଳେ ଖବରଦାତା ପି.କେ ବାରିକଙ୍କ ପୁତୁରା। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ବାରିକ ଛତିଶଗଡ଼ ଜଗଦଲପୁର ଅଞ୍ଚଳରେ ଏକ ଘରୋଇ ବୀମା କମ୍ପାନୀରେ କାମ କରୁଥିଲେ। ଗତ ଗୁରୁବାର ପୂର୍ବାହ୍ନରେ ଭଡ଼ା ଘରେ ଥିବାବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରି ଗୁରୁତର ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସଂକ୍ଷେପରେ

## ବାଇକ୍‌ରେ ଆସି ବୋଲେରୋ ଲୁଟିଲେ



ନିଶ୍ଚିନ୍ତକୋଇଲି,୧୪।୩(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟ ଛକ ନିକଟରୁ ୨ ଜଣ ଦୁର୍ବୃତ୍ତ ଏକ ବୋଲେରୋ ଲୁଟି ନେଇଛନ୍ତି। ଏହାର ସମସ୍ତ ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଏହାକୁ ଭିତ୍ତିକରି ଗାଡ଼ି ମାଲିକ ସୂର୍ଯ୍ୟକାନ୍ତ ନାୟକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ. ୫୨/୨୦୨୩)ରୁଜୁ କରିଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଆଇଆଇସି ଚିନ୍ମୟୀ କହିଛନ୍ତି। ସୂର୍ଯ୍ୟକାନ୍ତ ନାୟକ କଲେଜଛକଠାରେ ବହୁଦିନରୁ ରହିଆସୁଛନ୍ତି। ତାଙ୍କର ୬ ରୁ ୭ଟି ଗାଡ଼ି ଅଛି। ସୋମବାର ସକାଳ ପ୍ରାୟ ୪ଟାରେ ୨ ଦୁର୍ବୃତ୍ତ ବାଇକ୍‌ରେ ତାଙ୍କ ଘର ନିକଟକୁ ଆସିଥିଲେ। ସେମାନେ ଘର ଗେଟ୍‌ରେ ବାହାରପଟୁ ତାଲା ପକାଇ ଏକ ବୋଲେରୋ (ନଂ. ଓଆର ଏୟୁ ୨୫୭୫)କୁ ନେଇ କେନ୍ଦ୍ରାପଡ଼ା ଅଭିମୁଖେ ପଳାଇ ଯାଇଥିବା ଅଭିଯୋଗ ହୋଇଛି।

## ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ୪ ଦିନିଆ ତାଲିମ

ସାଲେପୁର,୧୪।୩(ଡି.ଏନ୍.ଏ.): ସାଲେପୁର ଶିକ୍ଷାମଣ୍ଡଳ ପକ୍ଷରୁ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ାଉଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଏଫ୍‌ଏଲ୍‌ଏନ୍ ତାଲିମ ପ୍ରଦାନ କରାଯାଇଛି। ଶିଶୁଆ ପଞ୍ଚାୟତସ୍ଥିତ କଲ୍ୟାଣପୁର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ୪ ଦିନ ବ୍ୟାପୀ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଶିକ୍ଷା ମଣ୍ଡଳ ଅଧିକାରୀ ଜଗବନ୍ଧୁ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷକ ଭାବେ ରତିକାନ୍ତ ଦାସ, ଶିବ ଚରଣ ମିଶ୍ର, ବିଜୟ କୁମାର ବେହେରା, ରମାକାନ୍ତ ମିଶ୍ର, ମାନସ ରଞ୍ଜନ ରାଉତ ପ୍ରମୁଖ ତାଲିମ ଦେଇଥିଲେ। ବିଦ୍ୟାଳୟକୁ ପ୍ରଥମ କରି ପ୍ରବେଶ କରୁଥିବା ଛାତ୍ରୀଛାତ୍ରଙ୍କୁ ସ୍ନେହ, ଆଦର ସହିତ ଗୀତ, ଗଳ୍ପ, ଚିତ୍ର, ବସ୍ତୁ ବା ପାଠ୍ୟ ଉପକରଣ ଦେଖାଇ କିପରି ସେମାନଙ୍କୁ ଅଧ୍ୟୟନ କରାଯିବ ତାହା ଉପରେ କହିଥିଲେ। ଏଥିସହ ମୌଳିକ ଭାଷା ଜ୍ଞାନ ଓ ଗଣିତ ପଠନ ଉପରେ ମଧ ତାଲିମ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଟକ ଜିଲା ଶିକ୍ଷାଧିକାରୀ କୃଷ୍ଣ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ରାଉତ, ଜିଲା ବିଜ୍ଞାନ ପରିଦର୍ଶକ ଅକ୍ଷୟ କୁମାର ନନ୍ଦ, ଜିଲା ଭିନ୍ନକ୍ଷମ ପରିଦର୍ଶକ ଚିତ୍ତରଞ୍ଜନ ପଣ୍ଡା, ଏବିଇଓ ବିଳାସିନୀ ବାହିନୀ ପତି ପ୍ରମୁଖ ଯୋଗ ଦେଇଥିଲେ। ସାଲେପୁର ବ୍ଲକ ଶିକ୍ଷା ମଣ୍ଡଳ ଅଧିକାରୀ ଜଗବନ୍ଧୁ ଶତପଥୀ ପୌରୋହିତ୍ୟ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସମରେନ୍ଦ୍ର ପଣ୍ଡା, ଶିବ ଶଙ୍କର ସ୍ୱାଇଁ, ମୃତ୍ୟୁଞ୍ଜୟ ମିଶ୍ର, ରଞ୍ଜନ ମୋହନ ବେହେରା, ଅଫଜଲ ହୁସେନ, ରଞ୍ଜନ ବେହେରା, ଦୀନବନ୍ଧୁ ସାହୁ, ମନୋରଞ୍ଜନ ପୃଷ୍ଟି ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଜବ୍‌କାର୍ଡଧାରୀଙ୍କ ବଦଳରେ ମେଶିନ କରୁଛି କାମ

### ଏମ୍‌ଜିଏନ୍‌ଆରଇଜିଏସ ବାଟବଣା

ବାଙ୍କୀ,୧୪।୩(ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ କେନ୍ଦ୍ର ସରକାରଙ୍କ ଅମୃତ ସରୋବର ଯୋଜନା ଅନୁଯାୟୀ ଶ୍ରମଜୀବୀମାନଙ୍କୁ କର୍ମ ଯୋଗାଇ ଦେବା ନିମନ୍ତେ ଏମ୍‌ଜିଏନ୍‌ଆରଇଜିଏସ ( ହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଚାଲୁ କରାଯାଇଛି। କିନ୍ତୁ ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ଡମପଡା ଠାରେ ଏହି ଯୋଜନା ବାଟବଣା ହୋଇଥିବା ଅଭିଯୋଗ ହୋଇଛି। ଡମପଡ଼ାସ୍ଥିତ ସାନସାମନ୍ତ ପୋଖରୀ କାମ ନିମନ୍ତେ ଏହି ଯୋଜନାରେ କାର୍ଯ୍ୟାଦେଶ ଦିଆଯାଇଛି। କିନ୍ତୁ ଏଠାରେ ଜବ୍‌କାର୍ଡଧାରୀଙ୍କ ବଦଳରେ ମେଶିନ ସାହାଯ୍ୟରେ କାମ କରାଯାଉଛି। ଫଳରେ ଜବ୍‌କାର୍ଡଧାରୀମାନେ କାମ ପାଉ ନ ଥିବା ଅଭିଯୋଗ କରିଛନ୍ତି। ଏନେଇ ବିଡିଓଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବାଙ୍କୀ ବୁଦ୍ଧିଜୀବୀ ପରିଷଦର ସମ୍ପାଦକ ତଥା ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକ କଟକ ଜିଲାପାଳ, କଟକ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଓ ଡମପଡ଼ା ବିଡିଓଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ତୁରନ୍ତ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।



ମେଶିନ ସାହାଯ୍ୟରେ ସାନସାମନ୍ତ ପୋଖରୀ କାମ ଚାଲିଛି।

# ଅଧିକ ଧାନ ଉଠାଇବାକୁ ସରକାରଙ୍କୁ ଚିଠି ଲେଖିଲେ ଜିଲାପାଳ

କଟକ ସଦର,୧୪।୩(ଡି.ଏନ୍.ଏ.)

ଅଦ୍ୟାବଧି କଟକ ଜିଲାର ୧୪ଟି ବ୍ଲକର ବିଭିନ୍ନ ସମବାୟ ସମିତି ଜରିଆରେ ୧୬ ଲକ୍ଷ ୩୦ ହଜାର କୁଇଣ୍ଟାଲ ଧାନ କିଣା ସରିଛି। ଏବେ ସୁଦ୍ଧା ଅନେକ ଚାଷୀ ଧାନ ଦେବା ଅପେକ୍ଷା ତାଲିକାରେ ଥିବାରୁ ଅଧିକ ୩ ଲକ୍ଷ କୁଇଣ୍ଟାଲ କୋଟା ଦେବା ପାଇଁ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ସରକାରଙ୍କୁ ପତ୍ର ଲେଖିଛନ୍ତି। ମେସେଜରେ ଆସିଥିବା କୋଟା ଅନୁସାରେ ଧାନ କ୍ରୟ କରାଗଲେ ଆଉ ୧୦ ଲକ୍ଷ କୁଇଣ୍ଟାଲ କୋଟା ଆବଶ୍ୟକ। ମାତ୍ର ସବୁ ପଞ୍ଜୀକୃତ ଚାଷୀ ଅତି କମରେ ଥରେ ଲେଖାଏ ଧାନ ଦେବା ଲକ୍ଷ୍ୟରେ ଜିଲାପାଳ ଚୟନୀ ପତ୍ର ସଂଖ୍ୟା ୭୬୧/୧୦।୩।୨୦୨୩ ରାଜ୍ୟ ଖାଦ୍ୟ,ଯୋଗାଣ ଓ ଖାଉଟି ବ୍ୟାପାର ବିଭାଗକୁ ଜଣାଇଛନ୍ତି। ଧାନ ବିକିବା ପାଇଁ ଫେବୃୟାରୀ ମାସରେ ମେସେଜ ପାଇଥିବା ଚାଷୀମାନଙ୍କୁ ନିର୍ଦ୍ଧାରିତ କୋଟାଠାରୁ ୫୦ ପ୍ରତିଶତ କମ୍ ଦେବା ପାଇଁ ବାଧ କରାଯାଉଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ମାତ୍ର ଜାନୁୟାରୀ ମାସରେ ଧାନ ବିକ୍ରି କରିଥିବା ଚାଷୀମାନେ ଶତ ପ୍ରତିଶତ ଧାନ ବିକ୍ରି କରିଥିଲେ।

# କୋଭିଡ୍ ସବ୍‌ସିଡି ଆବେଦନ ଜୁନ୍ ୩୦ ଯାଏ ବଢ଼ିଲା

### ଓଡ଼ିଶା ଯୁବ ଶିଳ୍ପୋଦ୍ୟୋଗୀ ସଂଘର ଶିଳ୍ପ ସଚେତନତା ଶିବିର

କଟକ ଅଫିସ,୧୫।୩:

ଓଡ଼ିଶା ଯୁବ ଶିଳ୍ପଦ୍ୟୋଗୀ ସଂଘ (ଓଇଆ) ଓ ଜିଲା ଶିଳ୍ପ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଖପୁରିଆ ଶିଳ୍ପାଞ୍ଚଳସ୍ଥିତ ଓଇଆ ସମ୍ମିଳନୀ କକ୍ଷରେ ଏକ ଦିବସୀୟ ଶିଳ୍ପ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଯୁଗ୍ମ ଶିଳ୍ପ ନିର୍ଦ୍ଦେଶିକା ମୀନା କୁମାରୀ ବେହେରା ଯୋଗଦେଇ କହିଥିଲେ, ଯେଉଁ ଉଦ୍ୟୋଗୀମାନେ କୋଭିଡ ସମୟରେ ସବ୍‌ସିଡ୍ ପାଇବା ପାଇଁ ସମୟ ସୀମା ଭିତରେ ଦରଖାସ୍ତ ଦେଇପାରି ନଥିଲେ, ସେମାନଙ୍କ ପାଇଁ ଦରଖାସ୍ତ ଦେବାର ସମୟସୀମା ଆଗାମୀ ଜୁନ ୩୦ ଯାଏ ବୃଦ୍ଧି କରାଯାଇଛି। ଶିଳ୍ପୋଦ୍ୟୋଗୀମାନେ ଏହାର ସୁବିଧା ନେବାକୁ ସେ କହିଥିଲେ। ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ନଓଲ କିଶୋର ସିଂ, ସହକାରୀ ପରିଚାଳକ ପ୍ରତାପ କୁମାର ସେଠୀ, ଆଇ.ପି. ସିତରାମ ସାହୁ, ନମିତା ମିଶ୍ରଙ୍କ ସମେତ ଅଧିକାରୀବୃନ୍ଦ ଆଲୋଚନାରେ ଅଂଶଗ୍ରହଣ କରି ସରକାରଙ୍କର ବିଭିନ୍ନ କ୍ଷୁଦ୍ର ଶିଳ୍ପ ପ୍ରୋତ୍ସାହନ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖି ଶିଳ୍ପଦ୍ୟୋଗୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଶିଳ୍ପଦ୍ୟୋଗୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଦିପା କାର୍ଯ୍ୟାଳୟର ସହାୟତା ନେବାକୁ ଅଧିକାରୀ ସୁସ୍ମା ମହାନ୍ତି କହିଥିଲେ। ଓଇଆର ସଭାପତି ସୁକାନ୍ତ କୁମାର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ଉପସଭାପତି ବିଜୟ କୁମାର ସାହୁ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ବିଜୟ ମହାନ୍ତି ଧନ୍ୟବାଦ ଦେଇଥିଲେ।



କଲ୍ୟାଣପୁର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ତାଲିମ ଶିବିରରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

## ଦାବି ପୂରଣ ନ ହେଲେ ମେୟର ବାସଭବନ ଘେରାଉ ଚେତାବନୀ

କଟକ ଅଫିସ,୧୪।୩

ସଫେଇ କର୍ମଚାରୀ ମହାସଂଘ ପକ୍ଷରୁ ଗାନ୍ଧୀ ଭବନରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ନିଗମ(ସିଏମ୍‌ସି)ରେ କାର୍ଯ୍ୟରତ ସଫେଇ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉ। ଏହାସହିତ ସଫେଇ କର୍ମଚାରୀଙ୍କୁ ବିନା କାରଣରେ କାର୍ଯ୍ୟରୁ ଛଟେଇ କରାଯାଉଥିବାରୁ ସେମାନଙ୍କୁ ୭ଦିନ ମଧ୍ୟରେ ପୁନଃନିଯୁକ୍ତି କରାଯାଉ ବୋଲି ମହାସଂଘ ପକ୍ଷରୁ ଦାବି କରାଯାଇଛି। ଯଦି ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କ ଦାବି ପୂରଣ ନ ହୁଏ, ତେବେ କାର୍ଯ୍ୟ ବନ୍ଦ କରି ମେୟରଙ୍କ ବାସଭବନ ଘେରାଉ କରିବା ସହିତ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣାରେ ବସିବେ ବୋଲି ମହାସଂଘ ତରଫରୁ ସମ୍ମିଳନୀରେ ଚେତାବନୀ ଦିଆଯାଇଛି।

# କଥା ସାହିତ୍ୟ ଉପରେ ପାଠଚକ୍ର





ପାଠ୍ୟଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ସାଲେପୁର,୧୪।୩(ଡି.ଏନ୍.ଏ.)

ସାଲେପୁର ବ୍ଲକ ଅନ୍ତର୍ଗତ ବହୁଗ୍ରାମ ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପକ୍ଷରୁ କଥା ସାହିତ୍ୟ ଉପରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପରେ ସମସାମୟିକ ସମାଜର ଚିତ୍ର' ବିଷୟବସ୍ତୁ ଉପରେ ପାଠଚକ୍ର ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ ଉମେଶ ଚନ୍ଦ୍ର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା କୃଷ୍ଣ ପ୍ରିୟା ରାଉତ ପୌରୋହିତ୍ୟ କରିଥିଲେ। ଅଧ୍ୟାପିକା ଦୀପ୍ତି ଭୂୟାଁ ଓ ଅଧ୍ୟାପିକା ନଳିନୀ ବେହେରା ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗର ଛାତ୍ରୀଛାତ୍ର ନିଜର ସନ୍ଦର୍ଭ ପାଠ କରିବା ସହ ପ୍ରଶ୍ନ ଉତ୍ତର ମାଧ୍ୟମରେ ବିଷୟବସ୍ତୁର ଅନେକ ଦିଗ ଉପରେ ଆଲୋଚନା କରିଥିଲେ।

# ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବ କ୍ୟାରିୟର କାଉନସେଲିଂ

ବାଙ୍କୀ,୧୪।୩,(ସ୍ୱ.ପ୍ର.) :

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ କଟକ ସ୍ଥିତ ବାନିକ ଅନୁଷ୍ଠାନ ପକ୍ଷରୁ ଶେଷବର୍ଷ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ନେଇ ଏକ କ୍ୟାରିୟର୍ କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଏକ ଦକ୍ଷତା ପରୀକ୍ଷା କରାଯାଇଛି। କାର୍ଯ୍ୟକ୍ରମକୁ ଅଧକ୍ଷ କ୍ୟାପଟେନ ଭବାନୀ ପ୍ରସାଦ ହୋତା ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ସେମାନଙ୍କର କ୍ୟାରିୟର୍ ଗଢ଼ିବା ସହ ଚାକିରି କ୍ଷେତ୍ରରେ ପ୍ରବେଶ କରିପାରିବେ ବୋଲି ସେ କହିଥିଲେ। ଅଧାପକ ମୁକ୍ତିପଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବାନିକ ଅନୁଷ୍ଠାନର ଅଧାପକ ବ୍ରଜମୋହନ ସାହୁ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ଉପାଧକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ଡ. ଶ୍ରୀକାନ୍ତ ଦାଶ, ଡ. ଜାକେଶ ମହାପାତ୍ର ଓ ଅଧାପକ ତୁଷାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ଦକ୍ଷତା ବିକାଶ ପାଇଁ ପରୀକ୍ଷା ଦେଇଥିଲେ।





କ୍ୟାରିୟର କାଉନସେଲିଂରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ନ୍ୟାୟ ପାଇଁ ଥାନା ଆଗରେ ଶୋଇଲେ ପୀଡ଼ିତା

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ନିଶ୍ଚିନ୍ତକୋଇଲି,୧୪।୩(ସ୍ୱ.ପ୍ର.)

କଟକ ଜିଲା ନେମାଳ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ନେମାଳ ପୋଲିସ ମାମଲା (ନଂ. ୪୦/୨୩) ରୁଜୁ କରିଛି। ଅପରପକ୍ଷେ ନ୍ୟାୟ ପାଇଁ ସମ୍ପୃକ୍ତ ମହିଳା ଥାନା ଆଗରେ ଶୋଇ ରହିଛନ୍ତି। ଅଭିଯୋଗ ଅନୁଯାୟୀ, ପୀଡ଼ିତା ତାଙ୍କ ଝିଅକୁ ନେଇ ୮ ଦିନ ପୂର୍ବେ ଏହି ଥାନା ଅଞ୍ଚଳରେ ଥିବା ବାପ ଘରକୁ ଯାଇଥିଲେ। ମଙ୍ଗଳବାର ସକାଳେ ସେ ବାପଘର ବାଡ଼ିରୁ ଫୁଲ ତୋଳୁଥିବାବେଳେ ହଠାତ ଉକ୍ତ ଅଞ୍ଚଳର ବିଜୟ କୁମାର ଦାସ ସେଠାରେ ପହଞ୍ଚି ତାଙ୍କୁ ଅସଦାଚରଣ କରିଥିଲେ। ଏନେଇ ମହିଳା ପାଟି କରିବାରୁ ଅଭିଯୁକ୍ତ ସେଠାରୁ ଦୌଡି ପଳାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

# ଦିନିକିଆ ସ୍ୱାସ୍ଥ୍ୟ ସଚେତନତା ତାଲିମ

### ବସ୍ତିରେ ସ୍ୱାସ୍ଥ୍ୟ ରକ୍ଷା, ପରିମଳ ବ୍ୟବସ୍ଥା ଉପରେ ତାଲିମ

ଚୌଦ୍ୱାର,୧୪।୩(ଡି.ଏନ୍.ଏ.):

ଚୌଦ୍ୱାର ପୌରପାଳିକା ୧୦ ନମ୍ବର ୱାର୍ଡ ଯଯାତି କେଶରୀ କ୍ଲବରେ ଦିନିକିଆ ସ୍ୱାସ୍ଥ୍ୟ ସଚେତନତା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଯୋଜନାରେ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରପାଳିକାର ୯, ୧୦, ୧୧, ୧୨, ୧୭, ୧୮ ଓ ୧୯ ନମ୍ବର ୱାର୍ଡର ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ, ଏଏନ୍‌ଏମ୍, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାବୃନ୍ଦ ଯୋଗଦେଇ ସହରାଞ୍ଚଳରେ ଥିବା ବିଭିନ୍ନ ବସ୍ତିରେ ସ୍ୱାସ୍ଥ୍ୟରକ୍ଷା, ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଆଦି ଉପରେ ତାଲିମ ନେଇଥିଲେ। ପୌର ପରିଷଦ ଉପାଧକ୍ଷ ଶୁଭେନ୍ଦୁ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜୟ କୁମାର ମଲ୍ଲିକ, ସୁବ୍ରତ ସାମଲ, ଆଶୁତୋଷ ଦାସ, ବିଜୟ କୁମାର ସାହୁ ପ୍ରମୁଖ କାଉନ୍‌ସିଲର, ପୌର ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ରବି ନାରାୟଣ ମହାପାତ୍ର, ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ବିଭାଗୀୟ କର୍ମଚାରୀ ପ୍ରମୁଖ ସାହରାଞ୍ଚଳର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସମସ୍ୟା, ଚିକିତ୍ସା, ରୋଗ ନିରାକରଣ, ବସ୍ତି ଅଞ୍ଚଳରେ ପରିମଳ ବ୍ୟବସ୍ଥା, ସ୍ୱଚ୍ଛ ପାନୀୟ ଜଳ ବ୍ୟବହାର ଉପରେ ଶିବିରାର୍ଥୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ବିଜୟ କୁମାର ମହାନ୍ତି, ରଞ୍ଜନ ବାରିକ, ଶକ୍ତି ମହାନ୍ତି, ତନ୍ମୟ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ବ୍ୟବସାୟରେ ବଜାରୀକରଣକୁ ଗୁରୁତ୍ୱାରୋପ'

ଭୁବନେଶ୍ୱର,୧୪।୩

ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ର କଟକ କାର୍ଯ୍ୟାଳୟ ଏବଂ ଜାତୀୟ ମହିଳା ଉଦ୍ୟମିତା ପରିଷଦ (ଆଇଏନ୍‌ଡବ୍ଲୁଇସି)ର ମିଳିତ ସହଯୋଗରେ ମଙ୍ଗଳବାର ସ୍ଥାନୀୟ ଜୟଦେବ ବିହାରସ୍ଥିତ ପାଲ୍ ହାଇଟ୍ସଠାରେ ଏକ ଦିନିକିଆ ଜାତୀୟସ୍ତରୀୟ କର୍ମଶାଳା 'ମାର୍କେଟିଂ ଆଣ୍ଡ ବ୍ରାଣ୍ଡ ବିଲ୍ଡିଂ ଫର୍ ଏମ୍‌ଏସ୍‌ଏମ୍‌ଇ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗର ବିଭାଗୀୟ ସଚିବ ବି.ବି. ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ୟୁନିଟ୍ କଟକର ଯୁଗ୍ମ ନିର୍ଦ୍ଦେଶକ ପି.କେ. ଗୁପ୍ତା, ଆଇଏନ୍‌ଡବ୍ଲୁଇସି ଅଧକ୍ଷ ସୁକୀର୍ତ୍ତି ପଟ୍ଟନାୟକ, ଆଇସିସି ଓଡ଼ିଶାର ଅଧକ୍ଷ ଜେ.ବି. ପାଣି, ଆଇଆଇପି ମୁମ୍ବାଇର ଯୁଗ୍ମ ନିର୍ଦ୍ଦେଶକ ଡ. ବାବୁ ରାଓ ଗୁଡ୍‌ରୁ ଏବଂ ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓ ଯୁଗ୍ମ ନିର୍ଦ୍ଦେଶକ ଏସ୍.ଏନ୍.ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ କର୍ମଶାଳାର ପ୍ରାରମ୍ଭରେ ପି.କେ. ଗୁପ୍ତା ଅତିଥି ପରିଚୟ ସାଙ୍ଗକୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହି ପରିପ୍ରେକ୍ଷୀରେ ଅତିଥିମାନେ ବର୍ତ୍ତମାନର ବଜାର ବ୍ୟବସ୍ଥାକୁ ଲକ୍ଷ୍ୟ କରି ଉଭୟ ନୂତନ ବ୍ୟବସାୟୀ ଓ ଯୁବ ଉଦ୍ୟୋଗୀମାନେ ଉପଯୁକ୍ତ ବ୍ୟବସାୟକୁ ପ୍ରାଥମିକ ସ୍ତରରେ ସ୍ଥିର କରିବା ଆବଶ୍ୟକ। ଏପରିକି ନୂତନ ବ୍ୟବସାୟରେ ବଜାରୀକରଣକୁ ଗୁରୁତ୍ୱ ଦେବା ସହ ଅଭିଜ୍ଞ ଓ ବଜାର ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ି କାର୍ଯ୍ୟ କରିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରିଶେଷରେ ଏସ୍.ଏନ୍.ନାୟକ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ୨ୟ ଅଧିବେଶନରେ ବିଭିନ୍ନ ବ୍ୟବସାୟରେ ପ୍ରତିଷ୍ଠିତ ବ୍ୟବସାୟୀ ଓ ବିଶେଷଜ୍ଞଙ୍କ ମଧ୍ୟରେ ଉପରୋକ୍ତ ବିଷୟବସ୍ତୁକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା।





# ଖଳିମାଟି ଗାଁରେ ଦନ୍ତାହାତୀର ଉପଦ୍ରବ

### ପୂର୍ବରୁ ଗୋପାଳପୁର ଗ୍ରାମରେ କ୍ଷୟକ୍ଷତି କରିଥିଲା

ବଡ଼ମ୍ବା,୧୪।୩(ଡି.ଏନ୍.ଏ.)

ବଡ଼ମ୍ବାରେ ଜଙ୍ଗଲି ହାତୀଙ୍କ ଉପଦ୍ରବ ଦିନକୁ ଦିନ ବଢ଼ି ଚାଲିଛି। ଏନେଇ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ସନ୍ଧ୍ୟା ହେଲେ ଘରର ଡାଟି କବାଟ ପକାଇ ଦେଉଛନ୍ତି। ଏହି ଥାନା ଅନ୍ତର୍ଗତ ଖଳିମାଟି ଗ୍ରାମରେ ସୋମବାର ବିଳମ୍ବିତ ରାତ୍ରରେ ଏକ ଦନ୍ତା ହାତୀ ପଶି ବ୍ୟାପକ କ୍ଷୟକ୍ଷତି କରିଛି। ଗ୍ରାମର ଲୋକମାନେ ଗାଁରେ ହାତୀ ଦେଖି ଘରେ ଲୁଚି ଯାଇଥିଲେ। ଉକ୍ତ ହାତୀ ଗ୍ରାମର ପଞ୍ଚୁ ପ୍ରଧାନଙ୍କ ଘରର ଲୁହା କବାଟ କୁ ଭାଙ୍ଗି ଦେଇଥିବା ବେଳେ ଅନ୍ୟ ୨ରୁ ୩ ଜଣଙ୍କ ବାଡ଼ିରେ ପଶି ଅମଳ କରାଯାଇଥିବା ବିରି ଓ ମୁଗ ଖାଇଦେଇଛି। ଏଥିସହ ଅନେକ ଫସଲ ନଷ୍ଟ କରି ଦେଇଛି। ପରେ ଗ୍ରାମବାସୀ ହୋ ହଲ୍ଲା କରି ଉକ୍ତ ହାତୀଙ୍କୁ ଘଉଡାଇ ଦେବା ସହ ବନ ବିଭାଗରେ ଖବର ଦେଇଥିଲେ। ପ୍ରାୟ ୪ ଦିନ ତଳେ ବଡ଼ମ୍ବା ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମରେ ଏକ ଦନ୍ତା ହାତୀ ପଶି ବ୍ୟାପକ କ୍ଷୟ କ୍ଷତି କରିଥିଲା। ଏବେ ପୁଣି ହାତୀ ଉପଦ୍ରବ ଯୋଗୁ ଲୋକଙ୍କ ନିଦ ହଜିଯାଇଛି। ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ହାତୀ ଭାଙ୍ଗିଦେଇଥିବା ଲୁହା ଗ୍ରୀଲ୍।

## ସଂକ୍ଷେପରେ

### ମା’ ମଙ୍ଗଳାଙ୍କ ପ୍ରଥମ ପାଳି ଚୈତ୍ର ପର୍ବ ଆରମ୍ଭ

କାକଟପୁର,୧୪।୩(ଡି.ଏନ୍.ଏ.): କାକଟପୁରର ଅଧିଷ୍ଠାତ୍ରୀ ଦେବୀ ଚତୁର୍ଦ୍ଧାମୂର୍ତ୍ତିଙ୍କ ନବକଳେବରର ଆଜ୍ଞାଦାତ୍ରୀ ମା’ ମଙ୍ଗଳାଙ୍କ ଚୈତ୍ର ପର୍ବ ମଙ୍ଗଳବାରଠାରୁ ଆରମ୍ଭ ହୋଇ ପାଞ୍ଚପାଳି ପର୍ଯ୍ୟନ୍ତ ଚାଲିବ। ଏହାକୁ ମା’ଙ୍କର ପାଳିଯାତ୍ରା ବୋଲି କୁହାଯାଏ। ମହିଳାମାନେ ପରିବାରର ଶୁଭ ମନାସୀ ମା’ଙ୍କ ଉଦ୍ଦେଶ୍ୟରେ ଗୁଆ ବସାଇ ପନ୍ତେଇ ପୂଜା ଆରମ୍ଭ କରି ପଞ୍ଚମ ପାଳି ଶେଷ ମଙ୍ଗଳବା ଉଜାଇ ଥାଆନ୍ତି। ପ୍ରଥମ ପାଳିଯାତ୍ରା ପାଇଁ ସୋମବାର ରାତ୍ର ୨ଟାରେ ମା’ଙ୍କ ଦ୍ୱାର ଫିଟାଯାଇ ପାଳିଆ ପୂଜାପଣ୍ଡା ନୀତି ଆରମ୍ଭ କରନ୍ତି। ମଙ୍ଗଳବାର ସକାଳ ୫ଟାରେ ମା’ଙ୍କ ସକାଳ ଧୂପ, ୫ଟା୩୦ମିରେ ସାହାଣ ମେଲା ଓ ସର୍ବସାଧାରଣ ଦର୍ଶନ, ଦିବା ୨ଟାରେ ନେତବନ୍ଧା ଓ ବେଢ଼ା ପରିକ୍ରମା, ୩ଟାରୁ ୪ଟା ମଧରେ ମା’ଙ୍କ ଦ୍ୱିପ୍ରହର ଧୂପ, ୪ଟା ୩୦ରୁ ୫ଟା ମଧରେ ଭଣ୍ଡ ଧୂପ ଓ ପହୁଡ଼, ସନ୍ଧ୍ୟା ୬ଟା ୧୫ରେ ପହୁଡ଼ ଖୋଲା ଓ ସନ୍ଧ୍ୟା ଆଳତି, ରାତ୍ର ୯ଟାରେ ମହାସ୍ନାନ ଓ ବେଶ, ରାତ୍ର ୧୧ଟାରେ ରାତ୍ରଧୂପ, ୧୨ଟାରେ ବଡ଼ସିଂହାର ବେଶ, ୧୨ଟା ୩୦ରେ ଭ୍ରମଣୀ, ରାତ୍ର ୧ଟାରେ ମା’ଙ୍କ ପହୁଡ ଓ ଦ୍ୱାରବନ୍ଦ ନୀତି କାନ୍ତି କରାଯିବାର ପରମ୍ପରା ରହିଛି। ଏନେଇ ମନ୍ଦିର ଟ୍ରଷ୍ଟି ତଥା ତହସିଲଦାର ବିରଞ୍ଚି ନାରାୟଣ ବେହେରା ଓ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ ସୂଚନା ଦେଇଛନ୍ତି। ଅତ୍ୟଧିକ ଜନଗହଳି ଓ ରୌଦ୍ରତାପ ଯୋଗୁ ବାଙ୍ଗୁରୀ ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଆଶିଷ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ସ୍ୱାସ୍ଥ୍ୟ ଟିମ୍ ଅସୁସ୍ଥ ଭକ୍ତଙ୍କର ସେବା ଶୁଶ୍ରୂଷା କରିଥିଲେ। କାକଟପୁର ଥାନା ଆଇଆଇସି ପ୍ରିୟରଞ୍ଜନ ନାୟକ ଆଇନ ଶୃଙ୍ଖଳା ରକ୍ଷା ସହ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ।

### ଜାତୀୟ ପତାକାକୁ ଅସମ୍ମାନ

ବ୍ରହ୍ମଗିରି,୧୪।୩ (ଡି.ଏନ୍.ଏ.): କେନ୍ଦ୍ର ସରକାର ହର୍ ଘର୍ ତ୍ରିରଙ୍ଗାର ସ୍ଲୋଗାନ ଦେଇ ସାଧାରଣ ଲୋକଙ୍କ ମନରେ ଜାତୀୟତା ଭାବ ସୃଷ୍ଟି କରୁଛନ୍ତି। ହେଲେ ଏବେ ବି ଲୋକେ ଜାତି ପ୍ରୀତି ଓ ତ୍ରିରଙ୍ଗାର ମୂଲ୍ୟ ବୁଝିନାହାନ୍ତି। ଯାହାର ଏକ ଉଦାହରଣ ବ୍ରହ୍ମଗିରି ଅଞ୍ଚଳରେ ଦେଖିବାକୁ ମିଳିଛି। ବ୍ରହ୍ମଗିରିରେ ପଞ୍ଚୁପାଣ୍ଡବ ମେଳଣ ଏବେ ଚାଲିଛି। ଏହି ସମୟରେ ଥାନା ପାଖରେ ଥିବା ଏକ ଗାଡ଼ି ଷ୍ଟାଣ୍ଡରେ ବାଇକ୍ ଉପରେ ମଙ୍ଗଳବାର ଜାତୀୟ ପତାକା ଘୋଡା ଯାଇଥିବା ଦେଖିବାକୁ ମିଳିଛି। ତେବେ ତ୍ରିରଙ୍ଗାର ମୂଲ୍ୟ ନ ବୁଝି ଅସମ୍ମାନ କରିଥିବାରୁ ବୁଦ୍ଧିଜୀବୀ ଏହାକୁ ନିନ୍ଦା କରିଛନ୍ତି।

### ବସ୍‌ରୁ ବାହାରିଗଲା ୪ଚକ



କୋଣାର୍କ,୧୪।୩(ଡି.ଏନ୍.ଏ.): ପୁରୀରୁ କୋଣାର୍କ ଅଭିମୁଖେ ଆସୁଥିବା ଏକ ପର୍ଯ୍ୟଟନ ବସ୍ ମଙ୍ଗଳବାର କୋଣାର୍କ ଚନ୍ଦ୍ରଭାଗା ରାସ୍ତାର ହେଲିପ୍ୟାଡ଼ ନିକଟରେ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ବସ୍‌ରେ ଥିବା ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି। ସେହି ସ୍ଥାନରେ ବସ୍‌ର ପଛ ପଟୁ ୪ଟି ଚକ ସମ୍ପୂର୍ଣ୍ଣ ବାହାରିଯାଇଥିଲା। ସେହି ସମୟରେ ଚାଳକ ଉପସ୍ଥିତ ବୁଦ୍ଧି ଖଟାଇ ବସ୍‌କୁ ଆୟତ୍ତ କରିଥିଲେ। ଫଳରେ ପର୍ଯ୍ୟଟକ ଅଳ୍ପ ଆହତ ହୋଇଥିଲେ। ଏହି ବସ୍‌ଟି ଆନ୍ଧ୍ରରୁ ଆସିଥିବା ଜଣାପଡିଛି।

# ଗାଡ଼ି ଅଟକାଇଲେ କାର୍ଯ୍ୟାନୁଷ୍ଠାନ: ପୋଲିସ କମିଶନର

**ଆଜି ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ ଆନ୍ଦୋଳନ**

- ଦ୍ୱୈତନଗରୀ ପାଇଁ ୧୫ ପ୍ଲାଟୁନ୍ ଫୋର୍ସ
- ‘ଯାତାୟାତରେ ଅସୁବିଧା ହେଲେ ୧୧୨କୁ କଲ କର’

ଭୁବନେଶ୍ୱର,୧୪।୩(ବ୍ୟୁରୋ)

ଓଡ଼ିଶା ଡ୍ରାଇଭର ଏକତା ମଞ୍ଚ ପକ୍ଷରୁ ୬ଦଫା ଦାବି ନେଇ ବୁଧବାରଠାରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଡାକରା ଦିଆଯାଇଛି। କେବଳ ହଳଦିଆ ନମ୍ବର ବିଶିଷ୍ଟ ଗାଡ଼ିଗୁଡ଼ିକର ଚଳାଚଳକୁ ବନ୍ଦ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଅପରପକ୍ଷରେ ଏହି ଆନ୍ଦୋଳନକୁ କେତେକ ଡ୍ରାଇଭର ସଂଘ ସହଯୋଗ କରୁ ନାହାନ୍ତି। କଟକ ଓ ଭୁବନେଶ୍ୱରରେ ବହୁ ସଂଖ୍ୟାରେ ଲୋକମାନେ ଯାତ୍ରୀବାହି ଗାଡ଼ି ଅର୍ଥାତ ହଳଦିଆ ନମ୍ବର ବିଶିଷ୍ଟ ଗାଡ଼ିରେ ଯିବା ଆସିବା କରୁଥିବାରୁ ସେମାନେ ଅଧିକ ସମସ୍ୟାରେ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ଏଭଳିସ୍ଥିତିରେ ମଙ୍ଗଳବାର ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଖବରଦାତା ସମ୍ମିଳନୀରେ ଆନ୍ଦୋଳନକାରୀଙ୍କୁ ଚେତାବନୀ ଦେଇଛନ୍ତି। କଟକ-ଭୁବନେଶ୍ୱରରେ କୌଣସି ଗାଡ଼ିକୁ ଅଟକାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର କହିଛନ୍ତି। କମିଶନରଙ୍କ କହିବା ଅନୁଯାୟୀ, ବୁଧବାର ସର୍ବସାଧାରଣ ପରିବହନ ଚଳାଚଳ ସହ ଅଟୋ ଓ ଟାକ୍ସି ଆଦି ଚଳାଚଳ ସ୍ୱାଭାବିକ ରହିବ। ଯଦି ଏଥିରେ କେହି ବାଧା ଦିଅନ୍ତି କିମ୍ବା ଚେଷ୍ଟା କରନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମାଟ୍ରିକ ପରୀକ୍ଷା ଚାଲୁଥିବାରୁ ପରୀକ୍ଷାର୍ଥୀଙ୍କୁ କିଭଳି କେନ୍ଦ୍ରରେ ପହଞ୍ଚାଯିବ ସେନେଇ ସମସ୍ତ ବ୍ୟବସ୍ଥା କରାଯାଇଛି। ଆନ୍ଦୋଳନ ବେଳେ ଯାତାୟାତ କିମ୍ବା କୌଣସି ବ୍ୟକ୍ତିଙ୍କ କିଛି ସମସ୍ୟା ହୁଏ ସେମାନେ ୧୧୨କୁ କଲ୍ କଲେ ପୋଲିସ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ। ଜନସାଧାରଣଙ୍କୁ କୌଣସି ହଇରାଣ ନ କରିବାକୁ ଆନ୍ଦୋଳକାରୀଙ୍କୁ କମିଶନର ନିବେଦନ କରିଛନ୍ତି। ଆନ୍ଦୋଳନକୁ ଦୃଷ୍ଟିରେ ରଖି ୧୫ ପ୍ଲାଟୁନ ଫୋର୍ସ ସହ ୪୦ରୁ ୫୦ ଅଧିକାରୀଙ୍କୁ ମୁତୟନ ହେବେ। ପାଟ୍ରୋଲିଂ ସହ ପୋଲିସ ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି କମିଶନର କହିଛନ୍ତି।

# ୮ ଦୋକାନରେ ଚଢ଼ାଉ



ଏକ ଦୋକାନରେ ଚଢ଼ାଉ କରାଯାଉଛି।

**ବ୍ୟବସାୟୀଙ୍କ ବିରୋଧ**

ନିରାକାରପୁର,୧୪।୩(ଡି.ଏନ୍.ଏ.)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନିରାକାରପୁର ଅଞ୍ଚଳର ୮ ଦୋକାନ ଉପରେ ଜିଲା ଓ ବ୍ଲକ ସ୍ୱାସ୍ଥ୍ୟ ବିଭାଗ, ବ୍ଲକ ଅବକାରୀ ବିଭାଗ ଓ ସ୍ଥାନୀୟ ପୋଲିସର ମିଳିତ ଅନୁକୂଲ୍ୟରେ ଚଢ଼ାଉ କରାଯାଇଥଲା।ଦୋକାନୀଙ୍କଠାରୁ ପ୍ରାୟ ୧ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଅଦାୟ କରାଯାଇଛି। ମେଡିକାଲ, ସ୍କୁଲ ଓ କଲେଜ ନିକଟରେ ଗୁଟ୍‌ଖା ନ ବିକିବା ପାଇଁ ଆସିଥିବା ଅଧିକାରୀମାନେ ପରାମର୍ଶ ଦେଇଥିଲେ। ତେବେ ଏହାକୁ କେତେଜଣ କ୍ଷୁଦ୍ର ବବସାୟୀ ବିରୋଧ କରିବା ପରେ ଅଧିକାରୀମାନେ ଫେରିଯାଇଥିଲେ। ଏହି ଚଢ଼ାଉରେ ଜିଲା ଖାଦ୍ୟ ନିରୀକ୍ଷକ ସୁଶାନ୍ତ କୁମାର ସାହି, କୋଡିନେଟର ସ୍ୱର୍ଣ୍ଣଲତା ଦାସ, ବ୍ଲକ୍ ସେଫ୍ଟି ଅଧିକାରୀ ଦେବାଶିଷ ଭୋଇ, ଟାଙ୍ଗୀ ଅବକାରୀ କର୍ମଚାରୀ ଶିବ ବିଶ୍ୱାଳ ଓ ସ୍ଥାନୀୟ ଥାନା କର୍ମଚାରୀମାନେ ସାମିଲ ହୋଇଥିଲେ।

# ସରିଲା ବାଙ୍କୋଇ, ପିଚୁକୁଳି ପଞ୍ଚଦୋଳ ମେଳଣ



ମେଳଣରେ ଏକାଠି ହୋଇଥିବା ଦୋଳବିମାନ।

ବୋଲଗଡ଼,୧୪।୩(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକର ବାଙ୍କୋଇସ୍ଥିତ ଆରାଧ୍ୟ ଠାକୁର ତାରେଶ୍ୱର ଦେବ ଏବଂ ପିଚୁକୁଳିସ୍ଥିତ ନୀଳକଣ୍ଠେଶ୍ୱର ଦେବଙ୍କ ପଞ୍ଚଦୋଳ ମେଳଣ ପୃଥକ୍ ଭାବେ ଅନୁଷ୍ଠିତ ହୋଇଯାଇଛି। ବାଙ୍କୋଇଠାରେ ଅନୁଷ୍ଠିତ ମେଳଣରେ ପ୍ରଥମେ ତାରେଶ୍ୱର ଦେବ ପଟୁଆରରେ ପଡ଼ିଆରେ ପ୍ରବେଶ କରିଥିଲେ। ଏହାପରେ ଆମନ୍ତ୍ରିତ ଠାକୁରମାନେ ବିମାନରେ ପଡ଼ିଆରେ ପ୍ରବେଶ କରିବା ସହ ନିର୍ଦ୍ଦିଷ୍ଟ ପିଣ୍ଡିରେ ଅବସ୍ଥାନ କରିଥିଲେ। ମୋଟ୍ ୩୬ଟି ବିମାନରେ ଦେବାଦେବୀମାନେ ମେଳଣ ପଡ଼ିଆକୁ ଆସିଥିଲେ। ସୋମବାର ଓ ମଙ୍ଗଳବାର ଏଠାରେ ଦେବଦେବୀଙ୍କୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ଥାନୀୟ ୨୭ ମୌଜା ଅଞ୍ଚଳରୁ ଆମନ୍ତ୍ରିତ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ମେଳଣରେ ପ୍ରବଳ ଲୋକଙ୍କ ସମାଗମ ହୋଇଥିଲା। ମଙ୍ଗଳବାର ଅପରାହ୍ଣରେ ଦେବଦେବୀ ବିମାନରେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ସେହିପରି ପିଚୁକୁଳିଠାରେ ପଞ୍ଚଦୋଳ ମେଳଣ ଅନୁଷ୍ଠିତ ହୋଇଥିଲା। ନୀଳକଣ୍ଠେଶ୍ୱରଦେବ ପଟୁଆର ସହ ଦୋଳ ବିମାନରେ ପଞ୍ଚଦୋଳ ପଡିଆରେ ଥିବା ସ୍ୱତନ୍ତ୍ର ଅସ୍ଥାନରେ ବିଜେ କରିଥିଲେ। ପରେ ଆମନ୍ତ୍ରିତ ଠାକୁରମାନେ ବିମାନରେ ଆସି ମେଳଣ ପଡିଆରେ ଥିବା ଆସ୍ଥାନରେ ବିଜେ କରିଥିଲେ। ଆମନ୍ତ୍ରିତ ହୋଇଥିବା ଠାକୁରମାନେ ମୋଟ୍ ୨୦ଟି ବିମାନରେ ବିଜେ କରିଥିଲେ। ଠାକୁରମାନଙ୍କୁ ଦୋଳରେ ପୂଜାର୍ଚ୍ଚନା କରାଯିବା ସହ ଭୋଗ ଲାଗି କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ଠାକୁରଙ୍କୁ ବିମାନରେ ଦର୍ଶନ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଠାକୁରମାନେ ବିମାନରେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ।

# ମହିଳାଙ୍କୁ ସୁରକ୍ଷା ଦେବ ‘ଭାଇ’

**୧୫ଜଣ ପାଇଲେ ‘ମାନବ ବନ୍ଧୁ ସମ୍ମାନ’**

ଭୁବନେଶ୍ୱର,୧୪।୩(ବ୍ୟୁରୋ)

ଚପଳା ଫାଉଣ୍ଡେଶନ ପକ୍ଷରୁ ମଙ୍ଗଳବାର ‘ମାନବ ବନ୍ଧୁ ସମ୍ମାନ’ ପ୍ରଦାନ କାର୍ଯ୍ୟକ୍ରମ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣି, ସମ୍ମାନିତ ଅତିଥି ଭାବେ ଦୁର୍ଗା ସାମନ୍ତରାୟ, ସୁଧୀର କୁମାର ପଣ୍ଡା, ରଞ୍ଜିତା ମଲ୍ଲ, ରାଜଲକ୍ଷ୍ମୀ ସ୍ୱାଇଁ ଓ ରିୟାନା ଶୁକ୍ଲା ଯୋଗ ଦେଇଥିଲେ। ଫାଉଣ୍ଡେଶନ ଅଧକ୍ଷା ଚପଳା ଜେନା କହିଲେ, ଅନୁଷ୍ଠାନ ପକ୍ଷରୁ ମଧ୍ୟବିତ୍ତ ପରିବାରର ପିଲାଙ୍କ ପାଇଁ ‘ନେତାଜୀ ଛାତ୍ର ବୃତ୍ତି’ ପ୍ରଦାନ କରାଯାଉଛି। ସେହିପରି ‘ଭାଇ’ ପରି ଯୋଜନା ଆରମ୍ଭ କରାଯାଇଛି। ଅନେକ ମଧ୍ୟବିତ୍ତ ଶ୍ରେଣୀର ପିଲା ପାଠ ପଢ଼ାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ଅଭିଭାବକ ଅପମାନିତ ହେବା ସହ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅଙ୍ଗେ ନିଭାଇଥିବା ଅନୁଭୂତିକୁ ନେଇ କେତେଜଣ ଅଭିଭାବକ ଆଜି ଏପରି ଏକ ସେବାର ପରିକଳ୍ପନା କରିଛନ୍ତି । ବର୍ତ୍ତମାନ ଭୁବନେଶ୍ୱରର ୨୦ଜଣଙ୍କୁ ‘ନେତାଜୀ ଛାତ୍ର ବୃତ୍ତି’ ଦେବାକୁ ସ୍ଥିର ହୋଇଛି। ପରବର୍ତ୍ତୀ ସମୟରେ ସାରା ରାଜ୍ୟରେ ଏହି ବୃତ୍ତି ପ୍ରଦାନ କରାଯିବ। ସେହିଭଳି ‘ଭାଇ’ ଦ୍ୱାରା ମହିଳାମାନେ ବିଳମ୍ବିତ ରାତ୍ରିରେ ସୁରକ୍ଷିତ ଭାବେ ଗୋଟିଏ ସ୍ଥାନରୁ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିପାରିବେ। ରାତି ୧୧ଟାରୁ ସକାଳ ୫ଟା ମଧ୍ୟରେ ମହିଳାଙ୍କୁ ସୁରକ୍ଷା ଓ ସହାୟତା ଯୋଗାଇଦେବ ‘ଭାଇ’। ଏଥିପାଇଁ ଅନୁଷ୍ଠାନ ପକ୍ଷରୁ ହ୍ୱାଟ୍ସ ଆପ୍ ନଂ.୯୭୭୭୨୭୭୪୧୬ ଜାରି କରାଯାଇଛି। ୧୫ ତାରିଖରୁ ଏହି ସେବା ଉପଲବ୍ଧ ହେବ ବୋଲି ଫାଉଣ୍ଡେଶନ ଅଧକ୍ଷା କହିଛନ୍ତି। ଏହି ଅବସରରେ ବିଭିନ୍ନ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିବା ୧୫ ଜଣଙ୍କୁ ‘ମାନବ ବନ୍ଧୁ ସମ୍ମାନ’ ପ୍ରଦାନ କରାଯାଇଥିଲା। ଟ୍ରାନ୍ସଜେଣ୍ଡର ଉପରେ ଆଧାରିତ ଓଡ଼ିଆ ଚଳଚ୍ଚିତ୍ର ‘ଟି’ର ନିର୍ଦ୍ଦେଶକ ଜିତେଶ କୁମାର ପରିଡା ତଥା ଟିମ ଏବଂ ‘ମନସ୍କ’ ଚଳଚ୍ଚିତ୍ରର ନିର୍ଦ୍ଦେଶକ ମାନସ ସାହୁ ଓ ଟିମ ସହିତ ମିଡ଼ିଆ ପ୍ଲାନ୍‌ର ମୁଖ୍ୟ ପ୍ରଣୟ ଜେଠୀ ସମ୍ମାନିତ ହୋଇଥିଲେ। ଫାଉଣ୍ଡେଶନ ସଭ୍ୟ ଜ୍ୟୋତିରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଡାକ ସଚେତନତା କାର୍ଯ୍ୟକ୍ରମ

ଟାଙ୍ଗୀ(ଖୋର୍ଦ୍ଧା),୧୪।୩(ଡି.ଏନ୍.ଏ.)

ଭାରତୀୟ ଡାକ ବିଭାଗ, ଭୁବନେଶ୍ୱର ଡାକ ମଣ୍ଡଳ ଏବଂ ସୁନାଖଳା ଶାଖା ଡାକଘର ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ସୁନାଖଳାଠାରେ ଡାକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଡାକ ମଣ୍ଡଳର ବରିଷ୍ଠ ଡାକ ଅଧୀକ୍ଷକ ବସନ୍ତ ପଣ୍ଡା, ବକ୍ତାଭାବେ ବାଲୁଗାଁ ଡାକ ଉପମଣ୍ଡଳ ଡାକ ନିରୀକ୍ଷକ ପ୍ରକାଶ ଜେନା, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ପ୍ରବନ୍ଧକ ଶ୍ରୀମନ୍ତିକା ପ୍ରିୟଦର୍ଶିନୀ, ନାରୁଣୀ ସରପଞ୍ଚ ସ୍ୱପ୍ନାଞ୍ଜଳି ପଲେଇ, ସୁନାଖଳା ସରକାରୀ ଉପ୍ରା ସ୍କୁଲର ପ୍ରଧାନଶିକ୍ଷକ ଦାମୋଦର ନାୟକ, ଶିକ୍ଷାବିତ୍ ପ୍ରଦୋଷ ଦାସ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଡାକ ବୀମା, ସଞ୍ଚୟ ଯୋଜନା, ପରିବାର ସୁରକ୍ଷା ଯୋଜନା, ସୁକନ୍ୟା ଯୋଜନା ଆଦି ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ନାରୁଣୀ ଶାଖା ଡାକଘର ଡାକପାଳ ହୁସନାରା ବେଗମ୍ ସଭା ସଞ୍ଚାଳନ କରିଥିଲେ। ପ୍ରଶାନ୍ତ ପାଇକରାୟ, ଦୀପ୍ତି ରଞ୍ଜନ ପାଇକରାୟ, ସୌମିତ୍ରୀ ରାଉତରାୟ, ଖଗେଶ୍ୱର ବାରିକ, ଲକ୍ଷ୍ମୀକାନ୍ତ ଘଡ଼େଇ, ଦୁର୍ଗା ପ୍ରସାଦ ଜେନା, ନିମାଇଁ ଚରଣ ଦାସଙ୍କ ସମେତ ସ୍ଥାନୀୟ ବିଭିନ୍ନ ଶାଖା ଡାକଘର କର୍ମଚାରୀ କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସୁନାଖଳା, କହ୍ନେଇପୁର, ଜୀନଦେଇପୁର ଆଦି ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଆଶା ଓ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା, ବରିଷ୍ଠ ମହିଳାମାନେ ଯୋଗଦେଇଥିଲେ।

# ୨୦୪ ହିତାଧିକାରୀଙ୍କୁ ମିଳିଲା ଋଣ



କାର୍ଯ୍ୟକ୍ରମରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ।

ଖୋର୍ଦ୍ଧା ଅଫିସ,୧୪।୩

ଦିବ୍ୟାଙ୍ଗ ହିତାଧିକାରୀଙ୍କ ନିମନ୍ତେ ପୃଥକ୍ ସୁଧହାରରେ (ଡିଆର୍‌ଆଇ) ଋଣ ବଣ୍ଟନ ମେଳା ସ୍ଥାନୀୟ ଜୟୀ ରାଜଗୁରୁ ଭବନ (ଟାଉନ ହଲ୍) ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଏଲ୍‌ଡିଏମ୍ ଦିଲୀପ କୁମାର ଭୂୟାଁ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଉପସ୍ଥିତ ଥିଲେ। ଏହି ମେଳାରେ ଜିଲାର ସମସ୍ତ ବ୍ଲକ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର ୨୦୪ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଋଣ ବଣ୍ଟନ କରାଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟ ସଭା ପରିଚାଳନା କରିଥିଲେ। ସଭାରେ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧୀନରେ ଥିବା ସମସ୍ତ ବ୍ଲକ ସୁରକ୍ଷା ଅଧିକାରୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ।

# ମୁଢ଼ି ଖାଇବାକୁ ଡାକି ନାବାଳିକାଙ୍କୁ ବଳାତ୍କାର

**ଅଭିଯୁକ୍ତ ପଡ଼ୋଶୀ ଗିରଫ**

ଭୁବନେଶ୍ୱର,୧୪।୩(ବ୍ୟୁରୋ)

ମୁଢ଼ି ଖାଇବାକୁ ଡାକି ଜଣେ ୯ ବର୍ଷୀୟ ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଏଭଳି ଲଜ୍ଜାଜନକ ଖବର ସାମ୍ନାକୁ ଆସିବା ପରେ ରାଜଧାନୀରେ ଆଲୋଡ଼ନ ସୃଷ୍ଟି ହୋଇଛି। ଗତ ରବିବାର ଏହି ଘଟଣା ଘଟିଥିବାବେଳେ ପୋଲିସ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ପଡ଼ୋଶୀଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ଏକ ବସ୍ତିରେ ରହୁଥିବା କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳର ଯୁଧିଷ୍ଠିର ସୋରେନ୍ (୩୯)। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଯୁଧିଷ୍ଠିର ପୀଡ଼ିତାଙ୍କ ପଡ଼ୋଶୀ। କିଛିଦିନ ହେଲା ନାବାଳିକାଙ୍କ ବାପା ପୈତୃକ ଗାଁକୁ ଯାଇଥିବାବେଳେ ଘରେ ମା’ ଓ ଅନ୍ୟ ୩ ଭଉଣୀଙ୍କ ସହ ପୀଡିତା ଥିଲେ। ରବିବାର ସନ୍ଧ୍ୟାରେ ୪ ଭଉଣୀ ଘର ନିକଟରେ ଖେଳୁଥିଲେ। ସେଠାକୁ ଅଭିଯୁକ୍ତ ଯୁଧିଷ୍ଠିର ଆସି ୩ ସାନ ଭଉଣୀଙ୍କୁ ବିସ୍କୁଟ ଖାଇବାକୁ ଦେଇ ଘରକୁ ପଠାଇ ଦେଇଥିଲେ। ବଡ଼ ଭଉଣୀଙ୍କୁ ମୁଢ଼ି ଖାଇବାକୁ ଦେବା ଆଳରେ ତାଙ୍କୁ ଯୁଧିଷ୍ଠିର ଘରଠାରୁ ପ୍ରାୟ ଅଧା କିମି ଦୂର ଏକ ଶୂନ୍‌ଶାନ ସ୍ଥାନକୁ ନେଇ ଯାଇଥିଲେ। ସେଠାରେ ନାବାଳିକାଙ୍କୁ ଯୁଧିଷ୍ଠିର ବଳାତ୍କାର କରିଥିଲେ। ନାବାଳିକାଙ୍କ କାନ୍ଦ ଶୁଣିବା ପରେ ବସ୍ତିବାସିନ୍ଦା ସେଠାରେ ପହଞ୍ଚି ଯୁଧିଷ୍ଠିରଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ଏନେଇ ନାବାଳିକାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପୋକ୍‌ସୋ ଆକ୍ଟ ସହ ଆଇପିସି ଦଫା ୩୭୬ ଏ/ବିରେ ଏକ ମାମଲା (ନଂ.୧୧୬/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏଥିସହ ପୋଲିସ ନାବାଳିକାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରୀ ପରୀକ୍ଷା କରିବା ସହ ବୟାନ ରେକର୍ଡ କରିଥିଲା।

# ରଥକାଠ ସଂଗ୍ରହ ପାଇଁ ଡାଟାବେସ୍ ପ୍ରସ୍ତୁତ ହେବ

- ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ଆର୍‌ଡିସି
- ବନ ପ୍ରକଳ୍ପ ମ୍ୟାପିଙ୍ଗ୍ ପାଇଁ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ

ପୁରୀ ଅଫିସ, ୧୪।୩

ଆଗାମୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥକାଠ ଯୋଗାଣ ସମ୍ପର୍କିତ ବୈଠକ ମଙ୍ଗଳବାର ପୁରୀ ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ସୁରେଶ କୁମାର ଦଳାଇ ଅଧକ୍ଷତା କରିଥିଲେ। ବୈଠକ ପୂର୍ବରୁ ରାଜସ୍ୱ ଆୟୁକ୍ତ ଦଳାଇ ପୁରୀରେ ଚାଲିଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ କାର୍ଯ୍ୟର ସମୀକ୍ଷା କରିଥିଲେ। ପରେ ସର୍କିଟ୍ ହାଉସ ଆସି ରଥକାଠ ସମ୍ପର୍କରେ ଆଲୋଚନା କରିଥିଲେ।

ବୈଠକ ପରେ ଦଳାଇ ସୂଚନା ଦେଇ କହିଛନ୍ତି, ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଆବଶ୍ୟକ ହେଉଥିବା ରଥକାଠ କିପରି ମିଳିପାରିବ, ସୁରୁଖୁରୁରେ ରଥ ନିର୍ମାଣ ଓ ଘୋଷଯାତ୍ରା ହୋଇପାରିବ ସେ ନେଇ ଆଲୋଚନା ହୋଇଛି। ଚଳିତ ବର୍ଷ ଆବଶ୍ୟକତାଠାରୁ ଅଧିକ କାଠ ମହଜୁଦ୍ ରହିଛି। ପ୍ରତ୍ୟେକ ବର୍ଷ ଯେପରି କାଠ ମିଳିପାରିବ ସେଥିଲାଗି ଆର୍‌ସିସିଏଫ୍‌ଙ୍କ ପକ୍ଷରୁ ଡାଟାବେସ୍ ପ୍ରସ୍ତୁତ କରାଯିବ। ଧଉରା ଓ ଫାସି କାଠ କେଉଁ ଡିଏଫ୍‌ଓଙ୍କ ଅଧୀନରେ ରହିଛି, କେତେ ପରିମାଣର ରହିଛି, ସେହି ଗଛଗୁଡ଼ିକ କେତେ ବର୍ଷରେ କେତେ କାଠ ଦେଇପାରିବ ଏବଂ ତାହା କେତେ ବର୍ଷରେ ରଥ ନିର୍ମାଣ ଲାଗି ଯୋଗ୍ୟ ହୋଇପାରିବ ସେ ନେଇ ଡାଟାବେସ୍‌ରେ ତଥ୍ୟ ରଖାଯିବ। ଯେପରି ଆସନ୍ତା ୫୦ ବର୍ଷ ପର୍ଯ୍ୟନ୍ତ ରଥକାଠର ଆବଶ୍ୟକତା ପଡ଼ିବ ନାହିଁ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ରଥ ନିର୍ମାଣ ପାଇଁ ମୋଟ ୮୬୫ ଖଣ୍ଡ ବିଭିନ୍ନ ପ୍ରକାର କାଠ ଆବଶ୍ୟକ। ପୂର୍ବ ବର୍ଷର ୧୧୮ ଖଣ୍ଡ ବଳକା ଥିବାରୁ ଚଳିତବର୍ଷ ଅବଶିଷ୍ଟ ୭୪୭ ଖଣ୍ଡ କାଠ ଆବଶ୍ୟକ। ଏହି କାଠ ନୟାଗଡ଼, ବୌଦ୍ଧ, ଖୋର୍ଦ୍ଧା, ଘୁମୁସର, ରେଢାଖୋଲ ଇତ୍ୟାଦି ବନଖଣ୍ଡରୁ ଯୋଗାଣ ପାଇଁ ସମ୍ପୃକ୍ତ ଡିଏଫଓମାନଙ୍କୁ କୁହାଯାଇଛି। ରଥକାଠ ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ ବ୍ୟବସ୍ଥା ସହ ନିୟମିତ ଅନୁଧ୍ୟାନ କରାଯାଉଛି। ଡିଏଫ୍‌ଓମାନେ ସେମାନଙ୍କ ଅଞ୍ଚଳ ଅନୁଧ୍ୟାନ କରି ରଥକାଠ ସମ୍ପର୍କରେ ଡାଟାବେସ୍ ପ୍ରସ୍ତୁତ କରିବାକୁ ଆୟୁକ୍ତ ପରାମର୍ଶ ଦେଇଛନ୍ତି। ବୈଠକରେ ସଞ୍ଜିତ କୁମାର, ସମର୍ଥ ବର୍ମା, ପ୍ରଦୀପ ସାହୁ, କୈଳାସ ଚନ୍ଦ୍ର ନାୟକ, ଦିଲୀପ ମହାପାତ୍ର, ଭବତାରଣ ସାହୁ, ଅଜୟ ଜେନା, ରାମାସ୍ୱାମୀ, ପୂର୍ଣ୍ଣିମା ପାଣ୍ଡିଆନ, କ୍ଷମା ଷଡ଼ଙ୍ଗୀ, ସୁଦର୍ଶନ ବେହେରା ଉପସ୍ଥିତ ଥିଲେ।

# ଖଣ୍ଡାରେ କେକ୍ କାଟି ଜନ୍ମଦିନ ପାଳିଲେ

**କମିଶନରେଟ ପୋଲିସକୁ ଚ୍ୟାଲେଞ୍ଜ**

ଭୁବନେଶ୍ୱର,୧୪।୩(ବ୍ୟୁରୋ)

ରାଜଧାନୀରେ ଆଉଏକ ଗ୍ୟାଙ୍ଗ ମୁଣ୍ଡ ଟେକିଥିବା ଜଣାପଡ଼ିଛି। ୮ରୁ ଉର୍ଦ୍ଧ୍ୱ ଯୁବକ ଖଣ୍ଡାରେ କେକ୍ କାଟି ଜନ୍ମଦିନ ପାଳୁଥିବାର ଏକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେବାପରେ ଅଧିକ ଚର୍ଚ୍ଚା ସୃଷ୍ଟି ହୋଇଛି। ତେବେ ଏୟାରଫିଲ୍ଡ ଥାନା ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏପରି ଜନ୍ମଦିନ ପାଳନ କରାଯାଇଥିବାବେଳେ ତାହାର ଭିଡିଓ ସୋସିଆଲ ମିଡିଆରେ ଛାଡ଼ି ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ଉକ୍ତ ଗୋଷ୍ଠୀ। ତେବେ ଏହି ଭିଡିଓ କେଉଁଦିନର ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ୩ରୁ ୪ଦିନ ତଳର ବୋଲି କୁହାଯାଉଛି। ତେବେ ସମ୍ପୃକ୍ତ ଯୁବକମାନଙ୍କୁ ଚିହ୍ନଟ କରିବା କମିଶନରେଟ ପୋଲିସ୍ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏପରିକି ମାରଣାସ୍ତ୍ରରେ କେକ୍ କାଟୁଥିବା ଯୁବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସାଧାରଣରେ ଦାବି ହେଉଛି। ଏନେଇ ଏୟାରଫିଲ୍ଡ ଥାନାଧିକାରୀ ଅଶୋକ ନାୟକ କହିଛନ୍ତି, ଭିଡିଓ ସାମ୍ନାକୁ ଆସିବା ପରେ ଏହାର ସତ୍ୟତା ଓ ଆପରାଧିକ ଦିଗକୁ ଯାଞ୍ଚ କରାଯାଉଛି। ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ପୂର୍ବରୁ ମଧ୍ୟ ଭୁବନେଶ୍ୱରରେ ଏକାଧିକ ଗ୍ୟାଙ୍ଗ ଓ ଅସାମାଜିକ ଗୋଷ୍ଠୀ ରାସ୍ତାରେ ଖଣ୍ଡା ବୁଲାଇ ବନ୍ଧା ହୋଇଛନ୍ତି। ସେହିପରି ସର୍ବସାଧାରଣ ସ୍ଥାନରେ ଖଣ୍ଡାରେ କେକ୍ କାଟି ଆତଙ୍କ ସୃଷ୍ଟି କରିବା ସହ ଆପରାଧିକ ଉପସ୍ଥିତ ଜାହିର କରିବାକୁ ଚେଷ୍ଟା କରିଥିବା ନଜିର ରହିଛି।



ଖଣ୍ଡାରେ କେକ୍ କଟାଯାଉଛି।

**ସଂକ୍ଷେପରେ**

## ପାଇକାରୀ ମୁଦ୍ରାସ୍ଫୀତି ୩.୮୫%କୁ ହ୍ରାସ

**ନୂଆଦିଲ୍ଲୀ, ୧୪।୩ :** ପାଇକାରୀ ମୂଲ୍ୟ ସୂଚକାଙ୍କ (ଡବ୍ଲ୍ୟୁପିଆଇ) ମୁଦ୍ରାସ୍ଫୀତି ଫେବୃୟାରୀରେ ୩.୮୫ ପ୍ରତିଶତକୁ ହ୍ରାସ ପାଇଛି। ଜାନୁୟାରୀରେ ଏହା ୪.୭୩ ପ୍ରତିଶତ ଥିଲା। ଗତବର୍ଷ ଫେବୃୟାରୀରେ ଡବ୍ଲ୍ୟୁପିଆଇ ମୁଦ୍ରାସ୍ଫୀତି ୧୩.୪୩ ପ୍ରତିଶତ ରହିଥିବାବେଳେ ବର୍ଷକ ମଧ୍ୟରେ ଏହା ପାଖାପାଖି ୧୦ ପ୍ରତିଶତ ହ୍ରାସ ପାଇଛି। ତେବେ ଖାଦ୍ୟସାମଗ୍ରୀ ମୁଦ୍ରାସ୍ଫୀତି ଫେବୃୟାରୀରେ ୩.୮୧ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହାକି ଜାନୁୟାରୀରେ ୨.୩୮ ପ୍ରତିଶତ ରହିଥିଲା। ଫେବୃୟାରୀରେ ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ୍, ଖାଦ୍ୟ ଓ ଅଣଖାଦ୍ୟ ସାମଗ୍ରୀ ସମେତ ରାସାୟନିକ, ବୈଦ୍ୟୁତିକ ଓ ଅନ୍ୟାନ୍ୟ ସାମଗ୍ରୀ ଦର କମିଥିବାରୁ ମୁଦ୍ରାସ୍ଫୀତି ହ୍ରାସ ପାଇଥିବା ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଫେବୃୟାରୀରେ ଡାଲି ମୁଦ୍ରାସ୍ଫୀତି ୨.୫୯ ପ୍ରତିଶତ ରହିଥିବାବେଳେ ପନିପରିବା ମୁଦ୍ରାସ୍ଫୀତି ବିଯୁକ୍ତ ୨୧.୫୩% ଏବଂ ତୈଳବୀଜ ମୁଦ୍ରାସ୍ଫୀତି ବିଯୁକ୍ତ ୭.୩୮% ରହିଛି।

## ଆମେରିକୀୟ ଡ୍ରୋନ୍-ରୁଷୀୟ ଜେଟ୍ ଧକ୍କା

**ବ୍ରସେଲ୍ସ, ୧୪। ୩:** କୃଷ୍ଣ ସାଗର ଆକାଶରେ ରୁଷୀୟ ଜେଟ୍ ଓ ଆମେରିକୀୟ ଡ୍ରୋନ୍ ମଧ୍ୟରେ ମଙ୍ଗଳବାର ଧକ୍କା ହୋଇଥିବା ଆମେରିକା ମିଲିଟାରି ପକ୍ଷରୁ କୁହାଯାଇଛି। ସର୍ଭିଲାନ୍ସ ଡ୍ରୋନ୍ ରେଗୁଲାର ମିଶନ୍‌ରେ ଥିବା ସମୟରେ ଦୁଇଟି ରୁଷୀୟ ଜେଟ୍ ଏହାର ଗତିପଥରେ ବାଧା ସୃଷ୍ଟି କରିଥିଲା। ଫଳରେ ଡ୍ରୋନ୍ ଓ ଜେଟ୍ ମଧ୍ୟରେ ଧକ୍କା ହୋଇଥିବା ଆମେରିକାର ୟୁରୋପୀୟ କମାଣ୍ଡ ସୂଚନା ଦେଇଛନ୍ତି। ଏଥିରେ ଆମେରିକୀୟ ଡ୍ରୋନ୍‌ଟି ନଷ୍ଟ ହୋଇଯାଇଛି। ତେବେ ଘଟଣା ସମ୍ପର୍କରେ ରୁଷିଆ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

# ଚାଇନାକୁ ଚେକ୍ ଦେବ 'ଅକସ୍'

### ଆମେରିକା, ବ୍ରିଟେନ୍ ଓ ଅଷ୍ଟ୍ରେଲିଆ ପକ୍ଷରୁ ମିଳିତ ରଣନୀତି ଜାରି

ୱାଶିଂଟନ/ବେଜିଂ,୧୪।୩

ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଚାଇନାର କ୍ରମବର୍ଦ୍ଧିଷ୍ଣୁ ହସ୍ତକ୍ଷେପକୁ ଏଡ଼ାଇବା ପାଇଁ ମଙ୍ଗଳବାର ଆମେରିକା, ବ୍ରିଟେନ୍ ଓ ଅଷ୍ଟ୍ରେଲିଆର ତ୍ରିପାକ୍ଷିକ ସୁରକ୍ଷା ମେଣ୍ଟ 'ଅକସ୍'ପକ୍ଷରୁ ମିଳିତ ରଣନୀତି ଜାରି କରାଯାଇଛି। ଅକସ୍‌ର ମହତ୍ତ୍ୱାକାଂକ୍ଷୀ ଚୁକ୍ତିନାମା ଅନୁସାରେ ଅଷ୍ଟ୍ରେଲିଆ ପ୍ରଥମେ ଅନ୍ୟୂନ ୩ଟି ଆଣବିକ ଶକ୍ତିସମ୍ପନ୍ନ ବୁଡ଼ାଜାହାଜ ଆମେରିକାଠାରୁ ଗ୍ରହଣ କରିବ। ଆମେରିକାର କାଲିଫର୍ନିଆସ୍ଥିତ ସାନ୍ ଡିଏଗୋରେ ଅନୁଷ୍ଠିତ ଏକ ସମ୍ମିଳନୀ ପରେ ରାଷ୍ଟ୍ରପତି ଜୋ ବାଇଡେନ୍, ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ ଓ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଅଲ୍‌ବେନ୍ସ ଏହି ବହୁ ବିଲିୟନ୍ ଡଲାର ଡିଲ୍ ନେଇ ଘୋଷଣା କରିଛନ୍ତି।

ଅକସ୍ ରାଜିନାମା ଅନୁସାରେ ୨୦୩୦ ଦଶକର ଆଦ୍ୟଭାଗରେ ଆମେରିକା ୩ଟି ଭର୍ଜିନିଆ ଶ୍ରେଣୀର ସବ୍‌ମେରାଇନ୍ ଅଷ୍ଟ୍ରେଲିଆକୁ ବିକ୍ରି କରିବ। ଆବଶ୍ୟକ ହେଲେ ପରେ ଆଉ ୨ଟି ବୁଡ଼ାଜାହାଜ ବିକିବ। ଏହାଦ୍ୱାରା



ଆନ୍ଥୋନି ଅଲ୍‌ବେନ୍ସ | ଜୋ ବାଇଡେନ୍ | ଋଷି ସୁନକ୍

ଅଷ୍ଟ୍ରେଲିଆର ସାମୁଦ୍ରିକ ଶକ୍ତି ବୃଦ୍ଧି ପାଇବ ବୋଲି ରାଷ୍ଟ୍ରପତି ବାଇଡେନ୍ କହିଛନ୍ତି। ଏହାବାଦ୍ ଆମେରିକା ଆସନ୍ତା କିଛି ବର୍ଷ ମଧ୍ୟରେ ନିଜ ବୁଡ଼ାଜାହାଜ ନିର୍ମାଣ କ୍ଷମତା ବୃଦ୍ଧି ପାଇଁ ୪.୬ ବିଲିୟନ୍ ଡଲାର ଖର୍ଚ୍ଚ କରିବ। ଏପରି ବୁଡ଼ାଜାହାଜ ପାଇବା ପରେ ଅଷ୍ଟ୍ରେଲିଆ ବିଶ୍ୱର ସେହି ୭ ଦେଶର ତାଲିକାରେ ସାମିଲ ହୋଇଯିବ, ଯାହାଙ୍କ ପାଖରେ ଆଣବିକ ଶକ୍ତି

**ଅଷ୍ଟ୍ରେଲିଆକୁ ୩ ବୁଡ଼ାଜାହାଜ ଦେବ ଆମେରିକା**

ଚାଳିତ ବୁଡ଼ାଜାହାଜ ରହିଛି। ପୂର୍ବରୁ ଆମେରିକା, ବ୍ରିଟେନ୍, ଫ୍ରାନ୍ସ, ଚାଇନା, ଭାରତ ଓ ରୁଷିଆ ପାଖରେ ଏହି ଟେକ୍‌ନିକ ରହିଛି। ସମୁଦ୍ର ଭିତରେ ଏହାକୁ ଠାବ କରିବା କଠିନ। ଅତଳ ଗଭୀର ପାଣିରେ ଏହା ମାସ ମାସ ଧରି ରହିପାରିବ। ବହୁ ଦୂରରୁ ମିଶାଇଲକୁ ଲକ୍ଷ୍ୟଭେଦ କରିପାରିବ। ବିଗତ ୫୦ ବର୍ଷ ମଧ୍ୟରେ ଆମେରିକା ନିଜ ସବ୍-ମରିନ୍ ଟେକ୍ନୋଲୋଜି ବ୍ରିଟେନ ବ୍ୟତୀତ ଅନ୍ୟ କୌଣସି ରାଷ୍ଟ୍ରକୁ ଦେଇ ନାହିଁ। ତେଣୁ ଏହାକୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।

ଇଣ୍ଡୋ-ପାସିଫିକ୍ ରିଜିଅନ୍ ହେଉଛି ଭାରତ ମହାସାଗର, ପଶ୍ଚିମ ଓ କେନ୍ଦ୍ରୀୟ ପ୍ରଶାନ୍ତ ମହାସାଗର ଏବଂ ଦକ୍ଷିଣ ଚାଇନା ସାଗରକୁ ନେଇ ଏକ ଜୈବଭୌଗୋଳିକ କ୍ଷେତ୍ର। ଇଣ୍ଡୋ-ପାସିଫିକ୍‌ରେ ଚାଇନାର ସାମରିକ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଆମେରିକା, ଭାରତ ଓ ଅନ୍ୟ ଅନେକ ଶକ୍ତିଶାଳୀ ରାଷ୍ଟ୍ର ଏହି କ୍ଷେତ୍ରରେ ମୁକ୍ତ ଓ ଅବାଧ ବାଣିଜ୍ୟିକ କାରବାର ଉପରେ ଗୁରୁତ୍ୱ ଦେଇଆସୁଛନ୍ତି। ତେଣୁ ଇଣ୍ଡୋ-ପାସିଫିକ୍ ରିଜିଅନ୍‌କୁ 'ମୁକ୍ତ ଓ ଖୋଲା' ରଖିବା ପାଇଁ ମଧ୍ୟ ଏଥିରେ ସହମତି ପ୍ରକାଶ ପାଇଛି। ଏହି ସାମରିକ ମେଣ୍ଟ ଗଠନ ପଛର ଅସଲ ଉଦ୍ଦେଶ୍ୟ ହେଉଛି ସମ୍ପୃକ୍ତ ଅଞ୍ଚଳରେ ଶକ୍ତିଶାଳୀ ଚାଇନାର କ୍ରମବର୍ଦ୍ଧିଷ୍ଣୁ ବଳକୁ ଚେକ୍ ଦେବା। ଅନ୍ୟପକ୍ଷେ ଅକସ୍ ଏକ ଭୁଲ୍ ଓ ବିପଜ୍ଜନକ ଯାତ୍ରା ଆରମ୍ଭ କରିଛି ବୋଲି ବେଜିଂ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ୍ ୱେନ୍‌ବିନ୍ କହିଛନ୍ତି, ଆମେରିକା, ବ୍ରିଟେନ୍ ଓ ଅଷ୍ଟ୍ରେଲିଆ ନିଜ ଭୂରାଜନୈତିକ ସ୍ୱାର୍ଥ ପାଇଁ ଅନ୍ତର୍ଜାତୀୟ ସମୁଦାୟକୁ ସମ୍ପୂର୍ଣ୍ଣ ରୂପେ ଅସମ୍ମାନ କରିଛନ୍ତି। ଏହି ୩ ରାଷ୍ଟ୍ର ଏକ ଯୁଦ୍ଧ ପ୍ରତିଯୋଗିତାକୁ ଉସୁକାଉଛନ୍ତି। ଏହା ଏକ ଦୋମୁହାଁ ନୀତିର ଡିଲ୍।

## ସମଲିଙ୍ଗୀ ବିବାହକୁ ଆର୍‌ଏସ୍‌ଏସ୍‌ର ବିରୋଧ

ନୂଆଦିଲ୍ଲୀ, ୧୪।୩

ସମଲିଙ୍ଗୀ ବିବାହ ମାମଲାରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ସମର୍ଥନ ଜଣାଇଛି। ଦୁଇ ବିପରୀତଲିଙ୍ଗୀ ବ୍ୟକ୍ତିଙ୍କ ମଧ୍ୟରେ ବିବାହ ସମ୍ପନ୍ନ ହୋଇଥାଏ। ହିନ୍ଦୁ ସଂସ୍କୃତି ଓ ବିଚାରଧାରାରେ ବିବାହ ଅର୍ଥ କେବଳ ଉପଭୋଗ କରିବା ନୁହେଁ ବୋଲି ଆର୍‌ଏସ୍‌ଏସ୍ ସାଧାରଣ ସମ୍ପାଦକ ଦତ୍ତାତ୍ରେୟ ହୋସାବାଲେ କହିଛନ୍ତି। ପରିବାର ଓ ସମାଜର ମଙ୍ଗଳ ପାଇଁ ବିବାହ ଅନୁଷ୍ଠିତ ହୋଇଥାଏ। ଏହା ଶାରୀରିକ ଓ ଯୌନସମ୍ଭୋଗ ପାଇଁ ନୁହେଁ। ସମଲିଙ୍ଗୀ ବିବାଳ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ସହ ଆର୍‌ଏସ୍‌ଏସ୍ ସହମତ ବୋଲି ହୋସାବାଲେ କହିଛନ୍ତି। ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରି ସରକାର କହିଥିଲେ, ବିବାହ ଅର୍ଥ ଦୁଇ ବିପରୀତଲିଙ୍ଗୀ ବ୍ୟକ୍ତିଙ୍କ ମଧ୍ୟରେ ମିଳନ ଏବଂ ଏହି ସଂଜ୍ଞା ସ୍ୱୀକୃତି ପାଇଆସିଛି। ନ୍ୟାୟିକ ହସ୍ତକ୍ଷେପ ଦ୍ୱାରା ଏହାକୁ ପ୍ରଭାବିତ କରାଯିବା ଉଚିତ ନୁହେଁ। ପ୍ରକାଶ ଯେ, ଏହାର ଶୁଣାଣି ୫ ଜଣିଆ ସାମ୍ବିଧାନିକ ପୀଠରେ କରିବା ପାଇଁ ସୁପ୍ରିମକୋର୍ଟ ନିଷ୍ପତ୍ତି ନେଇଛନ୍ତି।

## କୃଷ୍ଣଙ୍କୁ ବିବାହ କଲେ ମହିଳା

କାନପୁର, ୧୪।୩

ଉତ୍ତରପ୍ରଦେଶର ଔରାୟା ଜିଲାରେ ଜଣେ ୩୦ ବର୍ଷୀୟ ମହିଳା ରବିବାର ଭଗବାନ କୃଷ୍ଣଙ୍କୁ ବିବାହ କରିଛନ୍ତି। ବାପା ଅବସରପ୍ରାପ୍ତ ଶିକ୍ଷକ ରଞ୍ଜିତ ସିଂ ସୋଲାଙ୍କି ଝିଅ ରକ୍ଷାଙ୍କ ଇଚ୍ଛା ପୂରଣ କରିବାକୁ ଯାଇ ବିବାହ ଉତ୍ସବର ଆୟୋଜନ କରିଥିଲେ। ଅତିଥିମାନଙ୍କୁ ଆମନ୍ତ୍ରଣ କରାଯିବା ସହ ଖାଦ୍ୟପେୟ, ବାଜା ରୋଶଣି ଆଦିର ବ୍ୟବସ୍ଥା କରାଯାଇଥିଲା। ଭଗବାନ କୃଷ୍ଣଙ୍କୁ



ନେଇ ବିବାହ ଶୋଭାଯାତ୍ରା ଝିଅ ଘରେ ପହଞ୍ଚିଥିଲା। ଡିଜେ ବଜାଇ ବରଯାତ୍ରୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ରାତିରେ ବିବାହ ସମ୍ପନ୍ନ ହେବା ପରେ ମହିଳା ଜଣକ କୃଷ୍ଣ ମୂର୍ତ୍ତିକୁ ଧରି ଘରକୁ ଫେରିଛନ୍ତି। ସୂଚନା ଅନୁଯାୟୀ ରକ୍ଷା ସ୍ନାତକୋତ୍ତର ଶିକ୍ଷା ଶେଷ କରିବା ପରେ ଏଲ୍‌ଏଲ୍‌ବି କରୁଛନ୍ତି। ସେ କୃଷ୍ଣ ଭକ୍ତ ହୋଇଥିବାରୁ ସବୁବେଳେ ଶ୍ରୀକୃଷ୍ଣଙ୍କ ସହ ରହିବା ପାଇଁ ତାଙ୍କୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଏନେଇ ସେ ଗତବର୍ଷ ଜୁଲାଇରେ ପରିବାରକୁ ଜଣାଇଥିଲେ।

## ମୋର କିଛି ହେଲେ କେନ୍ଦ୍ର ଦାୟୀ: ସତ୍ୟପାଲ

ନୂଆଦିଲ୍ଲୀ, ୧୪।୩

ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକଙ୍କ ଜେଡ୍-ପ୍ଲସ୍ ସୁରକ୍ଷା ପ୍ରତ୍ୟାହାର ହୋଇଯିବା ପରେ ସେ କେନ୍ଦ୍ରକୁ କଡ଼ା ସମାଲୋଚନା କରିଛନ୍ତି। ଯଦି ତାଙ୍କ ଉପରେ ଆକ୍ରମଣ ହୁଏ, ତେବେ କେନ୍ଦ୍ର ସରକାର ଏଥିପାଇଁ ଦାୟୀ ରହିବେ ବୋଲି ସତ୍ୟପାଲ କହିଛନ୍ତି। ୨୦୧୯ ଅଗଷ୍ଟରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ପ୍ରତ୍ୟାହାର କରିନେବା ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କଲାବେଳେ ସତ୍ୟପାଲ ରାଜ୍ୟପାଳ ଥିଲେ। ସୁରକ୍ଷା ବ୍ୟବସ୍ଥା ଫେରାଇ ନିଆଯିବ ବୋଲି



ସେ ପୋଲିସ ମୁଖ୍ୟାଳୟରୁ ଜାଣିବାକୁ ପାଇଥିଲେ। ଏବେ ତାଙ୍କୁ ଜଣେ ଏସ୍‌ପିଓ ମିଳିଥିବାବେଳେ ସେ ୩ ଦିନ ହେଲା ଆସିନାହାନ୍ତି। ତେଣୁ ଯେକେହି ତାଙ୍କୁ ଆକ୍ରମଣ କରିପାରନ୍ତି ବୋଲି ସତ୍ୟପାଲ କହିଛନ୍ତି। ଜମ୍ମୁ-କଶ୍ମୀରର ଅନ୍ୟ ପୂର୍ବତନ ରାଜ୍ୟପାଳଙ୍କୁ ଉତ୍ତମ ସୁରକ୍ଷା ବ୍ୟବସ୍ଥା ମିଳିଥିବାବେଳେ ତାଙ୍କୁ ଏଥିରୁ ବଞ୍ଚିତ କରାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ଅନେକ ଥର ସତ୍ୟପାଲ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। କୃଷି ଆଇନ ବିରୋଧରେ ଚାଲିଥିବା ଚାଷୀ ଆନ୍ଦୋଳନକୁ ସେ ସମର୍ଥନ ଜଣାଇଥିଲେ। ଜମ୍ମୁ-କଶ୍ମୀରର ଦୁଇଟି ଫାଇଲ୍‌କୁ ମଞ୍ଜୁରୀ ପ୍ରଦାନ କରିବା ପାଇଁ ତାଙ୍କୁ ୩୦୦ କୋଟି ଟଙ୍କା ଲାଞ୍ଚ ଯଚାଯାଇଥିଲା ବୋଲି ସତ୍ୟପାଲ ଅଭିଯୋଗ କରି ଚର୍ଚ୍ଚାକୁ ଆସିଥିଲେ।

**ଫୁର୍‌ସତ୍**

# ୯୦ ବର୍ଷୀୟ ପିନ୍ଧୁଛନ୍ତି ୯୫ ଲକ୍ଷର ସୁନା

**ବେଜିଂ:** ଆଜିକା ଯୁଗରେ ସୁନାର ମୂଲ୍ୟ ଆକାଶଛୁଆଁ। ଏଥିସହ ଚୋରି ମଧ୍ୟ ବଢ଼ିଗଲାଣି। ହେଲେ ଅପରି ଅନେକ ଲୋକ ଅଛନ୍ତି, ଯେଉଁମାନେ ସବୁବେଳେ ସୁନା ପିନ୍ଧିବାକୁ ଭଲ ପାଇଥା'ନ୍ତି। ଚାଇନାର ଜଣେ ୯୦ ବର୍ଷୀୟ ବୃଦ୍ଧଙ୍କ ଏପରି ସୁନାପିନ୍ଧା ସଉକ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ବୃଦ୍ଧ ଜଣକ ଝାଙ୍ଗଝୋଉ ସହରର ବାସିନ୍ଦା ହୋଇଥିବାବେଳେ ସେ ନିକଟରେ ଏକ ସୁନା ଦୋକାନରୁ ସୁନା କିଣୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏପରି ଭିଡିଓ ଦେଖିବା ପରେ ତାଙ୍କୁ ଅନେକେ ବିବାହ ପ୍ରସ୍ତାବ ମଧ୍ୟ ଦେଇଛନ୍ତି। ତେବେ ତାଙ୍କ ପାଖରେ ଏକ ସୁନା ବେଲ୍ଟ ମଧ୍ୟ ରହିଛି, ହେଲେ ପରିବାରର ବାରଣ ଯୋଗୁ ସେ



ତାକୁ ବାହାରକୁ ପିନ୍ଧି ଯାଇପାରୁନାହାନ୍ତି। ସେ ସର୍ବଦା ୮୦୦ ହଜାର ୟୁଆନ୍ ଅର୍ଥାତ୍ ଭାରତୀୟ ମୁଦ୍ରାରେ ୯୫ ଲକ୍ଷର ସୁନା ପିନ୍ଧି ବାହାରକୁ ଯାଇଥା'ନ୍ତି। ଭିଡିଓରେ ପିନ୍ଧିଥିବା ସୁନା ବ୍ରେସଲେଟ୍‌କୁ ଓଜନ କରି ତାହା ୨ କେଜିର ହେବ ବୋଲି କହିଛନ୍ତି। ଭାଇରାଲ ଭିଡିଓରେ ଅନେକ ୟୁଜର୍ସଙ୍କ ମଜାଳିଆ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଜଣେ ଲେଖିଛନ୍ତି, ମୋ ଜେଜେମା' ଏକାକୀ ଅଛନ୍ତି, ଆପଣ ତାଙ୍କୁ ବିବାହ କରିବେ କି? ଅନ୍ୟ ଜଣେ କହିଛନ୍ତି, ମୁଁ ଏହି ବ୍ୟକ୍ତିଙ୍କୁ ବିବାହ କରିବାକୁ ରାଜି ଅଛି। ସୂଚନାଯୋଗ୍ୟ, ଦେଶରେ ସୁନା କ୍ରୟ ମାମଲାରେ ଚାଇନା ୨୦୧୩ରୁ ପ୍ରଥମ ସ୍ଥାନରେ ରହିଛି। ବାର୍ଷିକ ଚାଇନାବାସୀ ୯୪୫ ଟନ୍ ସୁନା କ୍ରୟ କରିଥା'ନ୍ତି। ସେଠାରେ ବିଶେଷତଃ ବୃଦ୍ଧାବୃଦ୍ଧମାନେ ସୁନା କିଣିବାକୁ ଅଧିକ ଆଗ୍ରହ ପ୍ରକାଶ କରିଥା'ନ୍ତି। ସୁନା କିଣିବାକୁ ସେଠାରେ ଟଙ୍କା ସଞ୍ଚୟ ଏବଂ ପରମ୍ପରା ଭାବେ ଗ୍ରହଣ କରାଯାଏ।

## ଅଙ୍କିତାଙ୍କୁ ମିଳୁନି କାମ

**ମୁମ୍ବାଇ:** କଙ୍ଗନାଙ୍କ ଫିଲ୍ମ 'ମଣିକର୍ଣ୍ଣିକା' ଜରିଆରେ ଟେଲି ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ହେଲେ ଏହା ପରଠାରୁ ତାଙ୍କୁ ଆଉ କାମ ମିଳୁନି ଏବଂ ସେ କାହାକୁ କାମ ମାଗିବାକୁ ଚାହୁଁ ନ ଥିବା ଏକ ସାକ୍ଷାତକାରରେ କହିଛନ୍ତି। ଏହି ଫିଲ୍ମ ପରେ ଅଙ୍କିତା ବ୍ୟବସାୟୀ ଭିକି ଜୈନଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ହେଲେ ଏହା ପରେ ତାଙ୍କୁ କୌଣସି ବଡ଼ ପ୍ରୋଜେକ୍ଟ ମିଳି ନ ଥିବା ସେ କହିଛନ୍ତି। ସେ ଜାଣିଛନ୍ତି ସେ ପ୍ରତିଭାବାନ୍, ହେଲେ ଏହି ଇଣ୍ଡଷ୍ଟ୍ରିରେ ତାଙ୍କ ପାଇଁ କେହି ଗଡଫାଦର ନାହାନ୍ତି, ଯିଏ ତାଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରିବେ। ଏହି ଇଣ୍ଡଷ୍ଟ୍ରି ସମ୍ପୂର୍ଣ୍ଣ ଅଲଗା। କିଛି କଳାକାରଙ୍କ କହିବା କଥା ଯେ, ଅଙ୍କିତାଙ୍କୁ ଭଲ ରୋଲ ମିଳେନି। ହେଲେ ଅଙ୍କିତାଙ୍କୁ ଏପର୍ଯ୍ୟନ୍ତ ତାଙ୍କୁ ମନା କରିବା ପାଇଁ କୌଣସି କାମ ମଧ୍ୟ ମିଳିନାହିଁ। ଏଥିସହ ସେ ଅନ୍ୟମାନଙ୍କ ଭଳି କାମ ମାଗି ପାରିବେନି ବୋଲି କହିଛନ୍ତି। ତେବେ ଅଙ୍କିତା ଲୋକପ୍ରିୟ ଟିଭି ଧାରାବାହିକ 'ପବିତ୍ର ରିସ୍ତା'ରେ ଅର୍ଚ୍ଚନା ଭୂମିକା ପାଇଁ ଘରେ ଘରେ ବଡ଼ ନାଁ କରିଥିଲେ। ହେଲେ ଏହି ଧାରାବାହିକ ସରିବା ପରେ ତାଙ୍କୁ ଆଉ କାମ ମିଳିନାହିଁ।



## ସମସ୍ତ ସୂଚନା ପାଇବାକୁ ହକ୍‌ଦାର ଉପଭୋକ୍ତା

**ବିଶ୍ୱ ଖାଉଟି ଅଧିକାର ଦିବସ**



**ବି**ଶ୍ୱ ଉପଭୋକ୍ତା ଅଧିକାର ଦିବସ ପ୍ରତିବର୍ଷ ମାର୍ଚ୍ଚ ୧୫ ରେ ବିଶ୍ୱସ୍ତରରେ ପାଳନ କରାଯାଇଥାଏ। ଜଣେ ଗ୍ରାହକଙ୍କ ପାଖରେ ଥିବା ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବାକୁ ଏହି ଦିବସର ମୂଳ ଲକ୍ଷ୍ୟ। ଗ୍ରାହକ ଅଧିକାର ସୂଚିତ କରେ ଯେ ପ୍ରତ୍ୟେକ ଗ୍ରାହକ ଯିଏ ବିଭିନ୍ନ ଦ୍ରବ୍ୟ ଏବଂ ଉତ୍ପାଦ କିଣନ୍ତି, ଦ୍ରବ୍ୟ କିମ୍ବା ସେବାର ମୂଲ୍ୟ ଏବଂ ଗୁଣବତ୍ତା ସହିତ ଜଡିତ ସମସ୍ତ ସୂଚନା ପାଇବାକୁ ତାଙ୍କର ଅଧିକାର ଅଛି। କେବଳ ଏତିକି ନୁହେଁ, ଉତ୍ପାଦ ଏବଂ କମ୍ପାନୀଗୁଡିକ ବିରୁଦ୍ଧରେ ଯଦି ଯେ କୌଣସି ସମୟରେ ସେମାନେ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ଅଭିଯୋଗ ଦାଖଲ କରିବାର ଅଧିକାର ଅଛି। ଉପଭୋକ୍ତା ଅଧିକାରର ଅନ୍ୟାନ୍ୟ ଦିଗ ଅଛି ଯାହା ଉତ୍ପାଦର ଅଧିକାଂଶ କ୍ରେତା ସଚେତନ ନୁହଁନ୍ତି। ତେଣୁ ଏହିପରି ଭାବରେ, ଉପଭୋକ୍ତା ଅଧିକାର ଦିବସ ପାଳନ କରି ଲୋକଙ୍କୁ ସଚେତନ କରାଇବା ଏବଂ ସୁରକ୍ଷା ଅଧିକାର ତଥା ବଜାର ସ୍ଥାନରେ ନକଲି ବ୍ରାଣ୍ଡ ଏବଂ ଉତ୍ପାଦରୁ ସୁରକ୍ଷିତ ରହିବା ପାଇଁ ସେମାନଙ୍କୁ ସଚେତନ କରାଇବା ପାଇଁ ଏହି ଦିବସ ଉଦ୍ଦିଷ୍ଟ। ବିଶ୍ୱ ଉପଭୋକ୍ତା ଅଧିକାର ଦିବସର ବାର୍ଷିକ କାର୍ଯ୍ୟକ୍ରମ ଉପଭୋକ୍ତା ଇଣ୍ଟରନ୍ୟାଶନାଲ ଦ୍ୱାରା ପରିଚିତ ଏବଂ ପରିଚାଳିତ। ଏହା ୧୯୬୦ ମସିହାରେ ପ୍ରତିଷ୍ଠିତ ଏକ ଅନ୍ତର୍ଜାତୀୟ ଉପଭୋକ୍ତା ଫେଡେରେଶନ। ଗ୍ରାହକମାନଙ୍କ ପାଇଁ ଏକ ପ୍ରଭାବଶାଳୀ ସ୍ୱୟଂଶାସିତ ସ୍ୱର ଭାବରେ ଫେଡେରେଶନ ପରିଚିତି ହାସଲ କରିଥିଲା। ୧୯୮୩ ରେ ଏହି ଦିନଟି ପ୍ରଥମେ ପାଳନ କରାଯାଇଥିଲା। ଚଳିତ ୨୦୨୩ ବର୍ଷ ଏହାର ଥିମ ହେଉଛି 'କ୍ଲିନ ଏନର୍ଜି ଟ୍ରାଞ୍ଜିଶନ'(ସ୍ୱଚ୍ଛ ଶକ୍ତି ପରିବର୍ତ୍ତନ)। ବିଶ୍ୱ ଉପଭୋକ୍ତା ଅଧିକାର ଦିବସର ମହତ୍ତ୍ୱ ହେଉଛି ଏହି ଦିନଟି ହେଉଛି ଜଣେ ଗ୍ରାହକ କିମ୍ବା କ୍ରୟକାରୀମାନଙ୍କର ଅଧିକାରକୁ ସ୍ୱୀକୃତି ପ୍ରଦାନ କରିବା। ତେଣୁ ପ୍ରତ୍ୟେକ ଜଣେ ଗ୍ରାହକ ଭାବରେ ସେମାନଙ୍କର ଅଧିକାର ବିଷୟରେ ସମସ୍ତେ ସଚେତନ ହେବା ଜରୁରୀ। ଏହି ଅବସରରେ ବିଶ୍ୱସ୍ତରରେ ବିଭିନ୍ନ ଗ୍ରାହକ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ।

## ଶାଢ଼ି ପିନ୍ଧି ବୁଲେଟରେ ବୁଲିବେ ୪୦ ଦେଶ

**ଅନ୍ତର୍ଜାତୀୟ ମହିଳା ଦିବସରେ ରାମାବାଈଙ୍କ ଅଭିନବ ଅଭିଯାନ**



**ପୁଣେ:** ବିଶ୍ୱରେ ମହିଳା ସଶକ୍ତୀକରଣର ବାର୍ତ୍ତା, ଅନ୍ୟମାନଙ୍କଠାରୁ କିଛି ଭିନ୍ନ କରିବାର ପ୍ରୟାସ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ପୁଣେର ରାମାବାଈ ଲଟ୍‌ପଟେ ନାମ୍ନୀ ମହିଳା ଶାଢ଼ି ପିନ୍ଧି ଏକାକୀ ୪୦ ଦେଶର ୮୦ହଜାର କିଲୋମିଟର ବାଇକ୍ ଯାତ୍ରା ଆରମ୍ଭ କରିଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସରେ ସେ ମୁମ୍ବାଇ ଗେଟ୍ ୱେ ଅଫ୍ ଇଣ୍ଡିଆରୁ ଦିଲ୍ଲୀ ଅଭିମୁଖେ ଏହି ଯାତ୍ରା ଆରମ୍ଭ କରିଛନ୍ତି। ଦିଲ୍ଲୀରୁ ସେ ପ୍ରଥମେ ଅଷ୍ଟ୍ରେଲିଆ ଯିବେ। ତାଙ୍କର ଏହି ଯାତ୍ରା ସମୟରେ ସେ ମହାରାଷ୍ଟ୍ରର ନାଉରାଭି ଶାଢ଼ି ପିନ୍ଧିବେ। ଏହି ଯାତ୍ରାରେ ରାମାବାଈ ଜି୨୦ ରାଷ୍ଟ୍ର ସମୂହର ୧୨ ଏବଂ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଫ୍ରାନ୍ସ, ନ୍ୟୁୟର୍କ, ମରକୋ ଏବଂ ଦୁବାଇ ସମେତ ମୋଟ ୪୦ ଦେଶ ପରିଭ୍ରମଣ କରିବାର ଯୋଜନା ରଖିଛନ୍ତି। ରାମାବାଈ ଅଷ୍ଟ୍ରେଲିଆର ପର୍ଥ ଏବଂ ସିଡ୍‌ନୀ ମଧ୍ୟରେ ୧୬୦୦ କିଲୋମିଟର ଦୂରତାକୁ ଅତିକ୍ରମ କରିବେ, ଯେଉଁଠାରେ ଜନବସତି କିମ୍ବା ମୋବାଇଲ୍ ନେଟ୍‌ୱର୍କ ମଧ୍ୟ ନାହିଁ। ଯାତ୍ରା ସମୟରେ ପ୍ରତିବନ୍ଧକ ଆସିବ ଏବଂ ଯିବ, ତାକୁ ଖାତିର ନ କରି ନିଜ ଲକ୍ଷ୍ୟ ପୂରଣ କରିବାର ଦୃଢ଼ ଆତ୍ମବିଶ୍ୱାସ ତାଙ୍କଠାରେ ଅଛି ବୋଲି ରାମାବାଈ କହିଛନ୍ତି।



ବିଲିୟନେଆର ଗୌତମ ଅଦାନୀଙ୍କ ସାନ ପୁଅ ଜିତ୍ ଅହମଦାବାଦ୍‌ର ହୀରା ବ୍ୟବସାୟୀଙ୍କ ଝିଅ ଦିବ୍ୟା ଜେମିନ ଶାହଙ୍କୁ ବିବାହ କରିବେ। ରବିବାର ଦୁହିଁଙ୍କର ନିର୍ବନ୍ଧ ଶେଷ ହୋଇଛି। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଉଭୟ ପକ୍ଷଙ୍କ ପରିବାର ଲୋକ ଏବଂ ବନ୍ଧୁ ଯୋଗ ଦେଇଥିଲେ। ଜିତ୍ ବର୍ତ୍ତମାନ ଅଦାନୀ ଫାଇନାନ୍ସ ଗ୍ରୁପ୍‌ର ଉପସଭାପତି ଅଛନ୍ତି। ଜିତ୍ ସ୍କୁଲ୍ ଅଫ୍ ପେନ୍‌ସିଲଭାନିଆ, ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଆପ୍ଲାଏଡ୍ ସାଇନ୍ସରେ ପାଠ ପଢ଼ିଛନ୍ତି।

# ଭୋପାଳ ଗ୍ୟାସ୍ ଦୁର୍ଗତଙ୍କୁ ମିଳିବନି ବର୍ଦ୍ଧିତ କ୍ଷତିପୂରଣ

## କେନ୍ଦ୍ରର ଆବେଦନ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ, ୧୪।୩

ଭୋପାଳ ଗ୍ୟାସ୍ ଟ୍ରାଜେଡି ମାମଲାରେ ଦୁର୍ଗତମାନଙ୍କୁ ବର୍ଦ୍ଧିତ କ୍ଷତିପୂରଣ ପ୍ରଦାନ ଲାଗି କେନ୍ଦ୍ର ସରକାର ଦାଏର କରିଥିବା କ୍ୟୁରେଟିଭ୍ ପିଟିଶନ୍‌କୁ ସୁପ୍ରିମକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ଆମେରିକାର ୟୁନିୟନ କାର୍ବାଇଡ୍ କର୍ପୋରେଶନ (ୟୁସିସି)ଠାରୁ ୭,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତିପୂରଣ ଲାଗି କେନ୍ଦ୍ର ସରକାର ପିଟିଶନ ଜରିଆରେ ଦାବି କରିଥିଲେ। ଉକ୍ତ କମ୍ପାନୀ ଏବେ ଡୋ କେମିକାଲ୍ସ ମାଲିକାନାରେ ରହିଛି। ୧୯୮୪ ଡିସେମ୍ବର ୨ରେ ଭୋପାଳ ପ୍ଲାଣ୍ଟରୁ ବିଷାକ୍ତ ଗ୍ୟାସ୍ ଲିକ୍ ଯୋଗୁ ୩,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବାବେଳେ ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଥିଲେ ଓ ପରିବେଶ ଗୁରୁତର କ୍ଷତିଗ୍ରସ୍ତ ହୋଇଥିଲା। ଏହା ସବୁଠୁ ବଡ଼ ଶିଳ୍ପ ବିପର୍ଯ୍ୟୟ ଥିଲା।

କ୍ଷତିପୂରଣ ବଢ଼ାଇବା ପାଇଁ ମାମଲାର ପୁନର୍ବିଚାରକୁ ୫ ଜଣିଆ ସାମ୍ବିଧାନିକ ପୀଠ ଖାରଜ କରିଦେଇଛନ୍ତି। ଦୁଇ ଦଶନ୍ଧି ପରେ ପୁଣି ଥରେ ମାମଲାର ତଦନ୍ତ ଲାଗି କେନ୍ଦ୍ର ସରକାର କୌଣସି ବାସ୍ତବ କାରଣ ଦର୍ଶାଇ ନ ଥିବାରୁ ଜଷ୍ଟିସ୍ ସଞ୍ଜୟ କିଷନ କୌଲଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ ଅସନ୍ତୋଷ ବ୍ୟକ୍ତ କରିବା ସହ କ୍ୟୁରେଟିଭ୍ ପିଟିଶନକୁ ଶୁଣାଣି ପାଇଁ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି କହିଛନ୍ତି। ସାମ୍ବିଧାନିକ ପୀଠରେ ଜଷ୍ଟିସ୍ କୌଲଙ୍କ ବ୍ୟତୀତ ଜଷ୍ଟିସ୍ ସଞ୍ଜୟ ଖାନ୍ନା, ଅଭୟ ଏସ୍. ଓକା, ବିକ୍ରମ ନାଥ ଏବଂ ଜେ.କେ. ମହେଶ୍ୱର ରହିଛନ୍ତି।

ୟୁସିସି ପୈଠ କରିଥିବା ଅର୍ଥ ଗ୍ୟାସ ଦୁର୍ଗତମାନଙ୍କ ସମସ୍ତ ଦାବି ପୂରଣ କରିବାକୁ ଯଥେଷ୍ଟ ବୋଲି ପୂର୍ବରୁ କେନ୍ଦ୍ର ସରକାର କହିଥିଲେ। କ୍ଷତିପୂରଣ ରାଶିରୁ ଏବେ ବି ୫୦ କୋଟି ଟଙ୍କା ଅବ୍ୟବହୃତ ରହିଛି। ତେଣୁ କେନ୍ଦ୍ର ସରକାରଙ୍କ ଆବେଦନ ଶୁଣାଣିଯୋଗ୍ୟ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଗତ ଜାନୁୟାରୀ ୧୨ରେ ଅଦାଲତ କେନ୍ଦ୍ର ସରକାରଙ୍କ କ୍ୟୁରେଟିଭ୍ ଆବେଦନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଜାନୁୟାରୀ ୧୨ରେ ୟୁସିସିର ଉତ୍ତରାଧିକାରୀ କମ୍ପାନୀ ଅଦାଲତଙ୍କୁ ଜଣାଇଥିଲେ, କମ୍ପାନୀ ଏବଂ କେନ୍ଦ୍ର ସରକାର ୧୯୮୯ରେ ସମାଧାନରେ ପହଞ୍ଚିଥିଲେ। ସେବେଠାରୁ ବର୍ତ୍ତମାନ ମଧ୍ୟରେ ଟଙ୍କାର ମୂଲ୍ୟ ଯଥେଷ୍ଟ ହ୍ରାସ ପ୍ରାଇଛି। ଏହାକୁ କାରଣ ଭାବେ ଦର୍ଶାଇ ଗ୍ୟାସ ଦୁର୍ଗତଙ୍କ ଲାଗି କ୍ଷତିପୂରଣ ବଢ଼ାଇବାକୁ ଦାବି କରାଯାଇପାରିବ ନାହିଁ ବୋଲି କମ୍ପାନୀ କହିଥିଲା। ସୂଚନାଯୋଗ୍ୟ, ୧୯୮୯ର ସମାଧାନ ଅନୁଯାୟୀ ଆମେରିକୀୟ କମ୍ପାନୀ ୪୭୦ ନିୟୁତ ଡଲାର (୭୧୫ କୋଟି ଟଙ୍କା) ପୈଠ କରିଥିଲା। ଏବେ ୟୁସିସିର ଉତ୍ତରାଧିକାରୀ କମ୍ପାନୀଠାରୁ କେନ୍ଦ୍ର ସରକାର ଅଧିକ ୭,୮୪୪ କୋଟି ଟଙ୍କା ଦାବି କରିଥିଲେ।



## ଦୁର୍ଗତ ପୁଣି ପ୍ରତାରିତ

ଭୋପାଳ, ୧୪।୩

ଭୋପାଳ ଗ୍ୟାସ୍ ଦୁର୍ଗତଙ୍କୁ ଅଧିକ କ୍ଷତିପୂରଣ ଦେବା ଲାଗି କେନ୍ଦ୍ର ସରକାରଙ୍କ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେବା ପରେ ସେମାନେ ପୁନର୍ବାର ପ୍ରତାରିତ ହୋଇଥିବା କ୍ଷତିଗ୍ରସ୍ତମାନେ କହିଛନ୍ତି। ଦୁର୍ଗତମାନେ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି ବୋଲି ଗ୍ୟାସ୍ ଲିକ୍ ଘଟଣାରେ ପରିବାରର ୭ ଜଣଙ୍କୁ ହରାଇଥିବା ରଶିଦା ବାଈ ଅଭିଯୋଗ କରିବା ସହ ଅଦାଲତଙ୍କ ରାୟକୁ ଅନ୍ୟାୟ ବୋଲି କହିଛନ୍ତି। କୋର୍ଟରେ ୟୁନିୟନ କାର୍ବାଇଡ୍‌ର ଓକିଲଙ୍କ ଯୁକ୍ତି ଶୁଣିବା ଲାଗି ଅଦାଲତ ପର୍ଯ୍ୟାପ୍ତ ସମୟ ଦେଇଥିଲେ ମଧ୍ୟ ଦୁର୍ଗତ ସଂଗଠନର ଆଇନଜୀବୀଙ୍କ ଯୁକ୍ତି ମାତ୍ର ୪୫ ମିନିଟ ଶୁଣିଥିଲେ ବୋଲି ରଶିଦା ଅଭିଯୋଗ କରିଛନ୍ତି। ସେହିପରି ଶେହଜାଦି ନାମକ ଅନ୍ୟ ଜଣେ ପୀଡ଼ିତ କହିଛନ୍ତି, ୧୯୮୯ରେ ସେମାନଙ୍କ ପ୍ରତି ପ୍ରତାରଣା କରାଯାଇଥିବାବେଳେ ମଙ୍ଗଳବାରର ରାୟ ପୁନର୍ବାର ପ୍ରତାରିତ କରିଛି। ଗ୍ୟାସ୍ ଦୁର୍ଗତ ଏବେ ବି ମରୁଛନ୍ତି ଓ ଯନ୍ତ୍ରଣା ଭୋଗୁଛନ୍ତି। ସର୍ବୋଚ୍ଚ ଅଦାଲତ ଆବେଦନକୁ ଖାରଜ କରିଦେଲେ କିପରି ବୋଲି ଦୁର୍ଗତମାନଙ୍କ ଦାବି ପାଇଁ ଲଢୁଥିବା ସଂଗଠନର ସଭାପତି ବାଲ୍‌କ୍ରିଷ୍ଣ ନାମଦେଓ ପ୍ରଶ୍ନ କରିଛନ୍ତି।

## ଘଟଣାକ୍ରମ

**୧୯୮୪ ଡିସେମ୍ବର ୨ ରାତି:** ଭୋପାଳରେ ଥିବା ୟୁନିୟନ କାର୍ବାଇଡ୍ ପ୍ଲାଣ୍ଟରୁ ବିଷାକ୍ତ ମିଥାଇଲ୍ ଆଇସୋସିଆନେଟ୍ (ଏମ୍ଆଇସି) ଗ୍ୟାସ୍ ଲିକ୍ ହୋଇଥିଲା।
**ଡିସେମ୍ବର ୩:** ପୋଲିସ ମାମଲା ଦାଏର କରିବା ସହ ୟୁନିୟନ କାର୍ବାଇଡ୍ ଇଣ୍ଡିଆ ଲିଃ(ୟୁସିଆଇଏଲ୍)ର ୱାର୍କ୍ସ ମ୍ୟାନେଜର ଜୟ ମୁକୁନ୍ଦ, ଆସିଷ୍ଟାଣ୍ଟ ୱାର୍କ୍ସ ମ୍ୟାନେଜର ସତ୍ୟପ୍ରକାଶ ଚୌଧରୀ ପ୍ରମୁଖଙ୍କୁ ଗିରଫ କରିଥିଲା।
**ଡିସେମ୍ବର ୬:** ମାମଲା ସିବିଆଇକୁ ହସ୍ତାନ୍ତର।
**ଡିସେମ୍ବର ୭:** ୟୁନିୟନ କାର୍ବାଇଡ୍ କର୍ପୋରେଶନର ଅଧ୍ୟକ୍ଷ ୱାରେନ୍ ଏମ୍. ଆଣ୍ଡରସନ, ୟୁସିଆଇଏଲ୍ ଅଧ୍ୟକ୍ଷ କେଶୁବ ମହିନ୍ଦ୍ରା ଏବଂ ପରିଚାଳନା ନିର୍ଦ୍ଦେଶକ ବିଜୟ ପ୍ରଭାକର ଗୋଖଲେଙ୍କୁ ପୋଲିସ ଗିରଫ କରିଥିଲା।
**୧୯୮୫ ଫେବୃୟାରୀ:** କେନ୍ଦ୍ର ସରକାର ୟୁନିୟନ କାର୍ବାଇଡ୍‌ଠାରୁ ୩.୩ ବିଲିୟନ ଡଲାର କ୍ଷତିପୂରଣ ଦାବି କରି ଆମେରିକା କୋର୍ଟରେ ପିଟିଶନ ଦାଏର କରିଥିଲେ।
**ମାର୍ଚ୍ଚ ୨୯:** ଗ୍ୟାସ୍ ଦୁର୍ଗତମାନଙ୍କ ତରଫରୁ ପ୍ରତିନିଧିତ୍ୱ କରିବା ଲାଗି କେନ୍ଦ୍ରକୁ ଅଧିକାର ଦିଆଯାଇ ଭୋପାଳ ଗ୍ୟାସ୍ ଲିକ୍ ଡିଜାଷ୍ଟର (ପ୍ରୋସେସିଂ ଅଫ୍ କ୍ଲେମ୍) ଆକ୍ଟ, ୧୯୮୫ ଗୃହୀତ ହୋଇଥିଲା।
**୧୯୮୬ ମେ' ୧୨:** ଆମେରିକା ଡିଷ୍ଟ୍ରିକ୍ଟ କୋର୍ଟ ଜଜ୍ କିନାନ୍ ସମସ୍ତ ଭୋପାଳ ବିବାଦ ମାମଲାକୁ ଭାରତକୁ ହସ୍ତାନ୍ତର କରିଥିଲେ।
**୧୯୮୭ ନଭେମ୍ବର ୩୦:** ଭୋପାଳର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ସିଜେଏମ୍)ଙ୍କ କୋର୍ଟରେ ସିବିଆଇ ଚାର୍ଜଶିଟ୍ ଦାଖଲ କରିଥିଲା। ଏଥିରେ ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସିର ଧାରା ୩୦୪, ୩୨୬, ୩୨୪, ୪୨୯ ଏବଂ ୩୫ ଲାଗୁ ହୋଇଥିଲା।
**୧୯୮୭ ଡିସେମ୍ବର ୧:** ଆଣ୍ଡରସନ୍‌ଙ୍କୁ ଭୋପାଳ ସିଜେଏମ୍ ସମନ ଜାରି କରିଥିଲେ।
**୧୯୮୭ ଡିସେମ୍ବର ୧୭:** ଅନ୍ତରୀଣ କ୍ଷତିପୂରଣ ଭାବେ ୩୫୦ କୋଟି ଟଙ୍କା ପୈଠ କରିବାକୁ ଜିଲା କୋର୍ଟ ନିର୍ଦ୍ଦେଶ ଦେଇଥିଲେ।
**୧୯୮୮ ଏପ୍ରିଲ ୪:** ୟୁସିସି ଏହାକୁ ମଧ୍ୟପ୍ରଦେଶ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବା ପରେ ଅନ୍ତରୀଣ କ୍ଷତିପୂରଣ ରାଶି ୨୫୦ କୋଟି ଟଙ୍କାକୁ ହ୍ରାସ ପାଇଥିଲା।
**୧୯୮୯ ଫେବୃୟାରୀ ୧୪:** ମୋଟ ୪୭୦ ନିୟୁତ ଡଲାର କ୍ଷତିପୂରଣ ଦେବା ଲାଗି ସୁପ୍ରିମକୋର୍ଟ ୟୁସିସିକୁ ନିର୍ଦ୍ଦେଶ ଦେବା ସହ ସମସ୍ତ ସିଭିଲ୍ ଓ କ୍ରିମିନାଲ ପ୍ରୋସିଡିଂ ବନ୍ଦ କରିବାକୁ କହିଥିଲେ।
**୧୯୯୨:** ସରକାର ୪୭୦ ନିୟୁତ ଡଲାରରୁ କିଛି ଅର୍ଥ ଗ୍ୟାସ୍ ଦୁର୍ଗତଙ୍କ ମଧ୍ୟରେ ବାଣ୍ଟିଥିଲେ।
**୧୯୯୨ ଫେବୃୟାରୀ:** ଆଣ୍ଡରସନ୍‌ଙ୍କୁ କୋର୍ଟ ପଳାତକ ଘୋଷଣା କରିଥିଲେ।
**୨୦୧୦ ଡିସେମ୍ବର ୩:** ଗ୍ୟାସ୍ ଦୁର୍ଗତଙ୍କ କ୍ଷତିପୂରଣ ରାଶିକୁ ୭୫୦ କୋଟିରୁ ୭,୮୪୪ କୋଟିକୁ ବଢ଼ାଇବା ପାଇଁ କେନ୍ଦ୍ର ସରକାର କ୍ୟୁରେଟିଭ୍ ପିଟିଶନ ଦାଏର କରିଥିଲେ।
**୨୦୧୧ ଫେବୃୟାରୀ ୨୮:** କ୍ୟୁରେଟିଭ୍ ପିଟିଶନର ଦୈନନ୍ଦିନ ଶୁଣାଣି ପାଇଁ ସୁପ୍ରିମକୋର୍ଟ ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ କରିଥିଲେ।
**୨୦୨୩ ଜାନୁୟାରୀ ୧୨:** କ୍ୟୁରେଟିଭ୍ ପିଟିଶନର ଶୁଣାଣି ଶେଷ କରି ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଥିଲେ।
**ମାର୍ଚ୍ଚ ୧୪:** ଗ୍ୟାସ୍ ଦୁର୍ଗତଙ୍କ କ୍ଷତିପୂରଣ ବୃଦ୍ଧି ଲାଗି କେନ୍ଦ୍ରର ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି।

## ସଂକ୍ଷେପରେ

### ଶିଶୁକୁ ଝୁଣି ମାରିଲା କୁକୁର

**ହାଇଦ୍ରାବାଦ୍, ୧୪।୩:** ତେଲଙ୍ଗାନା ଖାମ୍ମାନ ଜିଲା ପୁଟାନି ଥାଣ୍ଡାରେ କୁକୁର କାମୁଡ଼ାରେ ୫ ବର୍ଷର ବାଳକ ବନୋଥ ଭାରଥର ମୃତ୍ୟୁ ଘଟିଛି। ବନୋଥ ଘର ବାହାରେ ଖେଳୁଥିବା ସମୟରେ ଗୋଟିଏ ବୁଲା କୁକୁର ତାକୁ ଝୁଣି କାମୁଡ଼ି ଦେଇଥିଲା। ଘରଲୋକେ ଆହତ ଅବସ୍ଥାରେ ବନୋଥଙ୍କୁ ନିକଟସ୍ଥ ଡାକ୍ତରଖାନା ନେଉଥିବାବେଳେ ରାସ୍ତାରେ ତା'ର ମୃତ୍ୟୁ ଘଟିଥିଲା। ଏଭଳି ଘଟଣା ବାରମ୍ବାର ଘଟିବାରେ ଲାଗିଛି। ଏହାକୁ ରୋକିବା ଲାଗି ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଥିବା ତେଲଙ୍ଗାନା ସ୍ୱତନ୍ତ୍ର ମୁଖ୍ୟ ସଚିବ ଅରବିନ୍ଦ କୁମାର ଅଫିସରମାନଙ୍କୁ ପରାମର୍ଶ ଦେଇଛନ୍ତି।

### ବୋର୍‌ୱେଲରେ ଫସିଛି ୭ ବର୍ଷର ବାଳକ

**ଭୋପାଳ, ୧୪।୩:** ମଧ୍ୟପ୍ରଦେଶ ବିଦିଶା ଜିଲା ଖେରଖେଦି ଗ୍ରାମରେ ମଙ୍ଗଳବାର ୭ ବର୍ଷର ବାଳକ ଏକ ବୋର୍‌ୱେଲ୍‌ରେ ଖସିପଡ଼ିଛି। ଲୋକେଶ ଏହରିୱାର ଖେଳୁଥିବା ସମୟରେ ବୋର୍‌ୱେଲ୍‌ରେ ଖସିପଡ଼ିଥିବା ଜଣାପଡ଼ିଛି। ଗ୍ରାମବାସୀଙ୍କଠାରୁ ଏହାର ସଚନା ପାଇ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି। ରେସ୍କ୍ୟୁ ଟିମ୍ ସାଙ୍ଗକୁ ଜେସିବି ମେଶିନ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛି। ଲୋକେଶଙ୍କ ସ୍ଥିତିର ଯାଞ୍ଚ ପାଇଁ ବୋର୍‌ୱେଲରେ ଏକ କ୍ୟାମେରା ଭର୍ତ୍ତି କରାଯାଇଛି। ରେସ୍କ୍ୟୁ ଅପରେଶନ୍ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ବିଦିଶା ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟରେ ଏଭଳି ଅନେକ ଘଟଣା ଘଟିବା ପରେ କିଛିଦିନ ପୂର୍ବେ ସରକାର ବୋର୍‌ୱେଲ୍ ଖୋଲା ନ ଛଡ଼ିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ।

### ଯୁଦ୍ଧ ହାରିଲେ ପଦଚ୍ୟୁତ ହେବେ ପୁଟିନ୍



ବୋରିସ୍ ବୋନ୍ଦାରେଭ ଭ୍ଲାଡିମିର ପୁଟିନ

**ମସ୍କୋ, ୧୪।୩:** ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ରୁଷିଆ ପରାଜିତ ହେଲେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ପଦଚ୍ୟୁତ ହେବାକୁ ପଡ଼ିବ ବୋଲି ପୂର୍ବତନ କୂଟନୀତିଜ୍ଞ ବୋରିସ୍ ବୋନ୍ଦାରେଭ ଏକ ସାକ୍ଷାତ୍‌କାରରେ ନିଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ରୁଷିଆ ପରାଜିତ ହେଲେ ପୁଟିନ୍‌ଙ୍କୁ ନିଜ ପଦରୁ ଓହରିବାକୁ ପଡ଼ିବ। ସେ ସୁପର ହିରୋ ନୁହଁନ୍ତି। ସେ ଜଣେ ଶାସକ। ଏ ପ୍ରକାର ପରିସ୍ଥିତିରେ ପୁଟିନ୍‌ଙ୍କ ପରି ଶାସକଙ୍କୁ ପଦଚ୍ୟୁତ କରାଯାଇଥିବା ଅନେକ ଦୃଷ୍ଟାନ୍ତ ରହିଛି। ଯୁଦ୍ଧ ହାରିଲେ ସେ ତାଙ୍କ ସମର୍ଥକଙ୍କ ଆବଶ୍ୟକତା ପୂରଣ କରିପାରିବାକୁ ଅସମର୍ଥ ହେବେ, ଯାହାଫଳରେ ତାଙ୍କୁ ରାଷ୍ଟ୍ରପତି ପଦରୁ ହଟିବାକୁ ପଡ଼ିବ ବୋଲି ବୋରିସ୍ ପ୍ରକାଶ କରିଛନ୍ତି। ଗତବର୍ଷ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରେ ବୋରିସ୍ ନିଜ ପଦରୁ ଇସ୍ତଫା ଦେଇଥିଲେ।

## ମହିଳା ଯାତ୍ରୀଙ୍କ ଉପରେ ପରିସ୍ରା କଲେ ଟିଟିଇ

ନୂଆଦିଲ୍ଲୀ, ୧୪।୩

### ଗିରଫ ପରେ ଚାକିରିରୁ ବହିଷ୍କୃତ



ମୁନ୍ନା କୁମାର

ଅମୃତସରରୁ କୋଲକାତା ଯାଉଥିବା ଅକଲ ତଖତ୍ ଏକ୍ସପ୍ରେସ୍‌ରେ ଟ୍ରେନ୍ ଟିକେଟ ପରୀକ୍ଷକ (ଟିଟିଇ) ମାତାଲ ଅବସ୍ଥାରେ ଜଣେ ମହିଳା ଯାତ୍ରୀଙ୍କ ମୁଣ୍ଡରେ ପରିସ୍ରା କରି ମଙ୍ଗଳବାର ଚାକିରିରୁ ବହିଷ୍କୃତ ହୋଇଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମୁନ୍ନା କୁମାର ନାମକ ଏହି ଟିଟିସିଙ୍କ ଘର ବିହାରରେ। ସେ ଡ୍ୟୁଟିରେ ନ ଥିଲେ। ପରିସ୍ରା କରିବା ଅଭିଯୋଗରେ ସୋମବାର ତାଙ୍କୁ ଲକ୍ଷ୍ନୌରୁ ଗିରଫ କରାଯାଇଥିଲା। ସୂଚନା ଅନୁଯାୟୀ ମହିଳା ଜଣକ ତାଙ୍କ ସ୍ୱାମୀ ରାଜେଶ କୁମାରଙ୍କ ସହ ଅକଲ ତଖତ ଏକ୍ସପ୍ରେସ୍‌ର ଏ୧ କୋଚ୍‌ରେ ଯାଉଥିଲେ। ମୁନ୍ନା ସେଦିନ ଛୁଟିରେ ଥିବାବେଳେ ଉକ୍ତ ଏକ୍ସପ୍ରେସ୍‌ରେ ଯାତ୍ରା କରୁଥିଲେ। ତାଙ୍କର ମହିଳାଙ୍କ ପ୍ରତି ଅସମ୍ମାନ ଗୁରୁତର ଅସଦାଚରଣ। ଏଭଳି ଆଚରଣ ସମ୍ପୂର୍ଣ୍ଣ ରେଳୱେର ମର୍ଯ୍ୟାଦା ହାନି କରିଥିବାରୁ ମୁନ୍ନାଙ୍କୁ ଚାକିରିରୁ ବହିଷ୍କାର କରାଗଲା ବୋଲି ନର୍ଦ୍ଦର୍ନ ରେଳୱେ ପକ୍ଷରୁ କୁହାଯାଇଛି।

## ୪ ବର୍ଷର ଝିଅକୁ ଯୌନ ନିର୍ଯାତନା ଦେଲେ ରୁଷୀୟ ସୈନ୍ୟ

କିଭ୍, ୧୪।୩

ୟୁକ୍ରେନ୍‌ରେ ରୁଷୀୟ ସୈନ୍ୟ ମହିଳା ଓ ଶିଶୁଙ୍କୁ ଯୌନ ନିର୍ଯାତନା ଦେଉଥିବା ଅଭିଯୋଗ ସାମ୍ନାକୁ ଆସିଛି। ରୁଷିଆର ୨ଜଣ ସେନା ଅଧିକାରୀ ୪ ବର୍ଷର ଝିଅକୁ ଯୌନ ନିର୍ଯାତନା ଦେବା ସହ ତାଙ୍କ ମା'ଙ୍କୁ ଗଣବଳାତ୍କାର କରିଥିବା ୟୁକ୍ରେନ୍ ଅଭିଯୋଗ କରିଛି। ନିଶାସକ୍ତ ଅବସ୍ଥାରେ ଦୁଇ ଅଧିକାରୀ ପ୍ରଥମେ ବାଡ଼ ଭାଙ୍ଗି ଘର ଭିତରେ ପ୍ରବେଶ କରିଥିଲେ। ନାବାଳିକାଙ୍କ ବାପାକୁ ମାଡ଼ ମାରି ଆହତ କରିବା ପରେ ତାଙ୍କ ମା'ଙ୍କୁ ଗଣବଳାତ୍କାର କରିଥିବା କୁହାଯାଉଛି। ଏଥିସହ ସେମାନେ ୪୧ ବର୍ଷୀୟ ଗର୍ଭବତୀ ମହିଳା ଏବଂ ୧୭ ବର୍ଷୀୟା ଝିଅଙ୍କୁ ମଧ୍ୟ ବଳାତ୍କାର କରିଥିବା କୁହାଯାଉଛି। ଏ ପ୍ରକାର ଅଭିଯୋଗ ବାରମ୍ବାର କରାଯାଉଥିଲେ ସୁଦ୍ଧା ରୁଷିଆ ସବୁବେଳେ ଏହାକୁ ଖଣ୍ଡନ କରିଆସୁଛି।

## କର୍ଣ୍ଣିସେନା ପ୍ରତିଷ୍ଠାତାଙ୍କ ପରଲୋକ

ଜୟପୁର, ୧୪।୩



ଲୋକେନ୍ଦ୍ର ସିଂ କଲ୍‌ଭି

ବରିଷ୍ଠ ରାଜନେତା ତଥା କର୍ଣ୍ଣିସେନା ପ୍ରତିଷ୍ଠାତା ଲୋକେନ୍ଦ୍ର ସିଂ କଲ୍‌ଭି (୬୭)ଙ୍କ ମଙ୍ଗଳବାର ଭୋର ସମୟରେ ପରଲୋକ ହୋଇଯାଇଛି। ଗତବର୍ଷ ବ୍ରେନ୍ ଷ୍ଟ୍ରୋକ୍ ହେବା ପରେ ତାଙ୍କୁ ଏକ ସ୍ଥାନୀୟ ହସ୍ପିଟାଲରେ ରଖି ଚିକିତ୍ସା କରାଯାଉଥିଲା। ତାଙ୍କ ବିୟୋଗ ସମ୍ପର୍କରେ ପୁଅ ପ୍ରତାପ କଲ୍‌ଭି ସୂଚନା ଦେଇଛନ୍ତି।
ଲୋକେନ୍ଦ୍ର ହେଉଛନ୍ତି ବର୍ଷୀୟାନ କଂଗ୍ରେସ ନେତା ତଥା ଚନ୍ଦ୍ରଶେଖର ସରକାରରେ ମନ୍ତ୍ରୀ ଥିବା କଲ୍ୟାଣ ସିଂ କଲ୍‌ଭିଙ୍କ ପୁଅ। ୨୦୦୩ରେ ଲୋକେନ୍ଦ୍ର 'ସାମାଜିକ ନ୍ୟାୟ ମଞ୍ଚ' ନାମରେ ରାଜନୈତିକ ଦଳ ଗଠନ କରି ନିର୍ବାଚନ ଲଢ଼ିଥିଲେ। କିନ୍ତୁ ସେ ହାରିଯାଇଥିଲେ। ରାଜସ୍ଥାନରେ ସ୍ଥାନୀୟ ପ୍ରସଙ୍ଗଗୁଡ଼ିକୁ ଉଠାଉଥିବା କର୍ଣ୍ଣିସେନା ସଞ୍ଜୟ ଲୀଲା ବଂଶାଲୀଙ୍କ 'ପଦ୍ମାବତ୍' ଫିଲ୍ମକୁ ବିରୋଧ କରି ଚର୍ଚ୍ଚାକୁ ଆସିଥିଲା। ୨୦୦୮ରେ ଏକତା କପୁରଙ୍କ 'ଯୋଧା ଆକବର' ସିରିଏଲ୍ ବିରୋଧରେ ମଧ୍ୟ କର୍ଣ୍ଣିସେନା ବିକ୍ଷୋଭ କରିଥିଲା। ଲୋକେନ୍ଦ୍ରଙ୍କ ପରଲୋକକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ସିନ୍ଧିଆ ଓ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ୍ ପାଇଲଟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

## ଗ୍ରହାଣୁରୁ ଶିଳା ଆଣିବାକୁ ଚାଇନାର ଯୋଜନା

ନୂଆଦିଲ୍ଲୀ, ୧୪।୩

ଟିଆନ୍‌ୱେନ୍-୧ ମିଶନର ସଫଳତା ପରେ ଚାଇନା ଏହି ସିରିଜ୍‌ର ଦ୍ୱିତୀୟ ମିଶନ ପାଇଁ ଏବେ ଯୋଜନା ପ୍ରସ୍ତୁତ କରିଛି। ଟିଆନ୍‌ୱେନ୍-୧ ମଙ୍ଗଳ ଅଭିମୁଖେ ଯାଇଥିବାବେଳେ ଟିଆନ୍‌ୱେନ୍-୨ ମିଶନ ଗ୍ରହାଣୁ ଓ ଧୂମକେତୁଗୁଡ଼ିକୁ ଟାର୍ଗେଟ କରିବ। ସେଠାରୁ ଶିଳା ଆଣିବା ଯୋଜନାକୁ ଚାଇନା ଜାତୀୟ ମହାକାଶ ପ୍ରଶାସନ (ସିଏନ୍‌ଏସ୍‌ଏ) ମଞ୍ଜୁରୀ ପ୍ରଦାନ କରିବା ପରେ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମେ ପୃଥିବୀ ନିକଟତର ଗ୍ରହାଣୁ ୨୦୧୬ ଏଚ୍‌ଓ୩କୁ ଚାଇନା ମହାକାଶ ଯାନ ପଠାଇ ସେଠାରୁ ଶିଳା ଓ ମୃତ୍ତିକା ନମୁନା ଆଣିବ। ଉକ୍ତ ନମୁନା ଉପରେ ଗଭୀର ଅନୁଶୀଳନ କରାଯିବ। ପରେ ଦୂରନ୍ତ ଗ୍ରହାଣୁ ଓ ଧୂମକେତୁକୁ ମିଶନରେ ସାମିଲ କରାଯିବ ବୋଲି ଚାଇନାର ଏକ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି।

# ସଂସଦରେ ଅଚଳାବସ୍ଥା ଜାରି

ନୂଆଦିଲ୍ଲୀ, ୧୪।୩

## ବ୍ରିଟେନରେ ରାହୁଲଙ୍କ ମନ୍ତବ୍ୟ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ବ୍ରିଟେନରେ ଦେଇଥିବା 'ଭାରତୀୟ ଗଣତନ୍ତ୍ର ଉପରେ ଆକ୍ରମଣ' ମନ୍ତବ୍ୟକୁ ନେଇ ମଙ୍ଗଳବାର ସଂସଦରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗରେ ରାହୁଲ କ୍ଷମା ମାଗନ୍ତୁ ବୋଲି ସରକାର ଦାବି କରୁଥିବାବେଳେ ବିରୋଧୀ ଦଳଗୁଡ଼ିକ ଏହାକୁ ବିରୋଧ କରିଛନ୍ତି। ଏହାକୁ ନେଇ ଲୋକ ସଭା ଓ ରାଜ୍ୟ ସଭାରେ ହଙ୍ଗାମା ହେବାରୁ ଉଭୟ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି।

ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନର ଦ୍ୱିତୀୟ ଦିନ ମଙ୍ଗଳବାର ଲୋକ ସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଭାଜପା ସଦସ୍ୟମାନେ ରାହୁଲଙ୍କ କ୍ଷମା ଦାବି କରିଥିଲେ। ରାହୁଲ ଲଣ୍ଡନ ଗସ୍ତ ବେଳେ ଭାରତୀୟ ଗଣତନ୍ତ୍ର ସଙ୍କଟରେ ଥିବାରୁ ଆମେରିକା ଓ ୟୁରୋପୀୟ ରାଷ୍ଟ୍ରଗୁଡ଼ିକୁ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିବା ଭାଜପା ସଦସ୍ୟମାନେ କହିଥିଲେ। ଏହାର ଜବାବରେ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଦେଶ ଗସ୍ତ ବେଳର ଭାଷଣ ଉପରେ ଆପତ୍ତି ଉଠାଇଥିଲା। ୨୦୧୫ ମେ'ରେ ମୋଦି ସିଓଲ ଯାଇଥିବାବେଳେ ସେଠାରେ କହିଥିଲେ, ଜଣାନାହିଁ, ପୂର୍ବଜନ୍ମରେ କି ପାପ କରିଥିଲି ଯେ ଭାରତରେ ଜନ୍ମ ନେଲି। ବିରୋଧୀ ସଦସ୍ୟମାନେ ଏପରି ଉଲ୍ଲେଖ ଥିବା ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗରେ ବିକ୍ଷୋଭ କରିଥିଲେ। ବାଚସ୍ପତି ଓମ୍ ବିର୍ଲା ଶୂନ୍ୟକାଳରେ ଗୃହର ମର୍ଯ୍ୟାଦା ବଜାୟ ରଖିବାକୁ ସେମାନଙ୍କୁ ଅନୁରୋଧ କରିଥିଲେ। ସେମାନେ ନ ଶୁଣିବାରୁ ଲୋକ ସଭାକୁ ପ୍ରଥମେ ଅପରାହ୍ନ ୨ଟା ଓ ପରେ ଦିନକ ପାଇଁ ମୁଲତବୀ କରିଥିଲେ। ରାଜ୍ୟ ସଭାରେ ଗୃହର ନେତା ପୀୟୂଷ ଗୋଏଲ ସରକାରଙ୍କ ଆଭିମୁଖ୍ୟ ଦୋହରାଇ ରାହୁଲଙ୍କଠାରୁ କ୍ଷମା ଦାବି କରିଥିଲେ। ରାହୁଲ ବିଦେଶ ଯାଇ ଭାରତର ଛବିକୁ ମଳିନ କରିବା ଏକ ଗମ୍ଭୀର ପ୍ରସଙ୍ଗ। ସେ ପାର୍ଲାମେଣ୍ଟରେ କ୍ଷମା ମାଗନ୍ତୁ ବୋଲି ଗୋଏଲ କହିଥିଲେ। ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନକର ବିରୋଧୀ ଦଳ ନେତା ତଥା କଂଗ୍ରେସ ଏମ୍‌ପି ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ଏନେଇ ଆଲୋଚନା କରିଥିଲେ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ସେ ଗୃହକୁ ବୁଧବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

# ସେମାନେ ମୋତେ ଜେଲରେ ହତ୍ୟା କରିବେ

ଲାହୋର/ଇସ୍‌ଲାମାବାଦ, ୧୪।୩

## ଇମ୍ରାନ୍‌ଙ୍କ ମୁଣ୍ଡରେ ଗିରଫଦାରି ଖଣ୍ଡା



ବହୁଚର୍ଚ୍ଚିତ ତୋଶାଖାନା ମାମଲାରେ ପାକିସ୍ତାନର ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ମୁଣ୍ଡ ଉପରେ ଗିରଫଦାରି ଖଣ୍ଡା ଝୁଲୁଛି। ପୋଲିସ ଇମ୍ରାନ୍‌ଙ୍କୁ ଗିରଫ କରିବା ପାଇଁ ମଙ୍ଗଳବାର ଲାହୋରସ୍ଥିତ ତାଙ୍କ ଜମାନ୍ ପାର୍କ ବାସଭବନରେ ପହଞ୍ଚିଥିଲା। ସେଠାରେ ଉପସ୍ଥିତ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ସମର୍ଥକମାନେ ଗିରଫଦାରିକୁ ବିରୋଧକରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ବେଳେ ପୋଲିସ ଓ ସମର୍ଥକଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ଦେଖିବାକୁ ମିଳିଥିଲା। ତେବେ ଇମ୍ରାନ୍ ଇସ୍‌ଲାମାବାଦ୍ ହାଇକୋର୍ଟରୁ ସୁରକ୍ଷାତ୍ମକ ଜାମିନ ହାସଲ କରିଥିବାରୁ ପୋଲିସ ତାଙ୍କୁ ଗିରଫ କରିପାରି ନାହିଁ।

ପିଟିଆଇ ମୁଖ୍ୟ ଇମ୍ରାନ୍ ଖାନ୍ ପ୍ରଧାନମନ୍ତ୍ରୀ ଥିବାବେଳେ ପାଇଥିବା ଏକ ଦାମୀ ଗ୍ରାଫ୍ ହାତଘଣ୍ଟା ସମେତ କେତେକ ଉପହାରକୁ ସରକାରୀ ଭଣ୍ଡାର (ତୋଶାଖାନା)ରୁ ରିହାତି ମୂଲ୍ୟରେ କିଣିଥିଲେ। ପରେ ସେ ଏହାକୁ ଅଧିକ ମୂଲ୍ୟରେ ବିକ୍ରି କରିଦେଇଥିବା ଅଭିଯୋଗ ରହିଛି। ଅତିରିକ୍ତ ଜିଲା ଜଜ୍ ଜାଫର ଇକ୍‌ବାଲ୍‌ଙ୍କ କୋର୍ଟ ସୋମବାର ତୋଶାଖାନା ମାମଲାର ଶୁଣାଣି କରି ଇମ୍ରାନ୍‌ଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ। ଏଥିସହ ତାଙ୍କୁ ମାର୍ଚ୍ଚ ୧୮ ସୁଦ୍ଧା କୋର୍ଟରେ ହାଜର କରାଇବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଇସ୍‌ଲାମାବାଦ୍ ଡିଆଇଜି (ଅପରେଶନ୍ସ) ଶେହଜାଦ ବୁଖାରିଙ୍କ ନେତୃତ୍ୱରେ ପୋଲିସ ଇମ୍ରାନ୍‌ଙ୍କ ଜମାନ୍ ପାର୍କ ବାସଭବନରେ ପହଞ୍ଚିଥିଲା। ସଶସ୍ତ୍ର ପୋଲିସ ଟିମ୍ ଏବଂ ପିଟିଆଇ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଇମ୍ରାନ୍‌ଙ୍କ ସମର୍ଥକମାନେ ପୋଲିସକୁ ଠେଲାମାଡ଼ କରିଥିଲେ। ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରୁଥିବାବେଳର ଭିଡିଓକୁ ପିଟିଆଇ ନେତା ଶିରିନ୍ ମଜାରି ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଦଳର ଉପନେତା ଶାହ ମେହମୁଦ କୁରେଶି କହିଛନ୍ତି, ପିଟିଆଇ ନେତା ରକ୍ତାକ୍ତ ସଂଘର୍ଷକୁ ଏଡ଼ାଇବା ପାଇଁ ଏକ ସମ୍ଭାବ୍ୟ ପନ୍ଥା ବାହାର କରିବାକୁ ପ୍ରସ୍ତୁତ। ସେହିପରି ଦଳୀୟ ନେତାମାନେ ଗିରଫ ପରୱାନାକୁ ଚ୍ୟାଲେଞ୍ଜ କରି ଇସ୍‌ଲାମାବାଦ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ପୂର୍ବତନ ମନ୍ତ୍ରୀ ଫୱାଦ୍ ଚୌଧରୀ ସୂଚନା ଦେଇଛନ୍ତି। ଇତିମଧ୍ୟରେ ୭୦ ବର୍ଷୀୟ ଇମ୍ରାନ୍ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକ ଭିଡିଓ ମେସେଜ୍ ଜାରି କରିଛନ୍ତି। ଏଥିରେ ସେ କହିଛନ୍ତି, ପୋଲିସ ମୋତେ ଗିରଫ କରିବାକୁ ଆସିଛି। ମୁଁ ଗିରଫ ହେଲେ ପାକିସ୍ତାନ ଶୋଇପଡ଼ିବ ବୋଲି ସେମାନେ ଭାବୁଛନ୍ତି। ମୋର ଯଦି କିଛି ହୋଇଯାଏ, ମୋତେ ଯଦି ହତ୍ୟା କରାଯାଏ ତେବେ ଏହି ଦେଶ ଲଢ଼େଇ ଜାରି ରଖିବ ବୋଲି ଆପଣମାନଙ୍କୁ ପ୍ରମାଣିତ କରିବାକୁ ପଡ଼ିବ।

## ତୋଶାଖାନା ରେକର୍ଡ ପ୍ରକାଶିତ

ପାକିସ୍ତାନ ସରକାର ୨୦୦୨ରୁ ୨୦୨୨ ମଧ୍ୟରେ ହୋଇଥିବା ତୋଶାଖାନା ଗିଫ୍ଟ ସମ୍ପର୍କିତ ରେକର୍ଡକୁ ପ୍ରଥମ ଥର ପାଇଁ ସାର୍ବଜନୀନ କରିଛନ୍ତି। ୪୪୬ ପୃଷ୍ଠା ସମ୍ବଳିତ ଏହି ଗିଫ୍ଟ ରେକର୍ଡରେ ଦେଶର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀମାନେ ଗ୍ରହଣ କରିଥିବା ଉପହାର ବିବରଣୀ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଗ୍ରହୀତାଙ୍କ ମଧ୍ୟରେ ନୱାଜ ଶରିଫ, ଇମ୍ରାନ୍ ଖାନ୍, ଆସିଫ ଅଲି ଜର୍ଦ୍ଦାରି, ଶାହିଦ୍ ଖାକନ ଅବ୍ବାସି ଏବଂ ଜେନେରାଲ (ଅବସରପ୍ରାପ୍ତ) ପରଭେଜ୍ ମୁଶାରଫ୍‌ଙ୍କ ନାମ ରହିଛି। ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଜଣେ ମାତ୍ର ଶାସକ, ଯିଏକି ତୋଶାଖାନାରୁ କୌଣସି ଦାମୀ ଉପହାର ନେଇନାହାନ୍ତି। ଇମ୍ରାନ୍ ୨୦୧୮ ଅକ୍ଟୋବରରେ ୩.୮ ନିୟୁତ ପାକିସ୍ତାନୀ ରୁପି (ପିକେଆର୍) ମୂଲ୍ୟର ୫ଟି ହାତଘଣ୍ଟାକୁ ମାତ୍ର ୨୫୦,୦୦୦ ରୁପି ପଇଠ କରି ନେଇଛନ୍ତି। ସେହିପରି ୧.୫ ନିୟୁତ ପିକେଆର୍ ମୂଲ୍ୟର ରେଲେକ୍ସକୁ ୨୯୪,୦୦୦ ପିକେଆର୍‌ରେ ନେଇଥିଲେ। ୨୦୧୯ରେ ସେ ୧.୯ ନିୟୁତ ପିକେଆର୍‌ର ଏକ ଘଣ୍ଟାକୁ ୯୩୫,୦୦୦ ଦେଇ ନେଇଥିଲେ। ୨୦୨୦ରେ ଅନ୍ୟ ଏକ ରୋଲେକ୍ସକୁ ୨.୪ ନିୟୁତ ପିକେଆର୍‌ରେ ନେଇଥିଲେ, ଯାହାର ପ୍ରକୃତ ମୂଲ୍ୟ ୪.୪ ପିକେଆର୍।



ଇମ୍ରାନ୍ ଖାନ୍‌ଙ୍କ ବାସଭବନ ନିକଟରେ ପିଟିଆଇ ସମର୍ଥକଙ୍କ ବିକ୍ଷୋଭ।

**ଖସିଲା ଶେୟାର ବଜାର**

**ନୂଆଦିଲ୍ଲୀ:** କ୍ରମାଗତ ୪ର୍ଥ ଦିନ ଲାଗି ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୩୮(୩୩୭.୬୬) ପଏଣ୍ଟ ହ୍ରାସ ଘଟି ୫୭,୯୦୦(୫୭,୯୦୦.୧୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୧୧(୧୧୧.୦୦) ପଏଣ୍ଟ ଖସି ୧୭,୦୪୩ (୧୭,୦୪୩.୩୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ୩ ଦିନରେ ୪୬୫ ବିଲିୟନ ଡଲାର ହ୍ରାସ

ନୂଆଦିଲ୍ଲୀ,୧୪।୩




ଅନ୍ତଃରାଷ୍ଟ୍ରୀୟ ଶେୟାର ବଜାର ଏବଂ ଅର୍ଥନୀତିରେ ଏକ ପ୍ରକାର ଆଶଙ୍କା ଦେଖାଦେଇଛି। ବିଶେଷକରି ଆମେରିକାରେ ସୃଷ୍ଟି ହୋଇଥିବା ବ୍ୟାଙ୍କିଙ୍ଗ ସଙ୍କଟ ବିଶ୍ୱ ଅର୍ଥନୀତିକୁ ବେଶ୍ ପ୍ରଭାବିତ କରିଛି। କେବଳ ୩ଟି କାର୍ଯ୍ୟଦିବସରେ ଗ୍ଲୋବାଲ ଫାଇନାନ୍ସିଆଲ୍ ଷ୍ଟକ୍ସର ବଜାର ମୂଲ୍ୟ ୪୬୫ ବିଲିୟନ ଡଲାର (ପ୍ରାୟ ୩୮୩୦୦୦୦ କୋଟି ଟଙ୍କା) ହ୍ରାସ ହୋଇଥିବା ଜଣାପଡ଼ିଛି। ଏପରିକି ସିଲିକନ୍ ଭ୍ୟାଲି ବ୍ୟାଙ୍କ ଧରାଶାୟୀ ହେବା ପରେ ସାରା ବିଶ୍ୱର ନିବେଶକ, ଲ୍ୟାଣ୍ଡର୍ସ ନିଜ ନିଜର ଭାଗୀଦାରି ହ୍ରାସ କରିବାରେ ଲାଗିଛନ୍ତି। ବିଶେଷକରି ମଙ୍ଗଳବାର ଗ୍ଲୋବାଲ ଫାଇନାନ୍ସିଆଲ ଷ୍ଟକ୍ସରେ ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିଛି। ଅପରପକ୍ଷରେ ଏମ୍‌ଏସ୍‌ସିଆଇ ଏସିଆ ପ୍ୟାସିଫିକ୍ ଫାଇନାନ୍ସିଆଲ ସୂଚକାଙ୍କରେ ୨.୭% ହ୍ରାସ ଘଟିଛି। ଗତ ବର୍ଷ ନଭେମ୍ବର ୨୯ ପରେ ଏହା ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ସେହିଭଳି ଜାପାନର ମିତ୍ସୁବିଶି ୟୁଏଫ୍‌ଜେ ଫାଇନାନ୍ସିଆଲ ଗ୍ରୁପ୍‌ରେ ୮.୩ % ହ୍ରାସ ଘଟିଛି। ଏପରିକି ଦକ୍ଷିଣ କୋରିଆର ହାନା ଫାଇନାନ୍ସିଆଲ ଗ୍ରୁପ୍‌ରେ ୪.୭% ହ୍ରାସ ହୋଇଥିବା ବେଳେ ଅଷ୍ଟ୍ରେଲିଆର ଏଏନଜେଡ୍ ଗ୍ରୁପ୍ ହୋଲ୍ଡିଙ୍ଗ୍ ଲିମିଟେଡ୍‌ର ଶେୟାରରେ ୨.୮% ହ୍ରାସ ଘଟିଛି। ସେହିପରି ଏମ୍‌ଏସ୍‌ସିଆଇ ୱାର୍ଲ୍ଡ ଫାଇନାନ୍ସିଆଲ ସୂଚକାଙ୍କ ଏବଂ ଏମ୍‌ଏସ୍‌ସିଆଇ ଇଏମ୍ ଫାଇନାନ୍ସିଆଲ ସୂଚକାଙ୍କରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ଶୁକ୍ରବାରଠାରୁ ପ୍ରାୟ ୪୬୫ ବିଲିୟନ ଡଲାର (୩୮୩୦୦୦୦ କୋଟି ଟଙ୍କା) ହ୍ରାସ ଘଟିଛି। ଅପରପକ୍ଷରେ ୟୁରୋପିଆନ ବ୍ୟାଙ୍କ ଏବଂ ବୀମା କମ୍ପାନୀଗୁଡ଼ିକର ଶେୟାର ମୂଲ୍ୟରେ ମଧ୍ୟ ବଡ଼ ଧରଣ ହ୍ରାସ ରେକର୍ଡ କରାଯାଇଛି। ବିଶେଷକରି କ୍ରେଡିଟ୍ ସୁଇସ୍ ଗ୍ରୁପ୍ ଏଜିର ଶେୟାର ୧୫% କମି ରେକର୍ଡ ସ୍ତରକୁ ଖସି ଆସିଛି। ଏପରିକି ଏହାର ବଣ୍ଡର ଇନ୍ସ୍ୟୁରାନ୍ସ ମୂଲ୍ୟ ସର୍ବୋଚ୍ଚ ସ୍ତରରେ ଥିବାବେଳେ ଜାପାନର ଫାଇନାନ୍ସିଆଲ ଷ୍ଟକ୍ସରେ ମଧ୍ୟ ହ୍ରାସ ଦେଖିବାକୁ ମିଳିଛି।

## ୧୦,୦୦୦କର୍ମଚାରୀଙ୍କୁ ଛଟେଇ କରିବ ମେଟା

ନୂଆଦିଲ୍ଲୀ,୧୪।୩

ବହୁରାଷ୍ଟ୍ରୀୟ ଆଇଟି କମ୍ପାନୀ ତଥା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ମେଟା(ପୂର୍ବରେ ଫେସ୍‌ବୁକ୍) ଚଳିତ ମାସ ଶେଷ ସୁଦ୍ଧା ପ୍ରାୟ ୧୦,୦୦୦ କର୍ମଚାରୀଙ୍କୁ ଛଟେଇ କରିବ ବୋଲି ସୂଚନା ମିଳିଛି। ଏପରିକି ପୂର୍ବରୁ ମଧ୍ୟ କମ୍ପାନୀ ପ୍ରାୟ ୧୧ହଜାର କର୍ମଚାରୀଙ୍କୁ ଛଟେଇ କରିଥିଲା। ମେଟାର ସିଇଓ ମାର୍କ ଜୁକରବର୍ଗ କର୍ମଚାରୀମାନଙ୍କୁ ଏକ ବାର୍ତ୍ତାରେ କହିଛନ୍ତି, କମ୍ପାନୀ ତା'ର କର୍ମଚାରୀ ସଂଖ୍ୟା ହ୍ରାସ କରିବାକୁ ଯାଉଛି। ଏପରିକି ଆର୍ଥିକ ମାନ୍ଦାବସ୍ଥା ଯୋଗୁ ଗତ ୪ମାସ ତଳେ ମେଟାରୁ ୧୧ହଜାର କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ସେହିଭଳି ଏକ ଆଭ୍ୟନ୍ତରୀଣ ବୈଠକରେ ସେ କମ୍ପାନୀରେ ଆହୁରି ଛଟେଇ ହେବାର ସମ୍ଭାବନା ବିଷୟରେ ପ୍ରକାଶ କରିଥିଲେ।

## ଡବ୍ଲ୍ୟୁଡିଆର୍‌ଏ-ପିଏନ୍‌ବି ବୁଝାମଣାପତ୍ର ସ୍ୱାକ୍ଷର




ନୂଆଦିଲ୍ଲୀ,୧୪।୩

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଏବଂ ୱେରହାଉସିଂ ଡେଭଲପମେଣ୍ଟ ଆଣ୍ଡ ରେଗୁଲାଟେରି ଅଥରିଟି (ଡବ୍ଲ୍ୟୁଡିଆର୍‌ଏ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ବୁଝାମଣାପତ୍ର (ଏମ୍‌ଓୟୁ) ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ବିଶେଷକରି ଉଭୟ ସଂସ୍ଥାର ବ୍ୟବସାୟିକ ଅଭିବୃଦ୍ଧି ସହ ଇ-ଏନ୍‌ଡବ୍ଲ୍ୟୁଆର୍ ଜରିଆରେ ନେଣଦେଣ କରିବା ପାଇଁ ଉକ୍ତ ଏମ୍‌ଓୟୁ ହୋଇଥିବା ଜଣାପଡ଼ିଛି। ଏପରିକି କୃଷକ ଏବଂ ଖାଦ୍ୟ ଉତ୍ପାଦନକାରୀଙ୍କୁ ସହଜ ଏବଂ ସୁବିଧାରେ ଅର୍ଥ କାରବାରରେ ସହାୟକ ହେବ। ଫଳରେ ଉଭୟ ସଂସ୍ଥାର କାରବାର ବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି। ଏହି ପରିପ୍ରେକ୍ଷୀରେ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀ ପିଏନ୍‌ବିର ଏମ୍‌ଡି ତଥା ସିଇଓ ଅତୁଲ କୁମାର ଗୋଏଲ ଏବଂ ଡବ୍ଲ୍ୟୁଡିଆର୍‌ଏର ଅଧ୍ୟକ୍ଷ ତଥା ପୂର୍ବତନ ଆଇଏଏସ୍ ଅଫିସର ଟି.କେ.ମନୋଜ କୁମାରଙ୍କ ଉପସ୍ଥିତିରେ ଉକ୍ତ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ପିଏନ୍‌ବିର ସିଜିଏମ୍ ସୁନୀଲ କୁମାର ଚୋୱଘ, ଜିଏମ୍ କୌନୱାଲ ଜିତ ସୌରୀ, ଆର୍.କେ.ବୈଶିଷ୍ଟଙ୍କ ସମେତ ଡବ୍ଲ୍ୟୁଡିଆର୍‌ଏର ସଦସ୍ୟ ମୁକେଶ କୁମାର ଜୈନ, ଡିଡି ନବୀନ ବାଇରୋଲା ପ୍ରମୁଖ ଉପସ୍ଥିତ ଥିଲେ।

## ଡାଲମିଆ ସିମେଣ୍ଟ ସହ ବେଦାନ୍ତ ଆଲୁମିନିୟମର ବୁଝାମଣା

ଭୁବନେଶ୍ୱର,୧୪।୩

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏବଂ ଡାଲମିଆ ସିମେଣ୍ଟ ମଧ୍ୟରେ ଏକ ବ୍ୟବସାୟିକ ବୁଝାମଣା ହୋଇଥିବା ଜଣାପଡ଼ିଛି। ବିଶେଷକରି ଫ୍ଲାଏ ଆଶ୍ ପାଉଁଶ ଭଳି ଶିଳ୍ପ ବର୍ଜ୍ୟବସ୍ତୁ ଯୋଗାଣ ପାଇଁ ଉଭୟ ସଂସ୍ଥା ଦୀର୍ଘଦିନ ହେଲା ସହଯୋଗିତା କରିଆସୁଛି। ଏପରିକି ସ୍ୱଳ୍ପ ଅଙ୍ଗାରକାମ୍ଳ ସିମେଣ୍ଟ ଉତ୍ପାଦନ ପାଇଁ ପଟ୍ ଲାଇନିଂ ଖର୍ଚ୍ଚ କରୁଛି। ଏହି ସହଭାଗିତା ଅନୁଯାୟୀ ଝାରସୁଗୁଡ଼ା ଭାଲିରେ ବେଦାନ୍ତର ବୃହତ୍ ଆଲୁମିନିୟମ ସ୍ମେଲଟର ୫ବର୍ଷ ପାଇଁ ମାସିକ ପ୍ରାୟ ୨୦ଟି ଫ୍ଲାଏ ଆଶ୍‌କୁ ଓଡ଼ିଶା, ଛତିଶଗଡ଼, ମେଘାଳୟ ଓ ଆସାମର ସିମେଣ୍ଟ ଉତ୍ପାଦନ ପାଇଁ ପରିବହନ କରିଥାଏ ଓ ରାଜଗାଙ୍ଗପୁରର କମ୍ପାନୀରୁ ପ୍ଲାଣ୍ଟକୁ ୩ ବର୍ଷ ପାଇଁ ଏସ୍‌ପିଏଲ୍ ଯୋଗାଇଥାଏ। ସିମେଣ୍ଟ ଶିଳ୍ପଗୁଡ଼ିକୁ ଉଚ୍ଚସ୍ତରୀୟ ଫ୍ଲାଏ ଆଶ୍‌ର ଏକ ପସନ୍ଦଯୋଗ୍ୟ ଯୋଗାଣକାରୀ ଭାବେ ବେଦାନ୍ତ ଲିମିଟେଡ୍ ଅତୁଳନୀୟ ଭୂମିକା ନିର୍ବାହ କରିଥାଏ।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ଶିଳ୍ପର ପ୍ରକୃତିକୁ ଦୃଷ୍ଟିରେ ରଖି ବେଦାନ୍ତ ରଣନୀତିକ ସହଯୋଗ ଜାରି ରଖିଛି। ଯେପରିକି ସିମେଣ୍ଟ ତିଆରିରେ ଉନ୍ନତ ଗୁଣବତ୍ତା, ସ୍ଥାୟିତ୍ୱ ଓ ମୂଲ୍ୟ ଦୃଷ୍ଟିରୁ ଏକାଧିକ ଲାଭ ପ୍ରଦାନ କରିବ ଓ ଏଥିପାଇଁ ଆମେ ବର୍ଜ୍ୟବସ୍ତୁର ଠିକ୍ ସଦୁପଯୋଗ କରିବାକୁ ଚାହୁଁଛୁ। ସମ୍ପୃକ୍ତ ଶିଳ୍ପର ଉତ୍ପାଦନ ଓ ସ୍ଥାୟୀ ବିକାଶ ଲାଗି ଆମର ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ସେହିଭଳି ଡାଲମିଆ ସିମେଣ୍ଟର ମୁଖପାତ୍ର କହିଛନ୍ତି, ଭାରତରେ ଡାଲମିଆ ସିମେଣ୍ଟର ସମସ୍ତ ହିତାଧିକାରୀଙ୍କ ପାଇଁ ସ୍ଥାୟୀ ଉପାୟରେ ମୂଲ୍ୟ ବୃଦ୍ଧି କରିବାକୁ ଆଗ୍ରହ ପ୍ରକାଶ କରିଆସୁଛି। ବେଦାନ୍ତ ଆଲୁମିନିୟମ ସହିତ ଆମର ସହଭାଗିତା ଉଭୟ ସିମେଣ୍ଟ ଓ ଆଲୁମିନିୟମର ସ୍ଥିରତା ଏଜେଣ୍ଡାକୁ ସମର୍ଥନ କରିବା ଦିଗରେ ଉଭୟ କମ୍ପାନୀକୁ ପ୍ରତିବଦ୍ଧତାକୁ ଦର୍ଶାଉଛି।

## ଫିଲିପ୍ସ ଏଜୁକେଶନ ସହ ସୋଆର ରାଜିନାମା



ଭୁବନେଶ୍ୱର,୧୪।୩

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଏବଂ ନଭି ମୁମ୍ବାଇସ୍ଥିତ ଫିଲିପ୍ସ ଏଜୁକେଶନ, ଫିଲିପ୍ସ ମେଶିନ ଟୁଲ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ବିଶେଷକରି ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଶିଳ୍ପ କ୍ଷେତ୍ରର ବିଭିନ୍ନ ସମସ୍ୟା ସହ ପରିଚିତ ହେବା ନିମନ୍ତେ ଉକ୍ତ ରାଜିନାମା ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ସୋଆର ଉପକୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଫିଲିପ୍ସ ଏଜୁକେଶନର ମୁଖ୍ୟ, ସେଲ୍ସ ଷ୍ଟ୍ରାଟେଜି କମଲ ବାତ୍ରା ଉକ୍ତ ଏମ୍‌ଓୟୁରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)ର ଆଡିସନାଲ୍ ଡିନ୍ (ଏକାଡେମିକ୍) ପ୍ରଫେସର ଡି.ଏନ୍. ଥାଟୋଇ, ଟ୍ରେନିଂ ଓ ପ୍ଲେସ୍‌ମେଣ୍ଟର ମୁଖ୍ୟ ଡ. ସୁଜିତ କୁମାର ଦାଶ, କ୍ୟାରିୟର ଡେଭଲପ୍‌ମେଣ୍ଟ ସେଲ୍‌ର ମୁଖ୍ୟ ସୁମିତ ମିତ୍ର, ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଡ. ସରୋଜ କୁମାର ଆଚାର୍ଯ୍ୟ, ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଡ. ଜୟଦେବ ବଳ, ଆସୋସିଏଟ୍ ପ୍ରଫେସର ଡ. ସସ୍ମିତା ତ୍ରିପାଠୀ, ଫିଲିପ୍ସ ଏଜୁକେଶନର ମ୍ୟାନେଜର ସେଲ୍ସ ପ୍ରସାଦ ଅଟି ଏବଂ ପିନାକୋର ମ୍ୟାନେଜର (ମାର୍କେଟିଂ) ଏମ୍. ମଥାନ୍ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଉଭୟ ସଂସ୍ଥାର ଉକ୍ତ ରାଜିନାମା ଅନୁଯାୟୀ ଫିଲିପ୍ସ ଏଜୁକେଶନ, ଫିଲିପ୍ସ ମେଶିନ ଟୁଲ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ସୋଆ ସହ ମିଳିତ ଭାବେ କାର୍ଯ୍ୟ କରିବ। ଏପରିକି ସୋଆର ଛାତ୍ରୀଛାତ୍ର ଓ ଫ୍ୟାକଲ୍ଟିମାନଙ୍କୁ ସ୍ୱଳ୍ପ ଏବଂ ଦୀର୍ଘ ମିଆଦୀ ପ୍ରଶିକ୍ଷଣ ସହ ପ୍ରତି ବର୍ଷ ନିଯୁକ୍ତି ମଧ୍ୟ ପ୍ରଦାନ କରିବ। ଉକ୍ତ ଲକ୍ଷ୍ୟ ପୂରଣ କରିବା ନିମନ୍ତେ ବିଭିନ୍ନ ପ୍ରଶିକ୍ଷଣ ଏବଂ ନିଯୁକ୍ତି କାର୍ଯ୍ୟକ୍ରମ ସହ କର୍ମଶାଳା ଏବଂ ସେମିନାରର ମଧ୍ୟ ଆୟୋଜନ କରାଯିବ।

## ଗୋଦ୍‌ରେଜ୍‌ର ନୂଆ ରେଫ୍ରିଜରେଟର

ନୂଆଦିଲ୍ଲୀ,୧୪।୩



ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍ ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ ଡାର୍କ ଏଡିଶନ ରେଫ୍ରିଜରେଟରର ଶୁଭାରମ୍ଭ କରାଯାଇଛି। ବିଶେଷକରି ମ୍ୟାଟ୍ ବ୍ଲାକ୍, ଗ୍ଲାସ୍ ବ୍ଲାକ୍, ଓନିକ୍ସ ବ୍ଲାକ୍, ଆଇସ୍ ବ୍ଲାକ୍ ଓ ଫସିଲ୍ ଷ୍ଟିଲ୍ ଭଳି ରଙ୍ଗରେ ୧୯ ଏସ୍‌କେୟୁ ସହ ଡାର୍କ ଏଡିଶନ ରେଫ୍ରିଜରେଟରର ବଜାର ପ୍ରବେଶ କରାଯାଇଛି। ଉକ୍ତ ବର୍ଗମାଳାରେ ଥିବା ରେଫ୍ରିଜରେଟରଗୁଡ଼ିକ ଦେଖିବାକୁ ସ୍ଲିକ୍, ଗଭୀର କଳା ରଙ୍ଗର ବାହ୍ୟ ପାର୍ଶ୍ୱ ଏବଂ କ୍ଲାସିକ୍ ପ୍ରିମିୟମ୍ ଫିନିସ୍ ରହିଛି, ଯାହା ଆଧୁନିକ ରୋଷେଇ ଘରର ଶୋଭାବର୍ଦ୍ଧନ କରିବ। ଏ ସମ୍ପର୍କରେ ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍‌ର ପ୍ରଡକ୍ଟ ଗ୍ରୁପ୍ ହେଡ୍ ଅନୁପ ଭାର୍ଗବ କହିଛନ୍ତି, ଲୋକମାନେ କଳାରଙ୍ଗର ଉତ୍ପାଦକୁ ବିଭିନ୍ନ କ୍ଷେତ୍ର ଓ ଉତ୍ପାଦରେ ଗ୍ରହଣ କରୁଛନ୍ତି। ଗ୍ରାହକମାନଙ୍କ ଲାଗି ରୋଷେଇ ଘରର ନବୀକରଣ କରିବା କିମ୍ବା ଇଣ୍ଟେରିୟରକୁ ସମ୍ଭ୍ରାନ୍ତ କରିବା ଲାଗି ଅନେକ ସୁବିଧାସୁଯୋଗ ଓ ଉନ୍ନତ ପ୍ରଯୁକ୍ତି ଥିବା ଗୋଦ୍‌ରେଜ୍ ଡାର୍କ ଏଡିଶନ ରେଫ୍ରିଜରେଟର ହେଉଛି ବିଚାର କରିବାର ଉପଯୁକ୍ତ ପସନ୍ଦ। ଉଲ୍ଲେଖଯୋଗ୍ୟ, ୧୯୨ରୁ ୫୬୪ ଲିଟର କ୍ଷମତାର ସିଙ୍ଗଲ ଡୋର, ଡବଲ ଡୋର, ବଟମ୍ ମାଉଣ୍ଟ ଓ ସାଇଡ୍ ବାଏ ସାଇଡ ରେଫ୍ରିଜରେଟରର ମୂଲ୍ୟ ୨୪,୦୦୦ରୁ ୯୦,୦୦୦ ଟଙ୍କା ରହିଛି। ଏହାକୁ ଗ୍ରାହକମାନେ ଷ୍ଟୋର୍‌ରୁ ଓ ଅନ୍‌ଲାଇନରେ କିଣିପାରିବେ।

## ହୋଣ୍ଡା ଅଲ୍ ନ୍ୟୁ ସିଟିର ଅନାବରଣ

ଭୁବନେଶ୍ୱର,୧୪।୩




ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ହୋଣ୍ଡା ଅଲ୍ ନ୍ୟୁ ସିଟି'ର ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ଏପରିକି କମ୍ପାନୀ ନିକଟରେ ଉକ୍ତ ମଡେଲର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରିଥିଲା। ଏହି ପରିପ୍ରେକ୍ଷୀରେ ଏଚ୍‌ସିଆଇଏଲ୍‌ର ସ୍ୱୀକୃତିପ୍ରାପ୍ତ ଡିଲର ସେଣ୍ଟ୍ରାଲ ହୋଣ୍ଡା ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ଡିଜିଏମ ଆର୍-୧ ସଞ୍ଜୟ କୁମାର ଝା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେଣ୍ଟ୍ରାଲ ହୋଣ୍ଡାର ନିର୍ଦ୍ଦେଶିକା ସୀନୁ ଧାୱାନ, ଏସ୍‌ବିଆଇ ଆର୍-୧ ଆର୍‌ଏମ୍ ଶ୍ରୀକାନ୍ତ ଦାଶ, ଏସ୍‌ବିଆଇ ଜିଟି ଶାଖା ଏଜିଏମ୍ ସୌରଭ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସେଣ୍ଟ୍ରାଲ ହୋଣ୍ଡାର ଏଜିଏମ୍ ପାର୍ଥସାରଥି ରାଉତରାୟଙ୍କ ସମେତ ଶୋ'ରୁମ୍‌ର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ସେଣ୍ଟ୍ରାଲ ହୋଣ୍ଡାର ଏମ୍‌ଡି ବିଶାଲ ଧାୱାନ କହିଛନ୍ତି, ହୋଣ୍ଡାର ଏହି ୫ମ ପିଢ଼ି (୫ଜି)ର ଯାନରେ ଅତ୍ୟାଧୁନିକ ବୈଶିଷ୍ଟ୍ୟ ସାଙ୍ଗକୁ ଅନେକ ଫିଚର ରହିଛି। ସେହିଭଳି ହୋଣ୍ଡାର ଏହି ମଡେଲ ବେଶ୍ ଆରାମଦାୟକ ହୋଇଥିବା ବେଳେ ୬ଟି ଆକର୍ଷଣୀୟ ରଙ୍ଗରେ ଏହା ଉପଲବ୍ଧ। ବିଶେଷକରି ଏହା ପେଟ୍ରୋଲଚାଳିତ ଯାନ ହୋଇଥିବା ବେଳେ ଭିନ୍ନ ଭିନ୍ନ ଡିଜାଇନ (ମୋଡ୍) ଯାନ ସହ ଏହାର ବଜାର ମୂଲ୍ୟ (ଏକ୍ସ ଶୋ'ରୁମ୍ ମୂଲ୍ୟ ନୂଆଦିଲ୍ଲୀ) ୧୧.୪୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି।

## ପୋଷ୍ଟପେଡ୍ ଫାମିଲି ପ୍ଲାନ୍ 'ଜିଓ ପ୍ଲସ୍'

ନୂଆଦିଲ୍ଲୀ,୧୪।୩

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ପକ୍ଷରୁ ଏକ ନୂତନ ଫାମିଲି ପ୍ଲାନ୍ 'ଜିଓ ପ୍ଲସ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏକ ମାସର ମାଗଣା ଟ୍ରାଏଲ୍ ସୁବିଧା ସହ ରିଲାଏନ୍ସ ଜିଓ ପ୍ଲସ୍ ପ୍ଲାନ୍‌ର ନୂତନ ସଂଯୋଗ ନେବା ଲାଗି ଗ୍ରାହକଙ୍କୁ ମାତ୍ର ୩୯୯ଟଙ୍କା ଦେବାକୁ ହେବ। ଉକ୍ତ ପ୍ଲାନ୍‌ରେ ୩ଟି ଅତିରିକ୍ତ କନେକ୍ସନ ଯୋଡ଼ାଯାଇପାରିବ। ପ୍ରତି ଅତିରିକ୍ତ କନେକ୍ସନ ପାଇଁ ୯୯ ଟଙ୍କା ଲେଖାଏଁ ଦେବାକୁ ପଡ଼ିବ। ବିଶେଷକରି ପ୍ଲାନ୍‌ରେ ଗୋଟିଏ ପରିବାରର ୪ଟି କନେକ୍ସନ ପାଇଁ ପ୍ରତି ମାସରେ ୬୯୬ଟଙ୍କା (୩୯୯+୯୯+୯୯+୯୯) ଦେବାକୁ ହେବ। ଉକ୍ତ ପ୍ଲାନ୍ ସହ ମାସିକ ୭୫ଜିବି ଡାଟା ମିଳିବ, ଯାହା ବିନା କୌଣସି ଦୈନିକ ଲିମିଟ୍‌ରେ ଆଦାନପ୍ରଦାନ କରାଯାଇପାରିବ।

ରିଲାଏନ୍ସ ଜିଓର ଅଧ୍ୟକ୍ଷ ଆକାଶ ଅମ୍ବାନୀ କହିଛନ୍ତି, ବିଶେଷକରି ଏହା ପୋଷ୍ଟପେଡ୍ ବ୍ୟବହାରକାରୀମାନଙ୍କୁ ନୂଆ ଲାଭ ଓ ଅନୁଭବ ପ୍ରଦାନ କରିବ। ଏପରିକି ଜିଓ ଦେଶର ୩୩୧ ସହରରେ ଜିଓ ଟ୍ରୁ ୫ଜିର ଶୁଭାରମ୍ଭ କରି ନିଜ ନେଟ୍‌ୱର୍କକୁ ଆହୁରି ସୁଦୃଢ଼ କରିପାରିଛି। ନିୟୁତାଧିକ ସନ୍ତୁଷ୍ଟ ପୋଷ୍ଟପେଡ୍ ଗ୍ରାହକଙ୍କ ସମେତ ୪୩ କୋଟିରୁ ଅଧିକ ଗ୍ରାହକଙ୍କୁ ସେବା ଯୋଗାଇ ଆସୁଥିବା ଜିଓ ପାଇଁ ବର୍ତ୍ତମାନ ନିୟୁତାଧିକ ନୂଆ ପୋଷ୍ଟପେଡ୍ ଗ୍ରାହକଙ୍କୁ ସ୍ୱାଗତ କରିବାର ଉପଯୁକ୍ତ ସମୟ। ଅନ୍ୟ ସେବା ବ୍ୟବହାର କରୁଥିବା ବହୁ ପୋଷ୍ଟପେଡ୍ ବ୍ୟବହାରକାରୀ ସେବା ପ୍ରଦାନକାରୀ ବଦଳାଇବା ଲାଗି ସୁବିଧା ବାଟ ଖୋଜୁଛନ୍ତି। ଆମେ ଏକ ସର୍ବୋତ୍କୃଷ୍ଟ ଗ୍ରାହକ ଅନୁଭୂତି ପ୍ରସ୍ତୁତ କରିବା ପ୍ରଚେଷ୍ଟା କରିଛୁ ଏବଂ ଆଶା କରୁଛୁ ଭାରତର ପ୍ରତ୍ୟେକ ପୋଷ୍ଟପେଡ୍ ଗ୍ରାହକ ଏହାର ଲାଭ ନେବେ। ଜିଓ ପ୍ଲସ୍ ନୂଆ ପୋଷ୍ଟପେଡ୍ ଫାମିଲି ପ୍ଲାନ୍‌ଗୁଡ଼ିକ ୨୨ ମାର୍ଚ୍ଚ ୨୦୨୩ଠାରୁ ସମସ୍ତ ଜିଓ ଷ୍ଟୋର୍ ଏବଂ ହୋମ୍ ଡେଲିଭରି ବିକଳ୍ପରେ ଉପଲବ୍ଧ ହେବ। ଜିଓ ପକ୍ଷରୁ କୁହାଯାଇଛି, ଯଦି ମାଗଣା ଟ୍ରାଏଲ୍ ସେବା ଲାଭ କରିବା ପରେ କୌଣସି ଗ୍ରାହକ ସେବା ଓ ସୁବିଧାଗୁଡ଼ିକରେ ସନ୍ତୁଷ୍ଟ ନ ହୁଅନ୍ତି ତେବେ ସେ ନିଜ କନେକ୍ସନକୁ ବାତିଲ କରିପାରିବେ ଏବଂ ତାଙ୍କୁ ସେଥିପାଇଁ କୌଣସି ପ୍ରଶ୍ନ କରାଯିବ ନାହିଁ।


**GOVERNMENT OF ODISHA** No.O-1967:
**OFFICE OF THE SUPERINTENDING ENGINEER RURAL WORKS DIVISION, SUNABEDA**
e-mail:eerw_sunabeda@yahoo.co.in
**e-Procurement Notice for Building Works**
Identification No.Online Tender/08/RWD-SBD/2022-23
Letter No.997 Date:14.03.2023

01. Name of the Work : Building work Pottangi Block
02. Total Number of works : 1 No. work
03. Estimated Cost : From 46.76 Lakhs
04. Class of Contractor : "B" Class
05. Period of Completion : 02 Months
06. Other details :

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Sunabeda | Online Tender/08/RWD-SBD/2022-23 | 17.03.2023 at 11.00 A.M. | 27.03.2023 upto 17.00 P.M. |

Further details can be seen from the website www.tendersorissa.gov.in.
Sd./- Executive Engineer
Rural Works Division, Sunabeda
OIPR-25059/11/0008/2223



**OFFICE OF THE MUNICIPALITY, NABARANGPUR**
NABARANGPUR (ODISHA), PIN-764059
Tel/Fax No.06858-222031, E-mail:municipalityngpr@gmail.com
Letter No.1037 Date:14.03.2023
**CORRIGENDUM NOTICE**
**No.C-2644:** As per the instruction of the District Social Security Officer, Nabarangpur the form for MBPY may be excluded from the Quotation Call Notice No.994 on dated 09.03.2023 which has pleased in Sl.No.21.
Sd./-Executive Officer
Nabarangpur Municipality
OIPR-13230/11/0005/2223



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR**
(District Program Management Unit, NHM, Jajpur)
No. 1179 Dtd.: 14.03.2023
**WALK-IN-INTERVIEW**
No. E-972: Walk-in-Interview is scheduled to be held on date 21.03.2023 at 10.30 A.M. at DTU, DHH, Jajpur for engagement of MBBS & Ayush Doctors at Kaliapani PHC under DMF. The details of Posts, Mode of Recruitment, Remuneration, Qualification etc. is available in the district website: **http://jajpur.nic.in**. The undersigned reserves all right to accept or reject the candidature of the candidates without assigning any reason thereof. Any typographical error (if any) may be exempted.
Sd./- Chief District Medical and Public Health Officer, Jajpur
OIPR-10042/11/0012/2223



**GOVERNMENT OF ODISHA**
**OFFICE OF THE ADDL. CHIEF ENGINEER-CUM-ELECTRICAL INSPECTOR, ROURKELA**
Plot No. YY-2, Area 7 & 8, 1st Floor, Rourkela - 769012
Telephone No.: 0661-2664242 (Fax), Email- eirourkela-od@gov.in
**TENDER NOTICE**
No. Estt/586/2017/810 / Dated, Rourkela the 10th March, 2023
No. AA-38: Sealed tenders are invited from interest from interested reputed Travel Agencies/Tour Operators or private individuals for providing one Bolero diesel vehicle on monthly hire basis for engagement for office works in the office of the Addl. Chief Engineer-cum-Electrical Inspector, Rourkela for a period of one year, which may be extended annually for further period of three years on satisfactory performance basis and availability of budget. The tenders should have valid Service Tax registration. The tenders will be received in sealed cover upto 28.03.2023, 3 P.M. in the office of the undersigned by Regd. Post or hand delivered with due acknowledgement within the above period. The authority will not be responsible for postal delay on what so ever account. The tenders shall be opened on 28.03.2023 at 4 P.M. in the presence of renderer or their authrozied representatives if any. The tender document can be obtained from the office of the Addl. Chief Engineer-cum-Electrical Inspector, Rourkela on payment of Demand Draft of Rs.100/- (Rupees one hundred) only drawn in favour of **ELECTRICAL INSPECTOR (T&D), ROURKELA** drawn on SBI payable at Rourkela, during office hour on working days upto 28.03.2023 by 1.00 P.M. The tender can be also be downloaded from our website at **as1.ori.nic.in/electricity**. For further details contact this office or visit our website. The undersigned reserves the right to reject the tenders without assigning any reason thereof.
OIPR-04072/11/0002/2223
Sd./- Addl. Chief Engineer-cum-Electrical Inspector, Rourkela



**Office of the General Manager Sewerage, WATCO, Cuttack**
At-Mahanadivihar,PO-Nayabazar,Cuttack-753004
email:cs@owssb.in
**NATIONAL COMPETITIVE BIDDING THROUGH e-PROCUREMENT**
**Invitation for Bids (IFB) No.GM-WATCO-Sewerage-02/2022-23, dtd.10.03.2023**
**No.C-2647:** The General Manager, Sewerage, WATCO, Cuttack on behalf of Governor of Odisha invites percentage rate bid in single cover system in online mode from eligible contractors for the works mentioned below:

1. No. of Works : 4 Works as per the table
2. Nature of work : Sewerage Connection
3. Class of Contractor : 'B'
4. Paper Cost : 10000.00 (Offline)
5. Date & Time of Availability of Bid Document in the Portal : 11:00 hours of dt. 14.03.2023 to 17:00 hours of dt. 27.03.2023.
6. Date and Time of opening of Bid : Dt. 28.03.2023 at 11:00 hours

The bidders have to participate in online bidding only. Further details can be seen from the website www.tendersodisha.gov.in. Any addendum /corrigendum/Cancellation of tender can also be seen in the same website.
OIPR-13232/11/0002/2223
Sd./- General Manager
Sewerage, WATCO, Cuttack



**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505
No.CAD-5135:
No.-CHEP/TW-302/975 Date: 14.03.2023
**TENDER CALL NOTICE NO.-CHEP-59/2022-23**
Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturer / Authorized Dealers / Authorized Distributors / Channel Partners meeting eligibility criteria only for the procurement of the following materials;

| Description | Cost of Tender Paper (Non-refundable) | EMD in Rs. (Refundable) |
|---|---|---|
| Supply & Erection of 1 No. High Mast Lighting Tower for CHEP, Chiplima | Rs.4,720/- (Rs.4,000/- + GST @18%) | 9,950/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.17.03.2023 up to 12:30 PM of dtd.29.03.2023.
OIPR-04006/11/0051/2223
Sd/- C & P Head, CHEP, Chiplima



**OFFICE OF MUNICIPAL COUNCIL, ANANDAPUR**
GOVT. OF ODISHA, DEPT OF H&UD,
ANANDAPUR, KENDUJHAR, ODISHA -758021
Letter 658 Date:13.03.2023
**REQUEST FOR PROPOSAL (RFP)**
**No.C-2634:** Anandapur Municipality proposes to undertake "Preparation of Storm Water Drainage Master Plan and DPR for Anandapur Municipality area".
Proposals are invited to conduct the assignment and submit the deliverables from Public Sector Undertakings/ Autonomous Bodies/ consulting agencies/registered architectural firms that have requisite experience in preparation of drainage/ pipeline/ sewerage network plan and infrastructure.
The details may be accessed and the RFP/Application forms can be downloaded from the website Anandapur Municipality.org & www.kendujhar.nic.in.
The completed application as per the instructions in the EOI document, should reach the following address by Speed Post/ Registered Post/ Courier & by hand latest by 5 pm on 28.03.2023.
Anandapur Municipality reserves the sole right to accept or reject any or all proposals without assigning any reason whatsoever.
Sd./- Executive Officer Anandapur Municipality
OIPR-13049/11/0015/2223



**OFFICE OF THE MUNICIPAL COUNCIL, SUNDARGARH**
E-mail: sundargarhhm.hud@nic.in
No. 1013 Dt. 13.03.2023
**QUOTATION CALL NOTICE FOR JALACHHATRA SERVICE 2023**
No. C-2641: Sealed quotation is invited from intending registered firms/NGOs/Solo Proprietor having valid PAN No. & GST Regd. No. for Jalachhatra (Installation of Shed, fixing of Water Pot. availability of safe drinking water & manpower for distribution of water) and cemented big pot (Arrangement of safe drinking water for Stray Animal) in Sundargarh Municipality on Terms & Conditions mentioned in the standard bidding document in format precribed therein. So as to reach this office on or before 20th March 2023 upto 3 P.M. through Regd. Post/Speed Post/Courier to office of the Sundargarh Municipality, Sundargarh, Odisha - 770001. The standard bidding document terms & conditions etc. (Annexure 1 & 2) can be downloaded from the tender website **https://sundergarh.nic.in** bids shall be opened at 4.30 P.M. on 21st March 2023 in presence of bidders or their authorized representative in the Council Hall of Sundargarh Municipality.
The authority reserved the right to accept or reject all the bidders without assigning any reason thereof service.
Sd./- Executive Officer
Sundargarh Municipality
OIPR-13130/11/0046/2223

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜାତୀୟ ମହିଳା ହ୍ୟାଣ୍ଡବଲରେ ଭାଗନେବ ଓଡ଼ିଶା


କର୍ମକର୍ତ୍ତାଙ୍କ ଗହଣରେ ମନୋନୀତ ଓଡ଼ିଶା ଖେଳାଳି।

**ଭୁବନେଶ୍ୱର, ୧୪।୩ (କ୍ରୀଡ଼ା ପ୍ରତିନିଧି):** ବାରାଣସୀଠାରେ ବୁଧବାରଠାରୁ ୧୯ ପର୍ଯ୍ୟନ୍ତ ୫୧ତମ ଜାତୀୟ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ହେବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଓଡ଼ିଶା ମହିଳା ଦଳ ମଙ୍ଗଳବାର ବାରାଣାସୀ ଯାତ୍ରା କରିଛି। ସ୍ୱର୍ଣ୍ଣଲତା ପ୍ରଧାନ, ସ୍ମୃତିରେଖା ରାଉତରାୟ, କଲ୍ୟାଣୀ ଦାସ, କସ୍ତୁରୀ ପ୍ରଧାନ, ସ୍ନେହଲତା ବେହେରା, ପ୍ରଣତି ପରିଡା, ରୁଚିକା ପଲେଇ, ସୁମନ ସାହୁ, ମମତା ନାୟକ, ଶୁଭସ୍ମିତା ସେଠୀ, ବର୍ଷାରାଣୀ ବେହେରା, ବର୍ଷାରାଣୀ ସେଠୀ, ପି. ଜ୍ୟୋତି ପାତ୍ର, ଯାମିନୀ ଭୋଇ, ସୁସ୍ମିତା ପ୍ରଧାନ, ବର୍ଷା ପି. ବାରିକ ଓଡ଼ିଶା ଦଳରେ ସାମିଲ ହୋଇଛନ୍ତି। କୋଚ୍ ପ୍ରଣୟ ପାଣି ଓ ମ୍ୟାନେଜର ଅଭିଜିତ ଲେଙ୍କା ଦଳ ସହ ଯାତ୍ରା କରିଛନ୍ତି ବୋଲି ରାଜ୍ୟ ଆସୋସିଏଶନ ସମ୍ପାଦକ ମାନସ କୁମାର ସିଂ ଓ ସିନିୟର ଉପ ସଭାପତି ରିତିକ ଅଧିକାରୀ ପ୍ରକାଶ କରିଛନ୍ତି।

# କିଟ୍ ପ୍ରତିଯୋଗୀଙ୍କୁ ୧ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ**

ଭୁବନେଶ୍ୱର, ୧୪।୩ (କ୍ରୀଡ଼ା ପ୍ରତିନିଧି)

ଚେନ୍ନାଇସ୍ଥିତ ତାମିଲନାଡୁ ଫିଜିକାଲ ଏଜୁକେଶନ ଆଣ୍ଡ ସ୍ପୋର୍ଟ୍ସ ୟୁନିଭର୍ସିଟି ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ କିଟ୍ ପ୍ରତିଯୋଗୀଙ୍କୁ ୨ଟି ପଦକ ମିଳିଛି। ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରଜ୍ଞା ପ୍ରଶାନ୍ତି ସାହୁ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ପୁରୁଷ ହାମର ଥ୍ରୋରେ ଅଜୟ କୁମାର ବ୍ରୋଞ୍ଜ ପଦକ ପାଇଛନ୍ତି। ଫଳରେ ଏହି ଦୁଇ ଆଥଲେଟ୍ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରୁଷ ୧୦୦ ମିଟର ରେସ୍‌ପାଇଁ ଲାଲୁ ପ୍ରସାଦ ଭୋଇ ପୂର୍ବରୁ ଯୋଗ୍ୟତା ପାଇ ସାରିଛନ୍ତି। ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଉତ୍ତର ପ୍ରଦେଶରେ ଅନୁଷ୍ଠିତ ହେବ। ପଦକ ହାସଲ କରିଥିବା ଦୁଇ ଆଥଲେଟ୍‌ଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# ଭିଜି ଟ୍ରଫି ଫାଇନାଲରେ ଇଷ୍ଟ ଜୋନ୍

ଭୁବନେଶ୍ୱର, ୧୪।୩ (କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ରାୟପୁରରେ ଚାଲିଥିବା ଭିଜି ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଇଷ୍ଟଜୋନ୍ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଇଷ୍ଟଜୋନ୍ ୪୪ ରନରେ ୱେଷ୍ଟ ଜୋନ୍‌କୁ ହରାଇ ଏହି ସଫଳତା ପାଇଛି। ଆସନ୍ତା ୧୬ ତାରିଖରେ ଇଷ୍ଟ ଓ ନର୍ଥ ଜୋନ୍ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। କିଟ୍ ଷ୍ଟାଡିୟମରେ ଫେବୃୟାରୀ ୨୧ରୁ ମାର୍ଚ୍ଚ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରୁ ଭିଜି ଟ୍ରଫି ପାଇଁ ଇଷ୍ଟଜୋନ୍ ଟିମ୍ ଚୟନ ହୋଇଥିଲା। ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ୨ ଖେଳାଳି ସାମିଲ ହୋଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର କାର୍ତ୍ତିକ ବିଶ୍ୱାଳ ଅଧିନାୟକ ଦାୟିତ୍ୱ ତୁଲାଉଥିବାବେଳେ କିଟ୍‌ର ଶିବାଶିଷ ସାହୁ ଦଳର ଅନ୍ୟତମ ସଦସ୍ୟ ଅଛନ୍ତି। ସନ୍ତୋଷ ଜେନା ଦଳର କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି।


ରାୟପୁରରେ ଚାଲିଥିବା ଭିଜି ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଥିବା ଇଷ୍ଟଜୋନ୍ ଟିମ୍।

# ସୁପ୍ରଭାତଙ୍କୁ 'ତୁଷାରଶ୍ରୀ' ଟାଇଟଲ


'ତୁଷାରଶ୍ରୀ' ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ଓ କର୍ମକର୍ତ୍ତା।

**ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା**

ଭୁବନେଶ୍ୱର, ୧୪।୩ (କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ବଡିବିଲ୍ଡିଂ ଆସୋସିଏଶନ ଆନୁକୂଲ୍ୟରେ ରାମକୃଷ୍ଣ ପଟ୍ଟନାୟକ ମେମୋରିଆଲ 'ତୁଷାରଶ୍ରୀ' ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ବିଭିନ୍ନ ଜିମ୍ନାସିୟମ ଏବଂ କ୍ଲବରୁ ୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୬୦, ୭୦, ୮୦ କେଜି ଆଦି ୩ ଓଜନ ବର୍ଗ ଏବଂ ପୁରୁଷ ଫିଜିକ୍ ସ୍ପୋର୍ଟ୍ସକୁ ମିଶାଇ ମୋଟ ୪ଟି ବିଭାଗରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଶେଷରେ ଫିଟ୍‌ନେସ ବୁଲ୍ ଜିମ୍ନାସିୟମର ସୁପ୍ରଭାତ ମୁଣ୍ଡା 'ତୁଷାରଶ୍ରୀ' ଟାଇଟଲ ହାସଲ କରିଥିଲେ। ୬୦ କେଜିରେ ନରେନ୍ଦ୍ର ସାହୁ, ନବଜ୍ୟୋତି ପଟ୍ଟନାୟକ ଓ ସମରଜିତ ନାୟକ, ୭୦ କେଜିରେ ସୋନୁ ଶ୍ରେଷ୍ଠ, ପ୍ରମୋଦ କୁମାର ସ୍ୱାଇଁ ଓ ସାଜନ ନାୟକ ଏବଂ ୮୦ କେଜିରେ ସୁପ୍ରଭାତ ମୁଣ୍ଡା, ପାର୍ଥସାରଥି ଜେନା ଓ ରଞ୍ଜନ ଚୌଧୁରୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରୁଷ ଫିଜିକ୍ ସ୍ପୋର୍ଟ୍ସରେ ଅନିଲ କୁମାର ଜେନା, ପୂର୍ଣ୍ଣଚନ୍ଦ୍ର ଦାସ ଓ ଆଦିତ୍ୟ କୁମାର ସୁର ପ୍ରଥମ ୩ ସ୍ଥାନରେ ରହିଥିଲେ। ରାଜ୍ୟ ସଭା ସଦସ୍ୟା ସୁଲତା ଦେଓ ମୁଖ୍ୟ ଅତିଥି ଏବଂ ବିଧାୟକ ସୁରେଶ କୁମାର ରାଉତରାୟ, ସାମାଜିକ କର୍ମୀ କବିରାଜ ସ୍ୱାଇଁ, ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରୁଦ୍ର ସାମନ୍ତରାୟ, ଅମରେଶ ଜେନା, ଅର୍ଜୁନ ସାହୁ, କେଦାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ସୁନ୍ଦରସ୍ୱାସ୍ଥ୍ୟ ସଂଘ ସଭାପତି ସୁମିତ୍ରା ତ୍ରିପାଠୀ, ସମ୍ପାଦକ ପ୍ରସନ୍ନ ମହାସୁଆର, ତୁଷାର ଚାରିଟେବୁଲ ଟ୍ରଷ୍ଟ ସଭାପତି ଜିତେନ୍ଦ୍ର ଜେନା, ସମ୍ପାଦକ ବିବେକାନନ୍ଦ ବାରିକ ଉପସ୍ଥିତ ଥିଲେ।

# ଏନ୍‌ସିଏ କ୍ୟାମ୍ପ ପାଇଁ ଓଡ଼ିଶାରୁ ୫ ମନୋନୀତ


ଆଶୀର୍ବାଦ ସ୍ୱାଇଁ | ଶ୍ରେୟାଂଶ ଭରଦ୍ୱାଜ | ପ୍ରିୟାଂଶୁ ମହାନ୍ତି | ସୟଦ ତୈଫେଲ ଅହମଦ | ରତିରଞ୍ଜନ ବାରିକ

ଭୁବନେଶ୍ୱର, ୧୪।୩ (କ୍ରୀଡ଼ା ପ୍ରତିନିଧି)

ନିକଟରେ ଶେଷ ହୋଇଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘରୋଇ ସିଜନରେ ପ୍ରଭାବୀ ପ୍ରଦର୍ଶନ କରି ଓଡ଼ିଶାର ୫ ଖେଳାଳି ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) କ୍ୟାମ୍ପକୁ ମନୋନୀତ ହୋଇଛନ୍ତି। ଏପ୍ରିଲ ୧୭ରୁ ମେ' ୧୧ ପର୍ଯ୍ୟନ୍ତ ୧୬ ବର୍ଷରୁ କମ୍ ଏନ୍‌ସିଏ କ୍ୟାମ୍ପ ଅନୁଷ୍ଠିତ ହେବ। ସୁରଟରେ ହେବାକୁଥିବା ଟିମ୍-ସି କ୍ୟାମ୍ପ ପାଇଁ ରତିରଞ୍ଜନ ବାରିକ ଓ ପ୍ରିୟାଂଶୁ ମହାନ୍ତି ଏବଂ ଅନନ୍ତପୁରରେ ଟିମ୍-ଇ କ୍ୟାମ୍ପ ଲାଗି ସୟଦ ତୈଫେଲ ଅହମଦ ମନୋନୀତ ହୋଇଛନ୍ତି। ୧୯ ବର୍ଷରୁ କମ୍ ଏନ୍‌ସିଏ କ୍ୟାମ୍ପ ଏପ୍ରିଲ ୨୪ରୁ ମେ' ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ନାଦିଆଦରେ ହେବାକୁଥିବା ଟିମ୍-ବି କ୍ୟାମ୍ପ ଲାଗି ଶ୍ରେୟାଂଶ ଭରଦ୍ୱାଜ ଏବଂ କାନପୁରରେ ଟିମ୍-ଇ କ୍ୟାମ୍ପ ପାଇଁ ଆଶୀର୍ବାଦ ସ୍ୱାଇଁ ଚୟନ ହୋଇଛନ୍ତି।

# ଓଡ଼ିଶା ସେମିଫାଇନାଲରେ

**ଦୃଷ୍ଟି ବାଧିତ ନାଗେଶ ଟ୍ରଫି କ୍ରିକେଟ**

ଭୁବନେଶ୍ୱର, ୧୪।୩ (ସ୍ପୋର୍ଟ୍ସ ବ୍ୟୁରୋ)

ଦୃଷ୍ଟି ବାଧିତ ଜାତୀୟ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ନାଗେଶ ଟ୍ରଫିର ସୁପର-୮ ପର୍ଯ୍ୟାୟରେ ଚଣ୍ଡିଗଡ଼ ବିପକ୍ଷ ଦ୍ୱିତୀୟ ଲିଗ୍ ମ୍ୟାଚ ଓଡ଼ିଶା ୯ ଉଇକେଟରେ ଜିତି ନେଇଛି। ହାଇଦ୍ରାବାଦର ଏୱାଇଆର୍ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ଚଣ୍ଡିଗଡ଼ ଟସ୍ ଜିତି ପ୍ରଥମେ କରିବାକୁ ଯାଇ ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୬୦ ରନ କରିଥିଲା। ଓଡ଼ିଶା ତରଫରୁ ଲିଙ୍ଗରାଜ ରାଉତରା ୩ , ସୁଖରାମ ମାଝି ୨ ଏବଂ ଦେବରାଜ ବେହେରା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ସହଜ ବିଜୟ ଲକ୍ଷ୍ୟର ପିଛା କରି ଓଡ଼ିଶା ୬.୨ ଓଭରରେ ଗୋଟିଏ ଉଇକେଟ ବିନିମୟରେ ୬୧ ରନ କରିବା ସହ ମ୍ୟାଚ ଜିତିନେଇଥିଲା। ଓଡ଼ିଶା ତରଫରୁ ଅଞ୍ଜନ ସିଂ ୨୯ ଏବଂ ଶୁକଦେବ ସୋରେନ ୧୦ରନ କରି ଅପରାଜିତ ରହିଥିବା ବେଳେ ଜାଫର ଇକ୍‌ବାଲ ୧୬ ରନ କରିଥିଲେ। ଗ୍ରୁପ୍ ଏ'ରେ ପଛକୁ ପଛ ଦୁଇଟି ମ୍ୟାଚରେ ବିଜୟ ହାସଲ କରି ଓଡ଼ିଶା ସେମିଫାଇନାଲରେ ପ୍ରବେଶ କରିଛି। ସୁପର-୮ ପର୍ଯ୍ୟାୟରେ ଓଡ଼ିଶା ଏହାର ଅନ୍ତିମ ଲିଗ୍ ମ୍ୟାଚ ବୁଧବାର ଆନ୍ଧ୍ର ପ୍ରଦେଶ ବିପକ୍ଷରେ ଖେଳିବ।


CLASSIFIED DISPLAY
ALL EDITION - B/W (Everyday)
MORE SPACE * SAME PRICE
TARIFF

10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରମେଶ ଚନ୍ଦ୍ର ସ୍ୱାଇଁ
ଗ୍ରାମ- ଗାଡ଼କଣ, ଭୁବନେଶ୍ୱର, ଖୋର୍ଦ୍ଧା
ଆବିର୍ଭାବ - ୧୭/୦୮/୧୯୫୯
ତିରୋଧାନ - ୦୯/୦୩/୨୦୧୮
(ଚୈତ୍ରମାସ, କୃଷ୍ଣପକ୍ଷ, ଅଷ୍ଟମୀ ତିଥି)
ଆପଣଙ୍କର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ। ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
------ ଆପଣଙ୍କ ------
ପତ୍ନୀ, ପୁତ୍ର, ପୁତ୍ରବଧୂ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୯୫୧

# Classified Everyday
0674-2580101, 2549949


MATRIMONIAL

**GROOM WANTED**

Ashribad Weeding ବୟସ ୩୮ ଜାତି ଖଣ୍ଡାୟତ, ବୟସ ୩୪ ଜାତି ବ୍ରାହ୍ମଣ ମହିଳାଙ୍କ ପାଇଁ ଉପଯୁକ୍ତ ପୁରୁଷ ଆବଶ୍ୟକ। ଯୋଗାଯୋଗ- 9178392294. D-2975

47 ବର୍ଷର ମହିଳା Agriculture Departmentରେ କାର୍ଯ୍ୟରତ ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 7656973285. D-2973

**Bengali Kayastha 37/4'9" Double MA, B Ed Mutually Divorced working as English Teacher at Bhubaneswar. Father retired seeking Educated (Divorced/Unmarried) established Groom within 40 Bhubaneswar Location Preferred. Mob - 9875353398.** D-2970


REAL ESTATE

**SALE**

**2BHK and 3BHK few flats for sale at Kalinga Vihar near Tata Ariana. Contact: 9437309741.** D-2952

Commercial space for sale in Forest Park area, Unit-6, BBSR. 9937928349. D-2986

**ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434.** D-74824

Bhubaneswar-Khurda ମଧ୍ୟରେ Pitapali Chhakaରେ sthitiban plot Electricity, Boundary ସହିତ ମିଳୁଅଛି। Contact. 9800700664, 9439101373. D-2813

ଭୁବନେଶ୍ୱର ହଂସପାଳ ଛକରୁ **8K.M.** ମଧ୍ୟରେ **Sudhananda School front** ଭିଙ୍ଗାରପୁରଠାରେ **boundary, road,** ଇଲେକ୍ଟ୍ରିସିଟି ଥାଇ **sqft.-550/-ରେ** ତୁରନ୍ତ **registration** କରନ୍ତୁ। **9114121344.** D-74831

North & West facing commercial 60'x45' (2,700sqft.) corner freehold plot in Sahid Nagar. 7205845077. D-74525

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74526

ଭୁବନେଶ୍ୱର-ପୁରୀ **Bypass** ସାଇ ମନ୍ଦିର **NH side,** ପଟିଆ, ମଞ୍ଚେଶ୍ୱର, ବାରଙ୍ଗ, ସୁନ୍ଦରପଦାରେ **30ft.** ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଛି। **6372101211.** D-74829

Residential gharabari plot with boundarywall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452. D-74657

ଭୁବନେଶ୍ୱର, ଜଟଣୀଗେଟ୍ 1200sqft.-3,60,000/-, ଛତାବର 1200sqft.-5,40,000/-, ନଖରା-300/-. 6371569855. D-74832


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt. Ltd., 9439856856.** D-2931

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Two Room, Bath, Kitchen, Big Balcony near Kalpana Square at Goutam Nagar, 2nd Floor for Office-Cum-Residential. Rent-12,000/-. Please call- 9437033691. D-74701




Newly open health benefits SPA special offer@999Nayapalli. 7846814019. D-73693

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74656

"Only Professional body massage, Steam-Bath & Body Scrubbing. 9861550765". D-2985

All types hair cutting, body massage by smart lady Cone hour 700/-, room services available. Contact: 8917595202. D-71367

**All type of body massage by expert lady therapist. 7008773793.** D-73690

All types body massage with hiprofile smart lady, room services available. 9937833100. D-71366

**Relax, Refresh your Body, Mind at Saikrupa Spa with best therapies. 8984068077.** D-2932

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




''ଓଁ ମା' ରାମଚଣ୍ଡୀ'' ଜ୍ୟୋତିଷ କାର୍ଯ୍ୟାଳୟ କଳାପାଟ ମନ୍ଦିର ଭୋଗ ଦୋକାନ ପଣ୍ଡିତ-ଲକ୍ଷ୍ମୀଧର ଦାଶ, ଏଠାରେ ବିବାହ ମେଳକ, ଖଡ଼ିପାଠ, ଜାତକ ବିଚାର, ଜାତକ ତିଆରି କରାଯାଏ। ମୋବାଇଲ ନଂ.- 9556184376. D- 2984

**AFFIDAVIT**

By virtue of an affidavit before Executive Magistrate, Nayagarh I declare that my name is SABITA PATRA in my Aadhaar Card. But my nick name is CHHABILATA PATRA which is mentioned in my LIC Policy No.-587241282. SABITA PATRA and CHHABILATA PATRA is the one and same person. Henceforth I will be known as SABITA PATRA for all purposes. D-2992

**LOST**

I have lost the Original land record of our House: HIG-I-88, BDA Colony, Kapila Prasad, PS.- Airfield, Bhubaneswar-2 with the Original Indenture of sale document No.-5225/5226, volume-210 of 2000 issued by BDA, Bhubaneswar recorded in the name of Sri Purna Chandra Lenka. If anybody found the same request to please contact on Ph-9437033222/ hand over at the above address/ at the local Police Station.
Sd./- Prasanna Kumar Lenka. D-71369

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ମାଈ ଘୁଷୁରି ପ୍ରଜନନ



ଘୁଷୁରି ପାଳନ ମୁଖ୍ୟତଃ ସମାଜରେ ବସବାସ କରୁଥିବା ପଛୁଆବର୍ଗ ଲୋକମାନେ କରିଥାଆନ୍ତି। ଏହି ବୃତ୍ତିକୁ ଆପଣାଇ ଲୋକମାନେ ଆର୍ଥିକ ଭରଣପୋଷଣ କରିଥାଆନ୍ତି। ୨୦ତମ ପ୍ରାଣୀଗଣନା ଅନୁଯାୟୀ ଭାରତରେ ସର୍ବମୋଟ ୯.୬ ମିଲିୟନ ଘୁଷୁରି ଅଛନ୍ତି, ଯାହାକି ସର୍ବମୋଟ ପ୍ରାଣୀଙ୍କର ୧.୭ ଶତକଡ଼ା ଭାଗ ହୋଇଥାଏ। ଓଡ଼ିଶାରେ ସର୍ବମୋଟ ୦.୨୮ ମିଲିୟନ ଘୁଷୁରି ଅଛନ୍ତି। ଆମ ରାଜ୍ୟର ସବୁ ଜିଲା ମଧ୍ୟରେ ସୁନ୍ଦରଗଡ଼ରେ ଅଧିକ ଘୁଷୁରି ଅଛନ୍ତି, ଯାହାକି ୧୯ତମ ପ୍ରାଣୀ ଗଣନାରୁ ଜଣାପଡ଼ିଛି। ଘୁଷୁରି ପାଳନ ଏକ ଉତ୍ତମ ଲାଭଦାୟକ ବ୍ୟବସାୟ ହୋଇଥାଏ। ଆମ ରାଜ୍ୟ ସହିତ ଉତ୍ତର-ପୂର୍ବ ଭାରତରେ ଥିବା ରାଜ୍ୟଗୁଡ଼ିକରେ ଏହି ପ୍ରାଣୀମାନଙ୍କର ଅଧିକ ଚାହିଦା ରହିଛି। ଦକ୍ଷିଣ ଭାରତରେ ଅର୍ଥାତ୍ କେବଳ କେରଳରେ ଏହାର ଚାହିଦା ଅଧିକ। ଅନେକ ସମୟରେ ଆମ ଦେଶରୁ ବାହାର ଦେଶଗୁଡ଼ିକୁ ଘୁଷୁରିଠାରୁ ଉତ୍ପନ୍ନ ଦ୍ରବ୍ୟ ଯେପରିକି ଘୁଷୁରି ମାଂସ, ଘୁଷୁରି ଚର୍ବି ଇତ୍ୟାଦି ରପ୍ତାନି କରାଯାଉଛି। ବିଭିନ୍ନ ପ୍ରକାର ସଙ୍କର ଜାତୀୟ ଘୁଷୁରି ଦେଖିବାକୁ ମିଳିଥାଏ, ଯଥା-ହାମ୍‌ସାୟାର, ଲାଣ୍ଡ୍ରେସ, ଟାମୁଥ ୟର୍କସାୟାର ଇତ୍ୟାଦି। ଏହି ପ୍ରଜାତିର ସଙ୍କର ଘୁଷୁରିମାନଙ୍କୁ ସ୍ୱଦେଶୀ ବା ସ୍ଥାନୀୟ ଘୁଷୁରି ଯଥା-ନିକୋବରୀ, ଘୁଙ୍ଘୁରୁ, ନିଆଙ୍ଗ ଇତ୍ୟାଦି ସହିତ ମିଳନ କରାଯାଇଥାଏ। ଏହାଦ୍ୱାରା ନିର୍ଦ୍ଧାରିତ ବଂଶଧର ବା ଆନୁବଂଶିକ ଥିବା ଘୁଷୁରି ଜନ୍ମ ଗ୍ରହଣ କରିଥାଆନ୍ତି ଏବଂ ଲାଭର ପରିମାଣ ବୃଦ୍ଧି ହୋଇଥାଏ। ମୁଖ୍ୟତଃ ମାଈ ଘୁଷୁରିମାନଙ୍କର ଉଚ୍ଚ ପ୍ରଜନନ ଶକ୍ତି, ଚଞ୍ଚଳ ବିକାଶ ଏବଂ ଗର୍ଭଧାରଣର ସମୟ କମ୍ ରହିଥାଏ। ଏହାଦ୍ୱାରା ଘୁଷୁରି ପାଳନ କରୁଥିବା ଲୋକମାନେ ଅଳ୍ପ ସମୟରେ ଅଧିକରୁ ଅଧିକ ଲାଭବାନ୍ ହୋଇଥାଆନ୍ତି।

**ମାଈ ଘୁଷୁରି ଶାବକ :** ମାଈ ଘୁଷୁରି ଶାବକ ମୁଖ୍ୟତଃ ୬-୭ ମାସ (ଜନ୍ମ ହେବାର) ମଧ୍ୟରେ ଯୌବନାବସ୍ଥା ପଦାର୍ପଣ କରିଥାଆନ୍ତି। ମାତ୍ର ଗରମ ଆସିବାର ଲକ୍ଷଣଗୁଡ଼ିକ ୮ ମାସଠାରୁ ଦେଖାଦେଇଥାଏ। ଏହି ୧-୨ ମାସ ବ୍ୟବଧାନରେ ଶାବକମାନେ କିଶୋରାବସ୍ଥା ଦେଇ ଗତିକରିଥାଆନ୍ତି। ଯୌବନାବସ୍ଥା ମୁଖ୍ୟତଃ ସଙ୍କରଜାତୀୟ ଘୁଷୁରିମାନଙ୍କଠାରେ ଶୀଘ୍ର ଦେଖାଦେଇଥାଏ। ସ୍ଥାନୀୟ ବା ସ୍ୱଦେଶୀ ଘୁଷୁରି ଶାବକମାନେ ବିଳମ୍ବରେ ଯୌବନାବସ୍ଥାରେ ପ୍ରଦାର୍ପଣ କରିଥାଆନ୍ତି। ମାଈ ଘୁଷୁରି ଶାବକମାନଙ୍କ ମଧ୍ୟରେ ଅଣ୍ଡିରା ଘୁଷୁରି ବସବାସ କଲେ, ମାଈ ଶାବକମାନେ ଶୀଘ୍ର ଯୌବନାବସ୍ଥାରେ ପଦାର୍ପଣ କରିଥାଆନ୍ତି। ଏହି ପ୍ରକ୍ରିୟାକୁ ଇଂଲିଶରେ 'Boar effect' ବୋଲି ଦର୍ଶାଯାଇଛି। ଏହାଦ୍ୱାରା ମାଈ ଘୁଷୁରି ଶାବକମାନେ ଶୀଘ୍ର ଗରମ ଆସିବାର ଲକ୍ଷଣ ଦେଖାନ୍ତି। ସମସ୍ତ ମାଈ ଘୁଷୁରିଙ୍କ ମଧ୍ୟରେ ଏକକାଳୀନ ଗରମ ଲକ୍ଷଣ ଦେଖାଦେଇଥାଏ, ଯାହାଦ୍ୱାରା ଘୁଷୁରିମାନଙ୍କର ପ୍ରତିଦିନ ପାଳନ ବ୍ୟବସ୍ଥା ସୁଚାରୁ ରୂପରେ ସମ୍ପାଦନ ହୋଇଥାଏ।

**ଖାଦ୍ୟପେୟ ପରିମାଣ :** ଖାଦ୍ୟପେୟ ଅଭାବରେ ଅଥବା ଖାଦ୍ୟପେୟର ଅନିୟମିତତା ଘୁଷୁରି ଶାବକମାନଙ୍କର ଶାରୀରିକ ବିକାଶକୁ ହ୍ରାସ କରିଥାଏ। ଏହାଦ୍ୱାରା ଶରୀରରେ ପ୍ରଜନନ ପାଇଁ ଦାୟୀ ଥିବା ଅଙ୍ଗଗୁଡ଼ିକ ଯେପରିକି ଡିମ୍ବକୋଷ, ଗର୍ଭାଶୟ, ଯୋନି ଇତ୍ୟାଦିର ବିକାଶରେ ମଧ୍ୟ ବିଳମ୍ବ ଦେଖାଦେଇଥାଏ। ଜୀବସାର ବା ଭିଟାମିନ୍ ମଧ୍ୟରେ ଭିଟାମିନ୍ ବି-୧୨ର ଅଭାବରେ ଯୌବନାବସ୍ଥା ବିଳମ୍ବ ହୋଇଥାଏ। ଅତ୍ୟଧିକ ଖାଦ୍ୟପେୟ ଦ୍ୱାରା ଶରୀରରେ ଚର୍ବିର ମାତ୍ରା ବୃଦ୍ଧି ପାଇଥାଏ, ଯାହାକି ଯୌବନାବସ୍ଥାକୁ ବିଳମ୍ବ କରାଇଥାଏ।

**ସାମାଜିକ ପରିବେଶ :** ବୈଜ୍ଞାନିକମାନଙ୍କ ମତ ଅନୁସାରେ ମାଈ ଘୁଷୁରି ଶାବକମାନଙ୍କ ମଧ୍ୟରେ ଏକ ଅଣ୍ଡିରା ଘୁଷୁରି (Boar) ରହିବା ନିତାନ୍ତ ଆବଶ୍ୟକ। ଏହାର ଅନୁପାତ ୧୦:୧ ରହିବା ନିହାତି ଜରୁରୀ। ଅଣ୍ଡିରା ଘୁଷୁରି ଶରୀରରୁ ନିର୍ଗତ ହେଉଥିବା ଜୀବରସର ସମ୍ପର୍କରେ ମାଈ ଘୁଷୁରି ଶାବକମାନେ ଆସିବା ଦ୍ୱାରା ଶୀଘ୍ର ଯୌବନାବସ୍ଥାରେ ପଦାର୍ପଣ କରିଥାଆନ୍ତି।

**ଶରୀର ଓଜନ :** ଘୁଷୁରିମାନଙ୍କ ଶରୀରରେ ବିଭିନ୍ନ ପ୍ରକାର କୃମି ଉପଦ୍ରବ ରହିଲେ ପୂର୍ଣ୍ଣବିକାଶ ହୋଇପାରି ନ ଥାଏ। ଏହି କୃମିଗୁଡ଼ିକ ଯଥାକ୍ରମେ ଖାଦ୍ୟନଳୀ, ପାକସ୍ଥଳୀ, ଅନ୍ତବୁଜୁଳା, ବୃକ୍କ, ଫୁସ୍‌ଫୁସ୍ ଇତ୍ୟାଦି ଅଙ୍ଗରେ ଦେଖାଯାଆନ୍ତି। ଏହି କୃମି ଶରୀରରୁ ଆବଶ୍ୟକ ଥିବା ପୋଷକ ହ୍ରାସ କରାଇଥାଆନ୍ତି। ସେଗୁଡ଼ିକ ମଧ୍ୟରୁ କିଛି ମୁଖ୍ୟ କୃମି ହେଲା- ଆସ୍କାରିସ୍ ସମ୍, ଟ୍ରାଇଚୁରିସ ସୁଇସ୍, ଟକ୍ସୋପ୍ଲାଜମା ଗର୍ନି ଇତ୍ୟାଦି।

**ଋତୁକାଳୀନ ପ୍ରଭାବ :** ବୈଜ୍ଞାନିକମାନେ ପରୀକ୍ଷାରୁ ଏକଥା ଜାଣିବାକୁ ପାଇଛନ୍ତି ଯେ କେତେଗୋଟି ପ୍ରଜାତିର ଘୁଷୁରି ବେଶି ପରିମାଣର ଆଲୋକ ସଂସ୍ପର୍ଶରେ ଆସିଲେ ସେମାନଙ୍କ ଯୌବନାବସ୍ଥାରେ ବିଳମ୍ବ ହୋଇଥାଏ।

**ମାଈ ଘୁଷୁରିଙ୍କ ଋତୁଚକ୍ର ଏବଂ ଗରମ ସମୟର ଲକ୍ଷଣ :**

➤ମାଈ ଘୁଷୁରିମାନଙ୍କର ଋତୁଚକ୍ର ମୁଖ୍ୟତଃ ୧୮-୨୩ ଦିନ ମଧ୍ୟରେ ହୋଇଥାଏ। ଗରମ ସମୟର ଲକ୍ଷଣ ପ୍ରଥମ ୨-୩ ଦିନ ପର୍ଯ୍ୟନ୍ତ ହୋଇଥାଏ। ମାଈ ଘୁଷୁରି ଶାବକମାନଙ୍କର ଗରମ ସମୟ ଯଥା ଭାବରେ ମାଈ ଘୁଷୁରିମାନଙ୍କର ତୁଳନାରେ କମ୍ ହୋଇଥାଏ। ଗରମ ଦିନରେ ଲକ୍ଷଣ ଅଧିକ ସମୟ ପର୍ଯ୍ୟନ୍ତ ଦେଖାଦେଇଥାଏ।

➤ମାଈ ଘୁଷୁରିଗୁଡ଼ିକ ବର୍ଷର ସବୁସମୟରେ ଗରମ ଲକ୍ଷଣ ଦେଖାଇଥାଆନ୍ତି। ଏହି ପ୍ରକାର ପ୍ରାଣୀମାନେ ଗୋଟିଏ ଋତୁଚକ୍ରରେ ଅନେକ ଡିମ୍ବ ଉତ୍ପାଦନ ବା କ୍ଷରଣ କରିଥାଆନ୍ତି। ଗରମ ଲକ୍ଷଣ ଦେଖାଯିବାର ବା ଋତୁଚକ୍ରର ପ୍ରଥମ ୪୦ଘଣ୍ଟା ମଧ୍ୟରେ ଡିମ୍ବକୋଷରୁ ଡିମ୍ବ ନିର୍ଗତ ହୋଇଥାଏ। ବିନା ସଙ୍ଗମ କରିଥିବା ଘୁଷୁରିମାନଙ୍କ ତୁଳନାରେ ସଙ୍ଗମ କରିଥିବା ଘୁଷୁରିମାନଙ୍କର ଉପଯୁକ୍ତ ସମୟର ୪ ଘଣ୍ଟା ଆଗରୁ ଡିମ୍ବ ନିର୍ଗତ ହୋଇଥାଏ। ସଙ୍କରଜାତୀୟ ଘୁଷୁରି ଶାବକ ଏବଂ ତରୁଣ ମାଈ ଘୁଷୁରିମାନଙ୍କଠାରେ ଅଧିକ ପରିମାଣରେ ଡିମ୍ବ ନିର୍ଗତ ହୋଇଥାଏ।

➤ଖାଦ୍ୟପେୟର ବୃଦ୍ଧି ଏବଂ ଠିକ୍ ମାତ୍ରା ହେବା ସହ ଡିମ୍ବ ନିର୍ଗତ ହେବାର ମାତ୍ରା ମଧ୍ୟ ବୃଦ୍ଧିପାଇଥାଏ। ବୈଜ୍ଞାନିକମାନଙ୍କର ପରୀକ୍ଷା ଅନୁଯାୟୀ ମାଈ ଘୁଷୁରିମାନଙ୍କୁ ଗରମ ଆସିବାର ୨ସପ୍ତାହ ଆଗରୁ ମାତ୍ରାଧିକ ଖାଦ୍ୟପେୟ ଦେବା ଦ୍ୱାରା ଡିମ୍ବ ନିର୍ଗତ ହେବାର ଶତକଡ଼ା ପରିମାଣ ବୃଦ୍ଧି ପାଇଥାଏ। ଏହାକୁ ଇଂଲିଶରେ 'Flvsh-ing' କୁହାଯାଏ। ଏହାଦ୍ୱାରା ଶରୀରରେ ଇନ୍‌ସୁଲିନ୍ ମାତ୍ରା ବୃଦ୍ଧି ହୋଇଥାଏ ଏବଂ ଡିମ୍ବ ନିର୍ଗତକୁ ମଧ୍ୟ ବୃଦ୍ଧି କରାଇଥାଏ। (କ୍ରମଶଃ...)

-ଡା. ହିମାଂଶୁ ବେହେରା
ସହକାରୀ ପ୍ରାଧ୍ୟାପକ, ପ୍ରାଣୀ ପ୍ରଜନନ ଏବଂ ପ୍ରସୂତି ବିଭାଗ, ଓୟୁଏଟି

## ଆତ୍ମବିଶ୍ୱାସରୁ ସଫଳତା ମିଳିଛି



### ସଫଳ କୃଷିଜୀବୀ
### ସନ୍ତୋଷ କୁମାର ସାହୁ



**କୌଣସି** କାମକୁ ଯଦି ଯୋଜନାବଦ୍ଧ ଭାବରେ ଆରମ୍ଭ କରାଯାଏ ତେବେ ସେଥିରୁ ସଫଳତା ମିଳିବା ସମ୍ଭାବନା ଅଧିକ ରହିଛି। ଆଉ ତାହାକୁ ଅନୁସରଣ କରି ନିଜକୁ ଜଣେ ସଫଳ ଚାଷୀ ଭାବରେ ପରିଚିତ କରାଇବାରେ ସକ୍ଷମ ହୋଇଛନ୍ତି କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ୍ ଅନ୍ତର୍ଗତ ମଧୁଶାସନ ଗ୍ରାମର ପିତା-ଲକ୍ଷ୍ମୀଧର ସାହୁ, ମା-ଜୟନ୍ତୀ ସାହୁଙ୍କ ପୁତ୍ର ସନ୍ତୋଷ କୁମାର ସାହୁ (ମୋ : ୮୨୪୯୫୧୦୬୧୨) । କଳାରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ଚାଷ କାର୍ଯ୍ୟରେ ମନୋନିବେଶ କରିଥିଲେ ସେ। ନିଜ ଉପରେ ଭରସା ରଖି ସେ ଆଗେଇଥିଲେ ନିଜ ଲକ୍ଷ୍ୟ ପଥରେ। ଏ ସମ୍ପର୍କରେ ସେ କହନ୍ତି, ''ବର୍ତ୍ତମାନ ମୁଁ ଡ୍ରାଗନ ଫଳ (କମଳସ), ଚାରି ପ୍ରଜାତି-କାଶ୍ମୀର, ବଲ ସୁନ୍ଦରୀ, ଗ୍ରୀନ୍ ସେଓ ଏବଂ ମଞ୍ଜି ବିହନ ସେଓ କୋଳି ଏବଂ ଗ୍ରୀଷ୍ମ ପ୍ରଜାତିର ସେଓ କୋଳି (ଏଚ୍‌ଆର୍‌ଏମ୍-୯୯, ଆନା, ଗୋଲ୍‌ଡେନ୍, ଡିସର୍ଟ, ଟ୍ରପିକ୍ ସୁଇଟ୍) ସହ ଗେଣ୍ଡୁଚାଷ ମଧ୍ୟ କରୁଛି। ମୁଁ ଏକ ଚାଷୀ ପରିବାରରେ ଜନ୍ମ। ବାପାମା' ଏହା ସହ ଜଡ଼ିତ। ତେଣୁ ପାଠପଢ଼ା ଶେଷ ପରେ ମୁଁ ଆଧୁନିକ ପ୍ରଣାଳୀରେ ଚାଷ ଆରମ୍ଭ କରିଥିଲି। ମୋର ଦୃଢ଼ବିଶ୍ୱାସ ଥିଲା ମୁଁ ଚାଷକୁ ଭିତ୍ତିକରି ନିଜେ କିଛି ରୋଜଗାର କରିବା ସହ ଅନ୍ୟମାନଙ୍କୁ ଏ ଦିଗ ପ୍ରତି ଆକର୍ଷିତ କରିପାରିବି। ଏବେ ମୁଁ ବିଶେଷଭାବରେ ରାସାୟନିକ ସାର ପ୍ରୟୋଗ ନ କରି ଜୈବିକ ସାର ମାଧ୍ୟମରେ ଚାଷ କରୁଛି। ୟୁ-ଟ୍ୟୁବ୍‌ରେ ଏଭଳି ଚାଷକୁ ଭଲ ଭାବରେ ଦେଖିବା ପରେ ସେହି ଅନୁସାରେ ଚାଷକରି ସଫଳ ହୋଇଛି। ଏହା ସହ ହରିୟାଣାରୁ ଡ୍ରାଗନ ଫଳ ଚାଷ, ପଶ୍ଚିମବଙ୍ଗରୁ ସେଓ ଚାଷ ଏବଂ ହିମାଚଳ ପ୍ରଦେଶର ହରିମନ୍ ଶର୍ମାଙ୍କଠାରୁ ଗ୍ରୀଷ୍ମମଣ୍ଡଳୀୟ ସେଓ ଚାଷ ବିଷୟରେ ପ୍ରଶିକ୍ଷଣ ନେଇଛି।'' ସନ୍ତୋଷଙ୍କ ମତାନୁସାରେ, 'ଆଧୁନିକ ପ୍ରଣାଳୀରେ ଚାଷରେ ଅଧିକ ଲାଭ ମିଳିଥାଏ। ସବୁଠାରୁ ଖାସ୍ କଥା ହେଲା, ଜୈବିକ ପଦ୍ଧତିରେ ଚାଷକୁ ଗୁରୁତ୍ୱ ଦେବା ଦରକାର। ଏ ପର୍ଯ୍ୟନ୍ତ ଚାଷକୁ ନେଇ ଯାହା ଆଶା ରଖିଥିଲି ତାହା ହାସଲ କରିଛି ଏବଂ ପରିବାରକୁ ବେଶ୍ ସୁରୁଖୁରୁରେ ଚଳାଉଛି। ମୋ ମତରେ ଯୁବପିଢ଼ି ଆତ୍ମନିର୍ଭର ହେବା ପାଇଁ ଚାଷକୁ ଆପଣେଇନେଲେ କିଛି କ୍ଷତି ନାହିଁ।'

- ଶୁଭ୍ର ମହାପାତ୍ର



## ଅଣଧାନ ଫସଲ ଚାଷ

**ଧା**ନ ବଦଳରେ ଅଣଧାନ ଫସଲ ଯଥା ମକା-ବରଗୁଡ଼ି,ହରଡ଼,ବିରି,ମାଣ୍ଡିଆ, ଚିନାବାଦାମ,ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷକରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷାପାଣିକୁ ସଞ୍ଚୟକରି ରଖନ୍ତୁ। ଗଡ଼ାଣିଆ ଜମିରେ ଗଡ଼ାଣିର ବିପରୀତ ଦିଗରେ ହୁଡ଼ା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ଦ୍ୱାରା ମାଟିରେ ଅଧିକ ବର୍ଷାପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣାଯାଇପାରିବ। ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ ଚାଷ କରନ୍ତୁ। ଢିପ ଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା- ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳିରେ ଖତ ପ୍ରୟୋଗ କରନ୍ତୁ। ମରୁଡ଼ି ସହି ପାରୁଥିବା ଧାନ କିସମ ଯଥା-ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ-୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।

## ପ୍ରାଣୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା



**ପ୍ରା**ଣୀଙ୍କୁ ସାହାଣା,ବଜବଜିଆ ଓ ଫାଟୁଆ ରୋଗରୁ ରକ୍ଷା ପାଇଁ ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର୍ ରୋଗ ଲାଗି ପିପିଆର୍ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାମାନଙ୍କର ନାଳିଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମାରୋଗର ନିୟନ୍ତ୍ରଣ ସକାଶେ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୋରୁଙ୍କର ଫାଟୁଆ ରୋଗ ଓ ଛେଳିଙ୍କର ପିସିଆର୍ ରୋଗ ଲାଗି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।

## ଚିନାବାଦାମ ଚାଷ ପୂର୍ବରୁ...

**ଚି**ନାବାଦାମ ଚାଷ ପୂର୍ବରୁ ଚୟନ କରିଥିବା ଜମିକୁ ଗଭୀର ଚାଷକରି ମାଟି ଗୁଣ୍ଡକରନ୍ତୁ । ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ)। ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣି ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଆବଶ୍ୟକ। ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜକଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ। ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ । ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ମାଟିରେ ମିଶାଇ ଦିଅନ୍ତୁ ।



## ସୂର୍ଯ୍ୟମୁଖୀର ଦାନା ଗଠନ

**ସୂ**ର୍ଯ୍ୟମୁଖୀର ଦାନା ଗଠନ ସମୟ ହେଉଛି ସଙ୍କଟକାଳ। ଏହି ସମୟରେ ମାଟିର ବତରକୁ ଚାହିଁ ଜଳସେଚନ କରନ୍ତୁ। କାଳିମୁଣ୍ଡି ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମି.ଲି. କ୍ଲୋରୋପାଇରିଫସ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବିଳମ୍ବରେ ଲଗାଯାଇଥିବା ଫସଲ ୪୦ରୁ ୫୦ ଦିନର ହୋଇଯାଇଥିଲେ ଏକର ପ୍ରତି ଉନ୍ନତ କିସମ ଲାଗି ୩ କି.ଗ୍ରା. ଓ ସଙ୍କର ଜାତୀୟ ପାଇଁ ୬ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଫୁଲ ଆସିବା ପୂର୍ବରୁ ପ୍ରତି ଲିଟର ପାଣିରେ ୨ ରୁ ୩ ଗ୍ରାମ୍ ହିସାବରେ ବୋରକ୍ସ ମିଶାଇ ସିଞ୍ଚନ କରନ୍ତୁ।

## ସବୁଜ ଗୋଖାଦ୍ୟ ଫସଲ

**ବ**ର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ। ଶେଷ ଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ ,୪୦କି.ଗ୍ରା. ଫସ୍‌ଫରସ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା. ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ହାଲୁକା ଜଳସେଚନ କରନ୍ତୁ।



## ରାଶିରେ ସାର ପ୍ରୟୋଗ

**ରା**ଶି ୨ରୁ ୩ ସପ୍ତାହର ହୋଇ ଯାଇଥିଲେ କୋଡ଼ାଖୁସା କରି ଘାସ ବାଛନ୍ତୁ। ଏକର ପ୍ରତି ୧ କି.ଗ୍ରା. ୟୁରିଆ ସାର ପ୍ରୟୋଗକରି ହୁଡ଼ା ଟେକି ଦିଅନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ। କୋଡ଼ାଖୁସା, ଘାସ ବଛା ଓ ସାର ପ୍ରୟୋଗ ଆଦି କାମ ମଞ୍ଜି ବୁଣିବାର ୨୫ଦିନ ଭିତରେ ସାରି ଦିଅନ୍ତୁ। କାରଣ ୨୫ ଦିନ ପରେ ଫୁଲ ଧରିବା ଆରମ୍ଭ ହୁଏ। ପତ୍ରଛଦା ପୋକ ଦେଖାଦେଲେ ଏକର ପ୍ରତି ୪୦୦ ମି.ଲି. ଏଣ୍ଡୋସଲ୍‌ଫାନ୍ ସିଞ୍ଚନ କରନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧୫/୨୦୨୩ Bhubaneswar, Wednesday, March 15/ 2023

# ଜର୍ମାନୀକୁ ହରାଇଲା ଅଷ୍ଟ୍ରେଲିଆ

**ଏଫ୍ଆଇଏଚ୍ ପ୍ରୋ ଲିଗ୍**

ରାଉରକେଲା ଅଫିସ, ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୧୪।୩

ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ପ୍ରୋଲିଗ୍‌ରେ ବିଶ୍ୱ ଚାମ୍ପିୟନ ଜର୍ମାନୀର ଖରାପ ପ୍ରଦର୍ଶନ ଅବ୍ୟାହତ ରହିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଅଷ୍ଟ୍ରେଲିଆ ୨-୧ ଗୋଲରେ ଏହି ଦଳକୁ ପରାସ୍ତ କରିଛି। ଅଷ୍ଟ୍ରେଲିଆ ପକ୍ଷରୁ ମ୍ୟାଚର ୧୨ତମ ମିନିଟରେ ଜ୍ୟାକ ହ୍ୱିଟନ ଓ ୧୫ତମ ମିନିଟରେ ଜ୍ୟାକ ୱେଲ୍‌ଚ ଗୋଟିଏ ଲେଖାଏ ଗୋଲ ଦେଇଥିବାବେଳେ ଜର୍ମାନୀ ଗୋଞ୍ଜାଲୋ ପିଲାଟ ୨୨ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଅବଶିଷ୍ଟ ସମୟରେ ମ୍ୟାଚ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କୌଣସି ଦଳ ଗୋଲ ଦେଇପାରି ନ ଥିଲେ। ଏଠାରେ ବିଜୟ ଫଳରେ ଅଷ୍ଟ୍ରେଲିଆ ଗତ ୧୧ ତାରିଖରେ ଜର୍ମାନୀଠାରୁ ୦-୧ ଗୋଲ ପରାଜୟର ମଧୁର ପ୍ରତିଶୋଧ ନେଇଛି। ଅନ୍ୟପକ୍ଷରେ ଜର୍ମାନୀ ଏଠାରେ ଖେଳିଥିବା ୪ ମ୍ୟାଚରୁ ତୃତୀୟ ପରାଜୟ ବରଣ କରିଛି। ଏହି ଦଳ ଭାରତଠାରୁ ୨ଟି ମ୍ୟାଚରେ ଯଥାକ୍ରମେ ୨-୩ ଓ ୩-୬ ଗୋଲରେ ପରାଜିତ ହୋଇଥିଲା। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ଖେଳିଥିବା ୩ ମ୍ୟାଚରୁ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ପ୍ରଥମ ୨ଟି ମ୍ୟାଚରେ ଏହି ଦଳ ଜର୍ମାନୀଠାରୁ ୦-୧ ଓ ଭାରତଠାରୁ ୪-୫ ଗୋଲରେ ପରାଜିତ ହୋଇଥିଲା। ବୁଧବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ରାଉରକେଲାରେ ଚଳିତ ପର୍ଯ୍ୟାୟର ଏହା ହେବ ୬ଷ୍ଠ ତଥା ଶେଷ ମ୍ୟାଚ। ଭାରତ ଏଠାରେ ଏପର୍ଯ୍ୟନ୍ତ ଖେଳିଥିବା ୩ଟି ଯାକ ମ୍ୟାଚରେ ବିଜୟୀ ହୋଇଛି। ଜର୍ମାନୀକୁ ୨ଟିଯାକ ମ୍ୟାଚରେ ହରାଇଥିବାବେଳେ ଅଷ୍ଟ୍ରେଲିଆକୁ ଗତ ୧୨ ତାରିଖରେ ୫-୪ ଗୋଲରେ ପରାସ୍ତ କରିଥିଲା।



ବିର୍ସା ମୁଣ୍ଡା ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଜର୍ମାନୀ-ଅଷ୍ଟ୍ରେଲିଆ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ସର୍ବଭାରତୀୟ ବିଏସ୍ଏନ୍ଏଲ୍ ଟେବୁଲ ଟେନିସ ଆଜିଠାରୁ

**ଭୁବନେଶ୍ୱର, ୧୪।୩ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ଦୂରସଞ୍ଚାର ପରିମଣ୍ଡଳ, ଭୁବନେଶ୍ୱର ଆନୁକୂଲ୍ୟରେ ୧୯ତମ ସର୍ବଭାରତୀୟ ବିଏସ୍ଏନ୍ଏଲ୍ ଟେବୁଲ ଟେନିସ ପ୍ରତିଯୋଗିତା ବୁଧବାରଠାରୁ ୧୮ତାରିଖ ପର୍ଯ୍ୟନ୍ତ ଶହୀଦନଗର ସ୍ଥିତ ଇନ୍‌ଡୋର ସ୍ପୋର୍ଟ୍ କମ୍ପ୍ଲେକ୍ସଠାରେ ହେବ। ଏଥିରେ ୨୧ ରାଜ୍ୟର ବିଏସ୍ଏନ୍ଏଲ୍ ସର୍କଲରୁ ଉଭୟ ପୁରୁଷ ଏବଂ ମହିଳା ଦଳ ଅଂଶଗ୍ରହଣ କରିବେ। ଉଦ୍‌ଘାଟନୀ ଉତ୍ସବ ଓଡ଼ିଶା ଦୂରସଂଚାର ପରିମଣ୍ଡଳ, ମୁଖ୍ୟ ମହାପ୍ରବନ୍ଧକ ରୁଦ୍ର ନାରାୟଣ ପଲାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଏଥିରେ ଓଡିଶା ଏଲ୍ଏସ୍ଏ ମୁଖ୍ୟ ତଥା ଟେଲିକମ୍ ମହାନିର୍ଦ୍ଦେଶକ ବିଜୟ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିବେ। ଦୂରସଂଚାର ବିଭାଗ କମ୍ୟୁନିକେଶନ ଆକାଉଣ୍ଟ୍ସ, କଣ୍ଟ୍ରୋଲର ଲୋପାମୁଦ୍ରା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଯାପନୀ ସମାରୋହରେ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯିବ।

# ଦିନିକିଆ ସିରିଜରେ ସ୍ମିଥ୍ ଅଧିନାୟକ

ଅହମଦାବାଦ,୧୪।୩(ପି.ଟି.)

ନିୟମିତ ଅଧିନାୟକ ପ୍ୟାଟ୍ କମିନ୍ସଙ୍କ ସ୍ଥାନରେ ଷ୍ଟିଭ୍ ସ୍ମିଥ୍ ଅଧିନାୟକ ଦାୟିତ୍ୱ ବହନ କରିବେ। ଅନ୍ତିମ ଦୁଇ ଟେଷ୍ଟରେ ସ୍ମିଥ୍ ଷ୍ଟାଣ୍ଡଇନ୍ କ୍ୟାପ୍‌ଟେନ ରହିଥିବା ବେଳେ ଦିନିକିଆ ସିରିଜ୍ ପାଇଁ ମଧ୍ୟ ତାଙ୍କୁ ଅଧିନାୟକ ରଖାଯିବ ବୋଲି ଅଷ୍ଟ୍ରେଲିଆ ଦଳର ମୁଖ୍ୟ କୋଚ୍ ଆଣ୍ଡ୍ରୁ ମ୍ୟାକ୍‌ଡୋନାଲ୍ଡ ସୂଚନା ଦେଇଛନ୍ତି। ଦିଲ୍ଲୀ ଟେଷ୍ଟ ପରେ ମା'ଙ୍କ ଅସୁସ୍ଥତା ପାଇଁ କମିନ୍ସ ଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଅହମଦାବାଦ ଟେଷ୍ଟ ପୂର୍ବରୁ ମା'ଙ୍କ ଦେହାନ୍ତ ଘଟିଥିଲା। ଶୁକ୍ରବାରଠାରୁ ଦିନିକିଆ ସିରିଜ୍ ଆରମ୍ଭ ହେବାକୁ ଯାଉଥିବା ବେଳେ ଶୋକରେ ଥିବା କମିନ୍ସ ଭାରତ ଫେରିବେ ନାହିଁ ବୋଲି ମ୍ୟାକଡୋନାଲ୍ଡ ସ୍ପଷ୍ଟ କରିଛନ୍ତି। ଦୁଃଖର ମୁହୂର୍ତ୍ତରେ ଅଷ୍ଟ୍ରେଲିଆ ଦଳ କମିନ୍ସଙ୍କ ସହିତ ରହିଛି ବୋଲି ସେ କହିଛନ୍ତି। ତେବେ ତାଙ୍କର ବଦଳ ଖେଳାଳିଙ୍କ ନାମ ଏଯାଏ ଘୋଷଣା କରାଯାଇ ନାହିଁ। ପ୍ରଥମ ଦୁଇ ଟେଷ୍ଟରେ କମିନ୍ସ ଅଧିନାୟକ ରହିଥିବା ବେଳେ ପରବର୍ତ୍ତୀ ଦୁଇ ଟେଷ୍ଟରେ ସ୍ମିଥ୍ ନେତୃତ୍ୱ ନେଇଥିଲେ। ଇନ୍ଦୋର ଟେଷ୍ଟରେ ଅଷ୍ଟ୍ରେଲିଆ ବିଜୟୀ ହୋଇଥିବା ବେଳେ ଅହମଦାବାଦର ଟେଷ୍ଟ ଡ୍ର'ରେ ଶେଷ ହୋଇଥିଲା। ବର୍ତ୍ତମାନ ଅଷ୍ଟ୍ରେଲିଆ ଦଳ ଆହତ ସମସ୍ୟା ଦେଇ ଗତି କରୁଛି। ହାର୍ମଷ୍ଟ୍ରିଙ୍ଗ ସର୍ଜରୀ ପାଇଁ ଝେ ରିଚାର୍ଡସନ୍ ବାଦ୍ ପଡିଥିବା ବେଳେ ନାଥାନ ଏଲିସଙ୍କୁ ବଦଳ ଖେଳାଳି ଭାବରେ ଘୋଷଣା କରାଯାଇଥିଲା। କହୁଣି ଆଘାତ ପାଇଁ ଅନ୍ତିମ ଦୁଇ ଟେଷ୍ଟରୁ ବାଦ୍ ପଡିଥିବା ଡେଭିଡ୍ ୱାର୍ନରଙ୍କୁ ଦିନିକିଆ ଦଳରେ ସାମିଲ କରାଯାଇଛି। କମିନ୍ସଙ୍କ ସ୍ଥାନରେ ଇଂଲଣ୍ଡରେ ଅଧିନାୟକ ରହିଥିବା ଜୋଶ ହେଜେଲଉଡ୍ ମଧ୍ୟ ଆକିଲିସ୍ ଇଞ୍ଜୁରୀ କାରଣରୁ ବାଦ୍ ପଡିଛନ୍ତି। ଆଷ୍ଟନ ଆଗର ଦିନିକିଆ ସିରିଜ ପାଇଁ ଫେରିଥିବା ବେଳେ ଆଡାମ ଜାମ୍ପାଙ୍କ ସହିତ ସେ ସ୍ପିନ୍ ବିଭାଗ ସମ୍ଭାଳିବେ। ଆହତ ସମସ୍ୟାରୁ ଫେରିଥିବା ଗ୍ଲେନ୍ ମ୍ୟାକ୍ସୱେଲ ଓ ମିଚେଲ୍ ମାର୍ଶ ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା ରହିଛି।




# ପ୍ଲେ-ଅଫ୍‌ରେ ମୁମ୍ବାଇ

**ଓମେନ୍ସ ପ୍ରିମିୟର ଲିଗ୍**

ମୁମ୍ବାଇ,୧୪।୩

ଓମେନ୍ସ ପ୍ରିମିୟର ଲିଗ୍‌ରେ କ୍ରମାଗତ ୫ମ ବିଜୟ ସହ ପ୍ଲେ-ଅଫ୍‌ରେ ପ୍ରବେଶ କରିଛି ମୁମ୍ବାଇ ଇଣ୍ଡିଆନ୍ସ। ବ୍ରାବୋର୍ନ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଗୁଜରାଟ ଜାଏଣ୍ଟ୍ସକୁ ୫୫ ରନରେ ପରାସ୍ତ କରିଛି ଦଳ। ହରମନ୍‌ପ୍ରୀତ କୌରଙ୍କ ୫୧ ରନ୍ ବଳରେ ମୁମ୍ବାଇ ୮ ଉଇକେଟରେ ୧୬୨ ରନ୍ ସଂଗ୍ରହ କରିଥିବା ବେଳେ ଗୁଜରାଟ ୧୦୭/୯ରେ ସୀମିତ ରହିଥିଲା। ମୁମ୍ବାଇ ପକ୍ଷରୁ ୟାସ୍ତିକା ଭାଟିଆ ୪୪ ଓ ନାତାଲି ସ୍କିଭର ବ୍ରଣ୍ଟ ୩୬ରନ୍ କରିଥିଲେ। ଗୁଜରାଟ ପାଇଁ ଆଶ୍‌ଲେ ଗାର୍ଡନର ୩ ଉଇକେଟ ନେଇଥିଲେ। ୧୬୩ ରନ୍ ଜବାବରେ ଗୁଜରାଟ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ହରଲିନ୍ ଦେଓଲ ୨୨ ଓ ସ୍ନେହ ରାଣା ୨୦ ରନ୍ କରିଥିବା ବେଳେ ନାତାଲି ସ୍କିଭର ବ୍ରଣ୍ଟ ଓ ହିଲି ମାଥ୍ୟୁସ ୩ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୬୨/୮ (ହରମନ୍‌ପ୍ରୀତ୍ କୌର-୫୧, ୟାସ୍ତିକା ଭାଟିଆ-୪୪, ନାତାଲି ସ୍କିଭର ବ୍ରଣ୍ଟ-୩୬, ଆସ୍‌ଲେ ଗାର୍ଡନର-୩/୩୪, ସ୍ନେହ ରାଣା-୧/୧୭, କିମ୍ ଗାର୍ଥ-୧/୩୧)। ଗୁଜରାଟ ଜାଏଣ୍ଟ୍ସ ୨୦ ଓଭରରେ ୧୦୭/୯ (ହରଲିନ୍ ଦେଓଲ-୨୨, ସ୍ନେହ ରାଣା-୨୦, ନାତାଲି ସ୍କିଭର ବ୍ରଣ୍ଟ-୩/୨୧, ହିଲି ମାଥ୍ୟୁସ୍-୩/୨୩, ଆମେଲିଆ କେର୍-୨/୧୮)।



ଅର୍ଦ୍ଧଶତକ ହାସଲ କରିବା ପରେ ହରମନପ୍ରୀତ କୌର।

# ସେନ୍, ପ୍ରଣୟ ଦ୍ୱିତୀୟ ରାଉଣ୍ଡରେ

**ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ**

**ବର୍ମିଂହାମ୍, ୧୪।୩ (ପି.ଟି.):** ଭାରତର ଲକ୍ଷ୍ୟ ସେନ୍ ଓ ଏଚ୍.ଏସ୍. ପ୍ରଣୟ ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ପୁରୁଷ ସିଙ୍ଗଲ୍ସର ଏକ ପ୍ରଥମ ରାଉଣ୍ଡ ମ୍ୟାଚରେ ସେ ୫ମ ସିଡ୍ ଚାଇନିଜ ତାଇପେର ଚୋ ତିନ୍ ଚେନ୍‌ଙ୍କୁ ୨୧-୧୮, ୨୧-୧୯ରେ ପରାସ୍ତ କରିଛନ୍ତି। ପୂର୍ବରୁ ପ୍ରଣୟ ଚାଇନିଜ ତାଇପେର ଡିଜୁ ୱି ୱାଙ୍ଗ୍‌ଙ୍କୁ ୨୧-୧୯, ୨୨-୨୦ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଜିତିବା ଲାଗି ବିଶ୍ୱର ୯ନମ୍ବର ଭାରତୀୟ ଖେଳାଳି ୪୯ ମିନିଟ ସମୟ ନେଇଥିଲେ।

# ହସ୍ତକ୍ଷେପ କରିବେନି ହାଇକୋର୍ଟ

**ବକ୍ସିଂ ସିଲେକ୍ସନ ମାମଲା**

**ନୂଆଦିଲ୍ଲୀ,୧୪।୩:** ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳରେ ସ୍ଥାନ ନ ମିଳିବା ପରେ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ୩ ମହିଳା ବକ୍ସର ମଞ୍ଜୁ ରାଣୀ(୪୮ କିଗ୍ରା), ଶିକ୍ଷା ନରୱାଲ(୫୪ କିଗ୍ରା) ଓ ପୁନମ ପୁନିଆ(୬୦ କିଗ୍ରା) ନିରାଶ ହୋଇଛନ୍ତି। ହାଇକୋର୍ଟ ଏହି ମାମଲାରେ ହସ୍ତକ୍ଷେପ କରିବେ ନାହିଁ ବୋଲି ମାମଲାର ବିଚାର କରୁଥିବା ଜଷ୍ଟିସ୍ ଏମ୍ ପ୍ରତିଭା ସିଂ କହିଛନ୍ତି। ମଞ୍ଜୁ ରାଣୀ, ଶିକ୍ଷା ନରୱାଲ ଓ ପୁନମ ପୁନିଆ ଜାତୀୟ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ଜିତିଥିଲେ ମଧ୍ୟ ସେମାନଙ୍କୁ ୧୨ ଜଣିଆ ଦଳରୁ ବାଦ ଦିଆଯାଇଥିଲା। ଫେଡେରେଶନ ପକ୍ଷରୁ ଏକ ୩ ସପ୍ତାହର ପ୍ରଶିକ୍ଷଣ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏହି କ୍ୟାମ୍ପ ଆଧାରରେ ଦଳ ଚୟନ କରାଯାଇଛି ବୋଲି ହାଇ ପର୍ଫମାନ୍ସ ଡିରେକ୍ଟର ବର୍ନାର୍ଡ ଡୁନ୍ନେ, ମହିଳା ଟିମ୍‌ର କୋଚ୍ ଭାସ୍କର ଭଟ୍ଟ ଓ ପୁରୁଷ ଟିମ୍‌ର କୋଚ୍ ସି ଏ କୁଟପ୍ପା କହିଥିଲେ। ଏହା ପରେ କୋର୍ଟଙ୍କ ପକ୍ଷରୁ କ୍ୟାମ୍ପର ରିପୋର୍ଟ ମଗା ଯାଇଥିଲା।

# ବାଂଲାଦେଶର କ୍ଲିନ୍‌ସୁଇପ୍

**ଟି୨୦ ସିରିଜ**

ଢାକା,୧୪।୩

ଶେର୍ ଏ ବାଂଲା ଷ୍ଟାଡିୟମରେ ଅନୁଷ୍ଠିତ ଟି୨୦ ସିରିଜର ଅନ୍ତିମ ମ୍ୟାଚ ଜିତିବା ସହିତ ଇଂଲଣ୍ଡ ବିପକ୍ଷରେ କ୍ଲିନ୍‌ସୁଇପ୍ କରିଛି ବାଂଲାଦେଶ। ମଙ୍ଗଳବାର ଅନ୍ତିମ ଟି୨୦ରେ ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୨ ଉଇକେଟ ହରାଇ ୧୫୮ ରନ୍ କରିଥିବା ବେଳେ ଇଂଲଣ୍ଡ ୧୪୨ରନ୍‌ରେ ସୀମିତ ରହିଥିଲା। ଟସ୍ ଜିତି ଇଂଲଣ୍ଡ ବୋଲିଂ ନିଷ୍ପତ୍ତି ନେଇଥିଲା। ବାଂଲାଦେଶ ପକ୍ଷରୁ ଉଇକେଟ କିପର ଲିଟନ୍ ଦାସ ୭୩ ଓ ନଜମୋଲ ହୋସେନ୍ ଶନ୍ତୋ ଅପରାଜିତ ୪୭ ରନ୍ କରିଥିଲେ। ୫୭ ବଲ୍ ଖେଳିଥିବା ଲିଟନଙ୍କ ଇନିଂସରେ ୧୦ ଚୌକା ଓ ୧ ଛକା ସାମିଲ ଥିଲା। ଲିଟନ ଦାସଙ୍କୁ ପ୍ଲେୟର ଅଫ ଦ ମ୍ୟାଚ୍ ଓ ନଜମୋଲ ହସନ୍ ଶନ୍ତୋଙ୍କୁ ପ୍ଲେୟର ଅଫ୍ ଦ ସିରିଜ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୨୦ ଓଭରରେ ୧୫୮/୨ (ଲିଟନ୍ ଦାସ-୭୩, ନଜମୋଲ ହୋସେନ୍ ଶନ୍ତୋ-୪୭*, କ୍ରିସ୍ ଜୋର୍ଡାନ-୧/୨୧, ଆଦିଲ୍ ରଶିଦ୍-୧/୨୩)। ଇଂଲଣ୍ଡ ୨୦ ଓଭରରେ ୧୪୨/୬ (ଦାୱିଦ ମଲାନ-୫୩, ଜୋଶ ବଟଲର-୪୦, ଟାସ୍କିନ୍ ଅହମଦ୍-୨/୨୬, ମୁସ୍ତାଫିଜୁର ରେହମାନ-୧/୧୪, ତନଭୀର ଇସଲାମ-୧/୧୭)।

# ସୁଆଙ୍ଗ କପ୍ କ୍ୱାର୍ଟରରେ ଘାଟିକିଆ

**ପୁରୁଣା ଭୁବନେଶ୍ୱର, ୧୪।୩ (ଡି.ଏନ୍.ଏ.):** ଚ୍ୟାଲେଞ୍ଜ କପ୍ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ସୁଆଙ୍ଗ ପଡିଆରେ ଅନୁଷ୍ଠିତ ପଞ୍ଚମ ଆଧାର କାର୍ଡ କ୍ରିକେଟ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଘାଟିକିଆ। ମଙ୍ଗଳବାର ଅନୁଷ୍ଠିତ ପ୍ରି କ୍ୱାର୍ଟର ମ୍ୟାଚରେ କଲ୍ୟାଣପୁରକୁ ଦଳ ୩ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି କଲ୍ୟାଣପୁର ୧୦ ଓଭରରେ ୮ ଉଇକେଟ ହରାଇ ୯୧ ରନ୍ କରିଥିଲା। ଜବାବରେ ଘାଟିକିଆ ୯.୩ ଓଭରରେ ୭ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବିଜୟୀ ଦଳର ଶିବାଶିଷ ବେହେରାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ ମୁଖ୍ୟ ଅତିଥି ଦିଗମ୍ବର ପୃଷ୍ଟି। ସୂର୍ଯ୍ୟକାନ୍ତ ବଡଜେନା ଓ ଅଶୋକ ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ